ନରସିଂହପୁର ଝୁରେ



ସଂପାଦନା :

ଡଂ. ଡଃ. ସ୍ୱପ୍ନେଶ୍ୱର ଦାସ

Digitized by PPRACHIN, SOA



ସମ୍ପାଦନା :

ଡ଼ଃ. ସୁଧେଶ୍ୱର ଦାସ

Digitized by PPRACHIN, SOA

ନରସିଂହପୁର ଝୁରେ

ନରସିଂହପୁର ବ୍ଲକ ସ୍ତରୀୟ କବିତା ସଂକଳନ

ଆବାହକ-ଶ୍ରୀ ଉଦୟନାଥ ରଥ

ମୁଖ୍ୟ ପରିଚାଳକ-ଡାଃ ଗୋକୁଳାନନ୍ଦ ପଟ୍ଟନାୟକ

ଉପଦେଷ୍ଟା ମଣ୍ଡଳୀ

ଶ୍ରୀ ଲକ୍ଷ୍ମଣ ଦାଶ, ଶ୍ରୀ ରଘୁନାଥ ମଶ୍ର, ଶ୍ରୀ ପରାଶର ମିଶ୍ର, ପଣ୍ଡିତ ଲୋକନାଥ ରଣା, ଶ୍ରୀ ସ୍ୱପ୍ନେଶ୍ୱର ମଲ୍ଲିକ, ଇଂ ଗିରିଧାରୀ ଗା'ଣ, ଇଂ ବନମାଳୀ ପଣ୍ଡା, ଇଂ ଶତ୍ରୁଘ୍ନ ରାଉତ ।

ଆମ ପରିବାର

ଶ୍ରୀ ଜଗଦାନନ୍ଦ ଦାଶ, ଶ୍ରୀ ଜଗନ୍ନାଥ ସାହୁ, ଶ୍ରୀ ତ୍ରିଲୋଚନ ପ୍ରଧାନ, ଶ୍ରୀ ସୋମନାଥ ଧଳ, ଶ୍ରୀ ନବଘନ ପ୍ରଧାନ, ଶ୍ରୀ ଭାଗୀରଥି ସାହୁ, ଶ୍ରୀ ଅର୍ଜ୍ଜୁନ ନାଥ, ଶ୍ରୀ ଶ୍ୟାମ ସୁନ୍ଦର ଭୋଳ, ଶ୍ରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶ ସାହୁ, ଶ୍ରୀ ଜ୍ଞାନରଂଜନ ଦାଶ, ଶ୍ରୀ ବିନାୟକ ମିଶ୍ର, ଶ୍ରୀ ଶାନ୍ତନୁ କୁମାର ଗାଆଣ, ଶ୍ରୀ ହାଡ଼ିବନ୍ଧୁ ପ୍ରଧାନ, ଶ୍ରୀ ମହେଶ୍ୱର ବେହେରା, ଶ୍ରୀ ଘନଶ୍ୟାମ ପାଣି, ଶ୍ରୀ କାଳନ୍ଦୀ ଚରଣ ଦାସ, ବାୟା ଭାଗିରଥୀ ଦାଶ, ଡାଃ ବୈଷ୍ଣବ ମିଶ୍ର, ଶ୍ରୀ ଶିବପ୍ରସାଦ ମିଶ୍ର, ସୁନନ୍ଦା ସାହୁ, ସସ୍ମିତା ମିଶ୍ର, ସୁଚିତାରାଣୀ ଦାଶ, ଶ୍ରୀ ପଦ୍ମଲୋଚନ ସାହୁ, ଶ୍ରୀମତୀ ସୁଚେତା ଟାଉତ, ଇଂ ପୂର୍ଣ୍ଣାନନ୍ଦ ଜେନା, ଇଂ ଜଗନ୍ନାଥ ମହାପାତ୍ର, ଶ୍ରୀମତୀ ବାସନ୍ତୀ ପ୍ରିୟଦର୍ଶିନୀ, ଶ୍ରୀ କାଳୀ ପ୍ରସାଦ ମିଶ୍ର, ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା, ଶ୍ରୀମତୀ ସୁନିଲିମା ଶତପଥୀ, ଶ୍ରୀମତୀ ବୀଣାପାଣି ଜେନା, ଡ଼ଃ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, ଶ୍ରୀ ଦିବାକର ସାହୁ, ଶ୍ରୀ କାଶୀନାଥ ପଟ୍ଟନାୟକ, ଶ୍ରୀ ଦିବ୍ୟଜ୍ୟୋତି ପାଣି ।

ସମ୍ପାଦକ- ଇଂ. ଡଃ. ସ୍ୱପ୍ନେଶ୍ୱର ଦାସ
ପ୍ରକାଶକ-ଶ୍ରୀ ଲୋକନାଥ ପଣ୍ଡା, ଚମ୍ପେଶ୍ୱର, ନରସିଂହପୁର, କଟକ
ପ୍ରଚ୍ଛଦ-ସାରଙ୍ଗଧର ମହାପାତ୍ର, ତାଳବସ୍ତ (ବାଙ୍କି) କଟକ
ଲେଜର ଟାଇପ୍ ସେଟିଂ-ଏକ୍ସପ୍ରେସନ୍ସ, ମଧୁସୂଦନ ନଗର, ଭୁବନେଶ୍ୱର
ମୁଦ୍ରଣ-ଭୋଳାନାଥ ପ୍ରେସ୍, ବମିଖାଲ, ଭୁବନେଶ୍ୱର
ପ୍ରଥମ ପ୍ରକାଶ-ବିଜୟା ଦଶମୀ, ୧୯୯୭
ମୂଲ୍ୟ-ଟ ୫୦.୦୦

Digitized by PPRACHIN, SOA

NARASINGHPUR JHURE

NARASINGHPUR BLOCK LEVEL COMPILATION

CONVENOR - SRI UDAYANATH RATH

CHIEF MANAGER - DR. GOKULANANDA PATTANAIK

ADVISORY BOARD

Sri Laxman Dash, Sri Parashar Mishra, Er. Giridhari Gaana, Er. Satrughana Rout, Sri Raghunath Mishra, Sri Lokanath Rana, Er. Banamali Panda, Sri Swapneswar Mahalik.

OUR FAMILY

Sri Jagadananda Dash, Sri Jagannath Sahoo, Sri Triloahan Pradhan, Sri Nabaghan Pradhan, Sri Bhagirathi Sahoo, Sri Arjuna Nath, Sri Shyam Sundar Bhol, Sri Dillip Ku. Pattanaik, Sri Gyanaranjan Dash, Sri Binayak Mishra, Sri Somanath Dhal. Sri Hadibandhu Pradhan, Sri Maheswar Behera, Sri Ghanashyam Pani, Sri Kalandi Chandra Dash, Baya Bhagirathi Dash, Dr. Baishnab Mishra, Sri Siva prasad Mishra, Smt. Sunanda Sahoo, Miss Sasmita Mishra, Miss Suchita Rani Dash, Sri Padmalochan Sahoo, Smt. Sucheta Rout. Er. Purnananda Jena, Er. Jagannath Mohapatra, Sri Kaliprasad Mishra, Smt. Basanti PriyaDarshini, Sri Suresh Chandra Panda, Dr. Kailash Chandra Acharya, Sri Dibya Jyoti Pani, Sri Dibakar Sahoo, Sri Kashinath Pattanayak, Smt. Sunilima Satpathy, Smt. Binapani Jena, Sri Santanu Kumar Gaan.

EDITOR - ER. DR.SWAPNESWAR DAS
PUBLISHER - Sri Lokanath Panda, Champeswar, Narsinghpur, Cuttack
Date of First Publish -1997
COMPUTER TYPE SETTING - EXPRESSIONS, Bhubaneswar
PRINTING - Bholanath Press, Bamikhal, Bhubaneswar.
PRICE - Rupees - 50/-

Digitized by PPRACHIN, SOA

ସମ୍ପାଦକୀୟ

ଆନନ୍ଦ ଉଲ୍ଲାସ ମଧ୍ୟରେ "୧୯୯୭ ବରଷକୁ ପଦେ" ଶୀର୍ଷକ ପୁସ୍ତକଟି ଗତ ଦୋଳ ପୂର୍ଣ୍ଣିମା ଦିନ (୨୪।୩।୯୭) ଉନ୍ମୋଚିତ ହେବାପରେ "ନରସିଂହପୁର ଝୁରେ" ଉପରେ କବିତା ଆସରଟିଏ କରାଯାଇ ଉପସ୍ଥିତ ସାହିତ୍ୟିକ ବୃନ୍ଦ ତଥା ନରସିଂହପୁରର ଅନ୍ୟାନ୍ୟ ଜନତାଙ୍କୁ ଜଣାଇ ଦିଆଯାଇଥିଲା - "ନରସିଂହପୁର ଝୁରେ" ନାମକ ଏକ ସଂକଳନ ଆସନ୍ତା ଦଶହରା ପର୍ବ ମଧ୍ୟରେ ଉନ୍ମୋଚନ କରାଯିବ ଯାହାର ପ୍ରକାଶନ ଦାୟିତ୍ୱ ବହନ କରିବାକୁ ଚମେଶ୍ୱର ନିବାସୀ ଆମର ସୁପରିଚିତ ପ୍ରଖ୍ୟାତନାମା ଓକିଲ ଶ୍ରୀଯୁକ୍ତ ଲୋକନାଥ ପଣ୍ଡା ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ବିଭିନ୍ନ ଦିଗରୁ ବିବେଚନା କରି ସେହିଦିନ ସ୍ଥିର କରାଯାଇଥିଲା - ନରସିଂହପୁରର ଯେଉଁ ସାରସ୍ୱତ ସାଧକ ବୃନ୍ଦ ନିଜ ନିଜର ଲେଖନୀ ଚାଳନା କରି ଉତ୍କଳ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ କୃତିକୁ ଆଧାରିତ କରି "ନରସିଂହପୁର ଝୁରେ" ସଂକଳନଟି ପ୍ରସ୍ତୁତ କରାଯିବ ଏବଂ ଏଥିରେ ପ୍ରତିଭାଶାଳୀ ଶିକ୍ଷକ, ଚିତ୍ରକର, ବାଦ୍ୟକାର, ପାଲାକାର, ନ୍ୟାୟକାର, କବିରାଜ, ସ୍ୱାଧୀନତା ସଂଗ୍ରାମୀ, ଗବେଷକ ଓ ଐତିହାସିକ ଆଦି ମଧ୍ୟ ସ୍ଥାନିତ ହେବେ, ଯାହାରି ଫଳରେ ପୂଜ୍ୟପୂଜାରେ ବ୍ୟତିକ୍ରମ ନ ଘଟି ପୂଜ୍ୟମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆମର ଧ୍ୟେୟ ହେବ । ତତ୍କାଳୀନ ସମାଜରେ ପୂଜ୍ୟଗଣଙ୍କ କାର୍ଯ୍ୟକଳାପ କିପରିଭାବରେ ପ୍ରଭାବ ପକାଇଥିଲା ତାହା ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ନିମିତ୍ତ ନିର୍ଦ୍ଦିଷ୍ଟ ସାହିତ୍ୟିକମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପରେ କବିତା, ପ୍ରବନ୍ଧ, ଗଳ୍ପ, ରମ୍ୟରଚନା ଲେଖିବାକୁ ଅନୁରୋଧ କରାଯାଇଥିଲା ।

ସାହିତ୍ୟିକ ବନ୍ଧୁମାନଙ୍କଠାରୁ ରଚନାମାନ ହସ୍ତଗତ ହେବାପରେ ସମ୍ପାଦନାର ଗୁରୁ ଦାୟିତ୍ୱ ହସ ହସ ମୁଖରେ ବହନ କରି ନରସିଂହପୁର ବାସୀଙ୍କ କରରେ ଏଇ "ନରସିଂହପୁର ଝୁରେ" ସଂକଳନଟି ଅର୍ପଣ କରି ନିଜକୁ ଧନ୍ୟ ମନେ କରୁଛି ।

"ଦେବଭୂମି ନରସିଂହପୁର" ଓ "୧୯୯୭ ବରଷକୁ ପଦେ" ପୁସ୍ତକ ଦୁଇଟିର ପ୍ରକାଶନରେ ପ୍ରେରଣା ଓ ଦିଗ୍‌ଦର୍ଶନ ଦେଇଥିବା ପ୍ରତିଭାଧର ଡଃ ଗିରିଧାରୀ ଗାଣ ଓ ଡଃ ବନମାଳୀ ପଣ୍ଡା ମଧ୍ୟ ଏଇ ପୁସ୍ତକର ପ୍ରକାଶନ ନିମିତ୍ତ ସହଯୋଗ କରିଥିବାରୁ ସେ ଦୁହିଁଙ୍କୁ ମୋର କୋଟି କୋଟି ପ୍ରଣାମ ।

ଯେଉଁମାନଙ୍କର ସ୍ନେହ ଓ ସଦିଚ୍ଛା ନେଇ ଏହି ପ୍ରକାଶନ ସମ୍ଭବ ହୋଇ ପାରିଛି ସେମାନଙ୍କୁ ତଥା ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ବହନ କରିଥିବା ଶ୍ରୀଯୁକ୍ତ ଲୋକନାଥ ପଣ୍ଡାଙ୍କୁ ହୃଦୟର ଅନ୍ତରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛି ।

ଯେଉଁ କବି ଓ ଲେଖକମାନଙ୍କର ଲେଖାକୁ ନେଇ ଏଇ ସଂକଳନଟି ସମ୍ଭବ ହୋଇ ପାରିଛି, ସେମାନେ ସାରସ୍ୱତ ରାଜ୍ୟରେ ଯଶସ୍ୱୀ ହୁଅନ୍ତୁ ଏବଂ ଜଗତର ନାଥ ଜଗନ୍ନାଥ ସେମାନଙ୍କର ସର୍ବବିଧ କଲ୍ୟାଣ କରନ୍ତୁ ।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।

ସମ୍ପାଦକ
ନରସିଂହପୁର ଝୁରେ

Digitized by PPRACHIN, SOA

ସୂଚୀପତ୍ର

ପଦ୍ୟ ବିଭାଗ

କ୍ର.ନଂ.	ବିଷୟ	ଲେଖକ	ପୃ.
୧.	ଶ୍ରଦ୍ଧାଞ୍ଜଳି	ଶ୍ରୀମତୀ ସୁଚେତା ରାଉତ	୧
୨.	ନରସିଂହପୁର ଝୁରେ	ଶ୍ରୀ ବନମାଳୀ ବିଶ୍ୱାଳ	୩
୩.	ନରସିଂହପୁର ଝୁରେ	ଶ୍ରୀ [illegible]ଦାନନ୍ଦ ଦାଶ	୬
୪.	ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ	ଢ଼ଂ ବନମାଳୀ ପଣ୍ଡା	୯
୫.	ମାତୃ ବିୟୋଗେ	ପଣ୍ଡିତ ଲୋକନାଥ ରଣା	୨୧
୬.	ନରସିଂହପୁର ଝୁରେ	ଶ୍ରୀ ପଦ୍ମଲୋଚନ ସାହୁ	୨୩
୭.	ମୁଁ ନରସିଂହପୁର କହୁଛି	ଡାଃ ବୈଷ୍ଣବ ମିଶ୍ର	୨୭
୮.	କେ ଝୁରେ କାହାରେ	ଢ଼ଂ ଜଗନ୍ନାଥ ମହାପାତ୍ର	୨୯
୯.	ଆକାଶ ଆଖିରେ ଲୁହ	କୁମାରୀ କସ୍ତୁରୀକା ରାୟ	୩୩
୧୦.	ନରସିଂହପୁର ଝୁରେ	ଶ୍ରୀ ଦାଶରଥି ରଣା	୩୫

ଗଦ୍ୟ ବିଭାଗ

କ୍ର.ନଂ.	ବିଷୟ	ଲେଖକ	ପୃ.
୧୧.	ସ୍ୱର୍ଗତ ଲୋକନାଥ ତାକୁଆ	ଡଃ ଅଶ୍ୱିନୀ କୁମାର ତାକୁଆ	୩୬
୧୨.	ଅମ୍ଳାନ ପ୍ରତିଭା ଚକ୍ରଧର ମହାପାତ୍ର	ଢ଼ଂ. ଡଃ. ସ୍ୱପ୍ନେଶ୍ୱର ଦାସ	୪୦
୧୩.	କାଶୀନାଥ ପାଣିଗ୍ରାହୀ : ଏକ ବିଲକ୍ଷଣ ପ୍ରତିଭା	ଶ୍ରୀ ଶ୍ୟାମ ସୁନ୍ଦର ଭୋଳ	୪୭
୧୪.	କବି କୃଷ୍ଣମଣି : ଏକ ଅଧ୍ୟୟନ	ଶ୍ରୀ ଦିବ୍ୟଜ୍ୟୋତି ପାଣି	୫୧
୧୫.	ସ୍ମୃତି ଏକ ହଜିଲା ଦିନର	ଶ୍ରୀ ଶାନ୍ତନୁ କୁମାର ଗା'ଣ	୫୫
୧୬.	ବରେଣ୍ୟ କବି ଭଗବାନ ରାଉତ	ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶ ସାହୁ	୬୧
୧୭.	ଗାୟକ ସ୍ୱର୍ଗତ ଗଙ୍ଗାଧର ରଥ	ଶ୍ରୀ ସୁରେଶ କୁମାର ପଣ୍ଡା	୬୫
୧୮	ଅପ୍ରତୀଦ୍ୱନ୍ଦ୍ୱୀ କଳାକାର ଫକୀର ସୁନ୍ଦରାୟ	ଶ୍ରୀ ପ୍ରଫୁଲ୍ଲକୁମାର ସାହୁ	୭୧
୧୯	ଦିବ୍ୟାତ୍ମା ଦାମୋଦର	ଶ୍ରୀ ସ୍ୱପ୍ନେଶ୍ୱର ମହାଲିକ	୭୬

Digitized by PPRACHIN, SOA

୨୦.	ତମସା ପଥର ଯାତ୍ରୀ	ଶ୍ରୀ ଉଦୟନାଥ ରଥ	୭୯
୨୧.	ପାଲାକାର ପଦ୍ମନାଭ	ଶ୍ରୀ ଜ୍ଞାନରଂଜନ ଦାଶ	୮୩
୨୨.	ନରସିଂହପୁରର ବିଶ୍ୱାମିତ୍ର : ଭାଗବତ ପଣ୍ଡିତେ	ଦେବଦତ୍ତ ମଳୟ କୁମାର ବରାଳ	୮୬
୨୩.	ସାଧୁକବିଙ୍କ କାବ୍ୟ ଉପବନ : ଏକ ଝଲକ	ଡ° ଖିତିଧାରୀ ଗା'ଣ	୯୧
୨୪.	ଝରା ଶେଫାଳୀ	ଶ୍ରୀ ବିନାୟକ ମିଶ୍ର	୯୭
୨୫.	ଧାର୍ମିକ ଗୁରୁ ବିଦ୍ୟାଧର	ଶ୍ରୀ କାଶୀନାଥ ପଟ୍ଟନାୟକ	୧୦୧
୨୬.	ସାଧକ ବିଶ୍ୱନାଥ ବ୍ରହ୍ମଚାରୀ	ଶ୍ରୀମତୀ ମାନସ ମୋହିନୀ ଦାଶ	୧୦୫
୨୭.	ଯୁଧିଷ୍ଠି ବଉଦେ	ଶ୍ରୀ ଦିବାକର ସାହୁ	୧୦୮
୨୮.	ଦୀକ୍ଷାଗୁରୁ ପଣ୍ଡିତ ସୋମନାଥ ବାହିନୀ ପତି	ଡଃ କୈଳାସ ଚନ୍ଦ୍ର ଆଚାର୍ଯ୍ୟ	୧୧୧
୨୯.	ରତ୍ନ ସାଗର ଦେବରାଜ ମିଶ୍ର	ସସ୍ମିତା ମିଶ୍ର	୧୧୫
୩୦.	କାହାଣୀ ନୁହେଁ	ଡା ଗୋକୁଳା ନନ୍ଦ ପଟ୍ଟନାୟକ	୧୧୮
୩୧.	ଅନନ୍ୟ ପ୍ରତିଭା : ମାନଗୋବିନ୍ଦ ଚୌଧୁରୀ	ଶ୍ରୀ ପଙ୍କଜ ରେଣ ମହାରଣା	୧୨୪
୩୨.	କର୍ମଯୋଗୀ ପଣ୍ଡିତ ନାରାୟଣ ମିଶ୍ର	ଶ୍ରୀ ଘନଶ୍ୟାମ ପାଣି	୧୨୭
୩୩.	ପରୋପକାରୀ ଯୋଗୀନାଥ ମହାପାତ୍ର	ବାୟା ଭାଗୀରଥୀ ଦାଶ	୧୩୧
୩୪.	ଶେଷରେ ଶେଷ ଶ୍ରଦ୍ଧାଞ୍ଜଳି	ସମ୍ପାଦକ	୧୩୫

Digitized by PPRACHIN, SOA

ନରସିଂହପୁରର ତାରକା ମଣ୍ଡଳି

ରାଜମାତା କନକଲତା

ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର

ଚକ୍ରଧର ମହାପାତ୍ର

ଲୋକନାଥ ଡାକୁଆ

କୁଞ୍ଜମଣି ପାଣି

ଧରଣୀଧର ଦେହୁରୀ

ପଣ୍ଡିତ ରଘୁନାଥ ମିଶ୍ର

ପବିତ୍ର ମୋହନ ସାହୁ

Digitized by PPRACHIN, SOA

ବିଶ୍ୱନାଥ ବ୍ରହ୍ମଚାରୀ

ମାନଗୋବିନ୍ଦ ଚୌଧୁରୀ

ଭଗବାନ ମିଶ୍ର

ଯୋଗୀନାଥ ମହାପାତ୍ର

ଲକ୍ଷ୍ମୀକାନ୍ତ ସେନ

ଭଗବାନ ରାଉତ

ଫକୀର ମୋହନ ପଣ୍ଡା

ଦୀନବନ୍ଧୁ ପାତ୍ର

Digitized by PPRACHIN, SOA

ଭକ୍ତି ଶ୍ରଦ୍ଧାଞ୍ଜଳି

ନରସିଂହପୁରର

ସ୍ୱର୍ଗତଃ

ଜ୍ଞାନୀ, ମାନୀ ଓ ପ୍ରତିଭାଧରଙ୍କ

କର କମଳରେ

ଭକ୍ତିଶ୍ରଦ୍ଧାଞ୍ଜଳି

ସମ୍ପାଦକ

'ନରସିଂହପୁରଙ୍କୁରେ'

.....ଉପହାର

Digitized by PPRACHIN, SOA

ଶ୍ରଦ୍ଧାଞ୍ଜଳି

ଶ୍ରୀମତୀ ସୁଚେତା ରାଉତ

ନରସିଂହପୁର ନୂଆପାଟଣା ନିବାସୀ ଇଂ. ଶତ୍ରୁଘ୍ନ ରାଉତଙ୍କ ସହଧର୍ମିଣୀ ଶ୍ରୀମତୀ ସୁଚେତା ରାଉତ ଜଣେ ସମାଜ ସେବିକା, ସୁଗୃହିଣୀ, ତଥା ସୁଲେଖିକା । ପୂଜ୍ୟ-ପୂଜାର ବ୍ୟତିକ୍ରମ ନ ହେବା ନିମିତ୍ତ ସେ ସର୍ବଦା ସତର୍କତା ଅବଲମ୍ବନ କରିଥାନ୍ତି । "ନରସିଂହପୁର ଝୁରେ" ସଂକଳନରେ ସେ ନରସିଂହପୁରର କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ନାମୋଲ୍ଲେଖ କରି ନଥିଲେ ମଧ୍ୟ ତାଙ୍କର 'ଶ୍ରଦ୍ଧାଞ୍ଜଳି' କବିତାରେ ସାମଗ୍ରିକ ଭାବରେ ସ୍ୱର୍ଗପ୍ରାପ୍ତ କବି, ଲେଖକ ଓ ସ୍ୱାଧୀନତା ସଂଗ୍ରାମୀ ଆଦି ପୂଜ୍ୟମାନଙ୍କର ପୂଜା କରିବା ନିମିତ୍ତ ପ୍ରସ୍ତାବ ଆଗତ କରି ସେମାନଙ୍କୁ ସର୍ବପ୍ରଥମେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସ୍ୱମତ ପ୍ରତିପାଦନ କରିବା ସହିତ ତାଙ୍କରି ବିଷୟରେ ଆଲୋଚନା କରିବାଦ୍ୱାରା ଆମେ ଧନ୍ୟ ହେବା ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ତାଙ୍କରି ଭାଷାରେ-
ପହିଲେ ତାହାଙ୍କୁ ଦେବା ଶ୍ରଦ୍ଧାଞ୍ଜଳି
"ନରସିଂହପୁର ଝୁରେ" ତାଙ୍କୁ ଭାଳି
ତାଙ୍କରି ବିଷୟେ ଆଲୋଚନା କରି
ଆମେ ହେବା ଧନ୍ୟ ତାହାଙ୍କୁ ସୁମରି"।

'ସୁଚେତା ରାଉତ'ଙ୍କ ଚିନ୍ତାଧାରା ବଡ଼ ମହତ । ଏଥି ନିମନ୍ତେ "ନରସିଂହପୁର ଝୁରେ"ର ସମ୍ପାଦକ ତାଙ୍କୁ ବଧେଇ ଜଣାଇବା ସହ "ଶ୍ରଦ୍ଧାଞ୍ଜଳି" କବିତାଟିକୁ ସଂକଳନର ସର୍ବ ପ୍ରଥମେ ସ୍ଥାନ ଦିଆଯାଇଛି । ବାସ୍ତବରେ କବିତାଟି ସରଳ ଜଣାଯାଉଥିଲେ ମଧ୍ୟ ଏହା ଅତ୍ୟନ୍ତ ରସାଳ ଓ ଭାବଗର୍ଭକ ହୋଇଛି ।

ଆସନ୍ତୁ, ସୁଚେତା ରାଉତଙ୍କ ସହ ମିଶି ନରସିଂହପୁର ସ୍ୱର୍ଗତ ପୂର୍ବ ଶୂରୀମାନଙ୍କୁ ତାଙ୍କ ସ୍ୱରଚିତ "ଶ୍ରଦ୍ଧାଞ୍ଜଳି" କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

Digitized by PPRACHIN, SOA

ଝୁରୁଅଛି ଆଜି ନରସିଂହପୁର
ହଜାଇ ତାହାର ଜ୍ଞାନୀ-ମାନୀ ଶୂର ॥
ସ୍ୱର୍ଗପ୍ରାପ୍ତ କବି ଲେଖକଙ୍କ କଥା
ଭାବିଦେଲେ ମନେ ହୃଦେ ଆସେ ବ୍ୟଥା ॥
ବଣମଲ୍ଲୀ ସମ ଫୁଟିଥିଲେ ବନେ,
ତାଙ୍କୁ ପାଶୋରିଲେ ଆମେ କାଳକ୍ରମେ ॥
ଜନ୍ମିଥାନ୍ତେ ଯଦି ଅନ୍ୟ ରାଇଜରେ
ମହକାଉଥାନ୍ତେ ତାଙ୍କ ସୁବାସରେ ॥
ଗଡ଼ଜାତେ ସିଏ ହୋଇଣ ଜନମ
ଜନ୍ମଭୂମି ପାଇଁ କରିଛନ୍ତି କର୍ମ ॥
ସ୍ୱାଧୀନତା ପାଇଁ ସେହୁ ଲଢୁଥିଲେ
ନିଜ ସ୍ୱାର୍ଥକଥା ଭାବୁ ତ ନଥିଲେ ॥
ଦେଖୁନାହିଁ ଆଉ ସେଭଳି ସନ୍ତାନ
କରିବାକୁ ଯା'ର ନାମେ ଜୟଗାନ ॥
ସନ୍ତାନ ହୋଇବି ସ୍ୱାଧୀନ ଦେଶର
ହୋଇଅଛେ ଆମେ ପୂରା ସ୍ୱାର୍ଥପର ॥
ତାଙ୍କ ସ୍ମୃତି ପାଇଁ କିଛି ନାହେଁ କରି
ଆମେ ଦେଇଅଛେ ତାହାଙ୍କୁ ପାଶୋରି ॥
ପୂଜ୍ୟଙ୍କର ପୂଜା କରିବା ନିମିତ୍ତ
ଆସିଅଛି ବେଳ ହୁଅ ଏକତ୍ରିତ ॥
ପହିଲେ ତାହାଙ୍କୁ ଦେବା ଶ୍ରଦ୍ଧାଞ୍ଜଳି
"ନରସିଂହପୁର ଝୁରେ" ତାଙ୍କୁ ଭାଳି ॥
ତାଙ୍କରି ବିଷୟେ ଆଲୋଚନା କରି
ହେବା ଆମେ ଧନ୍ୟ ତାହାଙ୍କୁ ସୁମରି ॥

Digitized by PPRACHIN, SOA

ନରସିଂହପୁର ଝୁରେ

ଶ୍ରୀ ବନମାଳୀ ବିଶ୍ୱାଳ

ସମାଜ, ରାଜ୍ୟ, ଦେଶ ଗଠନରେ ସୈନିକ, ଶିକ୍ଷକ ଓ କବିଙ୍କର ଭୂମିକା ଅପରିହାର୍ଯ୍ୟ । ସେହି ମାନଙ୍କର ବୀରତ୍ୱ, ତ୍ୟାଗ, ଶିକ୍ଷା, ଲୋକ-ସଚେତନତା ନବ ଜାଗରଣ ସୃଷ୍ଟି କରେ; ଯାହାଫଳରେ ସମାଜ, ରାଜ୍ୟ ଦେଶ ପ୍ରତିଷ୍ଠା ଲାଭକରି ଗୌରବ ବୃଦ୍ଧି ହେବା ଦିଗରେ ଅଗ୍ରସର ହୋଇଥାଏ ।

ଏଇ ପରିପ୍ରେକ୍ଷୀରେ ନରସିଂହପୁରର ଯଶ ଓ ଗୌରବ ବୃଦ୍ଧି ନିମନ୍ତେ ଯେଉଁ ମାନଙ୍କର ଅବଦାନ ରହିଛି, ସେଇ ମାନଙ୍କୁ ସ୍ମରଣ କରି ନରସିଂହପୁର ଜନନୀ ଝୁରୁଅଛନ୍ତି । ଅନୁଭବୀ କବି ବନମାଳୀ ବିଶ୍ୱାଳ ନରସିଂହପୁର ଜନନୀଙ୍କ ଭାବଧାରାକୁ ଉପଲବ୍ଧି କରି ତାଙ୍କରି ଭାଷାରେ ଲେଖିଯାଇଛନ୍ତି "ନରସିଂହପୁର ଝୁରେ" କବିତାରେ ।

କବିତାର ପ୍ରାରମ୍ଭରେ ଅରାଟ ଜନନୀ ସମ୍ବୋଧନ କରି କହୁଛନ୍ତି ନରସିଂହପୁର ଝୁରେ ତା'ର ବୀର ସନ୍ତାନମାନଙ୍କୁ । ନରସିଂହପୁରର ପୂର୍ବନାମ ସ୍ମରଣ କରି ତାର ସୁଯୋଗ୍ୟ ସନ୍ତାନମାନଙ୍କ କୃତି ସହ ନାମ ଶୁଣାଇ ବର୍ତ୍ତମାନ ନରସିଂହପୁରର ଅଧଃ ପତନକୁ ହୃଦୟଙ୍ଗମ କରି ନରସିଂହପୁରର ଉନ୍ନତି ବିଧାନ ନିମିତ୍ତ ସପନି, ଉଦୟନାଥ ରଥ ଓ ଗୋକୁଳାନନ୍ଦଙ୍କୁ ସଚେତନ ହେବାଲାଗି ହୃଦୟର ଆବେଗଭରା ବାର୍ତ୍ତା ଶୁଣାଇଛନ୍ତି ।

କବିଙ୍କ ଭାଷାରେ -

ହେ ସପନି ! ହେ ଉଦୟ ନାଥ !
ନୀରବ ସାଧକ ବନ୍ଧୁ ହେ ଗୋକୁଳାନନ୍ଦ !
ଅଶ୍ରୁପୋଛି ପାରିବ କି ବାରେ ?
ମାତା ନରସିଂହପୁର ଝୁରେ ।

ଆସନ୍ତୁ ଭେଟିବା ନରସିଂହପୁର ଜନନୀଙ୍କୁ ବନମାଳୀ ବିଶ୍ୱାଳଙ୍କ ସ୍ୱରଚିତ ନରସିଂହପୁର ଝୁରେ କବିତା ମାଧ୍ୟମରେ ।

ନୃସିଂହପୁର ଝୁରେ ତା'ର ବୀର ସନ୍ତାନ ଗଣଙ୍କୁ
ଐରାବତ ମଣ୍ଡଳ ବା ଅରାଟ ମଣ୍ଡଳ
ଅଥବା କଙ୍ଗୋଂଦକ ମଣ୍ଡଳ
ଝାରଖଣ୍ଡ ପାଇକ୍ଟାଗଣଙ୍କୁ ।

Digitized by PPRACHIN, SOA

ଝାଡ଼ିବନ୍ଧ ଶୈବପୀଠ ତାହାଙ୍କ ସେନକୁ
କଣ୍ଡାଲୁଣ୍ଡା ଶଙ୍କର ଶର୍ମାଙ୍କୁ
ଲାଭ କୋରଡ଼ା ବା ଖାରୋଡ଼
ମହାକାଳୀ ପୀଠାଧୀଶ ବଳଭଦ୍ର ଶର୍ମାଙ୍କୁ ॥

ନୃସିଂହପୁର ଝୁରି ମରେ
ନରସିଂହ ଜାନୀକୁ
ପୁର କନ୍ଧକୁ
ଦଳୁଆ ଭାନୁ ପାଇକ ରାୟଙ୍କୁ,
ତଳଗଡ଼ ଶାସକ ଧର୍ମଜୟ ସିଂହଙ୍କୁ
ଦଶଖମ୍ବ ଆରଣ୍ୟକ ପାଢ଼ୀଙ୍କୁ
ସୋଲବନ୍ଧ ଗୋବିନ୍ଦ ମାଳାକାରଙ୍କୁ
ସାତ ଦଳବେହେରା ପରିଚାଳିତ
ଗଣତାନ୍ତ୍ରିକ ଶାସନ ପଦ୍ଧତିକୁ
ସାତୋଡ଼ା ବେହେରା ମହାପାତ୍ରଙ୍କୁ ॥

ନୃସିଂହପୁର ଝୁରି ମରେ
ବ୍ରାହ୍ମଣ ଦେଇ ତଥା ଉଲ୍ଲାସ କୋଟରେ
ଦଳବେହେରା ଧନୀ ଆରୁକଙ୍କୁ
ହିନ୍ଦୋଳ ଅନୁଗୋଳ ବିଜୟୀ
ବାସେଳୀ ହତା ଦଳବେହେରା
ଅଚଳ ବଳବନ୍ତରାଏଙ୍କୁ
ଜୟ ମଙ୍ଗଳ ନିର୍ମଳ ଜେନାଙ୍କୁ ।
କୁଜଙ୍ଗ ବିଜୟୀ ଡିମିରିଆ ଦଳବେହେରା
ମଲ୍ଲ ମଦନ ଧଳଙ୍କୁ
ଅନୁଗୋଳ ଯୁଦ୍ଧେ ପଠାଯାଇଥିବା
ଚକ୍ରଗଡ଼ ଅଲ୍ଲୀ ପାଏକରାଏଙ୍କୁ
ବୋକଡ଼ା ଦାସ ବଡ଼ ଜେନାଙ୍କୁ
ଖଣ୍ଡେଇ ମହାକାଣୀଙ୍କୁ ॥

ନରସିଂହପୁର ଝୁରେ
ସାଧୁଚରଣ ହରିଚନ୍ଦନ ମହାପାତ୍ରଙ୍କୁ
ଐତିହାସିକ, ସାହିତ୍ୟିକ, ଧାର୍ମିକ
ବିଦ୍ୟାଧର ପଟ୍ଟନାୟକଙ୍କୁ

Digitized by PPRACHIN, SOA

ଚକ୍ରଧର ମହାପାତ୍ରଙ୍କୁ,
ମାନଗୋବିନ୍ଦ ସାହୁଙ୍କୁ
ଶହୀଦ ଚକର ଜେନାଙ୍କୁ ॥

ସ୍ୱାଧୀନତାର ରବି ଉଦୟ ହୋଇଲା
ସନ ଉଣେଇଶ ଅଠଚାଳିଶରେ
ନରସିଂହପୁର ଜିଲ୍ଲା* ବୋଲି ଘୋଷିତ ହୋଇଲା
କାଗଜ କଲମରେ
ମାତ୍ର ଆଜି ପରିଯନ୍ତ
ସ୍ଥାଣୁ ହୋଇ ରହିଅଛି ତାହା ପୂର୍ବ ଅବସ୍ଥାରେ ॥

ମୂକ ସର୍ବ ଜନ ପ୍ରତିନିଧି
ମୂକ ସର୍ବ ଜନତା ଜନାର୍ଦ୍ଦନ
ଯେଉଁ ଆଡ଼େ ଦେଖ ଖାଲି ଦୁର୍ନୀତି ଦାନବ
ଅନ୍ୟାୟ ଓ ଅତ୍ୟାଚାରେ ହୋଇଛନ୍ତି ଲିପ୍ତ ॥

ନାହିଁ ସେହି ଦାମୋଦର ପାଠାଗାର
ନାହିଁ ଆଉ ମଠ ଓ ମନ୍ଦିର
ନାହିଁ ଆଉ ଦଶହରା ପର୍ବ
ନାହିଁ ଆଉ ଦୋଳ ହୋଲିଖେଳ
ନାହିଁ ଆଉ ଚଇତନଙ୍କର,
ବାସ୍ତରୀ କୀର୍ତ୍ତନ ମଣ୍ଡଳ ॥

ଇତିହାସ ବିଖଣ୍ଡିତ ମୋର
କବିକୁଳ ନିଦ୍ରା ବିଜଡ଼ିତ
ଗବେଷଣା ନାହିଁତ କାହାର
କରିବାକୁ ସତ୍ୟ ଉନ୍ମୋଚନ ।

ହେ ସପନି ! ହେ ଉଦୟନାଥ !
ନୀରବ ସାଧକ ବନ୍ଧୁହେ ଗୋକୁଳାନନ୍ଦ
ଅଶ୍ରୁପୋଛି ପାରିବ କି ବାରେ ?
ମାତା ନରସିଂହପୁର ଝୁରେ ।

Ref - The Orissa Gazette Extraordinary Published by authority Home Deptt. The 1st January 1948.

Digitized by PPRACHIN, SOA

ନରସିଂହପୁର ଝୁରେ

ଶ୍ରୀ ଜଗଦାନନ୍ଦ ଦାଶ

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସିନା ଜାତି ପ୍ରାଣଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ସେ ହେବ ଜାତି କର୍ମବୀର ।

ଏହା ହେଉଛି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସମୁଦ୍‌ଘୋଷିତ ବାଣୀ । ବାସ୍ତବରେ କୌଣସି ଜାତି ଓ ଦେଶର ଇତିହାସହିଁ ସେହି ଜାତି ବା ଦେଶର ପ୍ରାଣଧାର ଧାରଣ କରିଥିବା ଚିର ପ୍ରବାହମାନ ନିର୍ଝର ଏବଂ ସେହି ଧାରରୁ ନୀରପାନ କରୁଥିବା ସନ୍ତାନଗଣ ନିଶ୍ଚିତଭାବରେ ସେହି ଦେଶ ଓ ଜାତିର ବିପୁଳ ପ୍ରେରଣା ପ୍ରାପ୍ତ ହୋଇ କର୍ମବୀରରେ ପରିଣତ ହେବେ- ଏଥିରେ ସନ୍ଦେହ ନାହିଁ ।

ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ତଟିନୀ ମେଖଳା, କାନନ କୁନ୍ତଳା ନରସିଂହପୁରର ଭୂମି ବହୁ ବିଭବ ଓ ପ୍ରାକୃତିକ ଶୋଭାରେ ବିମଣ୍ଡିତା ହୋଇ ଦେବଭୂମି ରୂପେ ଖ୍ୟାତି ଅର୍ଜନ କରିଛି । ସାହିତ୍ୟ ଓ ସଂସ୍କୃତିରେ ଏହା ମଧ ଅତ୍ୟନ୍ତ ସମୃଦ୍ଧିଶାଳୀ ହୋଇପାରିଛି । ଏହାର ବୈଭବ ପ୍ରତି ପ୍ରଲୁବ୍ଧ ହୋଇ ଯୁଗେ ଯୁଗେ ବାହ୍ୟ ଶାସକ ବୃନ୍ଦ ଏହାକୁ ବହୁବାର ଆକ୍ରମଣ କରିଛନ୍ତି । ଏ ଅରାଟ ଜନନୀର ସନ୍ତାନଗଣ ସ୍ୱାଭାବିକ ଭାବରେ ଧର୍ମପରାୟଣ, ସତ୍ୟବାଦୀ, ସଚ୍ଚରିତ୍ର ଓ ସଦ୍‌ଗୁଣ ସମ୍ପନ୍ନ ତଥା ସେମାନଙ୍କ ସ୍ୱଦେଶ ପ୍ରାଣତା ସବୁକାଳେ ଅବିସମ୍ବାଦିତ ।

ଏଣୁ ନରସିଂହପୁରର ଅତୀବ ଇତିହାସ ଅତ୍ୟନ୍ତ ଦୀପ୍ତିମନ୍ତ ଗୌରବ-ପୂର୍ଣ୍ଣ ଓ ମହିମାନ୍ୱିତ ।

ଦେବଭୂମି ନରସିଂହପୁରର ଗର୍ବ ଓ ଗୌରବ ପ୍ରତୀକ ସ୍ୱରୂପ ଅସଂଖ୍ୟ ବୀରପୁରୁଷ ଓ ବୀରାଙ୍ଗନାଙ୍କ ମଧ୍ୟରୁ ଚୁଟିଆ ସିଂହ, ଭାନୁମଙ୍ଗରାଜ, ବୀର ମୁକୁନ୍ଦ, ପ୍ରଗଲ୍ଭା, ବଳାଙ୍ଗୀ ଓ ମାଳତୀ ଅଲୌକିତ କୀର୍ତ୍ତିରାଜିକୁ ଅନୁରଣିତ କରିଛନ୍ତି କବି ଜଗଦାନନ୍ଦ ଦାଶ ତାଙ୍କର ଆବେଗଭରା ଭାଷାରେ ।

ଆସନ୍ତୁ କବି ଜଗଦାନନ୍ଦ ଦାଶଙ୍କୁ ତାଙ୍କ ରଚିତ କବିତା "ନରସିଂହପୁର ଝୁରେ" ମାଧ୍ୟମରେ ଭେଟିବା ସହିତ ନରସିଂହପୁରର ପ୍ରାକ୍ତନ ଶୂରମାନଙ୍କୁ ସ୍ମରଣ

Digitized by PPRACHIN, SOA

କରି ଦେଶାତ୍ମବୋଧରେ ଆମେ ଅନୁପ୍ରାଣିତ ହୋଇ ପୂର୍ବ ଗର୍ବ ଓ ଗୌରବକୁ ପୁନରୁଜ୍ଜୀବିତ କରିବାକୁ ସଂକଳ୍ପବଦ୍ଧ ହେବା -

ଲୋତକ ଝରାଇ ଝୁରେରେ ଆଜି ନରସିଂହପୁର ଝୁରେ
ଧର୍ମଜୟ ସୁତା ପରଗଳା ସହ ବଳାଙ୍ଗୀ ବାଳା ସୁମରେ ॥ ଘୋଷା ॥

ଅଜୟ ପାଡ୍ରୀର ସମର ବେଳେ
ଶିର ଯାଚିଦେଲେ ପିତାଙ୍କ ଛଳେ
ଘୋର ଅବିବେକୀ କାଟିଲା ବେକ
ରଖିଗଲେ ଦେବୀ ରାଇଜ ଟେକ
ଜୟପରଗଳା ଘୋଷିଲେ ନରେ ॥୧॥

ଦେବୀ ପରଗଳା ତୁମ ରୁଧିର
ତରବାରୀ ଧାରେ ରହିଲା ଚିର
ସ୍ୱପନେ ଚୁଟିଆ ସିଂହକୁ ରାଇ
କହିଲ-ଦେଉଳ ତୋଳିବୁ ଯାଇ
ପୂଜା ପାଇବି ମୁଁ ସେହି ମନ୍ଦିରେ ॥୨॥

ଚୁଟିଆ ହେଜି ସେ ସ୍ୱପନଗିର
ତୁମ ଖଣ୍ଡା ଗୋଟି ଆଣି ସତ୍ୱର
ସିନ୍ଦୁରରେ ତାକୁ କରି ରଂଜନ
ଜରି ବୃକ୍ଷ ମୂଳେ କରି ସ୍ଥାପନ
ପୂଜା କଲା ଜୟପୁରୁ ଗ୍ରାମରେ ॥୩॥

ବଳାଙ୍ଗୀ ଗୋ ତୁହି କୋମଳମତି
ତୋର ବୀରପଣ ଅଦ୍ଭୁତ ଅତି
ଯେ କାଳରେ ଅନୁଗୋଳ ରାଜନ
କୋଚିଳକୁ କରିଥିଲେ ହରଣ
ଦେଖିଥିଲୁ ତାହା ନେତ୍ର ପଥରେ ॥୪॥

ଅରାଟ ଭୂମିକୁ ଯୌତୁକ ଦେବେ
କୋଚିଲିକୁ ତାଙ୍କ କନ୍ୟା ଅର୍ପିବେ
ଏହି ଆଶା ଭରି ନିଜ ହୃଦରେ
ଯୁବରାଜେ ନୃପ ହରଣ କଲେ
ଥିଲେ ଏକାକୀ ସେ ରାଜନବରେ ॥୫॥

Digitized by PPRACHIN, SOA

ଦଶପଲ୍ଲା ରାଜ୍ୟେ ତୋ ପିତାମହ
ଭାଙ୍ଗୁଥିଲେ ଯାଇ ପ୍ରଜା ବିଦ୍ରୋହ
ନିଶାକାଳେ ଚଢ଼ି ଅଶ୍ୱ ପୃଷ୍ଠରେ
ଏ ବାରଣ ତାଙ୍କୁ ଦେଲୁ ସତ୍ୱରେ
ପଡ଼ିଲୁ ମୂର୍ଚ୍ଛାରେ ତୁ ତାହାପରେ ।।୬।।

ତୋ ଡାକ ଶୁଣି ସେ ପାଗଳ ହେଲେ
ପିଚ୍ଛୁଳି ଘାଟୀରେ ନୃପେ ଭେଟିଲେ
ବାହାରନ୍ତେ ନେବା ପାଇଁ ଜୀବନ
ନୃପ ହେଲେ ତାଙ୍କ ଶରଣାପନ୍ନ
କନ୍ୟାର ବିବାହ ହେଲା ସେଠାରେ ।।୭।।

ଭାନୁ ମଙ୍ଗରାଜ ମନ୍ତ୍ରୀ ପ୍ରବର
ଭାନୁ ସମତେଜ ଅଟେ ତାଙ୍କର
ବଳାଙ୍ଗୀ ଶବକୁ କରି ଦହନ
'ବଳଙ୍ଗୀ ପୋଖରୀ' କଲେ ଖନନ
ରାଜେ ଯାହା 'ମାଳିସାହି' ପାର୍ଶ୍ୱରେ ।।୮।।
'ମାଳତୀ' ଗୋ ତୁମେ କଲ୍ୟାଣମୟୀ
ତୁମ ସମ ନାରୀ ମହୀରେ ନାହିଁ,
ସଦ୍ୟୋଜାତ ଶିଶୁ କଟିରେ ଧରି
ବରଗୀ ଦମନ ଥିଲତ କରି
ଚାଲିଗଲ କାହିଁ କାଳ ସ୍ରୋତରେ ।।୯।।

'ମୁକୁନ୍ଦ' ତୁମର ଜୀବନ ଧନ୍ୟ
ବର୍ଗୀ ସହ ଲଢ଼ି ଦେଇ ଜୀବନ
ନରସିଂହପୁର ଇତିହାସରେ
ତୁମ ନାମ ଶୋହେ ସ୍ୱର୍ଣ୍ଣ ଅକ୍ଷରେ
ମୃତ୍ୟୁଞ୍ଜୟ ତୁମେ ଯଶୋଦେହରେ ।।୧୦।।

Digitized by PPRACHIN, SOA

ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ

ଇଂ.ବନମାଳୀ ପଣ୍ଡା

୧୯୫୬ ମସିହା ହାଇସ୍କୁଲ ପରୀକ୍ଷାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ଲାଭ କରିଥିବା ଛାତ୍ର ବନମାଳୀ ପଣ୍ଡା ନିଜର ପ୍ରତିଭା, କର୍ତ୍ତବ୍ୟ-ନିଷ୍ଠା ତଥା କର୍ମକୁଶଳତା ସହିତ ପୂର୍ତ୍ତ ବିଭାଗ (P.W.D.) ରେ ମୁଖ୍ୟଯନ୍ତ୍ରୀ ପଦବୀରେ ଆସୀନ ହୋଇ ଅବସର ଗ୍ରହଣ କରିଛନ୍ତି ।

କର୍ମଚଞ୍ଚଳମୟ ଚାକିରି କାଳର ଅବସର ସମୟରେ ସେ ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରଥାନ୍ତି । ସେ ଜଣେ ସଫଳ ଅନୁବାଦକ ଓ କବି; ଏହା "ଦେବଭୂମି ନରସିଂହପୁର" ପୁସ୍ତକର ୩୨ ପୃଷ୍ଠାରେ ସୂଚାଇ ଦିଆଯାଇଛି । ଏହି "ନରସିଂହପୁର ଝୁରେ" କବିତା ସଂକଳନରେ "ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ" ଶୀର୍ଷକ କବିତାରେ ଆକାଶରେ ଥିବା ସତାଇଶ ନକ୍ଷତ୍ରଙ୍କ ମହାନତା ହୃଦୟଙ୍ଗମ କରି ନରସିଂହପୁରର ସ୍ୱର୍ଗତ ୨୭ ଜଣ ପ୍ରତିଭାଶାଳୀ କୃତି ସନ୍ତାନ ମାନଙ୍କୁ ଅରାଟ ଗଗନର ଏକ ଏକ ଉଜ୍ଜ୍ୱଳ ନକ୍ଷତ୍ର ମନେ କରି ତଥା ସେମାନଙ୍କର କୃତିରାଜିକୁ ସ୍ମରଣ କରି କରୁଣ 'ମଙ୍ଗଳ ଗୁଞ୍ଜରୀ' ରାଗରେ ମିଟଂ ଚ ସାରଂଚ ବଟୋହି ବ୍ୟାଘ୍ରିତା ନ୍ୟାୟରେ ତାହା ପ୍ରକାଶ କରିଛନ୍ତି । କ୍ରମାନ୍ୱୟରେ ସେହି ଶୂରୀବୃନ୍ଦ ହେଲେ-

ପଣ୍ଡିତ ପ୍ରବର ପୁରୁଷୋତ୍ତମ ମିଶ୍ର (ହରିଚନ୍ଦନପୁର ଶାସନ), ପଣ୍ଡିତ ଭାଗବତ ମିଶ୍ର (କାନପୁର) ପ୍ରବୀଣ ଶିକ୍ଷକ ନିତ୍ୟାନନ୍ଦ ପଣ୍ଡା (ଚମ୍ପେଶ୍ୱର) ଆଦର୍ଶ ଶିକ୍ଷକ ଫକୀର ମୋହନ ପଣ୍ଡା (କରିଲୋ), ନିଷ୍ଠାପର ସ୍କୁଲ ପରିଦର୍ଶକ ଭଗବାନ ମିଶ୍ର (ଓସ୍ତନାରାୟଣୀ ପୁର), କବି ବନମାଳୀ ପଣ୍ଡା(ଅଡ଼େଇଗୁଣ୍ଡି), ଜ୍ୟୋତିଷୀ ରାମଚନ୍ଦ୍ର ନାୟକ(ସାଗର), ଦିବ୍ୟାତ୍ମା ଦାମୋଦର ମହାରଣା(ଚମ୍ପେଶ୍ୱର) ବାବାଜୀ କ୍ଷେତ୍ରବାସୀ(ଖଜୁରିଆ), ଧାର୍ମିକଗୁରୁ ବିଦ୍ୟାଧର ପଟ୍ଟନାୟକ(ପାଇକପଡ଼ା ପାଟଣା), ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପଣ୍ଡିତ ବିଶ୍ୱନାଥ ମିଶ୍ର, (ହରିଚନ୍ଦନପୁର ଶାସନ), ଏକାଧାରାରେ କବି, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାର, ଗବେଷକ, ସଂଗ୍ରାହକ ଓ ଓଡ଼ିଶାରେ ବୁଦ୍ଧ ଦେବଙ୍କର ଜନ୍ମବୋଲି ପ୍ରମାଣ କରିଥିବା ଚକ୍ରଧର

Digitized by PPRACHIN, SOA

ମହାପାତ୍ର(ହରିଚନ୍ଦନପୁର ଶାସନ); ବିଶିଷ୍ଟ ପାଲାଗାୟକ ପଞ୍ଚୁ ମହାପାତ୍ର, (କୋକଳବା) ଗାୟକ ପ୍ରବର ଓ ଆଶୁକବି ଗଙ୍ଗାଧର ରଥ (ସୋଲବନ୍ଧ), ବିଶିଷ୍ଟ ଚିତ୍ର ଓ ମୃଣ୍ମୟ ମୂର୍ତ୍ତିଶିଳ୍ପୀ ନୀଳମଣି ବୈରାଗଞ୍ଜନ, (ନିଜିଗଡ଼) ଦାନବୀର ଖତି ସୁବୁଦ୍ଧି (ଅଚ୍ଛେଇଗୁଣ୍ଡି) , କବିରାଜ ସଦାଶିବ ମିଶ୍ର (କୋକଳବା), ନିରପେକ୍ଷ ନ୍ୟାୟକାର ଆନନ୍ଦ ଚନ୍ଦ୍ର ପଣ୍ଡା, (କରିଲୋ) ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଶହୀଦ ଚକ୍ରଧର ଜେନା (ବାଲିଝରୀ) ତନ୍ତୁବାୟ ସହଯୋଗ ସମିତିର ପ୍ରତିଷ୍ଠାତା ଦୀନବନ୍ଧୁ ପାତ୍ର (ରଙ୍ଗଣୀ ପାଟଣା), ଅପ୍ରତୀଦ୍ୱନ୍ଦ୍ୱୀ କଳାକାର ଫକୀର ମୋହନ ସୁନ୍ଦରାୟ (ବାଲିଝରୀ) ବୀଣାକାର, ପାଲାଗାୟକ ତଥା କବିଭାବେ ସୁପରିଚିତ ଶତ୍ରୁଘ୍ନ ସାମନ୍ତରାୟ (କୋକଳବା), ବୈଠକ ପାଲାଗାୟକ ମୋହନ ପର୍ବତ (ପଦ୍ମମାଳା) ପ୍ରଜାବତ୍ସଳ ନୃପତି ସାଧୁଚରଣ ମାନସିଂହ ହରିଚନ୍ଦନ ମହାପାତ୍ର, ନରସିଂହପୁରର ସଂକ୍ଷିପ୍ତ ବିବରଣୀର ଲେଖିକା ରାଜମାତା ନକ୍ଷତ୍ରମାଳା, ନରସିଂହପୁର ବାସୀଙ୍କୁ ବନ୍ୟା ବିପତ୍ତିରୁ ରକ୍ଷା କରିବା ନିମନ୍ତେ ମାଳବନ୍ଧ ଓ ବାଣେଶ୍ୱର ବନ୍ଧର ନିର୍ମାତା, ଶିକ୍ଷାହିଁ ମଣିଷକୁ ଉଚ୍ଚାସନରେ ଆସୀନ କରିଥାଏ, ଏ ଭାବନା ହୃଦୟଙ୍ଗମ କରିଥିବା ନରସିଂହପୁର୍‌ର ଶେଷରାଜା ରାୟବାହାଦୁର ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ତଥା ସର୍ବଶେଷେରେ ପ୍ରମୀଳା, ସତୀ, ଦୁଃଖିନୀ ଭାରତମାତା, ତରଣୀସେନ, ଶ୍ରୀରାମ ଲୀଳାର ସୁଲେଖିକା କନକ ଲତାଙ୍କୁ ସ୍ମରଣ କରି ଅରାଟ ଜନନୀ ଏମାନଙ୍କ ବିୟୋଗରେ ଝୁରୁଛି ବୋଲି କବି ଇଂ.ବନମାଳୀ ପଣ୍ଡା ସାବଲୀଳ ଭାଷାରେ ତାହା ପ୍ରକାଶ କରିଛନ୍ତି । କରୁଣ ସ୍ୱରରେ କବିତାଟି ପାଠକଙ୍କ ହୃଦୟରେ ଗଭୀର ରେଖାପାତ ହୁଏ । ଏହାର ସତ୍ୟତା ପରୀକ୍ଷା କରି ଦେଖନ୍ତୁ କବି ଇଂ.ବନମାଳୀ ପଣ୍ଡାଙ୍କ ସ୍ୱରଚିତ "ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ" କବିତା ପାଠକରି ।

କାହିଁ ଚାଲିଗଲୁ ସୁତ ମୋ ପୁରୁଷୋତ୍ତମ[୧] !
ବିଦ୍ୱାନ ସମାଜେ ତୁହି ଥିଲୁ ଅନୁପମ ।
ପଣ୍ଡିତ ଭାବରେ ବାବୁ ! ଥିଲୁ ପରିଚିତ,
ଶିକ୍ଷାଲୋକେ କଲୁ ଏହି ଧରା ଆଲୋକିତ ।
ବେଦ-ବେଦାନ୍ତ ଦର୍ଶନ ସହିତ ପୁରାଣ
ସକଳ ଶାସ୍ତ୍ରରେ ଥିଲା ଅଗାଧ ତୋ ଜ୍ଞାନ
ଜ୍ଞାନସିଦ୍ଧ ପୁରୁଷଙ୍କ ସକଳ ଲକ୍ଷଣ
ପୁଞ୍ଜିଭୂତ ହୋଇଥିଲା ତୋହଠାରେ ଧନ !

୧. ପଣ୍ଡିତ ପୁରୁଷୋତ୍ତମ ମିଶ୍ର, ହରିଚନ୍ଦନପୁର ଶାସନ

Digitized by PPRACHIN, SOA

ରାମ୍ ସେ.ଏମ୍.ଭି.ବିଦ୍ୟାଳୟ ପ୍ରଧାନ ପଣ୍ଡିତ
ଆସନକୁ ବହୁବର୍ଷ କଲୁ ବିମଣ୍ଡିତ । ।୧୦।

ନୀତିରେ ନିଜକୁ ଆଗେ କରି ନିୟନ୍ତ୍ରିତ
ଛାତ୍ର ତଥା ଗୁରୁକୁଳେ କରୁ ଶୃଙ୍ଖଳିତ ।
କବିତା "ଜୀବନ ଚିନ୍ତା" ତୋର ଅଧ୍ୟାପନେ
ସଂସାର ଅସାର ବୋଧ କରି ଛାତ୍ର ଜଣେ
ମନରେ ହେବାରୁ ତା'ର ବୈରାଗ୍ୟ ଉଦିତ,
ସନ୍ନ୍ୟାସ ଦୀକ୍ଷାରେ ସେହୁ ହୋଇଛି ଦୀକ୍ଷିତ ।
କିପରି ପ୍ରଭାବଶାଳୀ ତୋ'ର ଶିକ୍ଷାଦାନ,
ଏହାହିଁ ହେଉଛି ତା'ର ଚାକ୍ଷୁଷ ପ୍ରମାଣ ।
ତୋର ଶିଷ୍ୟ, ଉପଶିଷ୍ୟ ବହୁତ ସଂଖ୍ୟାରେ
କରନ୍ତି ସୁଶିକ୍ଷାଦାନ ଦେଶ ବିଦେଶରେ । ।୨୦।
ତୋ'ପରି ତତ୍ତ୍ୱ-ଦରଶୀ ପଣ୍ଡିତ ପ୍ରବର
ଥିଲେ ଅବା ଥିବେ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।
ସୁଯୋଗ୍ୟ କୁମର ମୋର ପ୍ରିୟ ଭାଗବତ [୨]
ଭାଗବତ ପରି ତୋର କୀରତି ଶାଶ୍ୱତ ।
ପଣ୍ଡିତ ପଣରେ ଦକ୍ଷ କରମେ ତତ୍ପର
ପ୍ରବୀଣ ଶିକ୍ଷକ ଭାବେ ତୋ'ନାମ ଅମର ।
ଜ୍ଞାନର ତୁ ଥିଲୁ ମୂର୍ତ୍ତି ମନ୍ତ ଅବତାର
ଲାଭ କରିଥିଲୁ ଅବା ଭାରତୀ ଭଣ୍ଡାର ।
ସ୍ମରଣ ଶକତି ତୋର ଅତୀବ ଶାଣିତ,
'ଜୀବନ୍ତ ପୁସ୍ତକାଗାର' ରୂପେ ତୁ ବିଦିତ । ।୩୦।

ଜ୍ଞାନ ଆହରଣେ ତଥା ଜ୍ଞାନ ବିତରଣେ
ଗଭୀର ଭାବରେ ତୋଷ ଲଭୁଥିଲୁ ମନେ ।
ସରଳ ଜୀବନ ସହ ସମୁଚ୍ଚ ଚିନ୍ତନ
ଏ ଦୁଇଟି ବ୍ରତରୂପେ କରିଛୁ ପାଳନ
ପୂର୍ବ ପୁଣ୍ୟଫଳେ ତୋତେ ଲଭିଥିଲି ଧନ
ତୋହର ଲାଗି ନିଜକୁ ମଣୁଅଛି ଧନ୍ୟ ।

୨. ପଣ୍ଡିତ ଭାଗବତ ମିଶ୍ର, କାନପୁର

Digitized by PPRACHIN, SOA

କାହିଁ ଚାଲିଗଲୁ ପ୍ରିୟ	ପୁତ୍ର ନିତ୍ୟାନନ୍ଦ [୩]
ଦେଇ ମୋର ମନେ ବାବୁ	ଦାରୁଣ ବିଷାଦ ।
ପ୍ରାଥମିକ ଶିକ୍ଷାକ୍ଷେତ୍ରେ	ତୋହର ସୁନାମ
ମନେ ରଖିଥିବ ଚିର	କାଳ ଏହି ଧାମ ।	।୪୦।

ପ୍ରଥମେ ନିଜକୁ ମଣି	ଶିଶୁ ମଧ୍ୟେ ଜଣେ
ସଦ୍‌ଭାବ ସ୍ଥାପନ କରୁ	ସେମାନଙ୍କ ମନେ ।
ହୃଦୟରେ ଭରି ସ୍ନେହ	ବାତ୍ସଲ୍ୟ ମମତା
ଶିଶୁମନେ ସୃଷ୍ଟିକରୁ	ତୁହି ନିର୍ଭୀକତା ।
ତୋ' ମତରେ ଶିଶୁ ହେଲେ	ଗୁରୁ ପ୍ରତି ଭୀତ,
ଯଥାର୍ଥ ଶିକ୍ଷାଲାଭୁଁ ସେ	ହୋଇବ ବଞ୍ଚିତ ।
ତୋ'ପରି ଶିକ୍ଷକ ପ୍ରାଥ-	ମିକ ଶିକ୍ଷାସ୍ତରେ
ମିଳିବା ଦୁର୍ଲ୍ଲଭ ବାବୁ !	ଆଜିର ଯୁଗରେ ।
ରେ ପ୍ରିୟ ନନ୍ଦନ ମୋର	ଫକୀର ମୋହନ [୪]
ତୁହି ଚାଲିଗଲା ଦିନୁ	ଅଥୟ ମୋ ମନ ।	।୫୦।

ବିଦ୍ୟାର୍ଥୀଗଣଙ୍କ ମଧ୍ୟେ	ତୁହି ଥିଲୁ ରତ୍ନ
ବିଦ୍ୟା ଆହରଣେ ସଦା	କରୁଥିଲୁ ଯତ୍ନ ।
ଦେଖିବା ପୂର୍ବରୁ ତୋର	ଗଣିତ ଉତ୍ତର,
ଭାଗବତ ଦେଇ ଶହେ	ଶହେରୁ ନମ୍ବର ।
ଏହା ପରେ କରେ ତୋର	ଖାତା ମୂଲ୍ୟାଙ୍କନ
ପ୍ରତିଥର ଶତକଡ଼ା	ଶହେ ପାଉ ଧନ ।
ଧନ୍ୟ ଗୁରୁ ! ଧନ୍ୟ ଛାତ୍ର !	ପ୍ରଭା ଅପ୍ରମେୟ
ଏହାଙ୍କ ପ୍ରସାର ହେଉ	ସମାଜର ଧ୍ୟେୟ ।
ପ୍ରାଥମିକ ବିଦ୍ୟାଳୟେ	ଅନେକ ବରଷ
ପ୍ରବୀଣ ଶିକ୍ଷକ ଭାବେ	ଲଭିଅଛୁ ଯଶ	।୬୦।

୩. ନିତ୍ୟାନନ୍ଦ ପଣ୍ଡା, ଟଂପେଶ୍ୱର ।
୪. ଫକୀର ମୋହନ ପଣ୍ଡା, କରିଲୋ

Digitized by PPRACHIN, SOA

କୋମଳମତି ଶିଶୁଙ୍କୁ ବୁଝାଇ ସୁଝାଇ
ଶିକ୍ଷାଦାନ କରୁ ତାଙ୍କୁ ହସାଇ ଖେଳାଇ ।
ସଦାଚାରୀ ହୋଇ ଶିକ୍ଷା ଦେଉ ସଦାଚାର
ଏଣୁ ତୋ'ର ଶିକ୍ଷା ଶିଶୁ- ପ୍ରତି ବଜ୍ରଗାର ।
ନିତ୍ୟାନନ୍ଦ ସଙ୍ଗେ ଧନ ତୋହର ମିଳନ
ହୋଇଛି ସଂଯୋଗ ମଣି ସହିତ କାଞ୍ଚନ ।
ଦୁହେଁ ମିଳି କରୁଥିଲ ଯହିଁ ବିଦ୍ୟାଦାନ
ବୃତ୍ତିଲାଭ କରୁଥିଲା ସେହି ଅନୁଷ୍ଠାନ ।
ତୋ'ପରି ପ୍ରତିଭାଧର କର୍ମଯୋଗୀ ଆଉ
ଦେଖିବା ସ୍ୱପ୍ନ, ପାଇବା ପଛକୁହିଁ ଥାଉ । ।୭୦।

କାହିଁ ଚାଲିଗଲୁ ପ୍ରିୟ ସୁତ ଭଗବାନ [୫] !
ଶିକ୍ଷାଦାନରେ ବିପୁଳ ତୋର ଅବଦାନ ।
ପରିଦର୍ଶନ କରି ତୁ ବିଦ୍ୟାଳୟ ମାନ
ସମୃଦ୍ଧ କଲୁ ଏ ରାଜ୍ୟେ ସୁଶିକ୍ଷାର ମାନ ।
'ଶିକ୍ଷକ' ସହିତ 'ଶିକ୍ଷା' 'ଶିକ୍ଷା ଆୟତନ'
ଏତ୍ରୟ ମଧ୍ୟେ କରିଛୁ ମଧୁର ମିଳନ ।
ବିଦ୍ୟାଳୟେ ଗୁରୁ ବର୍ଗ କରି ଅବସ୍ଥାନ
କରୁଥିଲେ ନିଷ୍ଠାପର- ଭାବେ ଶିକ୍ଷାଦାନ ।
ତୋହର ନିର୍ଦ୍ଦେଶେ ପ୍ରତି ବିଦ୍ୟା ନିକେତନ
ଫଳେ, ପୁଷ୍ପେ ହେଉଥିଲା ସଦା ସୁଶୋଭନ । ।୮୦।

ତୋ' ପରି ଆଦର୍ଶ ଶିକ୍ଷା ନିରୀକ୍ଷକ ଜଣେ,
ଅଦ୍ୟାବଧି ପଡ଼ି ନାହିଁ ମୋହର ନୟନେ ।
କାହିଁ ଚାଲିଗଲୁ ପ୍ରିୟ ସୁତ ବନମାଳୀ [୬]
ତୁହି ଥିଲୁ ବାବୁ ! ମୋର ନୟନ-ସ ଖାଳୀ ।
ଚମ୍ପାନାଥ ପାଠେ ଲଭି ଗଣେଶଙ୍କ ବର
କବିତ୍ୱ ଉଦୟ ହେଲା ହୃଦୟେ ତୋହର ।

୫. ଭଗବାନ ମିଶ୍ର, ଓଡ଼ନାରାୟଣୀପୁର ଶାସନ
୬. ବନମାଳୀ ପଣ୍ଡା, ଅଢ଼େଇ ଗୁଣ୍ଡି

Digitized by PPRACHIN, SOA

ରଚନା କରି ଯାଉଛୁ ରାଶି ରାଶି ଗୀତ
ଦଣ୍ଡନାଚେ ଯାହା ଏବେ ହେଉଅଛି ଗୀତ ।
'ଆପୁଲି ବିଟାରେ ଆପୁ ହୁଅନ୍ତା ପର୍ବତ,
ନଦୀର ବାଲି ଚାଉଳ ଖାଉଥାନ୍ତୁ ଭାତ ।୯୦।

ଏପରି ରସାଳ ତୋର କବିତା ସମ୍ଭାର
ସମୃଦ୍ଧ ଯା'କରେ ବୀଣା- ପାଣିଙ୍କ ଭଣ୍ଡାର ।
କାହିଁଗଲୁ ରାମଚନ୍ଦ୍ର [୭] ! ଜ୍ୟୋତିଷୀ ପ୍ରବର
ନିର୍ଭୁଲ ଥିଲାରେ ବାବୁ ! ଗଣନା ...ହର ।
ରଚନା କରିଛୁ ନୃତ୍ୟ ନାଟିକା, ସଙ୍ଗୀତ
ଦଣ୍ଡନାଚେ ଯାହା ସବୁ ହୁଏ ଅଭିନୀତ ।
କାହିଁଗଲୁ ଦାମୋଦର [୮] ! ପ୍ରିୟ ସୃତ ମୋର
ସାହିତ୍ୟ ପ୍ରତି ଗଭୀର ପ୍ରୀତି ଥିଲା ତୋର ।
ଶାଶ୍ୱତ କୀରତି ତୋର 'ନୀତି ରତ୍ନହାର'
ବାଣୀକଣ୍ଠେ ଚିର ଜ୍ୟୋତି ର୍ମୟୀ ଦୀପ୍ତି ଯା'ର । ।୧୦୦।

କାହିଁ ଚାଲିଗଲୁ ପ୍ରିୟ ପୁତ୍ର କ୍ଷେତ୍ରବାସୀ [୯]
ଲେଖିଛୁ କବିତାବଳୀ ଭକ୍ତିରସେ ଭାସି ।
ଦଣ୍ଡନାଚେ ସେ ସବୁର ହୁଅଇ ପ୍ରଚାର
ଯାହା ଦିଏ ଶ୍ରୋତା ଚିତ୍ତେ ଆନନ୍ଦ ଅପାର ।
କାହିଁ ଚାଲିଗଲୁ ମୋର ଧନ ବିଦ୍ୟାଧର ! [୧୦]
ଲେଖିଛୁ ଭୂଗୋଳ ଇତି- ହାସ ମୋ ପୁରର ।
କାହିଁ ଚାଲିଗଲୁ ପ୍ରିୟ ପୁତ୍ର ବିଶ୍ୱନାଥ ! [୧୧]
କାଳଜୟୀ ଗ୍ରନ୍ଥ ତୋ'ର 'ପେଟ' ତଥା ଭାତ ।
ଓଡ଼ିଆ ସାହିତ୍ୟ ଏକା- ଡେମୀ ପୁରସ୍କାର
ଲଭିଛି ପୁସ୍ତକ 'ପେଟ' ବାବୁରେ ! ତୋହର । ।୧୧୦।

କାହିଁଗଲୁ ବରପୁତ୍ର ମୋର ଚକ୍ରଧର [୧୨]
ଓଡ଼ିଆ ସାହିତ୍ୟ କ୍ଷେତ୍ର ତୋ କୀର୍ତ୍ତି ଅମର ।
ଶୁଭକ୍ଷଣେ ଲଭିଥିଲୁ ଜନମ କୁମର
ଉତ୍କଳ ସାହିତ୍ୟାକାଶେ ତୋ ଜ୍ୟୋତି ପ୍ରଖର ।

୭. ରାମଚନ୍ଦ୍ର ନାୟକ, ସାଗର
୮. ଦାମୋଦର ମହାରଣା, ଚମ୍ପେଶ୍ୱର
୯. ବାବାଜୀ କ୍ଷେତ୍ରବାସୀ, ଖଜୁରିଆ
୧୦. ବିଦ୍ୟାଧର ପଟ୍ଟନାୟକ, ନିଜି ଗଡ଼
୧୧. ପଣ୍ଡିତ ବିଶ୍ୱନାଥ ମିଶ୍ର, ହରିଚନ୍ଦନପୁର
୧୨. ଚକ୍ରଧର ମହାପାତ୍ର, ହରିଚନ୍ଦନପୁର

Digitized by PPRACHIN, SOA

ଲେଖିଛୁ କାବ୍ୟ, କବିତା   ଗଳପ, ନାଟକ
ଜୀବନୀ, ପ୍ରବନ୍ଧମାଳା-   ସମୀକ୍ଷା ମୂଳକ,
ଗବେଷଣାତ୍ମକ ଇତି-   ହାସ ବିବରଣୀ
ଗୀତିନାଟ୍ୟ ସହ ପୂର୍ବ   କଳିଙ୍ଗ କାହାଣୀ।
'ଉତ୍କଳ ଗାଉଁଲି ଗୀତ'   ତୋରସଂକଳିତ
ଭାରତୀ ଭଣ୍ଡାରେ ରତ୍ନ   ରୂପେ ବିବେଚିତ

ସ୍ୱୀକାର କରି କଠିନ   ଶ୍ରମ ଆରେ ଧନ !
'ଯଦୁମଣି ଗ୍ରନ୍ଥାବଳୀ'   କଲୁ ସଂକଳନ।
ସାହିତ୍ୟ ସାଧନେ ରତ   ଥିଲୁ ନିରନ୍ତର
ଲେଖନୀ ଚାଳନେ ତୋ'ର   ନାହିଁ ପଟାନ୍ତର।
ଅଣାଅଣୀ ଗୋଟି ତୋ'ର   ପୁସ୍ତକ ରଚିତ
ତହିଁରୁ ବତିଶ ଖଣ୍ଡ   ମାତ୍ର ପ୍ରକାଶିତ।
ଅନ୍ୟ ଗ୍ରନ୍ଥମାନ ଯଦି   ହୁଅନ୍ତା ପ୍ରକାଶ
ଓଡ଼ିଆ ସାହିତ୍ୟ ଲାଭ   କରନ୍ତା ବିକାଶ।
ତୋ'ପରି ସାହିତ୍ୟ ରଥୀ   ଇଭି ଆରେ ସୃତ
କେବଳ ଅରାଟ ନୁହେଁ   ଉତ୍କଳ ହିଁ ପୂତ

କାହିଁ ଚାଲିଗଲୁ ପଞ୍ଚୁ[୧୩]!   ମୋର ଗଣିଧନ !
କେବେ ଭୂଲି ପାରୁ ନାହିଁ   ତୋ' ପାଲା ଗାୟନ।
ସଂଧ୍ୟାରୁ ସକାଳ ଯାଏ   ପାଲା ଗାନ କରି
ଶ୍ରୋତା ମଣ୍ଡଳିକୁ ବଶ   କରୁ ମନ୍ତ୍ର ପରି।
ଏହିପରି ଷୋଳ ରାତି   ପାଲା କରୁ ତୁହି
ଆଜିର ପଦକୁ ପରେ   କେବେ ହେଁ ନ ଗାଇ।
ପ୍ରାଚୀନ ସାହିତ୍ୟେ ଥିଲା   ଦଖଲ ତୋହର
ବିଚିତ୍ର ଭାବରେ କରୁ   ଅର୍ଥ ଅର୍ଥାନ୍ତର।
ଛନ୍ଦ, ଚଉପଦୀ ସହ   ନାନା ନୀତି ବାଣୀ
ବୋଲୁ ଢଗ, କହୁ ବହୁ   ମନୋଜ୍ଞ କାହାଣୀ।

୧୩. ବିଶିଷ୍ଟ ପାଲାଗାୟକ ପଞ୍ଚୁ ମହାପାତ୍ର ,କୋକଲବା

Digitized by PPRACHIN, SOA

ଅତି ଚମତ୍କାର ବାବୁ ! ତୋର ତାନମାନ
ଅପୂର୍ବ ତୋ ଗିନି ସହ ଚାମର ଚାଳନ ।
ପାଲା ମାଧ୍ୟମେ ଓଡ଼ିଆ ସାହିତ୍ୟ ପ୍ରସାର,
କରିଛୁ ଯେପରି ନାହିଁ ତୁଳନା ତାହାର ।
ହୋଇଛୁ ଭୂଷିତ ସୁତ ! ପଦ 'ମହାପାତ୍ର'
ଶତାଧିକ ପାଲାଦଳ ତୋ'ର ଶିକ୍ଷାପ୍ରାପ୍ତ ।
କାହିଁ ଚାଲିଗଲୁ ମୋର ପୁତ୍ର ଗଙ୍ଗାଧର [୧୪]
ଲଭିଥିଲୁ ବାବୁ ! ତୁହି କୋକିଳର ସ୍ୱର ।
ଗୀତ, ନୃତ୍ୟ ଅଭିନୟେ ତୋ କୃତି ଅମିତ
ଦର୍ଶକ ମାନଙ୍କୁ କରୁ ଥିଲୁ ବିମୋହିତ । ।୧୫୦।

ପାଲାକାର ଭାବେ ଧନ ! ଲଭିଥିଛୁ ଯଶ
ଅନେକ ବାଦୀ ପାଲାରେ ନେଇଅଛୁ ଅଂଶ ।
ଆଶୁକବି ଭାବେ ତୁହି ଲଭିଛୁ ସୁନାମ
ନାନାରାଗେ ଆଶୁଗୀତ କରିପାରୁ ଗାନ ।
କାହିଁ ଗଲୁ ନୀଳମଣି ! [୧୫] ମୋ ପ୍ରିୟ ନନ୍ଦନ,
ତୂଳୀରେ ମଂଜୁଳୁ ଚଂଦ୍ର କରୁ ତୁ ଅଙ୍କନ ।
ମୃଣ୍ମୟ ମୂର୍ତ୍ତି ଗଠନେ ଥିଲୁ ତ ଅନନ୍ୟ
ଲଭିଛୁ ଉପାଧି ବାବୁ ! 'ବଇରି ଗଞ୍ଜନ' ।
କାହିଁ ଚାଲିଗଲୁ ମୋର ପ୍ରିୟସୁତ ଖଡି ! [୧୬]
'ରାଧା ମୋହନ' ମନ୍ଦିର ତୋ' ବଡ଼ କୀରତି । ।୧୬୦।

ମନ୍ଦିର ପ୍ରତିଷ୍ଠାକାଳେ ବରି ନୃପବରେ
ଯେଉଁ ଉପହାର ଦେଲୁ ତାଙ୍କୁ ହରଷରେ,
ନୃପତିଙ୍କ ହସ୍ତୀ ତାହା ନ ପାରିଲା ବହି
ତୋହର ଦାତାପଣକୁ କେ ପାରିବ କହି ?
ମନ୍ଦିରକୁ ନେଇ ପୁତ୍ର ପୁତ୍ରବଧୂ ଗଣେ
ସେମାନଙ୍କୁ ସତ୍ୟ କରା- ଇଲୁ ଜଣେ ଜଣେ;

୧୪. ଗଙ୍ଗାଧର ରଥ, ସୋଲବନ୍ଧ
୧୫. ବିଶିଷ୍ଟ ଚିତ୍ର ଓ ମୃଣ୍ମୟ ଶିଳ୍ପୀ ନୀଳମଣି ବୈରୀ-ଗଂଜନ, ନିଜିଗଡ଼
୧୬. ଖଡି ସୁବୁଦ୍ଧି, ରଙ୍ଗଣୀ ପାଟଣା

Digitized by PPRACHIN, SOA

ଯେପରି ତୋ ବଂଶୁ କେହି   ନ କହୁ ଭାରତୀ-
''ଏହି ଦେବାଳୟ ଆମ   ବଂଶର କୀରତି''।
କିପରି ବିପୁଳ ଥିଲା   ତୋହର ବିଭୂତି
ପ୍ରମାଣିତ କରେ ଆଦି   ଏହି ଜନଶ୍ରୁତି।   ।୧୭।

କାହିଁ ଗଲୁ ସଦାଶିବ[୧୭]   ମୋ ପ୍ରିୟ ସନ୍ତାନ
କବିରାଜି ପଣେ ବାବୁ   ତୋ ଯଶ ମହାନ।
ଔଷଧ ପ୍ରସ୍ତୁତ କରୁ   ଜଗି ଭାଗ-ମାପ
ଭୃଙ୍ଗରାଜ ତୈଳ ଲାଗି   ତୋ ଖ୍ୟାତି ଅମାପ।
ପ୍ରବୀଣ ଥିଲୁରେ ଧନ ।   ରୋଗ ନିରୂପଣେ
ସୁନାମ ଲଭିଛୁ ରୋଗୀ   ଆରୋଗ୍ୟ କରଣେ ।

କାହିଁ ଚାଲିଗଲୁ ମୋର   ତନୟ ଆନନ୍ଦ[୧୮]
ଦେଇ ମୋର ହୃଦେ ବାବୁ।   ଘୋର ନିରାନନ୍ଦ।
ଏ ପୁରେ ତୁ ଥିଲୁ ଜଣେ   ବିଜ୍ଞ ନ୍ୟାୟକାର
ନିରପେକ୍ଷ ଭାବେ କରୁ   ନ୍ୟାୟର ବିଚାର।   ।୧୮।
କାହିଁଗଲୁ ଚକ୍ରଧର।[୧୯]   ମୋର ପ୍ରିୟ ଧନ
ସ୍ୱାଧୀନତା ସଂଗ୍ରାମେ ତୁ   ଥିଲୁ ଅଗ୍ରଗଣ୍ୟ।
ଦେଶହିତ ଲାଗି କଲୁ   ପ୍ରାଣ ବିସର୍ଜନ
ଶହୀଦ ଭାବରେ ଯଶ   ରଖିଅଛୁ ଧନ।
କାହିଁ ଗଲୁ ଦୀନବନ୍ଧୁ[୨୦]   ମୋ ଯୋଗ୍ୟ ନନ୍ଦନ,
ବସ୍ତ୍ର ବୟନେ ସୃଜିଲୁ   ନବ ଜାଗରଣ ।

ବୁଣାକାର ସମାଜକୁ   କରି ଏକତ୍ରିତ
ସମବାୟ ସମିତି ତୁ   କଲୁ ପ୍ରତିଷ୍ଠିତ।
କାହିଁ ଗଲୁରେ ଫକୀର[୨୧]   ମୋ ପ୍ରିୟ ତନୟ
ହରାଇଲି ତୋର ପରି   ବୀଣାକାର ହାୟ ।   ।୧୯।

୧୭. ବିଶିଷ୍ଟ କବିରାଜ ସଦାଶିବ ମିଶ୍ର, କୋଙ୍କଳଦା,
୧୮. ଆନନ୍ଦ ଚନ୍ଦ୍ର ପଣ୍ଡା, କରିଲୋ   ୧୯. ଚକ୍ରଧର ଜେନା, ବାଲିଝରୀ
୨୦. ଦୀନବନ୍ଧୁ ପାତ୍ର, ରଙ୍ଗଣୀ ପାଟଣା   ୨୧. ଫକୀର ସୁନ୍ଦରରାୟ, ବାଲିଝରୀ

Digitized by PPRACHIN, SOA

ବିଜୟ ଲଭିଛୁ କରି ବହୁସ୍ଥାନେ ବାଦି
'ସୁନ୍ଦ - ରାୟ' ଅଟଇ ତୋହର ଉପାଧି ।
କାହିଁ ଚାଲିଗଲୁ ପ୍ରିୟ ସୁତ ଶତ୍ରୁଘନ ! ''
ବୀଣାକାର ଭାବେ ଖ୍ୟାତି ଲଭିଥିଲୁ ଧନ ।
'ସାମନ୍ତରାୟ' ପଦରେ ହୋଇଛୁ ଭୂଷିତ
ଦକ୍ଷ ପାଲାକାର ଭାବେ ତୁହି ପରିଚିତ ।

କାହିଁ ଚାଲିଗଲୁ ପ୍ରିୟ ମୋ ପୁତ୍ର ମୋହନ[23]
ବୈଠକ ପାଲାରେ ନାମ ରଖିଛୁ ନନ୍ଦନ ।
ସମଗ୍ର ଷୋହଳ ପାଲା ମୁଖସ୍ଥ ତୋହର
ଏକା ଏକା ବୋଲୁ ଗୀତ ତୋଳି ନାନାସ୍ୱର । ।୨୦୦।
କାହିଁ ଚାଲିଗଲୁ ସୁତ ମୋ ସାଧୁଚରଣ[24]
ପୁତ୍ର ସମ କରୁଥିଲୁ ପରଜା ପାଳନ ।
ନୂତନ ଚିକିତ୍ସାଳୟ ରଚି ଏ ରାଜ୍ୟରେ
ନାମ ରଖିଅଛୁ ବାବୁ ! ସୁବର୍ଣ୍ଣ ଅକ୍ଷରେ ।
ମୋ ନକ୍ଷତ୍ରମାଳା ! [25] କାହିଁ ଗଲୁ ମୋ ବିଦୂଷି !
ବ୍ରଜସୁନ୍ଦରଙ୍କ ଥିଲୁ ତୁ ପଟ୍ଟ-ମହିଷୀ ।

ସଂକ୍ଷେପ ଭାବରେ ଏହି ପୁର ବିବରଣୀ
ଗୀତେ ଲେଖିବାରେ ଥିଲୁ ତୁହି ମା ! ଅଗ୍ରଣୀ ।
କାହିଁ ଚାଲିଗଲୁ ପ୍ରିୟ କୁମର ଅନନ୍ତ ! [26]
ତୋର ସଦ୍‌ଗୁଣାବଳୀର ନାହିଁ ବାବୁ ଅନ୍ତ । ।୨୧୦।
ସିଂହାସନେ ଥିଲୁ ନୃପ ରୂପେ ଅଭିଷିକ୍ତ
'ରାଜମଦ' ଠାରୁ ମାତ୍ର ଥିଲୁ ସଦା ମୁକ୍ତ ।
ଅନ୍ୟର ସଦ୍‌ଗୁଣ ସହ ସ୍ୱଦୋଷ-ଦର୍ଶନ
କରିବାରେ ବ୍ରତୀଥିଲୁ ରେ ପ୍ରିୟ ନନ୍ଦନ ।
ଥିଲୁ ସାହସୀ, ପବିତ୍ର, ଧର୍ମଶୀଳ, ଜ୍ଞାନୀ
ରଘୁକୁଳ ରୀତିରେ ତୁ କହୁ ସତ୍ୟ ବାଣୀ ।

୨୨. ଶତ୍ରୁଘ୍ନ ସାମନ୍ତରାୟ, କୋକଳବା
୨୩. ମୋହନ ପର୍ବତ, ପଦାମାଳ
୨୪. ରାଜା ସାଧୁଚରଣ ମାନସିଂହ
୨୫. ରାଜମାତା ନକ୍ଷତ୍ରମାଳା
୨୬. ନରସିଂହପୁରର ଶେଷରାଜା ରାୟବାହାଦୁର ଅନନ୍ତ ନାରାୟଣ ହରିଚନ୍ଦନ ମହାପାତ୍ର ।

Digitized by PPRACHIN, SOA

ଦାନ, ଦୟା ଆଦିଗୁଣେ ଥିଲୁ ବିଭୂଷିତ
କ୍ରୋଧ କରି ନ ପାରେ ତୋ ନେତ୍ର ଅରୁଣିତ ।
ଧର୍ମ ମାର୍ଗ ଅନୁସରି ପାଳୁଥିଲୁ ପ୍ରଜା
ତୋ ବିଚାରେ ପ୍ରଜାଙ୍କର ସେବକ ହିଁ ରାଜା । ।୨୨୦।
ପରଜା ରଂଜନେ ରତ ଥିଲୁ ନିରନ୍ତର
କାନ୍ଦୁଥିଲା ସେମାନଙ୍କ ଦୁଃଖେ ତୋ ଅନ୍ତର ।
କରୁଥିଲୁ ଜ୍ଞାନୀ, ଗୁଣୀ- ଜନେ ସମାଦର
ସାଧୁ ସନ୍ଥ ପ୍ରତି ମୁକ୍ତ ଥିଲା ତୋର ଦ୍ୱାର ।
ଜନତା ସେବାରେ ତୋର କୀରତି ଭାସ୍ୱର
ତହିଁ ମଧ୍ୟେ ଅଗ୍ରଗଣ୍ୟ ବନ୍ଧ ବାଣେଶ୍ୱର ।

ବନ୍ୟା ନିୟନ୍ତ୍ରଣେ ମାଳ- ବନ୍ଧର ନିର୍ମାଣ
ଅପୂର୍ଣ୍ଣ ଅଂଶକୁ ତୁହି କରିଛୁ ପୂରଣ ।
ପଦ୍ମେଶ୍ୱର ଦେବାଳୟ ରଚି ବାଣେଶ୍ୱରେ
ସ୍ଥାପନ କରିଛୁ ପଞ୍ଚ ଲିଙ୍ଗ ଭକ୍ତିଭରେ । ।୨୩୦।
ପ୍ରତିଷ୍ଠା କରି ଏପୁରେ ଉଚ୍ଚ ବିଦ୍ୟାଳୟ
ଲଭିଅଛୁ ଯଶ ଯା'ର ନାହିଁ କେବେ କ୍ଷୟ ।
ଶିକ୍ଷାକ୍ଷେତ୍ରେ ଆଣିଅଛୁ ତୁମୁଳ ବିପ୍ଳବ
ତେଣୁ ଏହି ପୁରେ ଚାରି କଲେଜ ସମ୍ଭବ ।
ଶିଳ୍ପ କେନ୍ଦ୍ର କରି ଏହି ରାଜ୍ୟରେ ସ୍ଥାପନ
ଶିଳ୍ପକ୍ଷେତ୍ରେ ସୃଷ୍ଟିକଲୁ ନବଜାଗରଣ ।

କୃଷି ଉତ୍ପାଦନେ ତୁହି ଥିଲୁ ବିଶାରଦ
ତୋର ଆଚରିତ କୃଷି ଥିଲା ଶିକ୍ଷାପ୍ରଦ ।
ବିଭିନ୍ନ ସ୍ଥାନରେ କରି ସ୍ଥାପନ ଖମାର
କୃଷି ଗବେଷଣାର ତୁ କରିଛୁ ପ୍ରସାର । ।୨୪୦।

Digitized by PPRACHIN, SOA

ସରକାର ହେଲେ ତୋର   କୃଷି କର୍ମେ ପ୍ରୀତ
'ରାୟ ବାହାଦୂର' ପଦେ   ତୁ ହେଲୁ ଭୂଷିତ ।
ରଥଯାତ୍ରା, ଦଶହରା   ଦୋଳ ପର୍ବ ମାନ,
ମହା ସମାରୋହେ କଲୁ   ଏପୁରେ ପାଳନ ।
ଲୋକନୃତ୍ୟ, ପାଲାଆଦି   କରି ଉତ୍ସାହିତ
ରାଜ୍ୟର ଧର୍ମ ସଂସ୍କୃତି   କଲୁ ବିବର୍ଦ୍ଧିତ ।

ତୋ ଶାସନ କାଳେ ମଠ   ମନ୍ଦିରାଦି ପାଠ
ହେଉଥିଲା ଯଥାବିଧି   ସୁପରି-ଚାଳିତ ।
ଗ୍ରାମେ ଗ୍ରାମେ ପାଠ ହେଉ-   ଥିଲା ଭାଗବତ
ଧର୍ମ ଧାରଣାକୁ ଯାହା   କରଇ ଜାଗ୍ରତ ।
ହରାଇ ତୋ'ପରି ଗୁଣୀ   ଯଶସ୍ୱୀ ନନ୍ଦନ
ଥୟ ହୋଇପାରେ କେବେ   ଜନନୀର ମନ ?
ଭସ୍ମୀଭୂତ ଏବେ ତୋର   ମାଟି କଳେବର
ମାତୃ ଯଶୋଦେହେ ବାବୁ !   ତୁ ଅଛୁ ଅମର ।
କାହିଁ ଚାଲିଗଲୁ ପୁତ୍ରି !   ମୋ କନକ-ଲତା [୨୭]
କାବ୍ୟ ଶାସ୍ତ୍ରାନୁଶୀଳନେ   ଥିଲା ତୋ ମମତା ।

ସାହିତ୍ୟ ସାଧନା ପ୍ରତି   ଥିଲା ତୋର ପ୍ରୀତି,
ପ୍ରମୀଳା, 'ଦୁଃଖିନୀ', 'ସତୀ'   ଏ ଆଦି ତୋ କୃତି ।
ରାମରସେ ନିମଗନ   ଥିଲା ତୋର ଚିତ୍ତ
ଶ୍ରୀରାମ ଲୀଳା ନାଟକ   କରିଛୁ ରଚିତ ।
ଏ ପୁରେ 'କନକଲତା   ପ୍ରସୂତି ଭବନ'
ଅଦ୍ୟାବଧି କରୁଅଛି   ତୋ ଗୁଣ କୀର୍ତ୍ତନ ।
ଜନମ ହୋଇଲେ ପ୍ରାଣୀ   ଲଭଇ ମରଣ
ଏକଥା ହେଲେ ହେଁ ସ୍ଥିର   ସତ୍ୟ ସନାତନ ।
ତଥାପି ନ ବୁଝେ ମୋର   ଏ ଅବୁଝା ମନ
ଦୁଃଖ ତମିସ୍ରାରେ ତାହା   ହୋଇଛି ଆଚ୍ଛନ୍ନ ।

x x x x x

ଏ ପରି ସ୍ମରି ପୂର୍ବ   ଶୂରୀଙ୍କ କରଣି
ଶୋକାକୁଳେ ଝୁରେ ଆଜି   ଅରାଟ ଜନନୀ ।

୨୭. ନରସିଂହପୁର ଶେଷ ପଟ୍ଟମହିଷୀ କନକଲତା ଦେବୀ ।

Digitized by PPRACHIN, SOA

ମାତୃ ବିୟୋଗେ

ପଣ୍ଡିତ ଲୋକନାଥ ରଣା

ନରସିଂହପୁରର ଗୋଡ଼ିମାଟି ଯାହାଙ୍କୁ ଜାଣେ, ଯିଏ ଓଡ଼ିଆ ସାହିତ୍ୟାକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷରୂପେ ଦେଦୀପ୍ୟମାନ, ଯିଏ ଏକାଧାରରେ କବି, ଗୀତିକାର, କାବ୍ୟକାର, ପ୍ରାବନ୍ଧିକ, ସମାଲୋଚକ, ଗାଳ୍ପିକ, ନାଟ୍ୟକାର, ଅନୁବାଦକ, ଭାଷ୍ୟକାର, ଅଭିମତ ପ୍ରଦାନକାରୀ, ଜ୍ୟୋତିଷ ପ୍ରବର, ଦାର୍ଶନିକ; ସେହି ପ୍ରଥିତଯଶା ପଣ୍ଡିତ ଲୋକନାଥ ରଣା ନରସିଂହପୁରର ରାଜମାତା, କନିକାରାଜା ରାଜେନ୍ଦ୍ର ଭଞ୍ଜଦେବଙ୍କ କନ୍ୟା, ଅସାମାନ୍ୟା ବିଦୁଷୀ ନାରୀ କବି, ରାଜନୀତି ନିପୁଣା, ସମାଜ ସେବିକା ତଥା ସୁଲେଖିକା କନକଲତାଙ୍କ ବିୟୋଗରେ ୨୩/୨/୮୬ ତାରିଖରେ ନରସିଂହପୁରରେ ଅନୁଷ୍ଠିତ ସାଧାରଣ ଶୋକ ସଭାରେ କନକଲତାଙ୍କ ସମ୍ବନ୍ଧରେ ତାଙ୍କ ବିରଚିତ ''ମାତୃ ବିୟୋଗେ'' କବିତାଟି ପାଠ କରିଥିଲେ ।

ଏହି କବିତାରେ କନକଲତାଙ୍କ କୃତି ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଅଥଚ ସାର ଗର୍ଭକ ଭାବରେ ଉପସ୍ଥାପନା କରିଛନ୍ତି ଖୁବ୍ ସରଳ ତରଳ ମନୋଜ୍ଞ ମଞ୍ଜୁଳ ଭାଷାରେ ।

ଆସନ୍ତୁ ପଣ୍ଡିତ ଲୋକନାଥ ରଣାଙ୍କ ସ୍ୱରଚିତ କବିତା ''ମାତୃ ବିୟୋଗେ'' ପାଠ କରି ୰ରାଜମାତା କନକଲତାଙ୍କ ସମ୍ବନ୍ଧରେ ଅବହିତ ହେବା ଏବଂ ନରସିଂହପୁର କାହିଁକି ତାଙ୍କୁ ଝୁରେ ହୃଦୟଙ୍ଗମ କରିବା ।

(ବଙ୍ଗଶ୍ରୀ)

ଉଣେଇଶ ଛୟା ଅଶୀ ଫେବୃୟାରୀ
ଦ୍ୱିତୀୟ ଦିବସ ଭୋଗେ
କୃଷ୍ଣ ଦୁଇଦିନ ପୁଣ୍ୟ ମାଘ ମାସ
ଶୁକ୍ଳା ପଞ୍ଚମୀ ସଂଯୋଗେ;
କେଉଁ ଦୁରୂ ଯୋଗେ ପାହିଥିଲା ରାତି
ଉତ୍କଳ ଜନନୀ ଭାଗ୍ୟେ
ଲିଭିଗଲା ଦୀପ ଘୋଟିଲା ଅନ୍ଧାର
ଚାହୁଁ ଚାହୁଁ ଚଉଦିଗେ ॥
'ପ୍ରମୀଳା' ତରଣୀ ସେନ' 'ଭାବୋଲ୍ଲାସ'
'ସତୀ' 'ଭକ୍ତି ପୁଷ୍ପାଞ୍ଜଳି'
'ଦୁଃଖିନୀ ଭାରତ ମାତା' ଆଦି କାବ୍ୟ
ରାମ ରସାମୃତାବଳି ॥

Digitized by PPRACHIN, SOA

ଅମର ପୁରୀର ଅମରୀ ପରା ସେ
ସାରି ମରପୁର ଖେଳା
ବାହୁଡ଼ା ବିଜୟ କରି ଚାଲିଗଲେ
ଯହିଁ ବିଭୁ ନିତ୍ୟଲୀଳା ।।
ଓଡ଼ିଆ ସାହିତ୍ୟ ସଂସାରେ ଅମୂଲ୍ୟ
ଶୁଭ୍ର ସାରସ୍ୱତ ସୌଧ
ମାତୃ ମଙ୍ଗଳଦ ପ୍ରସୂତି ଭବନ
ଏ ଆଦି କୀରତି ବୃନ୍ଦ ।।
ଥିବା ଯାଏ ସମୀ- ରଣ, ଚନ୍ଦ୍ର, ସୂର୍ଯ୍ୟ
ଘୋଷୁଥିବ ପୁଣ୍ୟ ନାମ
କୋଟି ଜନତାର ହୃଦୟ ମନ୍ଦିରେ
ରଖିଗଲ ମାଗୋ ସ୍ଥାନ ।
ଉତ୍ତରାୟଣର ଅଫେରନ୍ତା ମାର୍ଗେ
ପୁଣ୍ୟ ମାସ ତିଥି ଦିନେ
କଲ ମାଗୋ ମହା ପ୍ରୟାଣ, ଅଫେରା
ଶାନ୍ତି ମୁକତିର ଧାମେ ।।
ଯାଅ ଗୋ ମା ହେଉ ପରମ ଆତ୍ମାରେ
ତୁମ ପୂତ ଆତ୍ମାଲୀନ
ଆଶିଷ ଦିଅ ମା ତୁମ ଆଦରଶ
ବ୍ୟାପୁ ଏ ବିଶ୍ୱଭୁବନ ।।
ତୁମରି ପାଇଁକି ତୁମ ଲେଖନୀରେ
ଲେଖି ଯାଇଅଛ ନିଜେ
"ନାରାୟଣ ଚନ୍ଦ୍ର ବିଯୋଗ" ପୁସ୍ତିକା
ପୁରତେ ଏବେ ଯା ରାଜେ ।।
(ଆଷାଢ଼ ଶୁକ୍ଳ)

ଛିନ୍ନ ହୋଇଗଲା ତୁମ୍ବୁରୁ ତାର
ହୋଇଲା ସ୍ଥଗିତ ସ୍ୱର ଝଙ୍କାର
ଚଉଦିଗେ ଖେଳି ତା ପ୍ରତିନାଦ
ପ୍ରତିହୃଦେ ଜାତ କଲା ବିଷାଦ
ହରିନେଲା ଧୃତି
ରଖିଗଲା ଜନମାନସେ ସ୍ମୃତି ।।
(ରାଜମାତା)

Digitized by PPRACHIN, SOA

ନରସିଂହପୁର ଝୁରେ

ଶ୍ରୀ ପଦ୍ମଲୋଚନ ସାହୁ

ବହୁ ଅନୁଭୂତି ସମ୍ପନ୍ନ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ, ଶିଶୁ ସାହିତ୍ୟିକ, ତଥା ସମାଜ ସେବକ ପଦ୍ମଲୋଚନ ସାହୁ; ଓଡ଼ିଆ ସାହିତ୍ୟାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ସାହିତ୍ୟ ସାଧକ ଚକ୍ରଧର ମହାପାତ୍ରଙ୍କ ସଂସ୍ପର୍ଶରେ ଆସି ତାଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନା କରିଛନ୍ତି । ସାହିତ୍ୟ ସାଧକ ଚକ୍ରଧର ମହାପାତ୍ର ଅରାଟ ଭୂମିର ଗୌରବ । ସେ ତାଙ୍କରି ଲେଖନୀ ମୂନରେ ଜନ୍ମଭୂମିର ପରାକାଷ୍ଠା ଆଙ୍କି ଦେଇଛନ୍ତି । କାବ୍ୟ, କବିତା, ଉପନ୍ୟାସ, ନାଟକ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ । "ଓଡ଼ିଆ ଗାଉଁଲି ଗୀତ" ସଂଗ୍ରହ ଓ ସଂକଳନ କରି କଲିକତା ଯାଇ ସସ୍ତ୍ରୀକ କଲିକତା ଆକାଶ ବାଣୀରୁ ଲୋକଙ୍କୁ ଶୁଣାଇବା, ଓଡ଼ିଆ, ଇଂରେଜୀ, ହିନ୍ଦି ଭାଷାରେ ତାହାକୁ ଅନୁବାଦ କରି ବିଦେଶକୁ ଓଡ଼ିଆ ଗାଉଁଲି ଗୀତ ପ୍ରେରଣ କରିବା, ଗୋବର ଗୋଟେଇ ଉପନ୍ୟାସ ଲେଖି ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ବିବାହ ସ୍ଥାପନ କରିବା, ବାଣେଶ୍ୱର କାବ୍ୟରେ ନରସିଂହପୁର ରାଜ୍ୟ ପୁରାଣ ସହ କେତେଦୂର ଜଡ଼ିତ ତାହା ଜଣାଇବା, 'ନରସିଂହପୁର ଦେବୋତ୍ତର' ମାଧ୍ୟମରେ ରାଜ୍ୟର ଦେବାଦେବୀଙ୍କର ବିବରଣୀ ପ୍ରଦାନ କରିବା, 'ଭଦ୍ରଲୋକ' ପତ୍ରିକା ନରସିଂହପୁରରେ ପ୍ରଥମେ ପ୍ରକାଶ କରିବା ସହ ପରିଦର୍ଶକ କିମ୍ବା ପର୍ଯ୍ୟଟକ କେହି ନରସିଂହପୁର ଆସିଲେ ସେମାନଙ୍କୁ ନରସିଂହପୁର ସମ୍ପର୍କରେ ଅବହିତ କରାଇବା, ନିଜେ କୁଆଡ଼େ ଭ୍ରମଣରେ ଗଲେ ନରସିଂହପୁରର ମହିମା ଅନ୍ୟକୁ ଶୁଣାଇବା ଆଦି ସକଳ ତଥ୍ୟ ଚକ୍ରଧରଙ୍କ ସମ୍ବନ୍ଧରେ ପ୍ରକାଶ କରି କବି ପଦ୍ମଲୋଚନ ସାହୁ ଶେଷରେ କହିଛନ୍ତି -

ମାତୃଭୂମି ପ୍ରତି ପୀରତି ଉକତି ପୂରିଥିଲା ତୁମଠାରେ
ତେଣୁ ଆହେ କବି ତୁମକୁ ସର୍ବଦା ନରସିଂହପୁର ଝୁରେ ॥

ଆସନ୍ତୁ ସାହିତ୍ୟ ସାଧକ ଚକ୍ରଧର ମହାପାତ୍ରଙ୍କ ବିଷୟରେ ଅବହିତ ହେବା ଶ୍ରୀଯୁକ୍ତ ପଦ୍ମଲୋଚନ ସାହୁଙ୍କ ରଚିତ "ନରସିଂହପୁର ଝୁରେ" ପାଠ କରି ।

ଅରାଟ ଗୌରବ କବି ଚକ୍ରଧର
ଜନ୍ମି ନରସିଂହପୁରେ
ତା'ର ଧୂଳିମାଟି ବଣ ପରବତ
ଚିହ୍ନାଇଲ ଦୂରାନ୍ତରେ ।୧।

Digitized by PPRACHIN, SOA

ଦୂର କଲିକତା ଆକାଶ ବାଣୀରୁ
ସପ୍ତାକ ଗାଇ ସୁସ୍ୱରେ
"ଓଡ଼ିଆ ଗାଉଁଲୀ ଗୀତ" ଶୁଣାଇଲ
ସୁମଧୁର ସମସ୍ୱରେ । ।୨।
ତ୍ରିଭାଷାରେ ଲେଖି ସଂକ୍ଷିପ୍ତେ ସେ ଗୀତ
ପଠାଇ ଦରିଆ ପାରେ
ଆମେରିକା ଆଦି ପାଶ୍ଚାତ୍ୟ ଜଗତ
ବୁଡ଼ାଇଲ ଚହଳରେ ।୩।
ମହାତ୍ମା ଗାନ୍ଧୀ ଜବାହର ଲାଲ
ପଢ଼ି ତାହା ଆନନ୍ଦରେ
ଓଡ଼ିଆର ଭାଷା ଓଡ଼ିଆ ଜାତିକୁ
ପ୍ରଶଂସିଲେ ହର୍ଷଭରେ ।୪।
ଓଡ଼ିଶା ସାହିତ୍ୟ ରାଇଜେ କେବଳ
ନରସିଂହପୁରୁ ଜଣେ
ଏକମାତ୍ର ତୁମେ ପାଇଛ ହେ ସ୍ଥାନ
ଏକଥା କିଏ ନ ଜାଣେ ।୫।
ତୁମରି 'ବଳାଙ୍ଗୀ' ଉପନ୍ୟାସଟିରେ
ନରସିଂହପୁର କଥା
ସଂପୂର୍ଣ୍ଣ ରୂପରେ ପୂରି ରହିଅଛି
ଏକଥା ନୁହଁଇ ମିଥ୍ୟା ।୬।
ରାଜା ପରଜାଙ୍କ ମଧୁର ସମ୍ପର୍କ
ରାଜ୍ୟରକ୍ଷା ପାଇଁ କାମ
ଏ ରାଇଜ ବୀର ବୀରାଙ୍କ କାହାଣୀ
ରହିଛି ତାଙ୍କର ନାମ ।୭।

Digitized by PPRACHIN, SOA

‘ଗୋବର-ଗୋଟେଇ’ ଉପନ୍ୟାସ ଲେଖି
ଲଭିଅଛ ଯେଉଁ ଯଶ
ଚୋରି କରିବାକୁ ଚାହିଁଲେ ଅନେକ
ଧିକ ତାଙ୍କରି ପ୍ରୟାସ ।୮।
‘ବାଣେଶ୍ୱର’ କାବ୍ୟେ ପୁରାଣ କଥାଠୁ
ବହୁକଥା ଏ ରାଜ୍ୟର
ରହିଅଛି ଯାହା ସକଳେ ଜାଣିବା
ଅଟଇଟି ଶ୍ରେୟସ୍କର ।୯।
କ୍ଷୁଦ୍ର ‘ବାଳରବି’ ଆକାରରେ ସାନ
ହେଲେ ହେଁ କଥା ତାହାର
ସମସ୍ତେ ଜାଣିବା ଅଟଇ ଉଚିତ
ବିଷୟବସ୍ତୁ ତାହାର ।୧୦।
‘‘ନରସିଂହପୁର- ଦେବୋତ୍ତର’’ ମଧ୍ୟେ
ଏ ରାଇଜ ଦେବା ଦେବୀ
ବିବରଣୀମାନ ରଖିଅଛ ତୁମେ
ସବୁକଥା ଭାବି ଭାବି ।୧୧।
ଯେତେ କୁସଂସ୍କାର ଥିଲା ତା ମଧ୍ୟରେ
ତାହାର ନିରାକରଣ,
କରିବା ପାଇଁକି ବଳାଇ ମାନସ
କରିଅଛ ପ୍ରଯତନ ।୧୨।
ତୁମ ‘ଭଦ୍ରଲୋକ’ ପତ୍ରିକା ପ୍ରକାଶ
ନରସିଂହପୁରେ ନୂଆ
ତାହାର ମହତ୍ତ୍ୱ ହେବ ନାହିଁ କହି
କେବଳ କଥାରେ ତାହା ।୧୩।
‘ସରୋଜ ନଳିନୀ’ ‘ରୌତଙ୍ଗର ବର୍ଦ୍ଧି’
‘କିଶୋରୀ’ ‘ରଣ ମାଧୁରୀ’
ସାହିତ୍ୟର ସବୁ ବିଭାଗରେ ଅଛି
ତୁମ ଲେଖାମାନ ପୂରି ।୧୪।

Digitized by PPRACHIN, SOA

ନାଟକ ଜୀବନୀ ଅନ୍ୟାନ୍ୟ ବିଭାଗ
ପାଇଁ ଲେଖିଅଛ ଯାହା
ସବୁତ ସ୍ୱତନ୍ତ୍ର ନିଜ ଗୁଣେ ଦୀପ୍ତ
ପଢ଼ି ଜାଣି ହେବ ତାହା ।୧୫।
ପରିଦରଶକ ଅବା ପର୍ଯ୍ୟଟକ
ଆସନ୍ତି ଯିଏ ଏଠାକୁ
ନରସିଂହପୁର ଗୌରବ ନ କହି
ଛାଡ଼ନାହିଁ କେବେ ତାଙ୍କୁ ।୧୬।
ଐତିହାସିକ ସ୍ଥାନ ମାନ ପୁଣି
ଦେଖାଅ ତାହାଙ୍କୁ ନେଇ
ସେ ସ୍ଥାନରେ ଥିବା ସକଳ-ମହତ୍ତ୍ୱ
ଦିଅତ ତାଙ୍କୁ ବୁଝାଇ ।୧୭।
ଯାଅ ତୁମେ ଯହିଁ ନିଶ୍ଚୟ ତ ତହିଁ
ନୃସିଂହପୁର କାହାଣୀ
ଯଶ ଗଉରବ ଶୁଣାଇବା ପାଇଁ
କେବେ ହେଁ ଭୁଲି ଯାଅନି ।୧୮।
ମାତୃଭୂମି ପ୍ରତି ପୀରତି ଭକତି
ପୂରିଥିଲା ତୁମ ଠାରେ
ତେଣୁ ଆହେ କବି ତୁମକୁ ସର୍ବଦା
ନରସିଂହପୁର ଝୁରେ ।୧୯।

Digitized by PPRACHIN, SOA

ମୁଁ ନରସିଂହପୁର କହୁଛି

ଡାଃ ବୈଷ୍ଣବ ମିଶ୍ର

'ନରସିଂହପୁର' ନିଜ ଅତୀତ ଲୁପ୍ତ ଗୌରବଗାଥାକୁ ସ୍ମରଣ କରି ଆଜି ବ୍ୟଥିତ । ଅତୀତର କବି, ଲେଖକ, ଶିଳ୍ପୀ, ଧାର୍ମିକ, କଳାକାର, ଗାୟକ ଆଦି ଗୁଣୀଙ୍କ ନାମ ଓ ସେମାନଙ୍କ କାର୍ଯ୍ୟାବଳୀକୁ ମନେ ପକାଇ କହିଯାଉଛନ୍ତି ଅତୀତ କାହାଣୀ ଅଶ୍ରୁଭରା ନୟନରେ । ମଙ୍ଗଳାଚରଣରେ କାବ୍ୟକାର/ଗାୟକ ଆଦି ପଞ୍ଚଦେବ ସ୍ତବ ପାଠ କରିବା ସଦୃଶ ନରସିଂହପୁର ତାହାର ଅତି ଜଣାଶୁଣା ସ୍ୱନାମଧନ୍ୟ ପଞ୍ଚରତ୍ନଙ୍କ କୃତି କଳାପ ସୁମରଣ କରି ତାଙ୍କର ସମ୍ବନ୍ଧରେ "ମୁଁ ନରସିଂହପୁର କହୁଛି" ବୋଲି କହିଚାଲିଛନ୍ତି । କବି ତାହା ହୃଦୟଙ୍ଗମ କରି ନିଜକୁ ନରସିଂହପୁର ମନେକରି କବିତାଟି ରଚନା କରିଛନ୍ତି ଯାହା ହୃଦୟସ୍ପର୍ଶୀ ହୋଇଅଛି ।

ପରିଶେଷରେ ନରସିଂହପୁରର ଇଷ୍ଟଦେବୀ ପ୍ରଗଳାଙ୍କ ନିକଟରେ ଆଶିଷ ଭିକ୍ଷା କରିଛନ୍ତି ପୁନରାୟ ନୂତନ ବିଭବରେ ନରସିଂହପୁରର ହସି ଉଠିବା ନିମନ୍ତେ । ଆସନ୍ତୁ ଶିଶୁ ସାହିତ୍ୟିକ, ଜନସେବକ ଡାଃ ବୈଷ୍ଣବ ମିଶ୍ରଙ୍କ କବିତା "ମୁଁ ନରସିଂହପୁର କହୁଛି" ପାଠ କରି ନରସିଂହପୁରର କ'ଣ କ'ଣ କହି ଯାଉଛି ଅବହିତ ହେବା ।

ଝୁରେ ମୋର ନଦନଦୀ ଏ କାନନ ଗିରି
ଝୁରନ୍ତି ସକଳ ଜୀବ ଜନ୍ତୁ ନଭଚାରୀ ।
ରାଜ୍ୟବାସୀ ମୋର ଝୁରେ ଯା'ର ଗୁଣ ସ୍ମରି
ଝୁରୁଅଛି ମୁହିଁ ଆଜି ଅନାଥିନୀ ପରି ।।

ରାଜ୍ୟର ଅତୀତ ଗୁରୁ ଗଉରବ ଗାଥା
ମନେ ପଡ଼ିଗଲେ ହୃଦେ ଜାତ ହୁଏ ବ୍ୟଥା ।
କେତେ ଯେ ଜ୍ଞାନୀ ପଣ୍ଡିତ କବି କଳାକାର
ଲେଖକ ଶିଳ୍ପୀ ଆବର ଧାର୍ମିକ ପ୍ରବର ।।

ଜନମି କୋଳରେ ମୋର ରଖିଥିଲେ ନାମ
ଚଉଦିଗେ ବ୍ୟାପିଥିଲା ମୋର ଯଶ ମାନ ।
ଆଜି କିନ୍ତୁ ସେହି କଥା ପଡ଼ିଗଲେ ମନେ
ଅଶ୍ରୁ ଭରିଯାଏ ସ୍ୱତଃ ମୋହର ନୟନେ ।।

"ପଣ୍ଡିତ ପୁରୁଷୋତ୍ତମ" ସୁଯୋଗ୍ୟ ସନ୍ତାନ
ହରିଚନ୍ଦନପୁରରେ ଲଭିଲେ ଜନମ ।

Digitized by PPRACHIN, SOA

ବିଦ୍ୟାବୁଦ୍ଧି ବଳରେ ସେ ବୃହସ୍ପତି ସମ
ନାମ ଅନୁରୂପେ ଥିଲେ ପୁରୁଷ ଉତ୍ତମ ॥

ସ୍ୱାଧୀନତା ଆନ୍ଦୋଳନେ ସେ ନେଇ ନେତୃତ୍ୱ
ଏ ରାଜ୍ୟକୁ ପରାଧୀନୁ କରିଲେ ମୁକତ ॥

'ଚକ୍ରଧର ମହାପାତ୍ର' ମୋର ଯୋଗ୍ୟପୁତ୍ର
ତାହାଲାଗି ମୁହିଁ ଆଜି ହୋଇଛି ପବିତ୍ର ।
ମୋ ରାଜ୍ୟର କୀର୍ତ୍ତିରାଜି ଲେଖି ପୁସ୍ତକରେ
ଅମର ହୋଇ ଅଛ‌ି ଦ୍ୱି ବସୁଧାରେ ॥

ଜନ୍ମିଥିଲେ 'ନୀଳମଣି ବଇରୀ ଗଞ୍ଜନ''
ପାଇକ ପଡ଼ା ଗ୍ରାମରେ ତାଙ୍କର ଆସ୍ଥାନ ।
ଚିତ୍ର ଓ ନାଟ୍ୟକଳାରେ ଥିଲେ ସେ ପ୍ରବୀଣ
ମନୋରଂଜନ ଦେବାରେ ଥିଲେ ଅଗ୍ରଗଣ୍ୟ ॥

'ମହିଷୀ କନକଲତା' ଥିଲେ ନାରୀକବି
ରଚିଲେ ବହୁ କବିତା ରାମ ରସେ ଦ୍ରବି ।
ଭକ୍ତି ରସେ ରସାଣିତ ତାଙ୍କର ରଚନା
ହୋଇଅଛି ପ୍ରକାଶିତ ନାହିଁ ଯା କଳନା ॥

'ସତୀ' 'ପ୍ରମୀଳା' କାବ୍ୟ ଓ ନାଟକ ସଙ୍ଗୀତ
ପଠନେ ଭକତି ଭାବ ହୁଅଇ ଜାଗ୍ରତ ।
ଈଶ୍ୱର ବିଶ୍ୱାସ ପ୍ରାଣେ ଆଣି ଉନ୍ମାଦନା
ଦେଶ ମଧ୍ୟେ ଏ ବିଦୁଷୀ ହୋଇଥିଲେ ଧନ୍ୟା ॥

ସୋଲବନ୍ଧେ ଜନ୍ମିଥିଲେ ରଥ 'ଗଙ୍ଗାଧର'
ଦେଶରେ ସୁନାମ ଅର୍ଜିଗଲେ ସ୍ୱର୍ଗପୁର ।
ପାଲାଗାୟକଙ୍କ ମଧ୍ୟେ ସେ ଥିଲେ ପ୍ରବୀଣ
ଲଳିତ ଛନ୍ଦରସରେ ମୋହୁଥିଲେ ମନ ॥

କାଳ ଗର୍ଭରେ ବିଲୀନ ଅତୀତ ଗୌରବ
ସ୍ମରଣ ମାତ୍ରକେ ଦୁଃଖ ହୁଏ ଉଦ୍‌ଭବ ।
ନିରିମାଖି ହୋଇ ଆଜି ବସିଛି ଅନାଇ
ଫେରିବ ସେହି ଗୌରବ କେତେକାଳ ଯାଇ ॥

ମାଆ ପରଗଣା ମୋତେ ଦିଅ ଏ ଆଶିଷ
ନୂତନ ବିଭବେ ପୁଣି ହସି ଉଠୁ ଦେଶ ॥

Digitized by PPRACHIN, SOA

କେ ଝୁରେ କାହାରେ

ଡଃ ଜଗନ୍ନାଥ ମହାପାତ୍ର

ଜୀବଶ୍ରେଷ୍ଠ ମାନବ ଚିନ୍ତାଶୂନ୍ୟ ଅବସ୍ଥାରେ ଉପନୀତ ହୋଇଗଲେ ବେଳେବେଳେ ତାହାର ଅବଚେତନ ସ୍ତରରେ ବିଗତ ଘଟଣାବଳୀ ଚିତ୍ରପଟ ସଦୃଶ ଦେଖା ଦେଇ ଚାଲିଯାଏ ଏବଂ କିଛି ସମୟ ପାଇଁ ବୋଧ୍ୟ ତାହାକୁ ରୋମନ୍ଥନ କରିଥାଏ । ଏଇ ସତ୍ୟରେ ପାଦ ଦେଇଛନ୍ତି ଅବସର ପ୍ରାପ୍ତ ଡଃ ଜଗନ୍ନାଥ ମହାପାତ୍ର ।

ନରସିଂହପୁରର ଅନନ୍ତ ନାରାୟଣ ହାଇସ୍କୁଲରେ ଛାତ୍ରଥିଲା ବେଳେ (୧୯୫୨-୫୬) ତାଙ୍କର ପୂର୍ବସ୍ମୃତି ଆଖିଆଗରେ ନାଚି ଉଠିଛି ଏବଂ ତାହାକୁ ସେ ପରିପ୍ରକାଶ ନ କରି ରହି ପାରି ନାହାନ୍ତି । ଏଇ ପରିପ୍ରେକ୍ଷୀରେ ତତ୍କାଳୀନ ପ୍ରଧାନ ଶିକ୍ଷକ ଧରଣୀଧର ଦେହୁରୀଙ୍କ ଅନୁସୃତ ଶିକ୍ଷାଦାନ ପଦ୍ଧତି ଓ ତାଙ୍କର ଜ୍ଞାନ ଗାରିମାକୁ ସ୍ମରଣ କରି ସେ ପୂଜ୍ୟ ପୂଜାର ପୂଜାରୀ ହୋଇ ପଡ଼ିଛନ୍ତି । ତାଙ୍କ ସହକର୍ମୀ ଶିକ୍ଷକଗଣଙ୍କୁ ସ୍ମରଣ କରି ସେମାନଙ୍କ ପ୍ରତି ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଇତି ମଧ୍ୟରେ ସେମାନଙ୍କ ମଧ୍ୟରୁ କେତେକ ସ୍ୱର୍ଗାରୋହଣ କଲେଣି, କେତେକ ବୃଦ୍ଧାବସ୍ଥାରେ ଉପନୀତ । ସେମାନଙ୍କ ଆଶୀର୍ବାଦ ଲାଭ କରି ବହୁଛାତ୍ର ଆଜି ବିଭିନ୍ନ ଉଚ୍ଚ ପଦବୀରେ ଆସୀନ ହୋଇଛନ୍ତି । ହୁଏତ କେହି କେହି ଅବସର ଗ୍ରହଣ କଲେଣି, କିଏ ବା ବର୍ଷେ ଦି'ବର୍ଷ ମଧ୍ୟରେ ଅବସର ଗ୍ରହଣ କରିବେ । ସେହି ସମୟର ଶିକ୍ଷକମାନଙ୍କ କାର୍ଯ୍ୟକଳାପ, ଶିକ୍ଷାଦାନ, ପରିଶ୍ରମ, ଆଶୀର୍ବାଦ ନେଇ ଉତ୍କଳ ବିଶ୍ୱିଦ୍ୟାଳୟର ଶେଷ ବ୍ୟାଚ (Batch) ଅର୍ଥାତ୍ ୧୯୫୬ ମସିହାରେ ବନମାଳୀ ପଣ୍ଡା ପ୍ରଥମ ଦଶଜଣକରେ ଜଣେ ହୋଇ ପାରିଲେ । ସେଥି ନିମନ୍ତେ ଅନନ୍ତ ନାରାୟଣ ହାଇସ୍କୁଲ ତଥା ନରସିଂହପୁର ବାସୀ ଗର୍ବ ଅନୁଭବ କରିଥିଲେ ଏବଂ ତତ୍କାଳୀନ ଶିକ୍ଷକମାନଙ୍କର ଭୂୟସୀ ପ୍ରଶଂସା ଗାନ କରିଥିଲେ ।

ଯଦି ନରସିଂହପୁର ଝୁରୁଥିବ ତେବେ ତତ୍କାଳୀନ ସେଇ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଧରଣୀଧର ଦେହୁରୀ, ୰ରାମକୃଷ୍ଣ ପାଣିଗ୍ରାହୀ, ୰ବଂଶୀଧର ନାୟକ ୰ନାରାୟଣ ଚନ୍ଦ୍ର କର ୰ ଗୋବିନ୍ଦ ପଣ୍ଡିତେ (ଗୋବିନ୍ଦ ଚନ୍ଦ୍ର ମିଶ୍ର)ଙ୍କୁ ଏବଂ ଝୁରିବ ଶ୍ରୀ ରାଜ କିଶୋର କର, ଆକୁଳି ପଣ୍ଡିତେ (ଶ୍ରୀ ଲୋକନାଥ ରଣା) ଆଦି ପ୍ରମୁଖ ଗୁରୁଦେବଙ୍କୁ ସେଇମାନଙ୍କ ତିରୋଧାନ ଘଟିଲେ; ଏଇ କଥା ଡଃ ଜଗନ୍ନାଥ ମହାପାତ୍ରଙ୍କ ହୃଦୟରେ ଶିଳାସୁରେଖା ସଦୃଶ ରେଖାପାତ କରି କବିତା ଆକାରରେ ସ୍ୱତଃ ପ୍ରକାଶିତ ହୋଇଛି '' କେ ଝୁରେ କାହାରେ'' ଶୀର୍ଷକ କବିତାରେ ।

ଆସନ୍ତୁ ଡଃ ଜଗନ୍ନାଥ ମହାପାତ୍ରଙ୍କ ସ୍ୱରଚିତ କବିତା '' କେ ଝୁରେ କାହାରେ'' ପାଠକରି ପୂର୍ବ ସ୍ମୃତିକୁ ରୋମନ୍ଥନ କରିବା ।

Digitized by PPRACHIN, SOA

କିଏ ଜାଣେ କାହାକୁ ବା କିଏ
ଝୁରୁଛି କେଉଁଠି ?
ତାହାପୁଣି କେତେବେଳେ କିପରି ଭାବରେ ?
କେଉଁ ପରିବେଶେ
ଅବା ଦେବାରେ ନେବାରେ ?
ଜାଣିଅଛ ? ଶୁଣିଅଛ ?
କୁହ ଦେଖି ଆଖି ଛୁଇଁ ଥରେ ।
ତାହା କ'ଣ ମୋହନ ବଇଁଶୀ
ମୋହ କରି ରାଇ କିଶୋରୀରେ
ଆଉ ଗୋପ ଗୁଆଳୀରେ
ଯମୁନା ପୁଳିନେ ପୁଣି କଦମ୍ବ ମୂଳରେ
ଗାଉଥିଲା ବୃଷଭାନୁ ସୁତା ମାନ ଭଂଜନରେ ॥
ନାଁ....... ନାଁ......
କେବେ ତାହା ନୁହଁଇ ସମ୍ଭବ
ତେବେ......
କି ଲାଭ ଏ ଲୋକ ଦେଖାଣିଆ
ଆଉ ଅଝୁରା ଝୁରାରେ ?
ତଥାପି.....
କହୁଛ ଯଦି, ଶୁଣପଦେ
ଧୈର୍ଯ୍ୟହୀନ ନୋହି
ସତକଥା ମନେ ପଡ଼େ,
ତେୟାଳିଶ ବରଷର ତଳେ
ଆସିଥିଲେ ଆମରି ପାଶକୁ
ଶିକ୍ଷାଦାନ କରିବା ସକାଶେ
ପ୍ରଧାନ ଶିକ୍ଷକ ଭାବେ
ବହୁଦୂର ବଣାଇ ଗଡ଼ରୁ ॥
ସେତେବେଳେ ନରସିଂହପୁରେ
ଏକମାତ୍ର ଉଚ୍ଚ ବିଦ୍ୟାଳୟ
ନାମ ତାର ଏ.ଏନ.ହାଇସ୍କୁଲ

Digitized by PPRACHIN, SOA

ନରସିଂହପୁର ରାଜା ଅନନ୍ତ ନାରାୟଣ
କରିଥିଲେ ଯାହାକୁ ସ୍ଥାପନ ॥
ମନେ ପଡ଼ୁଛି ତାଙ୍କର ହସ ହସ ମୁଖ
ଶିକ୍ଷାଦାନର ପ୍ରଣାଳୀ
ଅମାୟିକ ବ୍ୟବହାର
ଆଉ ଛାତ୍ର ବତ୍ସଳତା
ଯାହାଙ୍କର ଶୁଭନାମ ଥିଲା-ଶ୍ରୀ ଧରଣୀଧର ॥
କେ କଳିବ ତାଙ୍କରି ଜ୍ଞାନକୁ
ଯାହା ଥିଲା ଅଗାଧ ସମୁଦ୍ର
କଳା ବିଦ୍ୟା ଶାସ୍ତ୍ରେ ଥିଲେ ସେ ସ୍ନାତକ
ଅଷ୍ଟମ ଶ୍ରେଣୀରେ ଶୁଣିଥିଲି ତାଙ୍କରି ମୁଖରୁ
ମନେ ପଡ଼େ ଏବେ....
ବୈଦେହୀ ପଶ୍ୟ ମଳୟାତ୍ ବିଭକ୍ତଂ
ମତ୍ସେତୁନା ଫେନିଳ ମମ୍ବୁରାଶି
ଛାୟାପଥେନୈବ ଶରତ୍ ପ୍ରସନ୍ନଂ
ଆକାଶମାଭିଷ୍କୃତ ହି ଚାରୁ ॥

X X X X X

ତାଙ୍କରି ଗହଣେ ଥାନ୍ତି ପୂଜ୍ୟ ଗୁରୁଗଣ
√ ରାମକୃଷ୍ଣ √ବଂଶୀଧର ସହ √ନାରାୟଣ
√ ଗୋବିନ୍ଦ ପଣ୍ଡିତେ ଶ୍ରୀ ରାଜକିଶୋର କର
ପୁଣି ଆକୁଳି ପଣ୍ଡିତେ
ଶିକ୍ଷାଦାନେ ସିଏ ଥିଲେ ଏକ ଏକ ରଥୀ ।
ସେମାନଙ୍କ ପରି ବହୁ ଆଦର୍ଶ ଶିକ୍ଷକ
ସେମାନଙ୍କ ମଧ୍ୟୁ
କିଏ ଅଛନ୍ତି, କିଏ ବା ନାହାନ୍ତି

√ ରାମକୃଷ୍ଣ ପାଳିତ, √ ବଂଶୀଧର ନାୟକ, √ ନାରାୟଣ କର, √ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆକୁଳି ପଣ୍ଡିତେ,(ଶ୍ରୀ ଲୋକନାଥ ରଣା ।)

Digitized by PPRACHIN, SOA

ମାତ୍ର
ସେମାନଙ୍କ ଆଶୀର୍ବାଦ ଭୁଲି ନୁହେଁ
କେବେ ଜୀବନ କାଳରେ,
ସଭକ୍ତି ପ୍ରମାଣକରେ ସେମାନଙ୍କୁ
ନତ ମସ୍ତକରେ ।
ଉଚ୍ଚ ବିଦ୍ୟାଳୟ ହେବା ଦିନରୁ ପ୍ରଥମେ
ଉଣେଇଶ ଛପନ ମସିହାରେ
ଏଇମାନେ
ପ୍ରଥମ ଦଶଜଣରେ ଉତ୍ତାରିଲେ ଜଣେ
ସିଏ ପ୍ରିୟ ବନ୍ଧୁ ବନମାଳୀ *
ନରସିଂହପୁର ବାସୀ ଲଭି ମହୋଲ୍ଲାସ
ଜଣାଇଲେ କୃତଜ୍ଞତା ଗୁରୁଙ୍କର ପାଶେ
ମିଳି ହୋଇ ଦଳଦଳ ॥

ଝୁରୁଥିବ ଯଦି କେବେ ନରସିଂହପୁର
ଝୁରିବ ସେ ଏମାନଙ୍କୁ ଘୋର ଶୋକାକୁଳେ
ଏହିପରି ମନେପଡ଼ିଯାଏ ବେବେବେଳେ
ଗୁଣଗ୍ରାହୀ ଗୁରୁଜନେ ସାଙ୍ଗସାଥୀ ଗଣେ
ଏ ଦୁନିଆ ଜ୍ୱଳାମୟୀ ଜଞ୍ଜାଳ ପ୍ରାଙ୍ଗଣେ
ହେବ ଭେଟ କେବେ ଅବା
କିପରି କେଉଁଠି ?

ଜଣାନାହିଁ; ଦେଖୁଛି ଯେ
ବସିଛି ସେଇଠି
ଆଉ ହସୁଛି ମୁରୁକି,
ପ୍ରଣମି ତାହାରେ
ରହୁଛି ଏଇଠି ॥ ❑ ❑ ❑

* ବନମାଳୀ - ବନମାଳୀ ପଣ୍ଡା, କରିଲୋ

Digitized by PPRACHIN, SOA

ଆକାଶ ଆଖିରେ ଲୁହ

କୁମାରୀ କସ୍ତୁରୀକା ରାୟ
ବି.ଏ., ଏଲ.ଏଲ.ବି. (ଉତ୍କଳ)

ଜନ୍ମଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଆମେ ଜ୍ଞାନୀଙ୍କେ ଗଣିବା
ଅଜ୍ଞାନ ରହିବେ କାହିଁ ? ନ୍ୟାୟରେ

କୁମାରୀ କସ୍ତୁରୀକା ରାୟ ନରସିଂହପୁରସ୍ଥ ସିଆରିଆ ଗ୍ରାମର ସୁପରିଚିତ ତଥା ସ୍ୱନାମଧନ୍ୟ ଗାଣ ବଂଶର ପ୍ରତିଭାଧର ଇଂ. ଗିରିଧାରୀ ଗାଣଙ୍କ କନ୍ୟା ହିସାବରେ 'ଆମରି ଗାଆଁ ଆମରି ମାଟି'ର ମହତ୍ତ୍ୱ ଉପଲବ୍ଧି କରି ତଥା ଅତୀତର ମହାନ ବ୍ୟକ୍ତିଙ୍କର ମହନତା ଓ ଗୁଣାବଳୀ ଓ କାର୍ଯ୍ୟ କଳାପକୁ ସଂକ୍ଷେପରେ କିନ୍ତୁ ସାରଗର୍ଭକ ମଞ୍ଜୁଳ ଭାଷାରେ କାବ୍ୟିକ ରୂପ ଦେଇଛନ୍ତି ।

ସେ ସିଆରିଆ ଗ୍ରାମର ସାତଜଣ ମହାନଙ୍କୁ ନେଇ ସପ୍ତର୍ଷି ମଣ୍ଡଳ ଆଖ୍ୟାରେ ଆଖ୍ୟାୟିତ କରି ସେମାନଙ୍କ ବିୟୋଗରେ ମଣିଷ ଆଖିରେ କାହିଁକି ଏପରିକି ଆକାଶ ଆଖିରେ ଲୁହ ଦେଖାଦେଇଛି ବୋଲି ପ୍ରକାଶ କରିଛନ୍ତି ।

ଖାଲି ସେତିକି ତ ନୁହେଁ, ସେହି ସପ୍ତର୍ଷି ମଣ୍ଡଳ (ଚିନ୍ତାମଣି ଗାୟକରତ୍ନ, ଅରକ୍ଷିତ ଚୌଧୁରୀ, ରାସ ବିହାରୀ ମହାପାତ୍ର, ଅନନ୍ତ ସାହୁ, ବାସୁଦେବ ନିଶଂକ, ପ୍ରାଣକୃଷ୍ଣ ସାହୁ ଓ ମହନ୍ତ ରାଜୀବ ଲୋଚନ ଦାସ)ଙ୍କୁ ସେମାନଙ୍କ ଚଳନ୍ତି ଅବସ୍ଥା ସହ ବର୍ତ୍ତମାନର ସମସ୍ୟା ଗୁଡ଼ିକୁ ଅଲକ୍ଷ୍ୟରେ ତୁଳନା କରିଛନ୍ତି ବଡ଼ ସଂଯତ, ଶୃଙ୍ଖଳିତ ତଥା ସରଳ ରୋଚକ ଭାଷାରେ ।

ଆସନ୍ତୁ, କୁମାରୀ କସ୍ତୁରୀକା ରାୟ "ଆକାଶ ଆଖିରେ ଲୁହ" କବିତାରେ ପୂଜ୍ୟଙ୍କର କିପରି ପୂଜା କରିଛନ୍ତି ତାହା ପାଠକରି ଉପଲବ୍ଧି କରିବା-

ଆକାଶ ଆଖିରେ ଲୁହ
ଭିଜିଯାଏ ଶୀତରାତି ପାଟର ପଣତ
ଜହ୍ନରାତି, ଛାୟାପଥ, ତାରକାର ଖେଳ
କରିନାହିଁ ତା ଶୋକର ଅନ୍ତ –
ଚିନ୍ତାମଣି, ଅରିକ୍ଷିତ, ରାହାସ, ଅନନ୍ତ
ବାସୁଦେବ, ପ୍ରାଣକୃଷ୍ଣ, ରାଜୀବ ମହନ୍ତ –

Digitized by PPRACHIN, SOA

ତୁମେ ସବୁ ହସି ହସି ଚାଲିଗଲ
ସରଗର ସପ୍ତର୍ଷି ମଣ୍ଡଳେ
ଆମେ କିନ୍ତୁ କାନ୍ଦି ଦିନ ସରୁନାହିଁ
ସପ୍ତଫେଣୀ କଣ୍ଟାର ତାଡ଼ନେ -
ତୁମେ ଗଲ ସୂକ୍ଷ୍ମ ଶରୀରରେ
ଆକାଶର ଝାପସା ଆଲୁଅରେ
ଆମେ ସବୁ ରକ୍ତ ମାସଂ ମୂର୍ତ୍ତିର ବେଶରେ
ପଡ଼ିଅଛୁ ସଂସାରର ଅନ୍ଧାର ବୁକୁରେ ।
ଅହରହ କାମକରି ଆଖି ଦେଲ ବୁଜି
ଅସରନ୍ତି କାମର ମଝିରେ
ଆମେ କ'ଣ ପାରିବୁ କି ତାହା
ଅଳସ ଓ ବିଳାସ ମଜାରେ ।
ଏ ରାଜ୍ୟର ରତ୍ନ ତାଲିକାରେ
ତୁମେ ଯେବେ ହୀରା ନୀଳା ମୋତି ଓ ମାଣିକ
ଆମେ ସବୁ ନୀଚ ମାନ ହୀନ
ମାଫିଆର ମିଛୁଆ ବଣିକ -
ସିଆରିଆ କଟା ବନ୍ଧପରେ
ଶୁଭେ ଏବେ ତୁମ ପ୍ରତିଧ୍ୱନୀ
ଗାଆଁର ମଣ୍ଡପେ ଆଉ ସଭା ସମିତିରେ
ମନେ ପଡ଼େ ତୁମ ହିତବାଣୀ -

୧. ଅରକ୍ଷିତ ଚୌଧୁରୀ
୨. ରାସ ବିହାରୀ ମହାପାତ୍ର
୩. ଆନନ୍ତ ସାହୁ
୪. ବାସୁଦେବ ନିଶଂକ
୫. ପ୍ରାଣକୃଷ୍ଣ ସାହୁ
୬. ଚିନ୍ତାମଣି ଗାୟକରତ୍ନ
୭. ମହନ୍ତ ରାଜୀବ ଲୋଚନ ଦାସ (ମଠ ବାବାଜୀ)
ପ୍ରଥମ ପାଞ୍ଚଜଣ ପଞ୍ଚାୟତର ପଞ୍ଚ ପରମେଶ୍ୱର

Digitized by PPRACHIN, SOA

ନରସିଂହପୁର ଝୁରେ

ଶ୍ରୀ ଦାଶରଥି ରଣା

ନରସିଂହପୁର ନିବାସୀଙ୍କର ଜଣାଶୁଣା, ଆକାଶବାଣୀ କଟକ କେନ୍ଦ୍ରର କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ସେନ୍ (ଓକିଲ) କଟକର କାଜି ବଜାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସେ ନରସିଂହପୁରକୁ ଖୁବ୍ ଭଲ ପାଉଥିଲେ ଯାହାରି ଫଳରେ ସେ ଏଠାରେ ଘରଦ୍ୱାର କରି ଦୀର୍ଘ ୩୫ ବର୍ଷ ଧରି (୧୯୬୨-୧୯୯୭) ବସତି ସ୍ଥାପନ କରି ଓକିଲାତି ବ୍ୟବସାୟ କରି ଆସୁଥିଲେ । ତାଙ୍କର ଅମାୟିକ ବ୍ୟବହାରରେ ସେ ଅଳ୍ପକେ ଅନ୍ୟକୁ କିଣିନେବାର ବହୁ ଦୃଷ୍ଟାନ୍ତ ଅଛି । ସେ ଥିଲେ ସଙ୍ଗୀତ ସାଧକ, ସ୍ୱର ସଂପାଦକ, କଣ୍ଠଶିଳ୍ପୀ, ଉଦାର ଚେତା, ବରିଷ୍ଠ ଆଇନଜୀବୀ, ଅତିଶାନ୍ତ, ଜ୍ଞାନୀ ତଥା ସୁବକ୍ତା । ତାଙ୍କୁ ଏହି ବର୍ଷ ୧୯୯୭ ମସିହା ମାର୍ଚ୍ଚ ମାସ ୧୫ ତାରିଖ ସନ୍ଧ୍ୟା ୭ଟା ୩୫ ମିନିଟରେ ହରାଇ ନରସିଂହପୁର ଝୁରୁଛି ।

ଏହି ପରିପ୍ରେକ୍ଷୀରେ ନରସିଂହପୁର ଗଡ଼ଜାତରାଜ୍ୟର ସମସ୍ତଙ୍କ ଜଣାଶୁଣା ଆକୁଳ ପଣ୍ଡିତେ (ପଣ୍ଡିତ ଶ୍ରୀଯୁକ୍ତ ଲୋକନାଥ ରଣା)ଙ୍କ ତୃତୀୟ ପୁତ୍ର ନରସିଂହପୁର ତଥା ଆଠଗଡ଼ ସବ୍‌ଡ଼ିଭିଜନରେ ସୁପରିଚିତ କଣ୍ଠଶିଳ୍ପୀ ଶ୍ରୀ ଦାଶରଥି ରଣା ''ନରସିଂହପୁର ଝୁରେ'' ଶୀର୍ଷକ କବିତାଟି ୰ ଲକ୍ଷ୍ମୀକାନ୍ତ ସେନଙ୍କ ଉପରେ ରଚନା କରିଛନ୍ତି । ଆସନ୍ତୁ ୰ ଲକ୍ଷ୍ମୀକାନ୍ତ ସେନଙ୍କ ବିଷୟରେ ଅବହିତ ହେବା, ଶ୍ରୀ ଦାଶରଥି ରଣାଙ୍କ ରଚିତ କବିତା ''ନରସିଂହପୁର ଝୁରେ'' ମାଧ୍ୟମରେ ।

ଆଜି ନରସିଂହପୁର ଝୁରେ
ନରସିଂହପୁର ନୁହେଁ ଖାଲି ସାରା
ଓଡ଼ିଆ ଜନତା ଝୁରେ ।୦।

ସଂଗୀତ ସାଧକ ସ୍ୱର ସଂପାଦକ
ହୋଇଥିଲ ଜଣେ ତୁମେ,
ତୁମ ବିଯୋଗରେ ଝୁରୁଅଛି ଆଜି
ଅଶ୍ରୁଭରା ନୟନରେ ।୧।

ନଥିଲ କେବଳ ତୁମେ କଣ୍ଠଶିଳ୍ପୀ
ଥିଲ ସବୁଦାର ଚେତା,
ବରିଷ୍ଠ ଆଇନ ଜୀବୀ ଅତିଶାନ୍ତ
ଦାନ୍ତ ପୁଣି ଧୀର ବକ୍ତା ।୨।

ତୁମକୁ ହରାଇ ଲକ୍ଷ କୋଟି ହୃଦ
ଦୁଃଖ ବିକଳ ଅନ୍ତରେ,
ଅଜସ୍ର ହୃଦୟ ମ୍ଳାନ ବଦନରେ
ନରସିଂହପୁର ଝୁରେ ।୩।

Digitized by PPRACHIN, SOA

ସ୍ୱର୍ଗତ ଲୋକନାଥ ଡାଳୁଆ

ଡଃ ଅଶ୍ୱିନୀ କୁମାର ଡାଳୁଆ

ସ୍ୱର୍ଗତ ଲୋକନାଥ ଡାଳୁଆ ଥିଲେ ସ୍ୱାଭିମାନର ପ୍ରତୀକ । ସେ ଉଚ୍ଚ ଡିଗ୍ରୀଧାରୀ ହୋଇ ନଥିଲେ ମଧ୍ୟ ଗ୍ରାମ ଅବଧାନଙ୍କ ଠାରୁ ଶିକ୍ଷାପ୍ରାପ୍ତ ହୋଇ ବହୁଶାସ୍ତ୍ର ଅଧ୍ୟୟନ କରିଥିଲେ । ହିନ୍ଦୀ ଓ ବଙ୍ଗଳା ଭାଷାରେ ତାଙ୍କର ସ୍ୱତନ୍ତ୍ର ଦଖଲ ଥିଲା । କର୍ମନିଷ୍ଠାବଳରେ ସେ ନିଜକୁ ସମାଜରେ ପ୍ରତିଷ୍ଠାଲାଭ କରିଥିଲେ । ତାଙ୍କର ପିତା ପାଇଥିବା ''ସାମନ୍ତରାୟ'' ପଦବୀକୁ ସେ ପ୍ରତ୍ୟାଖ୍ୟାନ କରି ନିଜ ବଂଶର ପୂର୍ବ ପାରମ୍ପରିକ 'ଡାଳୁଆ' ସଂଜ୍ଞାକୁ ଗ୍ରହଣ କରି ନେଇଥିଲେ । ସେ ଜଣେ ସତ୍ୟନିଷ୍ଠ ସର୍ବରାକାର ରୂପେ ନିଜର କର୍ତ୍ତବ୍ୟ ପାଳନ କରିବା ସଙ୍ଗେ ସଙ୍ଗେ ଜନସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଯେଉଁ ପ୍ରକାର ରୋଗୀ ତାଙ୍କର ଦ୍ୱାରସ୍ଥ ହେଉଥିଲେ ସେ ବିନା ଦ୍ୱିଧାରେ ସେମାନଙ୍କୁ ରୋଗମୁକ୍ତ କରିବାର ଦାୟିତ୍ୱ ବହନ କରିଥିଲେ । କବି ହିସାବରେ ତାଙ୍କର ସୁଖ୍ୟାତି ନରିସିଂହପୁର ବ୍ୟତୀତ ଦଶପଲ୍ଲା, ବଉଦ, ସୋନପୁର, ଆଠମଲ୍ଲିକ, ଅନୁଗୁଳ ଅଞ୍ଚଳରେ ଅଦ୍ୟାବଧି ପରିବ୍ୟାପ୍ତ । ତାଙ୍କ ବିରଚିତ 'ଗୀତି ସପ୍ତକ' ନାମକ ପୁସ୍ତକ ୧୯୬୩ ମସିହାରେ ପ୍ରକାଶଲାଭ କରିଛି ଏବଂ ଷାଠିଏରୁ ଊର୍ଦ୍ଧ୍ୱ କବିତା ତଥା ଖଣ୍ଡକାବ୍ୟ ପ୍ରକାଶ ଅପେକ୍ଷାରେ ତାଙ୍କର ନାତି ଡ଼ଃ ଅଶ୍ୱିନୀ କୁମାର ଡାଳୁଆଙ୍କ ନିକଟରେ ଅଛି ।

ତାଙ୍କ ପରି ସ୍ୱାଭିମାନୀ, ପରୋପକାରୀ, ତାନ୍ତ୍ରିକ, ସୁଖ୍ୟାତି ସମ୍ପନ୍ନ କବି ତଥା ମହାନୁଭବ ଆଜିର ସମାଜରେ ଦୁର୍ଲ୍ଲଭ । ଆସନ୍ତୁ ତାଙ୍କରି ବିଷୟରେ ଜାଣି ପାରିବା ଡ଼ଃ ଅଶ୍ୱିନୀ କୁମାର ଡାଳୁଆଙ୍କ ଲିଖିତ ''ସ୍ୱର୍ଗତ ଲୋକନାଥ ଡାଳୁଆ'' ପ୍ରବନ୍ଧ ପାଠକରି-

ପୂର୍ବତନ ଗଡ଼ଜାତ ରାଜ୍ୟ ଦଶପଲ୍ଲାର ଜୋଡ଼ମୁ ପ୍ରଗଣା ଏକ ବିଚ୍ଛିନ୍ନାଞ୍ଚଳ ରୂପେ ପରିଚିତ । ପ୍ରଶାସନିକ ସୁବିଧା ପାଇଁ ଏହି ଅଞ୍ଚଳକୁ ୧୯୬୬ ମସିହାରେ ପୁରୀ ଜିଲ୍ଲାରୁ ବିଚ୍ଛିନ୍ନ କରି କଟକ ଜିଲ୍ଲାର ପରିସରଭୁକ୍ତ କରାଗଲା । ଫଳରେ ଏହା ବର୍ତ୍ତମାନ ନରସିଂହପୁରର ତହସିଲର ଅନ୍ତର୍ଭୁକ୍ତ । ଏହି ଅଞ୍ଚଳରେ ''କମଳାଡିହ'' ଗୋଟିଏ ପ୍ରତିଷ୍ଠିତ ଗ୍ରାମ ।

ଏହା ଏକଦା ମହାନଦୀ କୂଳରେ ଅବସ୍ଥିତ ଥିଲା । କିନ୍ତୁ ମହାନଦୀର ବନ୍ୟା ପ୍ରକୋପ ହେତୁ ଏହାକୁ ପ୍ରାୟ ଏକ କିଲୋମିଟର ଦୂରକୁ ସ୍ଥାନାନ୍ତରିତ କରାଗଲା । ଏହି ଗ୍ରାମରେ ୧୮୭୮ ମସିହାରେ ଜନ୍ମଗ୍ରହଣ କରିଥିଲେ ସ୍ୱନାମଧନ୍ୟ ଶ୍ରୀଯୁକ୍ତ ଲୋକନାଥ

Digitized by PPRACHIN, SOA

ତାଳୁଆ । ତାଙ୍କର ପିତାଙ୍କ ନାମ ସୁଦାମ ଚରଣ ଏବଂ ମାତାଙ୍କ ନାମ ଶୋଭା ଦେବୀ । ପିତା ସୁଦାମ ଚରଣ ରାଜାଙ୍କ ପ୍ରଦତ୍ତ 'ସାମନ୍ତରାୟ' ପଦବୀରେ ଭୂଷିତ ହୋଇଥିଲେ ମାତ୍ର ତାଙ୍କରି ପୁତ୍ର ଲୋକନାଥ ଏହାକୁ ତିରସ୍କାର କରି ପୁରୁଷାନୁକ୍ରମେ ଚଳି ଆସୁଥିବା 'ତାଳୁଆ' ସଂଜ୍ଞାକୁ ପୁନର୍ବାର ଆଦରି ନେଲେ ।

ବାଲ୍ୟକାଳରେ ତାଙ୍କର ଶିକ୍ଷାଲାଭ ହୁଏ ସ୍ୱଗୃହରୁ । ପିତାଙ୍କ ଦ୍ୱାରା ନିଯୁକ୍ତ ଗୃହଶିକ୍ଷକ ସମସ୍ତ ଶିକ୍ଷାଦାନର ଭାର ବହନ କରିଥିଲେ । ସୁତରାଂ କୌଣସି ଶିକ୍ଷାୟତନରେ ଶିକ୍ଷା ଲାଭ କରିବାର ସୁଯୋଗ ଲୋକନାଥ ପାଇ ନଥିଲେ । ତଥାପି ଗୃହ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସେ କରଣୀ ଓଡ଼ିଆ ବ୍ୟତୀତ ହିନ୍ଦୀ ଓ ବଙ୍ଗଳା ଭାଷାରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ସେ କାଳରେ ମଧ୍ୟ ସେ ଉତ୍ତର ପ୍ରଦେଶର ଗୋରଖପୁରସ୍ଥ ଗୀତା ପ୍ରେସ ପ୍ରକାଶିତ ହିନ୍ଦୀ ପୁରାଣ ସମ୍ବଳିତ 'କଲ୍ୟାଣ'ର ସବୁଦିନିଆ ଗ୍ରାହକ ଥିଲେ । ବିଭିନ୍ନ ବଙ୍ଗଳା ପୁସ୍ତକ ବିଶେଷ କରି ତନ୍ତ୍ର ସମ୍ବଳିତ ପୁସ୍ତକ ପାଠକରି ସେ ଗୁଣି ବିଦ୍ୟା ମଧ୍ୟ ହାସଲ କରିଥିଲେ ।

ଲୋକନାଥଙ୍କର ଅସୀମ ସାହସ ଓ ସାଙ୍ଗଠନିକ ଦକ୍ଷତା ଥିଲା: ଯେଉଁଥିପାଇଁ କି ରାଜା ତାଙ୍କୁ କମଳାଡିହ ସମେତ ଚାରିଖଣ୍ଡ ଗ୍ରାମର ସର୍ବରାକାର ରୂପେ ମୁତୟନ କରିଥିଲେ । ଲୋକମୁଖରେ ସେ ଥିଲେ ପ୍ରଧାନ । ଏ ପର୍ଯ୍ୟନ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଲୋକମାନେ ତାଙ୍କ ଘରକୁ 'ପଧାନ ଘର' ରୂପେ ଜାଣିଥାନ୍ତି । ମହାନଦୀ ତଟବର୍ତ୍ତୀ ଗ୍ରାମର ଅଧିବାସୀ ହୋଇଥିବାରୁ ଚାଷ ବ୍ୟତୀତ ସେ କାଠ, ବାଉଁଶ ବ୍ୟବସାୟକୁ ଜୀବିକା ନିର୍ବାହ ପାଇଁ ଆଦରି ନେଇଥିଲେ । ନିକଟବର୍ତ୍ତୀ ଜଙ୍ଗଲରୁ କାଠ ଓ ବାଉଁଶ କଟାଇ ଡଙ୍ଗା ଓ ଭେଳା ସାହାଯ୍ୟରେ କଟକ (ମାତା ମଠ) ପର୍ଯ୍ୟନ୍ତ ବିକ୍ରୟ ସକାଶେ ପଠାଉଥିଲେ । କହିବା ବାହୁଲ୍ୟ ଯେ, ଗଡ଼ଜାତର ରାଜାମାନେ ଅତ୍ୟନ୍ତ ପରଶ୍ରୀକାତର ଥିଲେ । ଲୋକନାଥଙ୍କର ବର୍ଦ୍ଧିଷ୍ଣୁ ଆର୍ଥିକ ସ୍ଥିତି ରାଜାଙ୍କର ସହ୍ୟ ହେଲା ନାହିଁ । ତାଙ୍କୁ ହରଡ଼ ଘଣାରେ ପକାଇବା ପାଇଁ ସୁଯୋଗ ଖୋଜି ବୁଲିଲେ ।

ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ପରେ ଓଡ଼ିଶାରେ ଯେଉଁ କେତେଜଣ କଂଗ୍ରେସ କର୍ମୀ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଦଶପଲ୍ଲାର ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ମିଶ୍ର । ସେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱଦେଶୀ ଆନ୍ଦୋଳନର ପ୍ରମୁଖ ନେତା ଥିଲେ । ଅନେକ ସମୟରେ ସେ କମଳାଡିହ ଆସି ତାଙ୍କର ଆତ୍ମୀୟଙ୍କ ଘରେ ଅବସ୍ଥାନ କରୁଥିଲେ । ତାଙ୍କୁ ନାନା କାର୍ଯ୍ୟରେ ଲୋକନାଥ ଲୁକ୍କାୟିତ ଭାବରେ ସହାୟତା କରୁଥିଲେ । ଅଧିକନ୍ତୁ ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀମାନ୍ ବିଶ୍ୱକସେନ୍ ତାଳୁଆ ମାଟ୍ରିକ ପରୀକ୍ଷା ନ ଦେଇ କଂଗ୍ରେସ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ଏ ସବୁ ରାଜାଙ୍କର ସହ୍ୟ ହେଲା ନାହିଁ । ଲୋକନାଥଙ୍କୁ ହଇରାଣ ହରକତ କରିବାକୁ ସେ ନାନାଦି ଉପାୟ ଖୋଜିଲେ । ପ୍ରଥମେ ଦୃଷ୍ଟି

Digitized by PPRACHIN, SOA

ପଡ଼ିଲା ତାଙ୍କର ବ୍ୟବସାୟ ଉପରେ । ଜଙ୍ଗଲ କର୍ମଚାରୀଙ୍କ ଠାରୁ ପ୍ରାପ୍ତ କାଠ ପାସ୍‌ଟିକୁ ଚଞ୍ଚକତା କରି ସେ ନେଇଯାଇ ପାସ୍ ନ ଥିବା ଆଳରେ କଟକ ପଠାଇବାକୁ ଥିବା ଶହ ଶହ ମୂଲ୍ୟବାନ କାଠ ଓ ବାଉଁଶକୁ ଜବତ କରିନେଲେ ଏବଂ ମୋକଦ୍ଦମା ଦାଏର କଲେ । ନିଜେ ସିପେଇକୁ ନିଜେ ଜଜ୍ । ଏହା ୧୯୨୮ ମସିହାର କଥା । ଜୋରିମାନା ଦେୟ ପଇଠ କରିବା ପାଇଁ ଲୋକନାଥ ତାଙ୍କର ୧୦/୧୨ ଏକର ଅଉଲ ଜମି ବିକ୍ରୟ କରିବା ସହିତ ୧୨୬ଟି ଦୁହାଁଳିଆ ଗାଈ ହରାଇଲେ । ଘରେ କୋରଖ ହୋଇ ଗହଣା, ବାସନ କୁସନ ମଧ୍ୟ ଜବତ ହେଲା । ଦ୍ୱିତୀୟରେ ସର୍ବରାକାରୀ ପଦବୀ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଟ ୮୪/- ବକେୟା ଖଜଣା ଥିବାର ଦର୍ଶାଇ ତାଙ୍କର ୩୪ଟି ଦୁହାଁଳିଆ ମଇଁଷି ଜବତ କରାଗଲା ।

ଏ ସବୁ ଅନ୍ୟାୟ ସତ୍ତ୍ୱେ ଲୋକନାଥ ଭାଙ୍ଗି ପଡ଼ି ନଥିଲେ, ଶିକ୍ଷାପ୍ରତି ତାଙ୍କର ପ୍ରଗାଢ଼ ଆଦର ଥିଲା । ସେତେବେଳେ ରାସ୍ତା, ଘାଟ, ବସ ଯାତାୟତ କିଛି ନଥିଲା । ଦଶପଲ୍ଲା ଗଡ଼କୁ ମହାନଦୀ ପାର ହୋଇ ଜଙ୍ଗଲ, ପର୍ବତ ଅତିକ୍ରମ କରି ଚାଲି ଚାଲି ପ୍ରାୟ ୩୦ କିଲୋମିଟର ଯିବାକୁ ପଡୁଥିଲା । ତଥାପି ଲୋକନାଥ ତାଙ୍କର ତିନିପୁଅଙ୍କ ମଧ୍ୟରୁ ପ୍ରଥମ ଦୁଇଜଣଙ୍କୁ କଟକର ସୟଦ ସେମିନାରୀ ଓ ଭଦ୍ରମଧୁ ବିଦ୍ୟାପୀଠ ଏବଂ ସାନପୁଅକୁ ବୌଦ ଓ ଅନୁଗୁଳରେ ମାଟ୍ରିକ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଥିଲେ । ସାନପୁଅ ରେଭେନ୍ସା କଲେଜରେ ମଧ୍ୟ ଉଚ୍ଚଶିକ୍ଷା ପାଇଥିଲେ । ବ୍ୟବସାୟରୁ ନିବୃତ୍ତ ହୋଇ ଲୋକନାଥ କୃଷି କାର୍ଯ୍ୟ ଏବଂ ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କଲେ । ଅର୍ଥକରି ଫସଲ ଉତ୍ପାଦନରେ ସେ ଜଣେ ଅଗ୍ରଣୀ କୃଷକ ଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇ ସେ ଅନେକ ଗୁଡ଼ିଏ ଛାନ୍ଦ, ବନ୍ଦନା, ଚଉପଦୀ ଇତ୍ୟାଦି ରଚନା କରିଲେ ଯାହାକି ସୁଦୂର ବୌଦ୍ଧ, ସୋନପୁର, ଆଠମଲ୍ଲିକ, ଅନୁଗୁଳ ପ୍ରଭୃତି ଅଞ୍ଚଳରେ ଦଣ୍ଡନାଚ-ପ୍ରେମୀଙ୍କ ଦ୍ୱାରା ବିଶେଷ ଆଦୃତ ହେଉଥିଲା । ପ୍ରକାଶିତ 'ଗୀତି ସୁସ୍ତବକ' ପୁସ୍ତକ ପାଠ କରିଲେ ଲୋକନାଥଙ୍କର ସାହିତ୍ୟ ପ୍ରତିଭାର ଆଭାସ ମିଳେ । ତାଙ୍କର ପ୍ରାୟ ଷାଠିଏଟି ଛୋଟ ବଡ଼ କବିତା ଅପ୍ରକାଶିତ ହୋଇ ରହିଛି । ପୌରାଣିକ ବିଷୟବସ୍ତୁକୁ ଆଧାର କରି ସେ ତାଙ୍କର ଅଧିକାଂଶ କବିତା ରଚନା କରିଛନ୍ତି ଯେଉଁଥିରେ ଶବ୍ଦ ଯୋଜନାର ବାହାଦୂରୀ ଅଛି । 'ଯୁଗଳ' ଏବଂ 'ରାଧାକୃଷ୍ଣ ରାସ' କବିତା ଦୁଇଟିକୁ ସେ 'କ'ଠାରୁ 'କ୍ଷ' ପ୍ରଥମ ଅକ୍ଷର ଥାଇ ଶବ୍ଦ ସଂଯୋଜନା କରି ସଂପୂର୍ଣ୍ଣ କରିଛନ୍ତି । 'କୀଚକ ବଧ' ଖଣ୍ଡକାବ୍ୟରେ ତାଙ୍କର ଶବ୍ଦ ଯୋଜନାର ଚାତୁରୀ ନିମ୍ନୋକ୍ତ ପଦ୍ୟାଂଶରୁ ଜଣାପଡ଼େ ।

'ରସିକେ ଘେନ ଏ ରସ ପଞ୍ଚକ
ରସାରେ ଭାରା ହେବାରୁ କୀଚକ
ରସି ସଇନ୍ଧ୍ରୀରେ ହୋଇ ଇଚ୍ଛୁକ
ରମଣୀରେ କେ ହୋଇ ପୁଚ୍ଛକ

Digitized by PPRACHIN, SOA

ରଙ୍କ ପରି ଦକ ଦକ
  ରଜନୀ ଦିବସ ନ ହୋଇଲା ହୋସ
    ହେଉଥାଏ ଦକ ଦକ ।
ଅନ୍ୟ ପକ୍ଷରେ 'ଆଗଲ' କବିତାରେ ତାଙ୍କର ଜୀବନ ଦର୍ଶନର ଆଭାସ ମିଳେ, ଯଥା -
ବିଷୟ ଭୋଗେ ପଡ଼ିଥାଏ ସେହି
ଦରିଦ୍ର ସଂସାରେ ଅଟଇ ସେହି ।
X X X X X
ସଂସାରେ ପୌରୁଷ ନାହିଁ ଯାହାର
ଜିଇଥିଲେ ସିଏ ମଲା ପ୍ରକାର ।।

ପାଲାଗାୟକ ମାନେ ତାଙ୍କର ଯୁକ୍ତି ଓ ବିଶ୍ଳେଷଣ ଶୈଳୀରେ ହତବାକ୍ ହେଉଥିଲେ । ଯଦିଓ ସେ ନାସ୍ତିକ ନଥିଲେ, ଅନ୍ଧ ବିଶ୍ୱାସରେ ତାଙ୍କର ବିଶ୍ୱାସ ନଥିଲା କିନ୍ତୁ ବିଭିନ୍ନ ବଙ୍ଗଳା ପୁସ୍ତକ ଅଧ୍ୟୟନ କରି ସେ ଯେଉଁ ଗୁଣିବିଦ୍ୟା ହାସଲ କରିଥିଲେ ତାହାକୁ ଲୋକହିତକର କାମରେ ଉପଯୋଗ କରୁଥିଲେ । ପାଗଳା କୁକୁର, ବିଲୁଆ କାମୁଡ଼ିଲେ, ସାପ, କଙ୍କଡ଼ାବିଛା ଆଦି ଦଂଶନ କଲେ, ଡାହାଣୀ ବା ଭୂତ ଲାଗିଲେ, ପେଟ କାମୁଡ଼ିଲେ, ଗର୍ଭବତୀ ସ୍ତ୍ରୀ ଏବଂ ଗାଈ ପ୍ରସବ ବେଦନା ଭୋଗୁଥିଲେ, ସେ ମନ୍ତ୍ର ଝାଡ଼ଣ କରି ଅବିଳମ୍ବେ ଉପଶମ କରି ପାରୁଥିଲେ । ତାଙ୍କ ନିକଟରୁ ଏହି ମହାନ ଗୁଣିବିଦ୍ୟା ତାଙ୍କର ବଡ଼ପୁଅ ଶ୍ରୀଯୁକ୍ତ ବିଶ୍ୱକସେନ ଡାଲୁଆ ଏବଂ ନାତି ଶ୍ରୀମାନ୍ ସଞ୍ଜୟ କୁମାର ଡାଲୁଆ ଦାୟସୂତ୍ରେ ପାଇ ତାହା ଉପଯୋଗ କରି ଆସିଛନ୍ତି, ଏବଂ କରୁଛନ୍ତି ।

ଖାଲି ସେତିକିତ ନୁହେଁ, ସେ ନାନାଦି ଔଷଧୀୟ ଲତା, ଗୁଳ୍ମ ମଧ୍ୟ ନିଜ ବାଡ଼ିରେ ରୋପଣ କରି ଯଥା ସମୟରେ ରୋଗ ଚିହ୍ନି ତାହାକୁ ରୋଗୀକୁ ଦେଇ ରୋଗ ଭଲ କରିବାର ଦୃଷ୍ଟାନ୍ତ ଅଛି ।

ଏତଦ୍ ବ୍ୟତୀତ ଆଖପାଖ ୧୦/୧୫ ଖଣ୍ଡ ଗ୍ରାମରେ ନ୍ୟାୟ, ନିଶାପ ପାଇଁ ତାଙ୍କୁ ଡକାଯାଉଥିଲା ଏବଂ ତାଙ୍କର ନିଷ୍ପତ୍ତିକୁ ଗ୍ରହଣ କରାଯାଉଥିଲା । ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ହେଲେ ତାହାକୁ ଅତି ସହଜରେ ସମାଧାନ କରୁଥିଲେ ବିଭିନ୍ନ ଦୃଷ୍ଟାନ୍ତ ଦେଖାଇ ଆଉ ନୀତିବାଣୀ କହି । "ଯୁଦ୍ଧ ଯେବେ କରିବ ସଂଗେ ଥିବ ଭାଇ", "ଦୁଧ ଯେବେ ଖାଇବ ଘରେ ଥିବ ଗାଈ" । ତାଙ୍କରି ନିର୍ଦ୍ଦେଶରେ ଡାଲୁଆ ପରିବାର ଅଦ୍ୟାବଧି ଯୁଗ୍ମ ପରିବାର ଭାବରେ ସୁଦୃଢ଼ ହୋଇ ରହିଛି । ୧୯୭୧ ମସିହା ଡିସେମ୍ବର ମାସରେ ଅତି ପରିଣତ ବୟସରେ ସେ ମୃତ୍ୟୁବରଣ କରିଲେ ସତ ମାତ୍ର ତାଙ୍କର ସ୍ୱାଭିମାନ, ଧୈର୍ଯ୍ୟ ରୋଗୀସେବା ନ୍ୟାୟ ନିଶାପ ତଥା କବିତ୍ୱ ନେଇ ନରସିଂହପୁର ଝୁରୁଛି ଓ ଝୁରିବ । ❑ ❑ ❑

Digitized by PPRACHIN, SOA

ଅମ୍ଳାନ ପ୍ରତିଭା ଚକ୍ରଧର ମହାପାତ୍ର

ଇଂ.ଡଃ. ସ୍ୱପ୍ନେଶ୍ୱର ଦାସ

ଓଡ଼ିଆ ସାହିତ୍ୟ ଜଗତରେ ଯେଉଁ କତିପୟ ଅମ୍ଳାନ ପ୍ରତିଭା ସେମାନଙ୍କ ସ୍ଥିତିକୁ ଅକ୍ଷୁଣ୍ଣ ଅବସ୍ଥାରେ ରଖି ଯାଇଛନ୍ତି ସେମାନଙ୍କ ମଧ୍ୟରେ ଚକ୍ରଧର ମହାପାତ୍ର ଏକତମ । ସେ ଥିଲେ ଏକାଧାରରେ ଜଣେ ଲବ୍ଧପ୍ରତିଷ୍ଠ କାବ୍ୟକାର, ନାଟ୍ୟକାର, ପ୍ରାବନ୍ଧିକ, ଗାଳ୍ପିକ, ଔପନ୍ୟାସିକ, ସଂଗ୍ରାହକ,ଐତିହାସିକ ସମାଲୋଚକ, ସଂକଳକ, ସଂସ୍କାରକ, ଅନୁବାଦକ ଓ ଗବେଷକ । ସେ କୌଣସି ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ନୁହନ୍ତି ମାତ୍ର ନିଜର ଅଧ୍ୟବସାୟ ଓ ଜିଜ୍ଞାସା ବଳରେ ଓଡ଼ିଆ, ବଙ୍ଗଳା ହିନ୍ଦି, ସଂସ୍କୃତି ଓ ଇଂରାଜୀ ଭାଷାରେ ଦକ୍ଷତା ଅର୍ଜନ କରି ପାରିଥିଲେ । ସେ ହେଉଛନ୍ତି ଦେବଭୂମି ନରସିଂହପୁରର ବରପୁତ୍ର । ୧୯୦୮ ମସିହା ମାର୍ଚ୍ଚମାସ ୧୮ ତାରିଖରେ ତାଙ୍କର ଶୁଭ ଆବିର୍ଭାବ ଘଟେ ହରିଚନ୍ଦନପୁର ଶାସନରେ । ତାଙ୍କ ପିତାମାତାଙ୍କ ନାମ ଯଥାକ୍ରମେ ଲୋକନାଥ ରାଜଗୁରୁ ଓ ସର୍ବଗୁଣ ସମ୍ପନ୍ନା ବିଦୁଷୀ ମହିଳା ଗୌରୀଦେବୀ ।

ତାଙ୍କରି ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି 'ସେମାନଙ୍କ ମୁଖରୁ ଶୁଣାଯାଏ ସେ କବିକୁଳ ତିଳକ କାଳିଦାସଙ୍କ କୁମାର ସମ୍ଭବ, ରଘୁବଂଶ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କୃତ ବୈଦେହୀଶ ବିଳାସ, ଲାବଣ୍ୟବତୀ, କବିବର ରାଧାନାଥ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟଗୁଡ଼ିକ ମଧୁର କଣ୍ଠରେ ଗାନ ତଥା ସୁନ୍ଦର ଭାବରେ ଅର୍ଥକରି ସମସ୍ତଙ୍କୁ ମୁଗ୍ଧ କରି ଦେଉଥିଲେ ।

କର୍ମମୟ ଜୀବନର ଅବସର ସମୟରେ ସେ ସାହିତ୍ୟ ସାଧନାରେ ରତ ଥିଲେ, ଯାହାରି ଫଳରେ ତାଙ୍କର ଅଦ୍ୟାବଧି ୩୨ ଖଣ୍ଡ ପୁସ୍ତକ ପ୍ରକାଶିତ ଓ ୪୭ ଖଣ୍ଡ ପୁସ୍ତକ ଅପ୍ରକାଶିତ ଭାବରେ ରହିଅଛି । 'ଶ୍ରୀ ଜୟଦେବ' ତାଙ୍କ ଜୀବନର ଶେଷ ପ୍ରକାଶିତ ପୁସ୍ତକ ।

ଚକ୍ରଧର ମହାପାତ୍ରଙ୍କୁ, ଯେତେବେଳେ ୨୦ ବର୍ଷ, ସେତିକି ବେଳେ ସେ ଅସବର୍ଣ୍ଣ ବିବାହ ଉପରେ 'ଗୋବର ଗୋଟେଇ' ଉପନ୍ୟାସ ଲେଖି ଓଡ଼ିଶାରେ ଯେଉଁ ଚହଳ ଓ ଚମକ ସୃଷ୍ଟି କରିଥିଲେ ତାହା ବର୍ଣ୍ଣନାତୀତ । ଏଇ ପ୍ରସଙ୍ଗରେ କିଶୋର ଚନ୍ଦ୍ର ମିଶ୍ର, ପଦ୍ମଭୂଷଣ ଡଃ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଉଦୟନାଥ ଷଡ଼ଙ୍ଗୀ, ମୁରାରୀ ମୋହନ ଜେନା ସେମାନଙ୍କ ଅଭିମତ "ଚକ୍ରଧର ସ୍ମରଣିକା" ମାଧ୍ୟମରେ ବ୍ୟକ୍ତ କରିଛନ୍ତି । ଏହା ସତ୍ୟ ଯେ "ଗୋବର ଗୋଟେଇ" ତତ୍କାଳୀନ ସମାଜ ଉପରେ ପ୍ରଭାବ ପକାଇ ପାରିଥିଲା ଓ ଚକ୍ରଧର ମହାପାତ୍ରଙ୍କୁ ଉଚ୍ଚ ସ୍ତରକୁ ନେଇ ଯାଇଥିଲା ।

Digitized by PPRACHIN, SOA

ସେହିପରି "ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟ" ଏକ ବହୁତଥ୍ୟ ସମ୍ବଳିତ ପୁସ୍ତକ । ଏହାର ଭୂୟସୀ ପ୍ରଶଂସା କରି ଡଃ ସଦାଶିବ ମିଶ୍ର, ଜ୍ଞାନୀନ୍ଦ୍ର ବର୍ମ୍ମା, ଡଃ ମନ୍ମଥ ନାଥ ଦାସ ସେମାନଙ୍କ ମତଦାନ କରିଛନ୍ତି । ଏହାକୁ ପାଠକଲେ ଶରୀର ରୋମାଞ୍ଚିତ ହୁଏ ।

"ଉତ୍କଳ ଗାଉଁଲୀ ଗୀତ" ଏକ ଅପୂର୍ବ ସଂକଳନ । ଗାଁ ଗାଁ ବୁଲି ଲୋପ ପ୍ରାୟ ଓଡ଼ିଆ ମାଟିର କବିତାରୂପେ ସ୍ୱୀକୃତି ଲାଭ କରିଥିବା ବହୁ ଅମୂଲ୍ୟ ଗାଉଁଲୀ ଗୀତିକା ସଂଗ୍ରହ ପୂର୍ବକ ସେ ଗୁଡ଼ିକୁ ସଂକଳନ କରି ବଞ୍ଚାଇ ରଖିଛନ୍ତି ଉତ୍କଳର ଜୀବନ୍ତ ସଂସ୍କୃତି ଏଇ ଚକ୍ରଧର ମହାପାତ୍ର; ନୋହିଲେ ଆଜିକାଲି ମଣିଷର କର୍ମ୍ମ ବ୍ୟସ୍ତତା ସହିତ ବିଜ୍ଞାନ ଯୁଗ ସେ ସବୁକୁ ଭୁଲି ଯାଇଥାନ୍ତା । ସେ ମହାଶୟ ସସ୍ତ୍ରୀକ ରେଡ଼ିଓ ମାଧ୍ୟମରେ ଗାଉଁଲୀ ଗୀତିକା ଗୁଡ଼ିକ ଶୁଣାଇ ଶ୍ରୋତା ମଣ୍ଡଳୀକୁ ଚକିତ କରି ଦେଇଥିଲେ ।

ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଭାବରେ ଲେଖନୀ ଚାଳନା କରି ସେ ଏକ ରେକର୍ଡ଼ ସୃଷ୍ଟି କରି ଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ବୁଦ୍ଧଦେବଙ୍କ ଜନ୍ମ ଓଡ଼ିଶାର ପୁରୀଜିଲ୍ଲା 'କପିଳପ୍ରସାଦ' ବୋଲି ବହୁତଥ୍ୟ ଓ ଅକାଟ୍ୟଯୁକ୍ତି ଦର୍ଶାଇ ସେ ପ୍ରମାଣ କରିଛନ୍ତି । ଅନୁକୂଳ ଗ୍ରହର ଶୁଭ ଚାଳନାରେ ଏହା ସତ୍ୟବୋଲି ଦିନେ ଅବଶ୍ୟ ପ୍ରମାଣିତ ହେବ ।

କେବଳ ସାହିତ୍ୟ ବିଭାଗରେ ସେ ଯଶସ୍ୱୀ ତାହା ନୁହେଁ; ସେ ଥିଲେ ବହୁବିଧ ଗୁଣରେ ଗରୀୟାନ । ପୁନଶ୍ଚ ସେ ଥିଲେ ଜନ୍ମଭୂମି ଦେବଭୂମି ନରସିଂହପୁରର ଯଶୋଗାନକାରୀ । ନରସିଂହପୁରର ରାଜ୍ୟ ବାହାରରୁ ଯେ କେହି ଉଚ୍ଚପଦବୀଧାରୀ ନରସିଂହପୁର ପରିଦର୍ଶନରେ ଆସୁଥିଲେ ସେ ସେମାନଙ୍କୁ ନରସିଂହପୁର ବିଷୟରେ ସମ୍ପୂର୍ଣ୍ଣ ଧାରଣା ଦେଇ ଐତିହାସିକ ତଥା ପୌରାଣିକ ସ୍ଥାନ ବାଣେଶ୍ୱର, ନରସିଂହପୁର ଅଧିଷ୍ଠାତ୍ରୀ ଦେବୀ ପ୍ରଗଳା, ଶୈବ ମନ୍ଦିର ଚମ୍ପେଶ୍ୱର ଚମ୍ପାନାଥ ପୀଠ ଆଦି ଦେଖାଇ ଛାଡୁଥିଲେ । ପରିଦର୍ଶକ ବୃନ୍ଦ ପ୍ରତ୍ୟାବର୍ତ୍ତନ କାଳରେ "ନରସିଂହପୁର ଭୁଲି ହେବନି" ବୋଲି ମତ ପ୍ରକାଶ କରି ଯାଉଥିଲେ । ଜନ୍ମଭୂମି ନରସିଂହପୁର ପ୍ରତି କିପରି ତାଙ୍କର ମମତା ଓ ଭକ୍ତି ଥିଲା ତାହା ଏଥିରୁ ସ୍ୱତଃ ପ୍ରମାଣିତ ହୋଇ ଯାଉଛି ।

ସେ ଥିଲେ ପରୋପକାରୀ ଓ ସାହାଯ୍ୟକାରୀ । ଅଭାବ ଅନାଟନରେ କେଉଁ ଛାତ୍ର ଶିକ୍ଷାରୁ ବଞ୍ଚିତ ହୋଇ ଯାଉଛି ଜାଣିଲେ ଅଭାବୀ ଛାତ୍ରକୁ ଡକାଇ ତାହାକୁ ସାହାଯ୍ୟ କରୁଥିଲେ । ତାଙ୍କରି ଉପରେ ଆଲୋଚନା ପର୍ଯ୍ୟାଲୋଚନା କଲେ ଏକ ଗ୍ରନ୍ଥ ହେବ ।

Digitized by PPRACHIN, SOA

ସେ ଥିଲେ ନିସ୍ୱାର୍ଥପର ସାହିତ୍ୟସେବୀ । "କୁନ୍ତଳା କୁମାରୀ ଜୀବନ ରଚିତ" ପୁସ୍ତକ ଲେଖି ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ହେଁ ସେ ତାହା ଗ୍ରହଣ କରି ନଥିଲେ । ତାଙ୍କର ମହନୀୟତା ଏଇଥିରୁ ହିଁ ପରିସ୍ଫୁଟ ହୁଏ ।

ତାଙ୍କରି ତିରୋଧାନ ଘଟିଲା ଅକ୍ଟୋବର ୨୪, ୧୯୮୨ ମସିହାରେ । ତାଙ୍କରି ଅମ୍ଳାନ ପ୍ରତିଭା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୈନିକ ମାତୃଭୂମି (ସମ୍ପାଦକୀୟ ୨୫.୧୦.୧୯୮୨) ଡଃ ସଦାଶିବ ମିଶ୍ର, ଡଃ ଯଦୁନାଥ ଦାସ ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ, ବିନୋଦ କାନୁନଗୋ, ଜ୍ଞାନୀନ୍ଦ୍ର ବର୍ମା, ମୁରଲୀ ମୋହନ ଜେନା ପ୍ରମୁଖ ସେମାନଙ୍କ ଅଭିମତ ପରିପ୍ରକାଶ କରିଛନ୍ତି ।

ସ୍ୱର୍ଗତ ଚକ୍ରଧର ମହାପାତ୍ର ଆଜି ଇହଧାମରେ ନାହାନ୍ତି, ଏକଥା ସତ୍ୟ; ତାଙ୍କର ରଚନାବଳୀ ମାଧ୍ୟମରେ ଯେଉଁ ସାମାଜିକତା, ମାନବିକତା ଓ ଜାତୀୟତାବାଦର କାଳଜୟୀ ତ୍ରିବେଣୀଧାର ବୁହାଇ ଯାଇଛନ୍ତି; ଏଥିଲାଗି ସେ କେବଳ ନରିସିଂହପୁର ବାସୀଙ୍କର କାହିଁକି ସମଗ୍ର ଓଡ଼ିଆ ଜାତିର ଚିର ନମସ୍ୟ ହୋଇ ରହିଥିବେ ଏବଂ ତାଙ୍କୁହିଁ ନରସିଂହପୁର ଝୁରୁଛି ଓ ଝୁରୁଥିବ ।

ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା- ଭଗବାନ ଆଶୀର୍ବାଦ କରନ୍ତୁ ୰ଚକ୍ରଧର ମହାପାତ୍ରଙ୍କ ରଚନାବଳୀ ଉପରେ ଗବେଷଣା କରିବାକୁ ଗବେଷକମାନେ ଆଗେଇ ଆସନ୍ତୁ ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀ ତାଙ୍କର ପ୍ରକାଶିତ ଓ ଅପ୍ରକାଶିତ ପୁସ୍ତକାବଳୀକୁ ନେଇ "ଚକ୍ରଧର ରଚନାବଳୀ" ପ୍ରକାଶ କଲେ ଓଡ଼ିଆ ବାଣୀଭଣ୍ଡାର ଋଦ୍ଧିମନ୍ତ ହେବା ସହ ତାଙ୍କ ପରି ଜଣେ ଅମ୍ଳାନ ପ୍ରତିଭା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା ବୋଲି ମନେ କରାଯିବ ।

ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କପ୍ରକାଶିତ ରଚନାବଳୀ

୧. ଯଦୁମଣି ଗ୍ରନ୍ଥାବଳୀ ଓ ଜୀବନୀ ଚରିତ ପ୍ରକାଶକ-ଦାସ ବ୍ରଦର୍ସ,କଟକ-୧୯୬୫
୨. ଉତ୍କଳ ଗାଉଁଲୀ ଗୀତ-ପ୍ରକାଶିକା-ଶ୍ରୀମତୀ ସୁରମା ମହାନ୍ତି-୧୯୫୯
୩. ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ (ଇତିହାସ)-ପ୍ରକାଶିକ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୬୯
୪. କୁନ୍ତଳା କୁମାରୀ ଜୀବନ ଚରିତ (ଜୀବନୀ) ପ୍ରକାଶକ- ଗ୍ରନ୍ଥ ମନ୍ଦିର, କଟକ ୧୯୭୨
୫. ଦି ରିଏଲ ବାର୍ଥ ପ୍ଲେସ ଅଫ ବୁଦ୍ଧ-ପ୍ରକାଶକ-ଗ୍ରନ୍ଥମନ୍ଦିର, କଟକ -୧୯୭୭

Digitized by PPRACHIN, SOA

୬. ଖଞ୍ଜେଇ ମହାକାଣୀ (ଉପନ୍ୟାସ) ପ୍ରକାଶକ-କଟକ ପବ୍ଲିଶିଙ୍ଗ ହାଉସ୍ -କଟକ-୧୯୭୨
୭. ଶ୍ରୀ ଜୟଦେବ (ଜୀବନୀ) ପ୍ରକାଶିତ - ଗ୍ରନ୍ଥମନ୍ଦିର କଟକ - ୧୯୮୦
୮. ହସିଲା ଜହ୍ନ (ଉପନ୍ୟାସ) ପ୍ରକାଶକ-ଗ୍ରନ୍ଥମନ୍ଦିର କଟକ ୧୯୮୦
୯. ବାଣେଶ୍ୱର (କାବ୍ୟ) ପ୍ରକାଶକ -ପ୍ରେମସୁନ୍ଦର ପ୍ରକାଶନ- କଟକ ୧୯୫୭
୧୦. ସୁନାଝିଅ (ଗଳ୍ପ) ପ୍ରକାଶକ-ବୃନ୍ଦାବନ ସାହୁ ପୁରୀ, ନାସନାଲ ଷ୍ଟୋର-୧୯୩୦
୧୧. ଗୋବର ଗୋଟେଇ (ଉପନ୍ୟାସ) ୧ମ ସଂସ୍କରଣ ପ୍ରକାଶକ- ଭାରତୀ ତପୋବନ ସଂଘ, ଦିଲ୍ଲୀ ୧୯୩୦, ୪ର୍ଥ ସଂସ୍କରଣ - କଟକ ପବ୍ଲିଶିଙ୍ଗ ହାଉସ୍
୧୨. ସାନଙ୍କ ରାମାୟଣ
୧୩. ଅପୂର୍ଣ୍ଣ ପ୍ରେମ - (ଉପନ୍ୟାସ)
୧୪. ରଣ ମାଧୁରୀ (ଉପନ୍ୟାସ) ପ୍ରକାଶକ ସାରସ୍ୱତ ପ୍ରେସ- କଟକ -୧୯୩୪
୧୫. ବଳାଙ୍ଗୀ (ଉପନ୍ୟାସ) ୧ମ ସଂସ୍କରଣ -ପ୍ରକାଶକ -ସାରସ୍ୱତ ପ୍ରେସ, କଟକ - ୧୯୩୪, ୨ୟ ସଂସ୍କରଣ - ପ୍ରକାଶକ, ପ୍ରେମ ସୁନ୍ଦର, ପ୍ରକାଶନ କଟକ - ୧୯୫୭
୧୬. ଓଡ଼ିଆ ଗ୍ରାମ୍ୟ ଗୀତି-ପ୍ରକାଶକ-ଓଡ଼ିଆ ସାହିତ୍ୟ ଏକାଡ଼େମୀ ୧୯୫୮
୧୭. ସାବିତ୍ରୀ-(କାବ୍ୟ) ପ୍ରକାଶକ-ଲକ୍ଷ୍ମୀ ନାରାୟଣ ପୁସ୍ତକାଳୟ, କାଳିବଜାର-କଟକ
୧୮. ସିନେମା ରାଇଜ (ଗଳ୍ପ) ପ୍ରକାଶକ-ଭାରତୀ ଭଣ୍ଡାର, କଟକ -୧୯୩୦
୧୯. ମିଶନ ବାଳିକା(ଗଳ୍ପ) ପ୍ରକାଶକ - ଲକ୍ଷ୍ମୀନାରାୟଣ ପ୍ରେସ, କଟକ -୧୯୩୦
୨୦. ପ୍ରଜାମେଳି-ପ୍ରକାଶକ-ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ-୧୯୩୦
୨୧. ଗଡ଼ଜାତ କୃଷକ-(କବିତା) ପ୍ରକାଶକ-ଭାରତ ପବ୍ଲିଶିଙ୍ଗ ହାଉସ୍
୨୨. ସରୋଜ ନଳିନୀ (ଜୀବନୀ) ପ୍ରକାଶକ-ଲକ୍ଷ୍ମୀ ନାରାୟଣ ପ୍ରେସ୍, କଟକ
୨୩. ରୋଡଙ୍ଗ ବହ୍ନି (ଉପନ୍ୟାସ) ୧ମ ସଂସ୍କରଣ - ପ୍ରକାଶକ -ପ୍ରେମ ସୁନ୍ଦର ପ୍ରକାଶନ, କଟକ-୧୯୪୮, ୨ୟ ସଂସ୍କରଣ -ଏଜନ-୧୯୫୭
୨୪. ଅନ୍ଧାରୀ ମୂଳକ (ଗଳ୍ପ) ପ୍ରକାଶକ-ପ୍ରେମସୁନ୍ଦର ପ୍ରକାଶନ କଟକ-୧୯୫୫
୨୫. କିଶୋରୀ(କବିତା) ପ୍ରକାଶକ - ପ୍ରାଚୀ ପ୍ରେସ୍, ୧୯୩୦
୨୬. କପିଳେଶ୍ୱର ପ୍ରକୃତ କପିଳାବାସ୍ତୁ (ଗବେଷଣା) କପିଳେଶ୍ୱରରେ ବୈଦ୍ଧ ସମାଗମର ପ୍ରଥମ ଅଧିବେଶନରେ ପଠିତ - ୧୯୭୦
୨୭. ବୋହୂଙ୍କ ସୁଖ ଦୁଃଖ ଗୀତିକା - ୧୯୪୭
୨୮. ବାଳରବି (ଜୀବନୀ)
୨୯. ପାଇକ ଭାଇ (କବିତା)
୩୦. ଉତ୍କଳ ଗାଉଁଲୀ ଗୀତ ଚୁମ୍ବକ
୩୧. ନରସିଂହପୁର -ଦେବୋଭର ନରସିଂହପୁର, ଦେବୋଭର ନରସିଂହପୁର ଦ୍ୱାରା

Digitized by PPRACHIN, SOA

ପ୍ରକାଶିତ - ୧୯୪୮

୩୨. ଭଦ୍ରଲୋକ -ସମାଲୋଚନା ମୂଳକ ମାସିକ ପତ୍ରିକା ୧୯୪୮ ରେ ପ୍ରଥମ ସଂଖ୍ୟା ପ୍ରକାଶିତ (୧୨ଶ ସଂଖ୍ୟା ଯାଏ ପ୍ରକାଶିତ ହୋଇଥିଲା)

ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କ ଅପ୍ରକାଶିତ ରଚନାବଳୀ

୧. ଉତ୍କଳ ଗାଉଁଲୀ ଗୀତର ୨ୟ ଭାଗ (ଧରିତ୍ରୀ ଦେବୀର ଗାଥା ଓ କଥା)
୨. କଥା ମାଳିକା (ଉତ୍କଳ ଗାଉଁଲୀ ସାହିତ୍ୟ)
୩. ଗ୍ରାମ୍ୟ କଥା ଓ ଗ୍ରାମ୍ୟ ଗୀତି ଆଲୋଚନା
୪. ମେହେର କବିଙ୍କୁ ରାଧାନାଥଙ୍କ ପତ୍ରାବଳୀ (ସଂଗୃହୀତ)
୫. ସମ୍ବଲପୁର ଇତିହାସ କଥା (ଇତିହାସ)
୬. ନରସିଂହପୁର ପ୍ରାଚୀନ ଇତିହାସ (ଇତିହାସ)
୭. ଲେଖା ମଞ୍ଜରୀ(ପ୍ରବନ୍ଧ ସମୂହ)
୮. ଉତ୍କଳୀୟ ଦୁର୍ଗୋତ୍ସବ, ଦୁର୍ଗୋତ୍ସବ ବିଧି ଓ ଦୁର୍ଗୋତ୍ସବ ଚନ୍ଦ୍ରିକା
୯. ଗାଉଁଲୀ ବ୍ୟାସ ମହାଭାରତ (ଅନୁବାଦ)
୧୦. ଓଡ଼ିଶାର ପର୍ବପର୍ବାଣୀ (ଅସମ୍ପୂର୍ଣ୍ଣ ଲେଖା)
୧୧. ବୁଦ୍ଧଙ୍କ ଜୀବନ ଚରିତ (ଜୀବନୀ, ଉପନ୍ୟାସ ଶୈଳୀରେ ଲିଖିତ)
୧୨. ଉତ୍କଳର ରାନ୍ଧଣା
୧୩. ଓଡ଼ିଶା ବୁଦ୍ଧଙ୍କ ଜନ୍ମସ୍ଥାନ (The real birth place of Budha) ର ଓଡ଼ିଆ ସଂସ୍କରଣ)
୧୪. ଓଡ଼ିଆ ଗାଉଁଲୀ ଗୀତର ଇଂରାଜୀ ଅନୁବାଦ
୧୫. ଅଭିମନ୍ୟୁ ସାମନ୍ତସିଂହରାଙ୍କ ଗ୍ରନ୍ଥାବଳୀ (ଅଭିମନ୍ୟୁଙ୍କ ସମସ୍ତ ରଚନା ଓ ମୁଖବନ୍ଧ ସହ ସଂଗୃହୀତ)
୧୬. ଉପନ୍ୟାସଚନ୍ଦ୍ରିକା, ୧୭.କନ୍ଧମାରେଣୀ, ୧୮. ବୀରା ଶକୁନ୍ତଳା ଗଳ୍ପ
୧୯. ପଞ୍ଚତନ୍ତ୍ର, ୨୦. ହାମଲେଟ, ୨୧. କୃଷ୍ଣ ରୁକ୍ମିଣୀ
୨୨. ବାଟହଂସ (ଲେଖକଙ୍କ ପ୍ରଥମ ଗଳ୍ପ)
୨୩. ଗୀତଗୋବିନ୍ଦ ସମୀକ୍ଷା
୨୪. ଗୀତଗୋବିନ୍ଦ ନିର୍ଯ୍ୟାସ
୨୫. ଗୀତଗୋବିନ୍ଦ (ଗଦ୍ୟ)
୨୬. ଗୀତଗୋବିନ୍ଦ ଉତ୍କଳୀୟ ଅନୁବାଦ
୨୭. ଗୀତଗୋବିନ୍ଦ ଓ ଜୟଦେବ (୨ୟଭାଗ)

Digitized by PPRACHIN, SOA

ନାଟକ :

୨୮. ଶବର ଜେମା ୨୯. ଶକୁନ୍ତଳା ୩୦. ମାଳବିକା ୩୧. ବଡ଼ ଠାକୁର
୩୨. ଦେବଳା ଦେବୀ ୩୩. ଚଣ୍ଡ କୌଶିକ ୩୪. ଲଳିତା ସୁନ୍ଦରୀ
୩୫. ଯୁବରାଜ ୩୬. ଗୋପୀନାଥ ବଲ୍ଲଭ ୩୭. ଜେମାମଣି

ଏକାଙ୍କିକା

୩୮. ଶ୍ରୀକୃଷ୍ଣ ୩୯. ପଦ୍ମାବତୀ ୪୦. ରୁକ୍ମିଣି
୪୧. କୁମାର ବିକ୍ରମ -(ଉତ୍ତର ରାମଚରିତ ଛାୟାରେ ଲିଖିତ)

କବିତା ଗ୍ରନ୍ଥ

୪୨. କନକକମଳ ୪୩. କନକପ୍ରଦୀପ ୪୪. କନକ ଚକ୍ର

ପ୍ରବନ୍ଧ

୪୫. ଦୁର୍ଗୋତ୍ସବ

ସମୀକ୍ଷା

୪୬. ବିଦଗ୍ଧ ଚିନ୍ତାମଣି (ସମାଲୋଚନା ପୁସ୍ତକ)

ଜୀବନଗାଥା

୪୭. (ନିଜ ଜୀବନର ଚରିତ ଅସମ୍ପୂର୍ଣ୍ଣ)

Digitized by PPRACHIN, SOA

କାଶୀନାଥ ପାଣିଗ୍ରାହୀ : ଏକ ବିଲକ୍ଷଣ ପ୍ରତିଭା

ଶ୍ରୀ ଶ୍ୟାମସୁନ୍ଦର ଭୋଳ

କବି ହିଁ ଦ୍ୱିତୀୟ ଈଶ୍ୱର । ସୃଷ୍ଟି କରିବା ତା'ର ଧର୍ମ । ଏଥି ନିମନ୍ତେ ସ୍କୁଲ କଲେଜରେ ଅଧ୍ୟୟନ କରି ଡିଗ୍ରୀଧାରୀ ହେବା ନିହାତି ଦରକାର, ଏହାର ପ୍ରଶ୍ନ ଉଠେନା । ଏହାର ଭୂୟସୀ ପ୍ରମାଣ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେରଙ୍କ ଶିକ୍ଷାଦୀକ୍ଷା ସହିତ ତାଙ୍କର କାବ୍ୟରଚନା କିମ୍ବା ଅନ୍ଧଭୋଇଙ୍କ ଜୀବନୀ ଚରିତ ସହ ତାଙ୍କ ଚରିତ ମୂଲ୍ୟବୋଧ ଆଲୋଚନା କରିଲେ ମନ ଛାଏଁ ଛାଏଁ ହାର ମାନିଯାଏ । ନରସିହପୁରସ୍ଥ 'ନିମସାହି' ନାମକ ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ନେଇଥିବା କାଶୀନାଥ ପାଣିଗ୍ରାହୀ ଠିକ୍ ସେଇ ଗଙ୍ଗାଧର ମେହେରଙ୍କ ଯୋଗ୍ୟତା ସମଭାବାପନ୍ନ ବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର କବି ପ୍ରତିଭା ନରସିଂହପୁର ମଧ୍ୟରେ ସୀମିତ ନ ହୋଇ ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼ ଆଦି ସ୍ଥାନକୁ ସ୍ୱତଃ ସଂପ୍ରସାରିତ ହୋଇଛି ଶ୍ରୁତି ସ୍ୱରୂପ । ନରସିଂହପୁରରେ ପ୍ରେସ ନଥିଲା ତାଙ୍କରି ରଚନାବଳୀକୁ ପ୍ରକାଶ କରିବାକୁ କିମ୍ବା ତାଙ୍କର ଧନବଳ ନଥିଲା କଟକ ବା ଅନ୍ୟାନ୍ୟ ସ୍ଥାନର ପ୍ରେସରେ ତାଙ୍କର ରଚନାବଳୀକୁ ପ୍ରକାଶ କରିବାକୁ । ଦଣ୍ଡନାଚ, ଦାସକାଠିଆ, ରାମଲୀଳା ମାଧ୍ୟମରେ ତାଙ୍କର କାବ୍ୟ କବିତା ଲୋକଙ୍କ ମୁଖରୁ ପ୍ରଚାରିତ ହେଉଥିଲା ।

'ଜାତସ୍ୟ ମୃତ୍ୟୁରେବ ଧ୍ରୁବଂ' । ମାତ୍ର କର୍ମୀ କର୍ମ ତାକୁ ଚିରଦିନ ଅମର କରିଥାଏ । ଏହା ସତ୍ୟ । ଆଜି କାଶୀନାଥ ପାଣିଗ୍ରାହୀ ନାହାନ୍ତି ମାତ୍ର ତାଙ୍କର କାବ୍ୟକୃତି ଆଜି ଜନମାନସରେ ଅକ୍ଷୟ ସମ୍ପଦ ହୋଇ ରହିଛି । ରହିଥିବ ମଧ୍ୟ । ତେଣୁ ସେ ଅମର ହୋଇ ରହିଛନ୍ତି ଓ ରହିଥିବେ ।

ଜନସେବୀ, କବି, ଗାଳ୍ପିକ ଓ ସମାଲୋଚକ ଶ୍ରୀ ଶ୍ୟାମସୁନ୍ଦର ଭୋଳ ୰କାଶୀନାଥ ପାଣିଗ୍ରାହୀଙ୍କ ସମ୍ବନ୍ଧରେ ''କାଶୀନାଥ ପାଣିଗ୍ରାହୀ:ଏକ ବିଲକ୍ଷଣ ପ୍ରତିଭା'' ଶିରୋନାମାରେ ତାଙ୍କର କୃତି ବର୍ଣ୍ଣନା କରିଛନ୍ତି ପ୍ରବନ୍ଧ ମାଧ୍ୟମରେ ବଡ଼ ରୋଚକ ଭାଷା ଓ ଶୈଳୀରେ ।

Digitized by PPRACHIN, SOA

ଆସନ୍ତୁ ପାଠ କରିବା କବି ସ୍ୱର୍ଗତ କାଶୀନାଥ ପାଣିଗ୍ରାହୀଙ୍କ କୃତି ଓ ଅନ୍ୟାନ୍ୟ ସମ୍ବନ୍ଧରେ ।

ସୃଷ୍ଟିର ବିଶାଳ ସାମ୍ରାଜ୍ୟରେ ମନୁଷ୍ୟର ସ୍ଥିତି ଅତ୍ୟନ୍ତ ନଗଣ୍ୟ, ତଥାପି ମନୁଷ୍ୟ ତା'ର ସସୀମ ପରିସର ମଧ୍ୟରେ ପ୍ରାଣର ଅସୀମ ଆବେଗ, ବାସନାକୁ ସୀମାବଦ୍ଧ କରି ରଖିପାରେ ନାହିଁ । ଅଫୁରନ୍ତ ରହସ୍ୟର ଗନ୍ତାଘର ଏହି ଧରିତ୍ରୀ ମଣିଷର ଅନିସନ୍ଧିତ୍ସୁ ପ୍ରାଣକୁ ପ୍ରତି ମୁହୂର୍ତ୍ତରେ ଆକୃଷ୍ଟ କରେ । ଦେଶ ଓ ଜାତି ପାଇଁ ଯେଉଁମାନଙ୍କର ବଳିଷ୍ଠ ପ୍ରେରଣା,ତ୍ୟାଗପୂତ ଆଦର୍ଶ, ଉତ୍ସର୍ଗୀକୃତ ଜୀବନ ଓ ମହାନ ଅବଦାନ ସେଇମାନେ ହିଁ ଚିରସ୍ମରଣୀୟ ହୋଇ ରହିଥାନ୍ତି ଆଗାମୀ ବଂଶଧର ମାନଙ୍କ ପାଇଁ ଭବିଷ୍ୟତର ତର୍ଜମା ନିମନ୍ତେ; ସେଇମାନଙ୍କ ମହାନତା ପାଇଁ ଦେଶ ଓ ଜାତି ଝୁରେ ଏବଂ ଆଖିରୁ ଲୁହ ଗଡ଼ାଏ ।

ଆଜି ଯେଉଁମାନଙ୍କ ଜୀବନର ମହାନୁଭବତା ଓ ଆଦର୍ଶ ଅନୁସରଣ କରି ବ୍ୟର୍ଥତାକୁ ସାର୍ଥକତାରେ ଓ ଅପୂର୍ଣ୍ଣ ଜୀବନକୁ ପୂର୍ଣ୍ଣତାର ଗୌରବରେ ରୂପାନ୍ତରିତ କରିବାକୁ ଉଚିତ୍‌ମନେ କରାଯାଉଛି, ସେମାନଙ୍କ ମଧ୍ୟରୁ ସ୍ୱର୍ଗୀୟ କାଶୀନାଥ ପାଣିଗ୍ରାହୀ ଏକତମ । ତାଙ୍କରି ଜୀବନୀ ତଥା ପ୍ରତିଭା ଆଗାମୀ ବଂଶଧର ମାନଙ୍କ ପାଇଁ ନିଶ୍ଚିତ ଭାବରେ ଯଥେଷ୍ଟ ପ୍ରେରଣାର ଅକ୍ଷୟ ସମ୍ପଦ ହୋଇ ରହିବ ବୋଲି କହିଲେ ଏହା ଅତ୍ୟୁକ୍ତି ହେବ ନାହିଁ ।

ନରସିଂହପୁର ଗଡ଼ର ଅନତି ଦୂରରେ ପଶ୍ଚିମରେ ଅବସ୍ଥିତ ଅଖ୍ୟାତ ପଲ୍ଲୀ 'ନିମସାହି' ରେ ସ୍ୱର୍ଗୀୟ ହଟ ପରମଗୁରୁଙ୍କ ଔରସରେ ସ୍ୱର୍ଗୀୟ ଚିତ୍ରଲେଖା ଦେବୀଙ୍କ ଗର୍ଭରୁ ସମ୍ଭୁତ ଦ୍ୱିତୀୟ ସନ୍ତାନ କାଶୀନାଥ ଜୀବନରେ ସତୁରିଟି ବସନ୍ତକୁ ପଛରେ ପକାଇ ଆଜକୁ ଏଗାର ବର୍ଷ ତଳେ (୧୯୮୬ ମସିହାରେ) ସମୟର ପ୍ରଖର ଅଗ୍ରଗାମୀ ସ୍ରୋତରେ ବନ୍ଧୁ ବାନ୍ଧବଙ୍କୁ ଶୋକ ସାଗରରେ ଭସାଇ ଦେଇ ଭାସି ଯାଇଛନ୍ତି ସତ, ମାତ୍ର ଜୀବନାତୀତର ଅସମ୍ପୂର୍ଣ୍ଣ କେତୋଟି ପୃଷ୍ଠା ପ୍ରଭାବଶାଳୀ ମନଛୁଆଁ କାବ୍ୟ ସମ୍ଭାର ପାଇଁ ନରସିଂହପୁର ଝୁରୁଛି ଓ ଝୁରିବ ।

ସ୍ୱର୍ଗୀୟ କାଶୀନାଥ ପାଣିଗ୍ରାହୀ ପ୍ରାଇମେରୀ ଶିକ୍ଷା ଶେଷ କରି ନିଜଗଡ଼ସ୍ଥିତ ସାଧୁଚରଣ ସଂସ୍କୃତ ଶିକ୍ଷା ନିକେତନରେ ପ୍ରଥମା ପାଠ୍ୟକ୍ରମ ଶିକ୍ଷାଲାଭ ପାଇଁ ନାମ ଲେଖାଇଥିଲେ ମାତ୍ର ଭାଗ୍ୟଦେବୀଙ୍କ ଅପ୍ରସନ୍ନତାର ଶିକାର ହୋଇ ଶିକ୍ଷାରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା । ଚିରବନ୍ଦୀତା ଭାରତ ଜନନୀର ମୁକ୍ତି ନିମନ୍ତେ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଝାସ ଦେଇ ଅକଥନୀୟ ଦୁଃଖ ନିର୍ଯ୍ୟାତନା ଭୋଗ କରିଥିଲେ ମଧ୍ୟ ତାଙ୍କର ଧୈର୍ଯ୍ୟବନ୍ଧ ଅଭଙ୍ଗ ରହିଥିଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱର୍ଗତ ପାଣିଗ୍ରାହୀ ସାକ୍ଷର କାର୍ଯ୍ୟକ୍ରମକୁ ସାକାର

Digitized by PPRACHIN, SOA

କରିବା ସ୍ୱପ୍ନରେ ବିଭୋର ହୋଇ କେତେକ ଛୋଟ ଛୋଟ ଶିଶୁଙ୍କୁ ନେଇ ଶିକ୍ଷକତା କରି ବସିଲେ । ସେହି ସମୟରେ ହିନ୍ଦୁ ଜଗତର ବଳିଷ୍ଠ ଧର୍ମ ବିଶ୍ୱାସ ତାଙ୍କୁ ଅତିମାତ୍ରାରେ ପ୍ରଭାବିତ କରିଥିଲା । କର୍ମକ୍ଷେତ୍ରରେ ନିଜର କାବ୍ୟିକ ବୈଶିଷ୍ଟ୍ୟକୁ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ ଶକ୍ତିରୂପିଣୀ, ପରମ ଆରାଧ୍ୟା ଦେବୀ ହିମାଦ୍ରୀ ନନ୍ଦିନୀଙ୍କ ପାଖରେ ପ୍ରତ୍ୟହ ଶରଣାପନ୍ନ ହୋଇ ତାଙ୍କର କଲମ ସଂଚାଳନ କରି ବସିଲେ । ଯୁବ ସଂଗ୍ରାମୀ ତଥା ଶିକ୍ଷକ ପାଣିଗ୍ରାହୀଙ୍କ ଭାଷାର କୋଣାର୍କରେ ନୂତନ ସୂର୍ଯ୍ୟର ଆଭା ପରିସ୍ଫୁଟ ହୋଇ ଉଠିଲା । ଶିକ୍ଷାଗତ ଯୋଗ୍ୟତା ତୁଳନାରେ କବିଙ୍କ ଲେଖନୀମୁନରୁ ମୁକ୍ତିଲାଭ କରିଥିବା କାବ୍ୟିକ ଚେତନା, ତାଙ୍କର ଅଭିପ୍ସା ପୂରଣ କରିବା ସଙ୍ଗେ ସଙ୍ଗେ କବିଙ୍କୁ ବରେଣ୍ୟ ଓ ଚିରସ୍ମରଣୀୟ କରାଇ ପାରିଥିଲା । ଏହା ମୂଳରେ ଚିନ୍ମୟୀ ଜନନୀ ଆଦ୍ୟାଶକ୍ତିଙ୍କର ଅନୁକମ୍ପା ଓ ଆଶୀର୍ବାଦାତ୍ମକ ପ୍ରେରଣା ହିଁ ଯଥେଷ୍ଟ ସହାୟତା କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଭିନ୍ନ ସ୍ଥାନରେ ଦଣ୍ଡନାଚ, ପାଲା, ଶ୍ରୀରାମଲୀଳା, ଶ୍ରୀକୃଷ୍ଣଲୀଳା ଇତ୍ୟାଦି ସାଂସ୍କୃତିକ ଅନୁଷ୍ଠାନ ନୂତନକରି ସୃଷ୍ଟି କରିବା ଓ ନିର୍ଦ୍ଦେଶନା ଦେବା କବିଙ୍କର ମୁଖ୍ୟ କର୍ମ ଥିଲା ।

ପ୍ରଥମେ ପତୋଣ୍ଣୀ ଗାଁ ଗୁରୁଜାଙ୍ଗରେ ଶିକ୍ଷକତା ଆରମ୍ଭ କରିବା ଅବସରରେ ଦଣ୍ଡନାଚର ପ୍ରଥମ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସେଠାରେ ବାଲ୍ୟବନ୍ଧୁ ତଥା ଅନ୍ତରଙ୍ଗ ସହପାଠୀ ରାଜନ ଭୋଳ, ଯିଏ ନରସିଂହପୁରର ଆରାଧ୍ୟ, ଅଖଣ୍ଡ କରୁଣା ବର୍ଷିଣୀ ମା ପ୍ରଗଳାଙ୍କର ଜଣେ ଆଶୟୀ କୃପାଭିକ୍ଷୁ, ତାଙ୍କରି ସହିତ କବିଙ୍କର ଘନିଷ୍ଠତା ଅତୀବ ନିବିଡ଼ ହୋଇ ଯାଇଥିଲା । ଦଣ୍ଡନାଚ ଦଳଟିକୁ ଜନତା ଦରବାରରେ ସୁପରିଚିତ କରାଇବାରେ କବିଙ୍କୁ ଭୋଳ ମହାଶୟଙ୍କର ସହାୟତା ମଧ୍ୟ କୌଣସି ମାତ୍ରାରେ କମ୍ ନଥିଲା । ଗୁରୁଜାଙ୍ଗ, ନିମସାହି ଓ ଉଲ୍ଲାସକୋଟ ଗ୍ରାମର ଆଗ୍ରହୀ ଅନାମଧେୟ କଳାକାରମାନଙ୍କୁ ସ୍ୱନାମଧନ୍ୟ କରିବା ସହିତ ସ୍ୱର୍ଗତ ପାଣିଗ୍ରାହୀଙ୍କର ବଳିଷ୍ଠ ରଚନା ସମୂହର ସଦୁପଯୋଗୀ ସଂଯୋଜନା ଓ ନିର୍ଦ୍ଦେଶନା ଜନିତ ପରିବେଷଣ ଶୈଳୀ ଦର୍ଶକ ଦରବାରରେ ଉଚ୍ଚକୋଟୀର ବୋଲି ପ୍ରମାଣିତ ହେଉଥିଲା; ଯାହାକି ଆଜି ମଧ୍ୟ ଗାଁ ଗହଳ କଳାପ୍ରେମୀ ମାନଙ୍କର ମାନସ ଅମ୍ବରରେ ମଝିରେ ମଝିରେ ଉଙ୍କି ମାରିଥାଏ ।

ସ୍ୱର୍ଗତ ପାଣିଗ୍ରାହୀ ଥିଲେ ଏକାଧାରାରେ ସଙ୍ଗୀତଜ୍ଞ, କୁଶଳୀ ନୃତ୍ୟ ବିଶାରଦ ଓ ସୁକବି । ଶିକ୍ଷାଦାନ ସହିତ ଦଣ୍ଡନାଚରେ ତାଙ୍କର ପ୍ରାଧାନ୍ୟ ଓ ଅବଦାନ ନିମନ୍ତେ ଆଜି ମଧ୍ୟ ସବୁରି ନିକଟରେ ସେ କାଶୀମାଷ୍ଟ୍ରେ ହିସାବରେ ସୁପରିଚିତ । ସାକ୍ଷର ସ୍ୱପ୍ନକୁ ସାକାର କରିବା ସହିତ ଦଣ୍ଡନାଚର ଭିନ୍ନ ଭିନ୍ନ ଭୂମିକା ପାଇଁ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ଲୋକପ୍ରିୟ ସଙ୍ଗୀତ ସଂଯୋଜନା ବଡ଼ ଚମତ୍କାର । କବିଙ୍କର କେତୋଟି କବିତା ପାଠକଲେ କବିଙ୍କର କବିତ୍ୱ ସହଜରେ

Digitized by PPRACHIN, SOA

ଉପଲବ୍ଧି ହୁଏ । ଏଇ ପ୍ରସଙ୍ଗରେ ଦୁଇ ଚାରୋଟି କବିତା ଉପସ୍ଥାପିତ ହେଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ମନେ କରାଯାଏ ।

ପଞ୍ଚଦେବ ଆବାହନ କବିତା :-

ନମଇ ଗଣେଶ ଦେବ ରାଜାରେ, ସଭାରେ ମୋର ଜୁହାର ହଜାରେ
ବିଧ୍ୱଂସିଲୁ ଯେଣୁ ଯମ ରାଜାରେ, ଇନ୍ଦୁର ବାହନେ ବସି ମଜାରେ
ଲଡୁ ଯେ ଗଜା ଖଜାରେ,
ସକଳ ଦେବତା ମଧ୍ୟେ ବ୍ରହ୍ମ ଦେବତା ହେ, ଅଗ୍ରେ ପାଉଛ ପୂଜାରେ ।।
ନାରାୟଣ ମୋ ଆର୍ତ୍ତକର ଘେନା, ଦ୍ୱାପର ଦରହେ ନନ୍ଦର କାହ୍ନା
ନାଶି ଦୁଷ୍ଟ ପ୍ରଭୁ ଉଡ଼ାଅ ବାନା, ନାବିକ ହୋଇଲେ ଗୋପୀଙ୍କ ସିନା
ନାଷର ଦଣ୍ଡ ଦିଅନା,
ନାମ ଉଚ୍ଚାରଣ ନିରତେ କରୁଛି ହେ, ଭବୁ ପାରିହେବି ସିନା ।।
ଭାସ୍କର ଦେବହେ ତୁମରି ପ୍ରଭା, ଭାବେ ବର୍ଣ୍ଣିବି କି ଏ କ୍ଷୁଦ୍ର ଜିହ୍ୱା
ଭ୍ରାନ୍ତି ଉପୁଜେ ଦେଖି ତୋ'ର ପ୍ରଭା, ଭାବୁଛି ମୋ ଦୁଃଖ ନାଶନ ଆଭା
ଭାବ ଏ ପଦର ଶୋଭା,
ଭାବି ପଞ୍ଚଦେବ ଅମ୍ବୁଜ ଚରଣ ହେ, ବସି କାଶୀକରେ ଲୋଭା ।।

ଦୁର୍ଗାଙ୍କ ନିକଟରେ ଭକ୍ତିପୂତ ବିନମ୍ର ନିବେଦନ
(ରୀତି ଯୁଗ ଶୈଳୀରେ ଆଦ୍ୟାନୁପ୍ରାସ 'ସ', ପ୍ରାନ୍ତାନୁପ୍ରାସ 'ଳ' ନେଇ ରଚିତ)

ସତ୍ୱରେ ପ୍ରସନ୍ନ ହୁଅ ମଙ୍ଗଳା, ଶୁମ୍ଭ ନିଶୁମ୍ଭ ଚଣ୍ଡ ମୁଣ୍ଡ ଦଳା
ସାଗରେ ବୁଡୁଛି ମୋହର ଭେଳା, ସନ୍ଧି ହେବାରୁ ନ ଫିଟୁଛି ଗଳା
ସରଗ ବନ୍ଦିନୀ ମାଳା,
ସରାଗେ ମୋ କଣ୍ଠେ ବିଜେକର ମାତ, ସୁସ୍ୱରରେ ଫିଟୁଗଳା ।।

ଦଣ୍ଡନାଚର "ବାଇଧନ" ଓ "ବୀଣାକାର" ନିମନ୍ତେ ଉପରଲିଖିତ ଦୁଇଟି ଗୀତ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ।

କବି ସ୍ୱର୍ଗତ ପାଣିଗ୍ରାହୀ ଶ୍ରୀରାମ ଲୀଳା ପ୍ରଦର୍ଶନ ପ୍ରାରମ୍ଭରୁ ପ୍ରାରମ୍ଭିକ ସୂଚନା ଦେବାକୁ ଯାଇ ଦେବାଧିଦେବ ଶିବଙ୍କ ଶ୍ରୀମୁଖରେ ଶ୍ରୀରାମଙ୍କର ଅପାର ମହିମା, ଶିବାନୀଙ୍କ ସମ୍ମୁଖରେ ବ୍ୟକ୍ତ କରିଛନ୍ତି ନିମ୍ନ ପ୍ରକାରେ -

Digitized by PPRACHIN, SOA

ଗିରିରାଜ ଜେମା କନକ ପ୍ରତିମା ଦେଖ ସପ୍ତମାବତାର

କ୍ଷୀର ସିନ୍ଧୁ ଶାୟୀ ଅନନ୍ତ ମହିମା ପ୍ରଭୁ ରଘୁକୁଳ ବୀର

ଗୋ ଶର୍ବାଣୀ, କର ତାହାଙ୍କୁ ଦର୍ଶନ, ହୃଦୁ ତ୍ରିତାପ କର ମୋଚନ ଗୋ ଶର୍ବାଣୀ ।

ଦେବତାଙ୍କ ହିତେ ଜନମିଲେ ମର୍ତ୍ତ୍ୟେ, ତେଜି ଅନନ୍ତ ଶୟନ,

ଶଙ୍ଖ ଚକ୍ର ଗଦା ପଦ୍ମ ବାରି ଅସ୍ତ୍ର, ହୋଇଲେ ଚାରି ନନ୍ଦନ ଗୋ ପାର୍ବତୀ

ତିନି ରାଣୀ କୋଳେ ଜାତ, ରାମ ଲକ୍ଷ୍ମଣ ଶତ୍ରୁଘ୍ନ ଭ୍ରଥ ଗୋ ପାର୍ବତୀ ॥

ସ୍ୱର୍ଗତ ପାଣିଗ୍ରାହୀ ଦଣ୍ଡନାଚ, ପାଲା, ଶ୍ରୀରାମ ଲୀଳା, ଶ୍ରୀକୃଷ୍ଣ ଲୀଳା ନିମିତ୍ତ କବିତା ରଚନା କରିବା ସହ ରାମଲୀଳାରେ କବିତା ଏବଂ ସଂଳାପ ଉଭୟ ଲେଖୁଥିଲେ । ତାଙ୍କର ସଂଳାପ କିପରି ହୃଦୟ ସ୍ପର୍ଶୀ ତାହା ନିମ୍ନରୁ ଜଣାପଡ଼େ ।

(ଇନ୍ଦ୍ରଜିତ ଶୟନ କକ୍ଷରେ ବିଶ୍ରାମ ନେଉଥିବା ବେଳେ, ଶ୍ରୀରାମଙ୍କର ସେନାବାହିନୀ ପହଞ୍ଚି ଭୀଷଣ କୋଳାହଳ ଆରମ୍ଭ କରି ଦେଇଛନ୍ତି । ଏଇ ପରିପ୍ରେକ୍ଷୀରେ ଇନ୍ଦ୍ରଜିତଙ୍କ ମୁଖରୁ ମୁକ୍ତିଲାଭ କରିଥିବା ସଂଳାପ)

କବିଙ୍କ ଭାଷାରେ-

ଓଃ.... କି ଉତ୍ପାତ ହେଲାରେ ଉପୁଜି । କାହିଁ କେଉଁ ଦିଗୁ କରି ଦିଗ ଉଦ୍‌ବେଳିତ, ଭାସିଆସେ ଜୟକାର ନିଶାଣ ମର୍ଦ୍ଦଳ । ଯେ ଦିଗେ ତେରିଲେ କର୍ଣ୍ଣ କି ଚିତ୍କାର ମୁଖରାବ, ପଶିମୋର କର୍ଣ୍ଣ ବିଳେ କମ୍ପାଉଛି ଶରୀର ମୋହର । କେ ମୂର୍ଖ, ନ ଜଣାଇ ଇନ୍ଦ୍ରଜିତ ଦର୍ପ । ଯେଉଁ ଇନ୍ଦ୍ରଜିତ ଦିନେ କରି ରଣରଙ୍ଗ, ବାହୁବଳେ ବାନ୍ଧିଥିଲା ସ୍ୱର୍ଗର ମଘବା, ସେହିଦିନୁ ବ୍ରହ୍ମଦତ୍ତ ପଦବୀ ମୋ ନାମ ଇନ୍ଦ୍ରଜିତ ଅକ୍ଷୁଣ୍ଣ ଏ ଭବେ । ସେହି ଇନ୍ଦ୍ରଜିତ, ଥାଉ ଥାଉ, ଜୀବିତ ପରାଣେ, କିଏ ମୁର୍ଖ ମରଣକୁ ମଣି ସ୍ୱର୍ଗ ସୁଖ, ପ୍ରୟାସ କରିଛି ନିଶିଅର୍ଦ୍ଧେ ମୋ ମନ୍ଦିରେ । ଜାଣୁଛି, ସେହି ବଂଶଦ୍ରୋହୀ ପିତୃବ୍ୟ ମୋହର, ଦେଇ କୁମନ୍ତ୍ରଣା, ସଙ୍ଗେ ଘେନି ଭଲ୍ଲୁକ ମର୍କଟ, ରାତ୍ର ନ ପାହୁଣୁ, ଶୟନ କକ୍ଷରେ ମୋର ଚତୁର୍ଦ୍ଦିଗେ ବେଢ଼ି, କରୁଛନ୍ତି ବିକଟ ଚିତ୍କାର ।........

ଏହିପରି କାଳଜୟୀ କବି କାଶୀନାଥଙ୍କର ରଚନାବଳୀ ଆଲୋଚନା କରୁଥିଲେ ତାଙ୍କ ଲେଖନୀର ମହନୀୟତା ପରିପ୍ରକାଶ ହେଉଥିବ ଏବଂ କୁଶଳୀ କଳାକାର ତାଙ୍କୁ ଝୁରୁଥିବେ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

❑ ❑ ❑

Digitized by PPRACHIN, SOA

କବି କୁଳମଣି : ଏକ ଅଧ୍ୟୟନ

ଶ୍ରୀ ଦିବ୍ୟଜ୍ୟୋତି ପାଣି

ଇଂ କୁଳମଣି ପାଣି ନରସିଂହପୁରର ଏକ ସୁଯୋଗ୍ୟ ସନ୍ତାନ । ତାଙ୍କର କାବ୍ୟିକ ଭାବନାର ପରିଚୟ ମିଳିଥିଲା ତାଙ୍କରି ଛାତ୍ରଜୀବନରୁ । ହାଇସ୍କୁଲ ପାଠ ସମାପନ ପରେ କଟକସ୍ଥ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ସେ ଅଧ୍ୟୟନ ରତ ଥିବାବେଳେ ତାଙ୍କରି ଚେଷ୍ଟା ଓ ସମ୍ପାଦନାରେ ସ୍କୁଲର ମୁଖପତ୍ର ''ଜୟଶ୍ରୀ'' ଆତ୍ମ ପ୍ରକାଶ କରିଥିଲା । ତହିଁରେ ସେ ''ଜୀବନ ଓ ଜ୍ୱଳନ'' କବିତା ଲେଖି ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ''ଜ୍ୟୋତ୍ସ୍ନାରାତ୍ରିର କବିତା'' ତାଙ୍କୁ ବାସ୍ତବବାଦୀ, ଭାବବାଦୀ ଏବଂ ଆଧୁନିକ କବିର ସମ୍ମାନ ତଥା ଆସନ ଦିଏ । ସେହିପରି ''ଗୀତିଝଙ୍କାର'' କବିତା ସଂକଳନ ତାଙ୍କୁ ''ଗୀତିକବି' ଭାବରେ ଆଖ୍ୟାୟିତ କରେ । ଜାତିର ଜନକ ଗାନ୍ଧୀଙ୍କ ଜୀବନ ଦର୍ଶନକୁ ଆଧାରିତ କରି ତାଙ୍କ ଲିଖିତ ''ଗାନ୍ଧୀ ପୁରାଣ'' ତାଙ୍କୁ 'ପୁରାଣକାର'ର ସମ୍ମାନ ଦିଏ । ସେ କବିକୁଳତିଳକ କାଳିଦାସଙ୍କ ରଚିତ 'ଋତୁ ସଂହାର' କୁ ସରଳ ସୁନ୍ଦର ଭାବରେ ଓଡ଼ିଆ ଭାଷାରେ ଅନୁବାଦ କରିବା ସହ ''କୃଷ୍ଣଚରିତ ଭାଗବତ'' ପ୍ରକାଶ କରିଛନ୍ତି । ତାଙ୍କର ବହୁ କବିତା ଆସନ୍ତାକାଲି, ତରଙ୍ଗ, ମା, ଚିତ୍ରପୁରୀ, ମାତୃଭୂମି, ପ୍ରଜାତନ୍ତ୍ର ଆଦି ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । କିଶୋର କବି ଭାବେ ସେ ୧୯୫୯ ମସିହାରେ ପୁରସ୍କୃତ ହୋଇଛନ୍ତି । ସେଇ କବିଙ୍କର ଅକାଳ ବିୟୋଗରେ ନରସିଂହପୁର ଝୁରୁଛି ।

ଯୁବ ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ, ସଂପାଦକ, ସଂଗଠକ, ସଂଗ୍ରାହକ, ସମାଜସେବୀ, ନରସିଂହପୁରସ୍ଥ 'ଏକଡ଼ାଳ' ଗ୍ରାମର ପ୍ରତିଷ୍ଠିତ ଲେଖକ ଘନଶ୍ୟାମ ପାଣିଙ୍କର ସୁଯୋଗ୍ୟ ସନ୍ତାନ ଦିବ୍ୟଜ୍ୟୋତି ପାଣି ସ୍ୱର୍ଗତ କୁଳମଣି ପାଣିଙ୍କର କାବ୍ୟ କବିତାକୁ ପାଠ କରି ତାଙ୍କରି ବିଷୟରେ କବି କୁଳମଣି ପାଣି : ଏକ ଅଧ୍ୟୟନ ଶୀର୍ଷକ ପ୍ରବନ୍ଧ ଲେଖିଛନ୍ତି; ତାକୁ ପାଠକରି ଆମେ ସ୍ୱ.କୁଳମଣି ପାଣିଙ୍କ ବିଷୟରେ ଜ୍ଞାତସାର ହେବା । ଆସନ୍ତୁ ତାହା ପାଠ କରିବା-

ଇଂ କୁଳମଣି ପାଣି ନରସିଂହପୁର ଗଡ଼ଜାତ ମାଟିର ଏକ ସୁଯୋଗ୍ୟ ସନ୍ତାନ । ନରସିଂହପୁର ସାହିତ୍ୟ ଜଗତରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ହଜାର ବର୍ଷର

Digitized by PPRACHIN, SOA

ସହର, ବାଣିଜ୍ୟିକ, ସାଂସ୍କୃତିକ ଓ ସାହିତ୍ୟିକ ପରିବେଶରେ ପ୍ରକୃଷ୍ଟ କଟକ ନଗରଠାରୁ ୧୩୦ କିଲୋମିଟର ଦୂରରେ ଅବସ୍ଥିତ ନରସିଂହପୁର ବ୍ଲକ । ଏହି ବ୍ଲକର ଜନାକୀର୍ଣ୍ଣ ଏକତାଳ ଗ୍ରାମ ପାହାଡ଼, ପର୍ବତ, ନଦନଦୀ ଘେରା, ବୃକ୍ଷଲତା ପରିବେଷ୍ଟିତ ଏକ ମନୋରମ ପରିବେଶ ମଧ୍ୟରେ କୁଳମଣି ପାଣିଙ୍କର ଜନ୍ମ ସ୍ୱାଧୀନତା ପ୍ରାପ୍ତିର ଦଶବର୍ଷ ପୂର୍ବେ ହୁଏ । ଏକତାଳର ପ୍ରଖ୍ୟାତ ପାଣି ବଂଶର ନରସିଂହପୁର ରାଜାଙ୍କର ପତଣ୍ଡା ଗ୍ରାମରେ ଥିବା ସର୍ବରାକାର ଚୈତନ୍ୟପାଣି ଓ ଯଶୋଦା ଦେବୀଙ୍କ କୁଳ ମଣ୍ଡନ କରିଥିଲେ କୁଳମଣି । କୁଳମଣିଙ୍କ ଜନ୍ମରେ ପିତାମାତା ତଥା ପାଣି ବଂଶରେ ଆନନ୍ଦର ଢେଉ ଖେଳିଗଲା । କୁଳମଣି ନାମର ସାର୍ଥକତାକୁ ପ୍ରତିପାଦନ କରି ପାରିଥିଲେ ଜୀବଦ୍ଦଶା ମଧ୍ୟରେ ।

କୁଳମଣି ବାଲ୍ୟକାଳରୁ ଅଲିଅଳରେ ବଢ଼ି ପିତାମାତା ବନ୍ଧୁବାନ୍ଧବଙ୍କ ସ୍ନେହ-ଶ୍ରଦ୍ଧାର ମଧୁର ସ୍ୱାଦକୁ ଆସ୍ୱାଦନ କରି ଗ୍ରାମ୍ୟ ବିଦ୍ୟାଳୟରୁ ଶିକ୍ଷା ସମାପନ କରି ନରସିଂହପୁରସ୍ଥ ଏକମାତ୍ର ହାଇସ୍କୁଲ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଲେ । ତତ୍କାଳୀନ ହାଇସ୍କୁଲର ଶିକ୍ଷକମାନଙ୍କର ଶିକ୍ଷାଦାନ ପଦ୍ଧତି, ଆଦର୍ଶ, ସତ୍ୟନିଷ୍ଠା, ସାଧୁତା ଓ ଚରିତ୍ରବତ୍ତା ଆଦି ସୁଗୁଣ ଗୁଡ଼ିକୁ ଆହରଣ କରି ସେଥିରେ ଅନୁପ୍ରାଣୀତ ହେଲେ କୁଳମଣି । ସେ ୧୯୫୬ ମସିହାରେ ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ।

କୁଳମଣିଙ୍କର କାବ୍ୟିକ ଭାବନାର ପରିଚୟ ମିଳି ପାରିଥିଲା ତାଙ୍କର ଛାତ୍ର ଜୀବନରୁ । ସେ ଥିଲେ କାବ୍ୟ ପ୍ରେମୀ, ସମ୍ବେଦନଶୀଳ ଓ ଦରଦୀ । ଗ୍ରାମ୍ୟ ପରିବେଶ ହିଁ ତାଙ୍କୁ ଯୋଗାଇ ଦେଇଥିଲା କାବ୍ୟିକ ଉପାଦାନ ଲେଖନୀ ଚାଳନା କରିବା ପାଇଁ । ତତ୍କାଳୀନ ସମାଜର ଅଭାବ, ଅସୁବିଧା, ଭଲମନ୍ଦ, ହସକାନ୍ଦ, ଆଶା, ନିରାଶା ହାନୀ ଲାଭକୁ ରୂପାୟିତ କରିଛନ୍ତି କବି କୁଳମଣି ତାଙ୍କର କବିତା ମାଧ୍ୟମରେ । ହାଇସ୍କୁଲରେ ପଢୁଥିବା ସମୟରେ ତାଙ୍କର କବିତା ସ୍କୁଲର ମୁଖପତ୍ର "ପ୍ରତିଭା" ରେ ପ୍ରଥମେ ପ୍ରକାଶିତ ହୋଇ ଶିକ୍ଷକ ତଥା ଛାତ୍ରମାନଙ୍କ ନିକଟରେ ଆଦୃତ ହୋଇ ପାରିଥିଲା ।

ହାଇସ୍କୁଲ ଶିକ୍ଷା ସମାପନ କରି କୁଳମଣି ନାମ ଲେଖାଇଲେ କଟକ ଇଂଜିନିୟରିଂ ସ୍କୁଲରେ । ସେହି ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ସହପାଠୀଙ୍କ ସହ ମିଶି ଏକ ସାହିତ୍ୟ ପତ୍ରିକା ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନେଲେ । ତାଙ୍କର ପ୍ରଚେଷ୍ଟା ଓ ସମ୍ପାଦନାରେ ଆତ୍ମ ପ୍ରକାଶ କଲା ଇଂଜିନିୟରିଂ ସ୍କୁଲର ମୁଖପତ୍ର "ଜୟଶ୍ରୀ" । 'ଜୟଶ୍ରୀ'ରେ ତାଙ୍କ ଲିଖିତ କବିତା "ଜୀବନ ଓ ସ୍ୱପନ" ତାଙ୍କ କବିତ୍ୱର ପରିଚୟ ପ୍ରତିପାଦିତ କରେ ।

Digitized by PPRACHIN, SOA

"ଜୀବନ ଓ ଜ୍ୱଳନ" ରେ କବି ଯେତେ ଅଶାନ୍ତ, ଦୁଃଖ, ଦୈନ୍ୟ ମଧ୍ୟରେ ଗତି କରୁଥିଲେ ମଧ୍ୟ ବେଳେବେଳେ ତାଙ୍କର ମନ ଆକାଶରେ କଳ୍ପନାର ଚନ୍ଦ୍ରମା ଉଇଁଛି । ସେହି ସମୟରେ କବି ଆଶାବାଦୀ ହୋଇ ପଡ଼ିଛନ୍ତି । କଷ୍ଟକରି ଏକନିଷ୍ଠ ସାଧନା କରି ମନୁଷ୍ୟ ଯେତେବେଳେ ସାମାଜିକ ସ୍ୱୀକୃତି ପାଏ, ଜୀବନର ଉଚ୍ଚତର ସୋପାନକୁ ଉଠେ, ସେତେବେଳେ ତା'ର ନୟନରୁ ଆନନ୍ଦାଶ୍ରୁ ବିଗଳିତ ହୁଏ । ଏହାହିଁ କବି କୁଳମଣିଙ୍କର କବିତା 'ଜୀବନ ଓ ଜ୍ୱଳନ'ର ମାର୍ମିକ ଅଭିବ୍ୟକ୍ତି ।

"ଜ୍ୟୋସ୍ନା ରାତିର କବିତା"* କବି କୁଳମଣିଙ୍କର ରଚିତ ଏକ କବିତା ସଂକଳନ । ଏଥିରେ ସ୍ଥାନିତ ପ୍ରତ୍ୟେକ କବିତାର କିଛିନା କିଛି ସ୍ୱାତନ୍ତ୍ର୍ୟ ରହିଛି । କବି ଯେଉଁଭଳି ଭାବରେ ସରଳ, ତରଳ, ସାବଲୀଳ, ଭାବଗର୍ଭକ କବିତା ରଚନା କରିଛନ୍ତି ତାହା ପ୍ରତ୍ୟେକ କାବ୍ୟପ୍ରେମୀଙ୍କୁ ବିମୁଗ୍ଧ କରେ । ଏହି କବିତା ସଂକଳନଟି ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପତ୍ର ପତ୍ରିକାରେ ସ୍ଥାନ ପାଇଥିବା ମର୍ମସ୍ପର୍ଶୀ କବିତାର ଏକ ସମାହାର । ଏହି କବିତା ସଂକଳନ କବିଙ୍କୁ ଜଣେ ବାସ୍ତବବାଦୀ, ଭାବବାଦୀ ଏବଂ ଆଧୁନିକ କବି ଭାବରେ ସ୍ଥାନ ଦେଇଛି ।

କବି କୁଳମଣିଙ୍କ ରଚିତ "ଗୀତି ଝଂକାର" ତାଙ୍କୁ 'ଗୀତିକବି' ଭାବରେ ସମ୍ମାନ ଦିଏ । ଏଥିରେ ସ୍ଥାନିତ ଭଜନ, ଜଣାଣ, ଓଡ଼ିଶୀ ସଂଗୀତ, ରାଗରାଗେଣୀ, ଦେଶାତ୍ମବୋଧକ ସଂଗୀତ ସଙ୍ଗୀତପ୍ରେମୀଙ୍କ ମହଲରେ ଆଦୃତ ହୋଇ ପାରିଥିଲା । କବି କୁଳମଣି ପାଣି ଆକାଶବାଣୀ, କଟକଙ୍କ ଦ୍ୱାରା ଜଣେ ସଫଳ ଗୀତିକବି ଭାବରେ ସ୍ୱୀକୃତି ପ୍ରାପ୍ତ ଓ ତାଙ୍କର ବହୁ ଗୀତି କବିତା ଆକାଶବାଣୀ ଦ୍ୱାରା ପ୍ରଚାରିତ ହୋଇ ଶ୍ରୋତାମାନଙ୍କୁ ଆକୃଷ୍ଟ କରିଥିବାର ବହୁ ନଜିର ଅଛି ।

ଭାରତୀୟ ମୁକ୍ତି ସଂଗ୍ରାମ କବି କୁଳମଣିଙ୍କ ହୃଦୟରେ ଗଭୀର, ରେଖାପାତ କରିଥିଲା । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୀବନର ମୂଲ୍ୟବୋଧ, ଆଦର୍ଶ, ନୈତିକତା, ସତ୍ୟନିଷ୍ଠା କବିଙ୍କୁ ବିଶେଷ ଭାବେ ଅନୁପ୍ରାଣିତ କରିଥିଲା । ମହାତ୍ମାଗାନ୍ଧୀଙ୍କର ଅଲୌକିକତା, ଅତିମାନବିକତା ଏବଂ ମହତ୍ତ୍ୱ ସଂମ୍ପର୍କରେ ଶିକ୍ଷିତ ମାନଙ୍କର ଯେତିକି ଧାରଣା ଥିଲା, ସାଧାରଣ ଭାରତୀୟ ଜନତା ସେଥିରୁ ବଞ୍ଚିତ ଥିଲେ । ତେଣୁ ସାଧାରଣ ଜନତାଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନର ବହୁମୁଖୀ ପ୍ରତିଭା ସଂପର୍କରେ ଅବଗତ କରାଇବା ପାଇଁ କବି ମନସ୍ଥ କଲେ । ହିନ୍ଦୁ ସଂସ୍କୃତିରେ ପୁରାଣର ସ୍ଥାନ ସ୍ୱତନ୍ତ୍ର ଏବଂ ଏହାର ପ୍ରଭାବ ବିଶେଷ ଭାବରେ ପ୍ରଭାବିତ କରିଥାଏ । ତେଣୁ କବି

* ଜ୍ୟୋସ୍ନା ରାତିର କବିତା - ପ୍ରକାଶକ : ରାଧାକାନ୍ତ ବିଶ୍ୱାଳ, ୧୯୬୬,ଜାନୁଆରୀ ୨୬

Digitized by PPRACHIN, SOA

କୁଳମଣି ପାଣି ପ୍ରାଚୀନ କବିଙ୍କ ପଦାଙ୍କ ଅନୁସରଣ କରି ଜନପ୍ରିୟ ଚଉଦ ଅକ୍ଷରୀ ରାଗରେ ଗାନ୍ଧୀଙ୍କ ଜୀବନୀକୁ ନେଇ ରଚନା କଲେ "ଗାନ୍ଧୀ ପୁରାଣ" ଏହା କବିଙ୍କର ଶ୍ରେଷ୍ଠ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କବି ଗୋଟିଏ ଦିଗରେ ଗାନ୍ଧୀଙ୍କୁ ରାମ, କୃଷ୍ଣ ଓ ବୁଦ୍ଧଙ୍କ ଅବତାର ଭାବରେ ବର୍ଣ୍ଣନା କରିଥିବା ବେଳେ ଅପର ଦିଗରେ ଇଂରେଜମାନଙ୍କୁ କଂସ, ରାବଣ, ଭଳି ଦାନବଭାବେ ପରିଣତ କରିବାକୁ କୁଣ୍ଠାବୋଧ କରି ନାହାନ୍ତି ।

ଖାଲି ସେତିକି ତ ନୁହେଁ, ଜଣେ ସଫଳ ଅନୁବାଦକ ହିସାବରେ କୁଳମଣି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ଗାନ୍ଧୀଙ୍କ ଦ୍ୱାରା ଲିଖିତ 'ରାମନାମ'କୁ ହିନ୍ଦୀରୁ ଓଡ଼ିଆ ଭାଷାରେ ଅନୁବାଦ କରିବା ସହ ମହାକବି କାଳିଦାସଙ୍କ "ଋତୁ ସଂହାର" କାବ୍ୟକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ, ବର୍ତ୍ତମାନ ତାହା ପାଣ୍ଡୁଲିପି ଆକାରରେ ଗଚ୍ଛିତ ଅଛି ।

'କୃଷ୍ଣ ଚରିତ ଭାଗବତ' ଏକ ଭକ୍ତି ରସାତ୍ମକ କାବ୍ୟ । ଏହା ମନକୁ ଛୁଇଁବା ଭଳି ସରଳ ଭାଷାରେ ଲିଖିତ । କବିଙ୍କର ବହୁ କବିତା ସମସାମୟିକ ଓଡ଼ିଆ ପତ୍ରିକା ଓ ସମ୍ବାଦପତ୍ର, ଆସନ୍ତାକାଲି, ତରଙ୍ଗ, ତରଣୀ, ମା, ଚିତ୍ରପୁରୀ, ମାତୃଭୂମି, ପ୍ରଜାତନ୍ତ୍ର ଆଦି ପତ୍ର ପତ୍ରିକାରେ ପ୍ରକାଶିତ । କବି କିଶୋର କବି ହିସାବରେ ୧୯୫୭ ମସିହାରେ; ୧୯୫୯ ମସିହାରେ ୰ ବାଳକୃଷ୍ଣ କରଙ୍କ ଶ୍ରାଦ୍ଧ ଦିବସରେ ବାଳକୃଷ୍ଣଙ୍କ ଉଦ୍ଦେଶ୍ୟରେ କବିତା ଲେଖି ପୁରସ୍କୃତ ହୋଇଥିଲେ ।

ଆଭିଯାନ୍ତ୍ରିକ ଜୀବନର ନିର୍ମ୍ମମ କର୍ମପ୍ରବାହ ଭିତରେ ଥାଇ ମଧ୍ୟ କବି କୁଳମଣି କେବେ ଜୀବନର ମୌଳିକ ଚିନ୍ତାଧାରା ଓ କଳ୍ପନା ବିଳାସଠାରୁ ଦୂରେଇ ଯାଇ ନାହାନ୍ତି । କବିତା ରଚନା କରିବା ଥିଲା ତାଙ୍କ ଜୀବନର ସ୍ୱଭାବ ସୁଲଭ ରୁଚି ଓ ଅଭୀପ୍ସା । ନିନ୍ଦା ପ୍ରଶଂସା, ଜୟଗାନ ଓ ଅପବାଦକୁ ତିଳେମାତ୍ର ଦୃଷ୍ଟି ନ ଦେଇ ସେ ସୃଷ୍ଟି କରିଛନ୍ତି ଶହ ଶହ କବିତା ।

ନରସିଂହପୁର ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଭାବରେ ଓଡ଼ିଆ ସାରସ୍ୱତ ଜଗତରେ ଯେଉଁ ପଦଚିହ୍ନ ରଖିଯାଇଛନ୍ତି କବି କୁଳମଣି ସେଥିପାଇଁ ସବୁଦିନ ପାଇଁ ନରସିଂହପୁର ସାହିତ୍ୟପ୍ରେମୀ ମହଲରେ ସ୍ମରଣୀୟ ହୋଇ ରହିବା ସଂଗେ ସଂଗେ ଉତ୍କଳ ସାହିତ୍ୟାକାଶରେ ଦେଦୀପ୍ୟମାନ ଜ୍ୟୋତିଷ୍କ ଭାବେ ସମ୍ମାନିତ ହୋଇ ରହିବେ ।

❑ ❑ ❑

Digitized by PPRACHIN, SOA

ସ୍ମୃତି ଏକ ହଜିଲା ଦିନର

ଶ୍ରୀ ଶାନ୍ତନୁ କୁମାର ଗାଆଣ

ସ୍ମୃତି କେବେ ହଜିଯାଏନା । ମଝିରେ ମଝିରେ ଆକସ୍ମିକ ଭାବେ ଆପେ ଆପେ ଦେଖା ଦେଇଥାଏ ପରିବେଶ, ପରିସ୍ଥିତି ତଥା ପରିବେଷ୍ଟନୀକୁ ସଜାଗ କରିବାକୁ ଦିଗ୍‌ଦର୍ଶନ ମାଧ୍ୟମରେ ।

ଯୁବ ସାମ୍ବାଦିକ ଶାନ୍ତନୁ କୁମାର ଗାଆଣ ଛାତ୍ର ବତ୍ସଳ ଶିକ୍ଷକ, କଳାକାର, ମିଷ୍ଟଭାଷୀ, ନୀତିବାଦୀ, କର୍ମବୀର, ଧର୍ମପରାୟଣ ଆଦି ସକଳଗୁଣରେ ପରିପୂର୍ଣ୍ଣ ଁ ପବିତ୍ର ମୋହନ ସାହୁଙ୍କ ସମ୍ବନ୍ଧରେ ନିଛକ ସତଘଟଣାକୁ ଆଧାରିତ କରି ସରଳ ତରଳ ଭାଷାରେ ତାଙ୍କୁ ସ୍ମରଣ କରିଛନ୍ତି ।

ଆସନ୍ତୁ ଶ୍ରୀ ଗାଆଣଙ୍କ "ସ୍ମୃତି ଏକ ହଜିଲା ଦିନର" ପାଠ କରି ଁ ପବିତ୍ର ମୋହନ ସାହୁଙ୍କ ସମ୍ବନ୍ଧରେ ଅବଗତ ହେବା-

ବଣରେ ତ ଅନେକ ଫୁଲ ଫୁଟିଛି । ତା' ଭିତରେ କେତେକ ଫୁଲର ସୌରଭରେ ବନସ୍ଥଳୀ ମହକି ଅରଣ୍ୟ ରାଜ୍ୟର ସମସ୍ତଙ୍କ ହୃଦୟରେ ଆନନ୍ଦର ଲହରୀ ଖେଳାଇ ଦେଇଛି । ପୁଣି କେତେକ ଫୁଲ ସୌରଭ ବିହୀନ ହୋଇ ସେମିତି ପଡ଼ି ରହିଥାନ୍ତି । କିନ୍ତୁ ଇଏ ଯେଉଁ ସଦ୍ୟ ପ୍ରସ୍ଫୁଟିତ ଫୁଲ ବିଷୟରେ ମୁଁ ଆଲୋକପାତ କରିବାକୁ ଯାଉଛି, ସେ ଫୁଲଟି ସାଧାରଣ ଫୁଲ ନୁହେଁ । ତାହା ଦେଖିବାକୁ ଯେମିତି ସୁନ୍ଦର ଓ ଆକର୍ଷଣୀୟ, ତାହାର ସୌରଭ ମଧ୍ୟ ଆଜି ସାରା ନରସିଂହପୁର ରୂପକ ଅରଣ୍ୟରାଜ୍ୟ ଚତୁର୍ଦ୍ଦିଗରେ ତା'ର ପବିତ୍ର ସୁଲଭ ସୌରଭକୁ ବିତରଣ କରି ଜନାକାଶରେ ଏକ ଅଭୁଲା ସ୍ମୃତିର ରୂପରେଖ ନେଇଛି, ଯାହାକୁ କେହି ହେଲେ ତାଙ୍କ ସ୍ମୃତି ପଟରୁ ପୋଛି ଦେଇ ପାରୁ ନାହାନ୍ତି ।

ତେବେ ମନରେ ପ୍ରଶ୍ନ ଉଠେ - "ସେଇ ଜଣକ କିଏ ? ସେ ହେଉଛନ୍ତି ଜନପ୍ରିୟ, ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ପବିତ୍ର ମୋହନ ଯେ ଜଣେ କବି, ନାଟ୍ୟକାର, ସୁଲେଖକ, ସାହିତ୍ୟିକ, ନାଟ୍ୟ ନିର୍ଦ୍ଦେଶକ ତଥା ଏକ ସର୍ବଗୁଣ ସଂପନ୍ନ ଜାଜ୍ୱଲ୍ୟମାନ ପ୍ରତିଭା ।

Digitized by PPRACHIN, SOA

ପବିତ୍ର ମୋହନଙ୍କ ଜନ୍ମ ହୁଏ କଟକ ଜିଲ୍ଲାସ୍ଥ ନରସିଂହପୁର ରାଜ୍ୟ ଅନ୍ତର୍ଗତ ସିଆରିଆ ଗ୍ରାମରେ ୧୯୩୩ ମସିହା ଅଗଷ୍ଟ ମାସ ଆଠ ତାରିଖ ଦିନ । ତାଙ୍କ ପିତାଙ୍କ ନାମ ଘନଶ୍ୟାମ ସାହୁ ଓ ମାତାଙ୍କ ନାମ ଝୁଲେଇ ଦେଈ । ଶିଶୁ ପବିତ୍ର ଜନ୍ମ ହେବାର ଦୁଇବର୍ଷ ବେଳକୁ ନିଜ ଜନନୀଙ୍କୁ ହରାଇ ବସିଲେ । ପିତା ଘନଶ୍ୟାମ ସାହୁ ପୁନର୍ବିବାହ କଲେ । କିନ୍ତୁ ବିଧିର ବିଧାନ ବଡ଼ ବିଚିତ୍ର । ସାବତ ମା'ଙ୍କ କୋଳରେ ଦୁଃଖରେ ବଢ଼ି ମାତୃ ସ୍ନେହରୁ ବଞ୍ଚିତ ହେଲେ ସେ । ବାଲ୍ୟକାଳରେ ଛାତ୍ରଜୀବନଟି ଘରର ଜଟିଳ ଆର୍ଥିକ ପରିସ୍ଥିତିକୁ ନେଇ ଅତ୍ୟନ୍ତ ଦୁଃଖ କଷ୍ଟରେ କଟିଥିଲା । ପାଠପଢ଼ା ଜୀବନରେ ଅର୍ଥାଭାବ ହେତୁ ସେ ନିଜର ବହିପତ୍ର କିଛି କିଣି ପାରି ନଥିଲେ । ସେତେବେଳେ ପିଲାମାନଙ୍କ ପାଠପଢ଼ା ଉପରେ ପିତାମାତା ସେତେ ଗୁରୁତ୍ୱ ଦେଉ ନଥିଲେ । କାରଣ- ଅନେକ 'ଶିକ୍ଷାର ମୂଲ୍ୟବୋଧ' ବୁଝୁ ନଥିଲେ କି ଲୋକମାନଙ୍କର ଅଭାବ ଅସୁବିଧା ସେତେ ନଥିଲା । କିନ୍ତୁ ତାଙ୍କର ଜଟିଳ ଆର୍ଥିକ ପରିସ୍ଥିତି ତାଙ୍କର ପାଠପଢ଼ାରେ ପ୍ରତିବନ୍ଧକ ସୃଷ୍ଟି କଲା । ପବିତ୍ର ମୋହନଙ୍କ ପାଠପଢ଼ାରେ ଅତ୍ୟନ୍ତ ଆଗ୍ରହକୁ ଉପଲବ୍ଧି କରି ସିଆରିଆ ଗ୍ରାମର କେତେକ ବଦାନ୍ୟ ବ୍ୟକ୍ତି ତାଙ୍କୁ ଅର୍ଥ ସାହାଯ୍ୟ ଦେଇ ପାଠ ପଢ଼ାଇବାର ବ୍ୟବସ୍ଥା କରାଇଥିଲେ ।

ପବିତ୍ର ମୋହନ ୧୯୫୭ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (H.S.C.E.) ପାଶ୍ କଲେ ଓ ୧୯୫୯ ମସିହାରେ ବରଗଡ଼ ବି.ଟି. ଟ୍ରେନିଙ୍ଗ ସମାପ୍ତ କଲେ । ଟ୍ରେନିଙ୍ଗ ଶେଷରେ ସେ ନରସିଂହପୁର ତହସିଲ ଅଫିସ୍‌ରେ ପ୍ରଥମେ କିରାଣୀ ଚାକିରିରେ ନିଯୁକ୍ତ ହେଲେ । ସେ ଅଳ୍ପକାଳ ମଧ୍ୟରେ ଉପଲବ୍ଧି କଲେ - "କିରାଣୀ ଚାକିରି ଦୁର୍ନୀତିପୂର୍ଣ୍ଣ" । ସେଥିରୁ ଦୂରେଇ ରହିବା ପାଇଁ ସଙ୍ଗେ ସଙ୍ଗେ ଚାକିରି ଛାଡ଼ି ଦେଲେ । ଏଇଥିରୁ ପବିତ୍ର ମୋହନଙ୍କ ସଚ୍ଚୋଟ ପଣିଆର ପରିଚୟ ମିଳେ ।

ତତ୍ପରେ ସେ ବରଗଡ଼ ଜିଲ୍ଲାସ୍ଥ 'କଲ୍ଲା' ମି.ଇ. ସ୍କୁଲରେ ଶିକ୍ଷକତା କଲେ । ସେ ସେଠାରେ ଜନ ସମାଜରେ ଜଣେ ଆଦର୍ଶ ଓ ପ୍ରତିଭାଶାଳୀ ଶିକ୍ଷକ ହିସାବରେ ସୁନାମ ଅର୍ଜନ କରି ଲୋକପ୍ରିୟ ହୋଇ ପାରିଥିଲେ ।

ଶିକ୍ଷକ ଜୀବନ କାଳରେ ସେ କଲ୍ଲା, ଚମ୍ପେଶ୍ୱର, କାନପୁର ସରକାରୀ ମି.ଇ. ବିଦ୍ୟାଳୟ ତଥା ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ସେ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଚରିତ୍ର ଗଠନ ଓ ନୈତିକ ଶିକ୍ଷାରୁ ଆରମ୍ଭ

Digitized by PPRACHIN, SOA

କରି ପ୍ରତ୍ୟେକ ବିଷୟରେ ଶିକ୍ଷାପ୍ରଦାନ କରିଥାନ୍ତି । ବିଦ୍ୟାଳୟକୁ ଯିବା ସମୟରେ ସେ ସମସ୍ତ ଶିକ୍ଷକମାନଙ୍କ ପୂର୍ବରୁ ଆସି ପହଞ୍ଚନ୍ତି । ପାଠପଢ଼ାରେ ସେ ଗୋଟିଏ ମିନିଟ୍ ବି ନଷ୍ଟ କରନ୍ତି ନାହିଁ । ଘଣ୍ଟା ବାଜିଲେ ଶ୍ରେଣୀ ଗୃହରେ ପ୍ରବେଶ କରନ୍ତି ଓ ନିର୍ଦ୍ଧାରିତ ସମୟରେ ଶ୍ରେଣୀକକ୍ଷ ତ୍ୟାଗ କରନ୍ତି । ତାଙ୍କର ଏହି ସମୟାନୁବର୍ତ୍ତିତା ଯୋଗୁଁ ସେ ଶିକ୍ଷକ ତଥା ଛାତ୍ର ମହଲରେ ପ୍ରଶଂସାର ପାତ୍ର ହୋଇ ଥିଲେ । ଶ୍ରେଣୀରେ ଶିକ୍ଷାଦାନ କାଳରେ ପାଠ ମାଧ୍ୟମରେ ସେ ପିଲାମାନଙ୍କୁ ଅନେକ ଆମୋଦ ଦାୟକ କଥା ଶୁଣାନ୍ତି ଓ ଉପଦେଶ ଦେଇଥାନ୍ତି- ଯାହାକି ତାଙ୍କର ସଂସ୍ପର୍ଶରେ ଆସିଥିବା ଛାତ୍ରଛାତ୍ରୀମାନେ ମନେ ପକାଇ ଏବେ ସୁଦ୍ଧା ତାଙ୍କୁ ଝୁରି ହେଉଛନ୍ତି । ସେ ପିଲାମାନଙ୍କୁ ସରଳ, ସୁନ୍ଦର, ବୋଧଗମ୍ୟ ଭାଷା ପ୍ରୟୋଗ କରି ଶିକ୍ଷାଦାନ କରନ୍ତି । ଯେ କେହି ଦୁର୍ବଳ ପିଲା ତାଙ୍କର ପାଠକୁ ଅନାୟାସରେ ବୁଝି ପାରୁଥିଲା । ସେ ଜଣେ ସୁନାମଧନ୍ୟ ପ୍ରତିଭା ସମ୍ପନ୍ନ ଛାତ୍ର ବତ୍ସଳ ଶିକ୍ଷକ ହିସାବରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ସେ ପ୍ରତ୍ୟେକ ପିଲାଙ୍କୁ ନିଜ ସନ୍ତାନ ଭଳି ସ୍ନେହ ଓ ଆଦର କରି ସେମାନଙ୍କର ଅତି ଆପଣାର ହୋଇ ପାରିଥିଲେ । ତାଙ୍କର ଛାତ୍ର ମାନଙ୍କ ପ୍ରତି ଅନ୍ତରର ସ୍ନେହଭରା ମିଠାକଥାକୁ ମନେ ପକାଇ ନରସିଂହପୁର ଅଞ୍ଚଳର ଛାତ୍ରସମାଜ ଝୁରି ହେଉଛନ୍ତି । ଚାକିରି କାଳରେ କୌଣସି ସହକର୍ମୀ, ବନ୍ଧୁ ତଥା ଛାତ୍ର ସମାଜ ଆଗରେ ଦିନକ ପାଇଁ ସେ ଅପ୍ରିୟ ହୋଇ ନଥିଲେ । ସେମାନଙ୍କ ଗହଣରେ ସେ ଥିଲେ ଅମୂଲ୍ୟ ରତ୍ନ ପରି ।

ପବିତ୍ର ମୋହନ ଶିକ୍ଷକତା କରିବା ଭିତରେ ନିଜକୁ ସାରସ୍ୱତ ସାଧନାରେ ନିୟୋଜିତ କରିଥିଲେ । ସ୍କୁଲରେ ଓ ଗ୍ରାମରେ ଯେତେ ସାଂସ୍କୃତିକ ମନୋରଂଜନ କାର୍ଯ୍ୟକ୍ରମ ହୁଏ, ସେଥିରେ ସେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ସେ ଜୀବନକାଳ ମଧ୍ୟରେ ଡ୍ରାମାରେ ଅନେକ ବାର ଅଭିନୟ କରିଛନ୍ତି । ଗାଁରେ ଡ୍ରାମା କରିବା ସମୟରେ ସେ ବହୁବାର ହାସ୍ୟରସ ପୂର୍ଣ୍ଣ ଅଭିନୟ ପ୍ରଦର୍ଶନ କରାଇ ହସାଇ ହସାଇ ଦର୍ଶକମାନଙ୍କୁ ଏଭଳି ଭାବରେ ବେଦମ କରି ଦେଉଥିଲେ, ଯାହାକି ଲୋକମାନେ ଆଜି ପର୍ଯ୍ୟନ୍ତ ମନେପକାଇ ଝୁରି ହେଉଛନ୍ତି ।

ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲରେ 'କର୍ଣ୍ଣାର୍ଜୁନ' ନାଟକରେ ସେ ଜଣେ ସଫଳ ଅଭିନେତା ହିସାବରେ ପ୍ରଶଂସା ଅର୍ଜନ କରିଥିଲେ । ଗାଁରେ ସେ ବହୁବାର ନିର୍ଦ୍ଦେଶକ ହିସାବରେ ଖ୍ୟାତି ଅର୍ଜନ କରିଛନ୍ତି । ଗୀତ ଗାଇବା, ଶିଖାଇବା, ଲୋକଙ୍କୁ ଆମୋଦ ପ୍ରମୋଦ ଭରା କଥା କହି ଖୁସି କରାଇବା ଥିଲା ତାଙ୍କର ଏକ

Digitized by PPRACHIN, SOA

ମହଜ୍ଜାତ ପ୍ରବୃତ୍ତି ।

ପବିତ୍ର ମୋହନ ନୀତିବାଦୀ ଥିଲେ । ସେ ମିଥ୍ୟା ଓ ଅନ୍ୟାୟର ସମ୍ପୂର୍ଣ୍ଣ ବିରୋଧୀ ଥିଲେ । 'ସତ୍ୟ' ତାଙ୍କ ଜୀବନର ବଡ଼ ବ୍ରତ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଅପ୍ରିୟ ସତକଥା କହୁଥିଲେ । ଅନ୍ୟର ଭୁଲ ଦେଖିଲେ ସେ ସଙ୍ଗେ ସଙ୍ଗେ ମୁହଁରେ ପ୍ରକାଶ କରି ଦେଉଥିଲେ ଓ ସଠିକ ରାସ୍ତାଟି ବତାଇ ଦେଉଥିଲେ । ସଭା ସମିତିରେ ସେ ରୋକ୍‌ଠୋକ୍ କଡ଼ାକିଆ କଥା କହି ଭୁଲ କରିଥିବା ଲୋକର ମୁହଁ ଭାଙ୍ଗି ଦେଉଥିଲେ । ସେ ଅହମିକା ଠାରୁ ଦୂରରେ ଥିଲେ । ସେ ସିଆରିଆ ଗାଁର ଜଣେ ସ୍ପଷ୍ଟବାଦୀ, ବିବେକୀ ତଥା ନିଷ୍କପଟ ହୃଦୟର ଲୋକଥିଲେ । ରାସ୍ତାରେ ଯାହାକୁ ଦେଖିଲେ ହସ ହସ ମୁହଁରେ ଦୁଇ ଚାରିପଦ ଭଲମନ୍ଦ କଥା ନ କହିଲେ ତାଙ୍କୁ ଭଲ ଲାଗୁ ନଥିଲା । ସେ ସାଧୁ ସନ୍ନ୍ୟାସୀଙ୍କ ସଂସ୍ପର୍ଶରେ ଆସି ଆଧ୍ୟାତ୍ମିକ ଚିନ୍ତାଧାରାରେ ମଜ୍ଜି ଯାଉଥିଲେ । ସେ ବୟସ୍କ ଲୋକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ପ୍ରଣିପାତ ହେଉଥିଲେ । ଟିକି ଟିକି ଛୁଆମାନଙ୍କୁ ଭଗବାନ ବୋଲି କହି ଅତି ଆଦର କରୁଥିଲେ । ଗ୍ରାମ ପାଠାଗାରର ସର୍ବାଙ୍ଗୀନ ଉନ୍ନତି ପାଇଁ ଛାତ୍ର ଜୀବନଠାରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କର ଅବଦାନ ଯଥେଷ୍ଟ ଥିଲା । ଏଇଥିପାଇଁ ଲୋକେ ତାଙ୍କୁ ମନେ ପକାଇ ଝୁରି ହେଉଛନ୍ତି ।

ପବିତ୍ର ମୋହନ ମୃତ୍ୟୁ ପର୍ଯ୍ୟନ୍ତ ଆଣ୍ଠୁଯାଏ ସାଦାସିଧା ଲୁଗା ଖଣ୍ଡିଏ ପିନ୍ଧୁଥିଲେ ଓ ଗାମୁଛାଟିଏ କାନ୍ଧରେ ପକାଉଥିଲେ । ସେ ବାହାର ଚାକଚକ୍ୟକୁ ପସନ୍ଦ ନ କରି ଅନ୍ତର ଭିତର ସଜାଇବାକୁ ଯତ୍ନ କରୁଥିଲେ । ସରକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବଳକା ସମୟରେ ଜମିବାଡ଼ି ଓ ଗୃହଜଂଜାଳ ବୁଝୁଥିଲେ । କର୍ମମୟ ଜୀବନ ଜଞ୍ଜାଳରେ ନିଜକୁ ଏପରି ଭାବରେ ଖଟାଇଥିଲେ ଯେ ସେ ସାରା ଜୀବନରେ ବିଶ୍ରାମ କ'ଣ ବୋଲି ଜାଣି ନଥିଲେ । ମୃତ୍ୟୁ ହିଁ ତାଙ୍କ ଜୀବନର ବିଶ୍ରାମ ଥିଲା । ଏଥିରୁ ଜଣାଯାଏ ପବିତ୍ରମୋହନ ଗାନ୍ଧୀଜୀଙ୍କ ଆଦର୍ଶକୁ ଅନୁସରଣ କରି ସମୟର ସଦୁପଯୋଗ କରୁଥିଲେ ।

ସେ ଏଭଳି ମେଳାପୀ ଲୋକ ଥିଲେ ଯେ ଲୋକମାନେ ଆଜି ପର୍ଯ୍ୟନ୍ତ ତାଙ୍କୁ ମନେ ପକାଇ ସମସ୍ତେ ତାଙ୍କର ଗୁଣକୀର୍ତ୍ତନ କରି ଏବେ ସୁଦ୍ଧା ଝୁରି ହେଉଛନ୍ତି ।

ସେ ତାଙ୍କ ଜୀବନ କାଳରେ ଅନେକ କବିତା, ଭଜନ, ଜଣାଣ ଓ ଚଉତିଶା

Digitized by PPRACHIN, SOA

ରଚନା କରି ଯାଇଛନ୍ତି, ଯାହାକି ଲୋକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇ ପାରିଛି । ଜୀବନର ଶେଷ ମୁହୂର୍ତ୍ତରେ ତାଙ୍କ ରଚିତ ଶେଷ ଦୁଇଟି କବିତା ମଧ୍ୟରୁ କିୟଦଂଶ ନିମ୍ନରେ ଉଦ୍ଧୃତ ହେଲା ।

(୧) 'ମୋ କାମନା ପୂରିବ କି ସତେ'

କଳ୍ପନା ମୋ କଳ୍ପନାରେ ମରେ
ବହୁଦିନ ପଥଭ୍ରାନ୍ତ
ପଥିକ ମୁଁ ଯିବି ଆରପାରେ,
ତଥାପି ଏ ଅସରନ୍ତି ଭାବନା ମୋ ସ୍ମୃତି ପଟେ ଝରେ
ବୁଦ୍‌ବୁଦ୍ ପରାଏ ମରୀଚିକା ପଥ ମୋତେ ଘାରେ ॥

X X X X X

(୨) 'ମରିବି ନାହିଁକି ଡରିବି ନାହିଁ'

ମରିବି ନାହିଁକି ଡରିବି ନାହିଁ
ଛାଡ଼ି ଦେବେ କି ସେ ପାଗଳ ଗୁଡ଼ାକ
ଯାହା ହେବା ପାଇଁ ହୁଏ ମୁଁ ଗିନିଗିନା,
ଖଟି ଖଟି ପେଟ ପୂରିଲାନି
ପେଟକୁ ନ ମିଳେ ମୋହର ଦାନା ॥

X X X X X

"କେହି ରହିନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ ; ଏଇ ସତ୍ୟର ପଥିକ ହେଲେ

ପବିତ୍ର ମୋହନ ୧୯୮୮ ମସିହା ନଭେମ୍ବର ମାସ ୨୦ ତାରିଖ ରବିବାର ଦିନ । ସେ ଦିନ ତିଥି ଥିଲା କାର୍ତ୍ତିକମାସ ମହାଏକାଦଶୀ । ମୃତ୍ୟୁବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା । ସିଆରିଆ ଗ୍ରାମ ତଥା ପାଖପଡ଼ୋଶୀ ଗାଁରେ ଶୋକର ଛାୟା ଖେଳିଗଲା ।

Digitized by PPRACHIN, SOA

୰ ପବିତ୍ର ମୋହନଙ୍କ ମୃତ୍ୟୁରେ ବ୍ୟଥିତ ହୋଇ ତାଙ୍କର ପ୍ରିୟ ପରମପୂଜ୍ୟ ପାଦଗୁରୁ ପଣ୍ଡିତ ଶ୍ରୀଲୋକନାଥ ରଣା ଏକ ଅଭିମତ ପ୍ରକାଶ କରିଛନ୍ତି । ସେଇଥିରୁ କତିପୟ ଉଦ୍ଧାର କରୁଛି ତାଙ୍କର ଭାଷାରେ- ରତ୍ନ ସବୁବେଳେ ସବୁଠାରେ ସବୁପ୍ରକାରେ ପବିତ୍ର । ଆଉ ଏଠି ପବିତ୍ର ରତ୍ନ କହିବାର ତାତ୍ପର୍ଯ୍ୟ କ'ଣ ? କୋଉ ରତ୍ନଟି ଇଯେ ?

ଏଇ କଥା ପଦକ ବୁଝାଇ କହିବା ପାଇଁ ମୋ ଭାଷାର ଅଭାବ ହେଉଛି । ଏଠି ଯାକୁ 'ପଙ୍କରୁ ପଙ୍କଜ' କହିବି କି ଗୋବର ~ ର କଇଁ କହିବି ନାଁ ବଣର ମାଳତୀ କହିବି କିଛି ଠିକ୍ କରି ନପାରି ଗୋଟିଏ 'ପବିତ୍ର ରତ୍ନ' ବୋଲି କହୁଛି । ଖାଲି ତା ନାଁଟି ପବିତ୍ର ନୁହେଁ, ସ୍ୱଭାବ, ଆକୃତି, ଚାଳିଚଳନ, ଲକ୍ଷ୍ୟ ଓ କାମ ସବୁ ତା'ର ପବିତ୍ର ।

X X X X X

ପୁନରାୟ ନରସିଂହପୁର ଅଞ୍ଚଳର ତାଙ୍କର ଅତି ଆପଣାର ଅନ୍ତରଙ୍ଗ ସହପାଠୀ, ବନ୍ଧୁ ତଥା କବି ସ୍ୱପ୍ନେଶ୍ୱର ଦାସ 'ପବିତ୍ର ସ୍ମରଣେ'* ନାମକ ଶିରୋନାମାରେ ପବିତ୍ର ସାହୁଙ୍କର ଗୁଣଗାନ କରିଥିଲେ ।

ସିଆରିଆ ଗ୍ରାମର ଶ୍ରୀ ବୀରେନ୍ଦ୍ର ପ୍ରସାଦ ସାହୁଙ୍କ ୰ ପବିତ୍ର ମୋହନ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏକ କବିତା ରଚନା କରି ପୂଜ୍ୟ ପୂଜାର ସମ୍ମାନ ପ୍ରଦର୍ଶନ କରିଛନ୍ତି ।

X X X X X

ବାସ୍ତବିକ ପବିତ୍ର ମୋହନଙ୍କ ଜୀବନକୁ ପାଠକଲେ ଜଣାଯାଏ ସେ କେବଳ ସିଆରିଆ ଗ୍ରାମର ନୁହେଁ, ନରସିଂହର ପୁର ଅଞ୍ଚଳରେ ସେ ଥିଲେ ଜଣେ - ବିଚକ୍ଷଣ ପ୍ରତିଭା ସମ୍ପନ୍ନ ଛାତ୍ର ବତ୍ସଳ ଶିକ୍ଷକ, ଲବ୍ଧ ପ୍ରତିଷ୍ଠ ନାଟ୍ୟକାର, କଳାକାର, ମିଷ୍ଟଭାଷୀ, ନୀତିବାନ୍, କର୍ମବୀର, ଦେବ ପ୍ରତିମ, ଧର୍ମପରାୟଣ ଓ ଉଜ୍ଜ୍ୱଳ ଉଦୀୟମାନ ବ୍ୟକ୍ତିତ୍ୱର ଉଦାହରଣ ।

ତାଙ୍କରି ବିୟୋଗରେ ନରସିଂହପୁର ଝୁରୁଛି ଓ ଝୁରିବ ।

* ପବିତ୍ର ସ୍ମରଣେ - ପବିତ୍ର ମୋହନ ସ୍ମୃତି ଓ ଭଜନାବଳୀ
ଲେଖକ- ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶ ସାହୁ, ସିଆରିଆ, କଟକ - ୧୯୯୧
ପ୍ରକାଶିକା - ସୀତାରାଣୀ ଦାସ, କାକୁଡ଼ିଆ, ନରସିଂହପୁର

Digitized by PPRACHIN, SOA

ବରେଣ୍ୟ କବି ଭଗବାନ ରାଉତ

ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶ ସାହୁ

'ନରସିଂହପୁର' ନାମ ଯେପରି ତାତ୍ପର୍ଯ୍ୟ ପୂର୍ଣ୍ଣ, ତହିଁରେ ଜନ୍ମଲାଭ କରିଥିବା ଅନେକ ପ୍ରତିଭାଧାରୀଙ୍କ ତ୍ୟାଗ, ଜ୍ଞାନ ଓ ସାହିତ୍ୟ ସାଧନା ସେହିପରି ଗୁରୁତ୍ୱପୂର୍ଣ୍ଣ । ଏହାତ ଦେବଭୂମିର ଲକ୍ଷଣ । ବାସ୍ତବରେ ନରସିଂହପୁରର ଭୂମିହିଁ ଦେବଭୂମି । ସିଆରିଆ ଗ୍ରାମ ନିବାସୀ ଶିକ୍ଷକ ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶ ସାହୁ ଯେଉଁ ପ୍ରତିଭାଧାରୀଙ୍କ ବିଷୟରେ ପ୍ରବନ୍ଧ ରଚନା କରିଛନ୍ତି ସେ ହେଉଛନ୍ତି ବାସେଳୀ ହତା ନିବାସୀ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ରାଉତ, ଯିଏ କି ଆଦର୍ଶ ଶିକ୍ଷକ ଜୀବନ ଯାପନ କରିବା ସହିତ ନିଜ ଅବସର ସମୟରେ ବିବିଧ କାବ୍ୟ ରଚନା କରି ଉତ୍କଳ ବାଣୀ ଭଣ୍ଡାରକୁ ଗଢିମନ୍ତ କରିବା ସହିତ ମାନବ ସମାଜକୁ ଆଦର୍ଶ ଜୀବନ ଯାପନ କରିବା ନିମନ୍ତେ ଦିଗ୍‌ଦର୍ଶନ ଦେଇଛନ୍ତି ।

ଆସନ୍ତୁ ସେହି ପ୍ରତିଭାଧାରୀ କବି ଭଗବାନ ରାଉତଙ୍କ ସମ୍ବନ୍ଧରେ ଅବହିତ ହେବା ଶ୍ରୀ ଜ୍ଞାନେନ୍ଦ୍ର ପ୍ରକାଶଙ୍କ ପ୍ରବନ୍ଧ ମାଧ୍ୟମରେ-

ଦୂର ଦିଗ୍‌ବଳୟ ଆଡ଼କୁ ଅପଲକ ନୟନରେ ଦୃଷ୍ଟିପାତ କରି ମଣିଷ ଉପଲବ୍ଧି କରେ ପ୍ରକୃତିର ବୈଚିତ୍ର୍ୟ । ସେ ବୈଚିତ୍ର୍ୟ ମଧ୍ୟରେ ସେ ଲକ୍ଷ୍ୟ କରେ ମୁହୂର୍ତ୍ତ ପରିବର୍ତ୍ତନ । ତାହାର ଚିତ୍ତପଟରେ ଫୁଟି ଉଠେ ଭାବନାର ଅସଂଖ୍ୟ କଳ୍ପନା । ସେ ସୃଷ୍ଟି ରହସ୍ୟକୁ ଅନ୍ୱେଷଣ କରିବାକୁ ଚେଷ୍ଟା କରେ । ଭାବନା ତାର ବଢ଼ିଚାଲେ ସୀମାହୀନ ଭାବରେ । ତେଣୁ ତା'ର ଭାବନାରେ ଲୋଡ଼ା ହୁଏ ଶୃଙ୍ଖଳା । ଏହିପରି ଭାବରେ ଦକ୍ଷ ରଚକର ଲେଖନୀ ସ୍ପର୍ଶରେ ତା'ର ରଚନା ହୁଏ ପ୍ରାଣବନ୍ତ, ସଞ୍ଚରଣଶୀଳ । ମର୍ମମନ୍ତର ତନ୍ତ୍ରେ ତନ୍ତ୍ରେ ପ୍ରସାରିତ ହୁଏ ତଦୀୟ କାବ୍ୟ ରସର ଅମୃତ ନିସ୍ୟନ୍ଦିନୀ ଧାରା । ଚିତ୍ତ ଆମୋଦିତ ହୁଏ ଓ ମନୋରାଜ୍ୟରେ ଖେଳିଯାଏ ଅପୂର୍ବ ଶିହରଣ ।

ଯୁଗ ଯୁଗ ଧରି ଯେଉଁ କେତେଜଣ ମହାମାନବ ତ୍ୟାଗୀ, କବି ଓ ଜ୍ଞାନୀ ପୁରୁଷ ସ୍ୱୀୟ ସାଧନା ବଳରେ ଏ ଧରଣୀକୁ ଦେଇ ଯାଇଛନ୍ତି ଅମୃତର ସ୍ପର୍ଶ, ଜ୍ଞାନର ଅମଳିନ ଜ୍ୟୋତି ଓ ନୂତନ ଦିଗ୍‌ଦର୍ଶନ ତନ୍ମଧ୍ୟରୁ କବି ଭଗବାନ ରାଉତ ହେଉଛନ୍ତି ଅନନ୍ୟ ସାଧାରଣ ।

Digitized by PPRACHIN, SOA

ସେ ଅନେକ ଲେଖକ, ଗାୟକ, ପାଲାକାର ଓ କବିଙ୍କ ହୃଦୟରେ ଭରି ଦେଇଛନ୍ତି ନିଜ ଲେଖନୀର ଅମୀୟ ବାରିଧାରା, ଯାହାକି ସାରା ନରସିଂହପୁରରେ କମନୀୟ କାବ୍ୟିକ ରସ ଚେତନା ସୃଷ୍ଟି କରି ରସାମୋଦୀ ପାଠକଗଣଙ୍କ ଅନ୍ତରରେ ସୃଷ୍ଟି କରି ପାରିଥିଲେ ଅନିର୍ବଚନୀୟ ଆନନ୍ଦ । ଶିକ୍ଷିତ -ଅଶିକ୍ଷିତ, ମୂର୍ଖ -ପଣ୍ଡିତ ନିର୍ବିଶେଷରେ ତାଙ୍କର କବିତାବଳୀ ସମସ୍ତଙ୍କ ଅନ୍ତରକୁ ସ୍ପର୍ଶ କରି ପାରୁଥିଲା । ତାଙ୍କ ଅମର ଲେଖନୀ ମୁନରୁ ଯେଉଁ କବିତାର ଝର ଝରି ଆସିଛି, ତାହା ଉତ୍କଳ ସାହିତ୍ୟ ଜଗତରେ ଏକ ନୂତନ ଯୁଗ ସୃଷ୍ଟି କରିବା ସୁନିଶ୍ଚିତ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଆସନ୍ତୁ ତାଙ୍କ ଜୀବନ ଦର୍ଶନରୁ କିଛି ଶିକ୍ଷା ଲାଭ କରିବା ।

କବି ଭଗବାନ ରାଉତଙ୍କ ଆବିର୍ଭାବ ହୁଏ ନରସିଂହପୁରସ୍ଥ ବାସେଳୀ ହତା ଗ୍ରାମରେ ୧୯୩୮ ମସିହା ନଭେମ୍ବର ମାସ ୧୭ ତାରିଖ ଦିନ । ତାଙ୍କ ପିତାଙ୍କ ନାମ ନନ୍ଦ ଶତ୍ରୁଛିତ ଓ ମାତାଙ୍କ ନାମ ଫୁଲ ଦେଈ । ତାଙ୍କର ପାଠପଢ଼ା ବୟସ ଉପସ୍ଥିତ ହେବାରୁ ସେ କାନପୁର ଉଚ୍ଚ ପ୍ରାଇମେରୀ ସ୍କୁଲରେ ନାମ ଲେଖାଇ ତାହା ପାଶ୍ କରି ବଡ଼ମ୍ବା ମୋହନ ସୁବୁଦ୍ଧି ହାଇସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରି ହରିପୁର ପ୍ରାଇମେରୀ ସ୍କୁଲରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ ।

ଚାକିରି କାର୍ଯ୍ୟ ମଧ୍ୟରେ ସେ ମଣ୍ଡେଶ୍ୱର ପ୍ରାଇମେରୀ ସ୍କୁଲ, ଓଲବ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଓ କଟକ ରାଜନଗର ଉ. ପ୍ରା. ବିଦ୍ୟାଳୟ, ବାସଳୀହତା ଉ.ପ୍ରା.ବିଦ୍ୟାଳୟ, କୁରାଞ୍ଜ ଉ.ପ୍ରା ବିଦ୍ୟାଳୟ ମାନଙ୍କରେ ଶିକ୍ଷକତା କରି ଜଣେ ଆଦର୍ଶ ଓ ଦକ୍ଷ ଶିକ୍ଷକ ଭାବରେ ଗୌରବ ଅର୍ଜନ କରିଥିଲେ ।

ଅବସର ସମୟରେ ସେ ଆଧ୍ୟାତ୍ମିକ ମାର୍ଗରେ ନିଜକୁ ନିୟୋଜିତ କରି ଭଗବଦ୍ ଚିନ୍ତାରେ ବୁଡ଼ି ରହୁଥିଲେ । ସମୟକ୍ରମେ ସେ ଅଲୌକିକ ଐଶ୍ୱରିକ ଶକ୍ତି ବଳରେ କାବ୍ୟ କବିତା ନୃତ୍ୟ ନାଟିକା ଇତ୍ୟାଦି ଆରମ୍ଭ କଲେ । ତାଙ୍କର କାବ୍ୟ କବିତା ଗୁଡ଼ିକ ବାହାରେ ତଥା ଶିକ୍ଷକ ମହଲରେ ଉଚ୍ଚ ପ୍ରଶଂସିତ ହେଲା । ତାଙ୍କର ରଚିତ ପ୍ରଥମ ପୁସ୍ତକ 'ଗଣ୍ଡାବଧ ଓ ଖାଣ୍ଡବ ଦହନ' (କାବ୍ୟ) ଓ ଦ୍ୱିତୀୟ ପୁସ୍ତକ 'ବୀଣା ପରାଜୟ' (ଖଣ୍ଡକାବ୍ୟ) ଜନ ସମାଜରେ ବିଶେଷ ଭାବରେ ଆଦୃତ ହୋଇଥିଲା ।

ଯେଉଁ କାରଣ ଲାଗି ମନୁଷ୍ୟ ଯୁଗେ ଯୁଗେ ଅନ୍ୟାୟ, ଅତ୍ୟାଚାର ବିଭେଦ ଓ ବୈଷମ୍ୟ ବିରୁଦ୍ଧରେ ଦୃଢ଼ସ୍ୱର ଉତ୍ତୋଳନ କରି ସ୍ୱାଧୀକାର ଏବଂ ନିରଙ୍କୁଶ ଜୀବନ ଯାତ୍ରା ନିମନ୍ତେ ସଂଗ୍ରାମ କରି ଆସିଛି ଓ ବିପ୍ଳବର ସୂତ୍ରପାତ ହୋଇ ବହୁ ହତ୍ୟାକାଣ୍ଡ ଓ ରକ୍ତ ପାତ ସୃଷ୍ଟି ହୋଇଛି, ତହିଁରୁ ନିବୃତ୍ତି ଯାଇ ଶାନ୍ତି ପୂର୍ଣ୍ଣ ଜୀବନ ଯାପନ ପାଇଁ ତଥା ଜନମାନସ ପଟରେ ପରିବର୍ତ୍ତନ ଆଣିବା ପାଇଁ ସେ ଏକ "ଧନ, ଗୁଣ, ସମୀକ୍ଷା"

Digitized by PPRACHIN, SOA

ଶୀର୍ଷକ କବିତା ରଚନା କରିଥିଲେ । ସୌଭାଗ୍ୟ ବଶତଃ ତାହା ଭୁବନେଶ୍ୱରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ପାଳିତ ହେଉଥିବା କବି ସମ୍ମିଳନୀରେ ପାଠ କରାଯାଇଥିଲା । ଶୁଣାଯାଏ କବି ଭଗବାନ ରାଉତଙ୍କ ସେହି କବିତାରେ ଡକ୍ଟର ହରେକୃଷ୍ଣ ମହତାବ ମୁଗ୍ଧ ହୋଇ ପୁନର୍ବାର ପଠନ ପାଇଁ ଆଦେଶ ପ୍ରଦାନ କରିଥିଲେ । ଉକ୍ତ କବିତାର କତିପୟ ଅଂଶ ଉଦାହରଣ ସ୍ୱରୂପ ଦିଆଗଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ମନେ କରାଯାଇ ପାରେ ।

ଧନ ହୀନ ଦରିଦ୍ରର ନାହିଁ କେହି ସମ,
ସୁଦୀର୍ଘ ମରୁରେ ଶୁଷ୍କ ତୃଣର ସମାନ ।।
ମଣିହରା ଫଣୀ ପ୍ରାୟେ ହୁଏ ତେଜହୀନ
ବଞ୍ଚେ ସମାଜରେ ଘେନି ଲାଞ୍ଛିତ ଜୀବନ ।।
ଉପହାସ, ତାଚ୍ଛଲ୍ୟ କରନ୍ତି ସର୍ବଜନ
ମର୍ମ୍ମ ଜଳିଯାଏ ମାତ୍ର ଜଳେନା ଜୀବନ ।।

X X X X X

ଶବକୁ ଗ୍ରାସଇ ଚିତା, ଚିନ୍ତା ଜୀବନକୁ
ତିଳ ତିଳ କରି ପୋଡ଼େ ସତତ ମନକୁ ।
ମନ ପୋଡ଼ିଯାଏ ମାତ୍ର ପୋଡ଼େନା ଶରୀର,
ଶ୍ରାବଣର ଧାରା ପରି ଗଳେ ନେତ୍ରୁ ନୀର ।।

X X X X X

ହେଲେ ହେଁ ଗଜମୂରୁଖ ଧନ କରେ ଜ୍ଞାନୀ,
କଲେ ହେଁ ଅନ୍ୟାୟ, ସିଏ ନ୍ୟାୟୀ ଗୁଣୀ, ମାନୀ,
କୁଳଟା ବ୍ୟଭିଚାରିଣୀ ବାରବଧୂ ହୋଇ
ସମାଜେ ଲଭେ ପ୍ରତିଷ୍ଠା ବହୁ ଅର୍ଥ ଦେଇ ।

X X X X X

ଅନ୍ୟାୟେ ସଞ୍ଚିତ ଧନ କାଳକୂଟ ବିଷ
ବଢ଼େ ଶୀଘ୍ର, ନାଶେ ଶୀଘ୍ର ବୁଦ୍ ବୁଦ୍ ଆୟୁଷ ।

କବିତାଟିକୁ ପାଠକଲେ ଜଣାଯାଏ କବିଙ୍କର ସମାଜରେ ନିତ୍ୟ ନୈମିତ୍ତିକ ଘଟୁଥିବା ଘଟଣାକୁ ନେଇ ଏକଚେତାବନୀ ଉପଦେଶାତ୍ମକ କବିତା ମାଧ୍ୟମରେ ଦେଇଛନ୍ତି ଏବଂ ଉପସ୍ଥିତ ଥିବା କବି ମଣ୍ଡଳିକୁ ନିଶ୍ଚିତ ଭାବେ ନୂତନ ଖୋରାକ ତଥା ଦିଗ୍‌ଦର୍ଶନ ଦେଇଥିବ ସମସ୍ତେ ଲେଖନୀ ଚାଳନା କରିବାକୁ ସମାଜର ଉନ୍ନତି ପଥରେ । କବି ଭଗବାନ ରାଉତ ଓଡ଼ିଆ ସାହିତ୍ୟକୁ ଯେଉଁ କେତୋଟି ଅର୍ଘ୍ୟ ପ୍ରଦାନ କରି

Digitized by PPRACHIN, SOA

ଯାଇଛନ୍ତି, ସେଇ ଗୁଡ଼ିକ ହେଲେ-

ପ୍ରକାଶିତ ପୁସ୍ତକ -

ଗଣ୍ଡାବଧ ଓ ଖାଣ୍ଡବ ବନ ଦହନ, ବାଣା ପରାଜୟ

ଅପ୍ରକାଶିତ ପାଣ୍ଡୁଲିପି -

କୀଚକ ବଧ,ଗୋଧନ ହରଣ, ଅମ୍ବିକା ବିଳାସ, ଅବନା, ପଞ୍ଚଶାୟକ, ଆୟୁ ବାଳବୀର ଅଭିମନ୍ୟୁ, ମୃଗଲାଖ, କୃପାମୟୀ ଜଣାଣ, ଶ୍ରୀ ନୀଳମାଧବ, ଶ୍ରୀକୃଷ୍ଣଙ୍କର ଗୁରୁ ଦକ୍ଷିଣା, ନବଗୁଞ୍ଜର ରୂପ ଦର୍ଶନ, ଖାରବେଳ, ସତଳା ହରଣ, ପଞ୍ଚବଟୀ ପିତା ପୁତ୍ର ସମ୍ପର୍କ ଚିହ୍ନାଯାଏ । ଏ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଖଣ୍ଡକାବ୍ୟ ଏତଦ୍ ବ୍ୟତୀତ ବହୁ ପଲ୍ଲୀ କବିତା ତାଙ୍କର ରଚନା, ବର୍ତ୍ତମାନ ସେ ଗୁଡ଼ିକ ତାଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀ କେଦାରନାଥ ଶତ୍ରୁଜିତଙ୍କ ପାଖରେ ଗଚ୍ଛିତ ଅଛି ।

ତାଙ୍କର ପ୍ରକାଶିତ ଓ ଅପ୍ରକାଶିତ ଅର୍ଘ୍ୟ ଗୁଡ଼ିକ ବାସ୍ତବିକ ଏକ ଏକ ଉଲ୍ଲେଖନୀୟ ସୃଷ୍ଟି । ସେହି କାବ୍ୟ ସାହିତ୍ୟ ମାନବ ଜୀବନର ବେଦ ଓ ଜାତୀୟ ଜୀବନର ଆତ୍ମଲିପି ତଥା ମଣିଷର ନବଜନ୍ମ ପାଇଁ ଆଶାନ୍ୱୀତ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଗୁଡ଼ିକ ପାଠ କଲେ ଜଣାଯାଏ ସେଥିରେ ଅଛି ଗଭୀର ରସବୋଧ, ସ୍ନିଗ୍ଧ ସୌନ୍ଦର୍ଯ୍ୟ ସୃଷ୍ଟି ଓ ସ୍ୱର୍ଗୀୟ ଆଦର୍ଶ ବୋଧ । ସେହି ପବିତ୍ର କାବ୍ୟ କବିତାବଳୀ ଅଧ୍ୟୟନ କଲେ ମନୁଷ୍ୟର ଅନ୍ତର ହୁଏ ଶୁଦ୍ଧି-ସୁନ୍ଦର-ପବିତ୍ର ।

ସେ ୧୯୯୪ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଇହଲୀଳା ସମ୍ବରଣ କଲେ ତାହା ତାଙ୍କ ପରିବାର ପ୍ରତି ଅକାଳ ବଜ୍ରପାତ ତୁଲ୍ୟ ଥିଲା । ତାଙ୍କ ଚାକିରି ଆଉ ତିନିବର୍ଷ ବାକୀ ଥିଲା କିନ୍ତୁ ସେ ତ' ପୂର୍ବରୁ ନିୟତିର ନିର୍ଦ୍ଦେଶମାନି ନିଜ ଆତ୍ମୀୟ ସ୍ୱଜନ, ସ୍ତ୍ରୀ ପିଲାଛୁଆ ବନ୍ଧୁ, ବାନ୍ଧବ, ଶିକ୍ଷକ ଓ କବି ସମାଜଙ୍କ ଠାରୁ ଚିରଦିନ ପାଇଁ ସମ୍ପର୍କ ତୁଟାଇ ଦେଇ ସମସ୍ତଙ୍କ ମୁହଁରେ ଶୋକାଶ୍ରୁର ଧାରା ଛୁଟାଇ ଦେଇଥିଲେ । ସମସ୍ତେ ସେହି ପ୍ରତିଭାଧରଙ୍କ ଗୁଣ କୀର୍ତ୍ତନ କରିଥିଲେ ।

ସେ ସ୍ୱର୍ଗାରୋହଣ କରିଥିଲେ ମଧ୍ୟ ତାଙ୍କର ଆଦର୍ଶବାଦ, ଆଚାର ବିଚାର ଓ କବିତ୍ୱ ନେଇ ନରସିଂହପୁର ଝୁରୁଛି ଓ ଝୁରିବ ।

Digitized by PPRACHIN, SOA

ଗାୟକ ସ୍ୱର୍ଗତ ଗଙ୍ଗାଧର ରଥ

ସୁରେଶ କୁମାର ପଣ୍ଡା

ସ୍ୱର୍ଗତ ଗଙ୍ଗାଧର ରଥ ନରସିଂହପୁର ତହସିଲସ୍ଥ ସୋଲବନ୍ଧ ଗ୍ରାମ ନିବାସୀ ୰ କପିଳେଶ୍ୱର ରଥଙ୍କ ଔରସରୁ ୰ସ୍ୱର୍ଣ୍ଣଲତା ଦେବୀଙ୍କ ଗର୍ଭରୁ ୨୨.୧୦.୧୯୨୬ ମସିହାରେ ଜନ୍ମଗ୍ରହଣ କରି ପ୍ରାଇମେରୀ ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ଦାରିଦ୍ର୍ୟତା ମଧ୍ୟରେ ଗତି କରି ସେ ଉଚ୍ଚ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ, ମାତ୍ର ଶିକ୍ଷାର୍ଜନ କରିବାର ପ୍ରବଳ ଆଗ୍ରହ ନେଇ ସେ ଘରୋଇ ଭାବେର ହିନ୍ଦୀ, ବଙ୍ଗଳା, ସଂସ୍କୃତ ଆଦି ପାଠ କରିଥିଲେ, ଯାହା ଫଳରେ ସେ କଳିଦାସ ମାଘ, ଶ୍ରୀହର୍ଷଙ୍କ କାବ୍ୟାବଳୀ, କବିସମ୍ରାଟ ଉପେନ୍ଦ୍ରଭଂଜ, ଅଭିମନ୍ୟୁ ସାମନ୍ତସିଂହାର, ଦୀନକୃଷ୍ଣ ଦାସ, ରାଧାନାଥ ରାୟ, ଗଙ୍ଗାଧାର ମେହେର ଆଦିଙ୍କ କାବ୍ୟ କବିତା ପାଠ କରିବା ସହ ସେଥିରୁ ଅଧିକାଂଶ ମୁଖସ୍ତ କରିଥିଲେ, ଯାହାକି ତାହାଙ୍କୁ ପାଲା ପରିବେଷଣରେ ବିଶେଷ ଭାବରେ ସାହାଯ୍ୟ କରୁଥିଲା । ଗାୟକ ଜୀବନ ଆରମ୍ଭ କରିବା ପୂର୍ବରୁ ସେ ଅର୍ଣ୍ଣପୂର୍ଣ୍ଣା ଥିଏଟରରେ ଅଭିନୟ କରିବା, ନାଟକୀୟ ଢ଼ାଞ୍ଚାରେ ରାମାୟଣ ଓ କୃଷ୍ଣଲୀଳା ରଚନା କରି ନୃତ୍ୟଗୁରୁ ରୂପେ କାଳାତିପାତ କରିବା ଥିଲା ସ୍ୱର୍ଗତ ରଥଙ୍କର ବଡ଼ ସଉକ । ୧୯୫୭-୫୮ ମସିହାରେ ଗାୟକ ଜୀବନ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପାଲାପରିବେଷଣ କରି ନରସିଂହପୁରର ଗୌରବ ବୃଦ୍ଧି କରିଥିଲେ । ତାଙ୍କର କୋକିଳକଣ୍ଠ ପରିବେଶ ପରିପାଟୀ, ଅଭିନୟ ସାହିତ୍ୟାଲୋଚନା ଯିଏ ଦର୍ଶକ ଭାବରେ ଅନୁଭୂତିରେ ଆଣିଛି ସେ ସ୍ୱର୍ଗତ ରଥଙ୍କର ଯଶୋଗାନ ନ କରି ରହି ପାରିବ ନାହିଁ । ଆଶୁ କବି ହିସାବରେ ତାଙ୍କର ସୁନାମ ଯଥେଷ୍ଟ । ବାଦୀ ପାଲା ମାନଙ୍କରେ ସଙ୍ଗେ ସଙ୍ଗେ ସ୍ୱରଚିତ କବିତା ପରିବେଷଣ କରି ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରିଥାନ୍ତି । ତାହାର ପ୍ରମାଣ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବାଦୀ ପାଲା କରାଉଥିବା ସଂସ୍ଥା ତଥା ତତ୍କାଳୀନ ସାହିତ୍ୟାନୁରାଗୀ ମାନଙ୍କ ଠାରୁ ଶୁଣାଯାଏ ।

ଆସନ୍ତୁ ସୁରେଶ କୁମାର ପଣ୍ଡାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ପାଠକରି ଗଙ୍ଗାଧର ରଥଙ୍କ ବିଷୟରେ ଅବଗତ ହେବା ।

Digitized by PPRACHIN, SOA

ଯେତେବେଳେ ଧର୍ମ, ଜାତି ଓ ସାହିତ୍ୟ ସଂକଟାପନ୍ନ ହୁଏ ତାହାର ଅଭ୍ୟୁତ୍ଥାନ ଓ ସଂସ୍ଥାପନ ପାଇଁ ଧର୍ମପ୍ରଚାରକ, କବି ଓ ମହାତ୍ମାମାନେ ଆବିର୍ଭୂତ ହୁଅନ୍ତି । ଏଇ ପରିପ୍ରେକ୍ଷୀରେ ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀ ଭଗବାନ କହିଛନ୍ତି-

"ଯଦା ଯଦାହି ଧର୍ମସ୍ୟ ଗ୍ଲାନି ର୍ଭବତି ଭାରତ
ଅଭ୍ୟୁତ୍ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍" ଯାହାକି ସୃଷ୍ଟିର ଏକ ଚିରନ୍ତନ ସତ୍ୟ । ଏହାକୁ ପାଥେୟ କରି ଅନେକ କାଳଜୟୀ ପ୍ରବାଦ ପୁରୁଷ, ମହାନାୟକ ଭାବରେ ଧରାଧାମରେ ଆବିର୍ଭାବ ହୋଇଛନ୍ତି ଓ ହେବେ ମଧ୍ୟ ।

ଗାୟକ ଗୌରବ ଗଙ୍ଗାଧର ନରସିଂହପୁରର ଜଣେ ସୁଯୋଗ୍ୟ ସନ୍ତାନ । ତାଙ୍କର କଳା ପ୍ରତିଭା ଖାଲି ନରସିଂହ ପୁର ମଧ୍ୟରେ ସୀମିତ ନ ହୋଇ ନୟାଗଡ଼, ଓଡ଼ଗାଁ, ସୋନପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଗଙ୍ଗାଧର ଛବିଳ ନରସିଂହପୁରର ସୋଲବନ୍ଧ ଗ୍ରାମରେ ପିତା କପିଳେଶ୍ୱର ରଥ ଓ ମାତା ସ୍ୱର୍ଣ୍ଣଲତା ଦେବୀଙ୍କର ସନ୍ତାନରୂପେ ୧୯୨୬ ମସିହା ଅକ୍ଟୋବର ମାସ ୨୨ ତାରିଖ ଆଶ୍ୱିନ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଏକ ମାହେନ୍ଦ୍ର ବେଳାରେ ଜନ୍ମ ଲାଭ କରିଥିଲେ ।

ବାଲ୍ୟ ଚପଳତା ଅତିବାହିତ ହେବା ପରେ ତାଙ୍କର ଛାତ୍ରଜୀବନ ଆରମ୍ଭ ହେଲା । ପ୍ରାଇମେରୀ ଶିକ୍ଷାର ଅର୍ଦ୍ଧାଂଶରେ ତାଙ୍କର ଶିକ୍ଷାଲାଭରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । "ଗାଁ ନିରିମଳ ଧୋବା ତୁଠରୁ" ଜଣା ପଡ଼ିବା ପରି ବାଳକ ଗଙ୍ଗାଧର ଛାତ୍ରଜୀବନରେ ବିଦ୍ୟା ପରିବେଶ ମଧ୍ୟରେ "ଟଙ୍କା" ନାମକ ଏକ ବ୍ୟଙ୍ଗ କବିତା ଲେଖି ସମସ୍ତଙ୍କ ମନରେ ଏକ ଜାଗରଣ ସୃଷ୍ଟି କରିଥିଲେ । ଏ ଜନରବ କ୍ରମେ ପ୍ରସାରିତ ହେଲା । ତୁଣ୍ଡ ବାଇଦ ସହସ୍ର କୋଶ । 'ଟଙ୍କା' କବିତାର ଝଲକ ରାଜାଙ୍କ କାନକୁ ଗଲା । ରାଜା - ପରିଷଦ ମାନଙ୍କ ସମ୍ମୁଖରେ ଗଙ୍ଗାଧର ଉକ୍ତ କବିତା ଗାନ କରିଥିଲେ । ତାଙ୍କର ଗାୟନ ଶୈଳୀ ତଥା କାବ୍ୟିକ ପ୍ରତିଭାରେ ମୁଗ୍ଧ ହୋଇ ତତ୍‌କାଳୀନ ରାଜା ସାହେବ ଅନନ୍ତ ନାରାୟଣ ହରିଚନ୍ଦନ ମହାପାତ୍ର ଏବଂ ରାଣୀ ସାହେବା କନକଲତା ବାଳକ ଗଙ୍ଗାଧରଙ୍କୁ ପୁରସ୍କାର ସ୍ୱରୂପ ପାଞ୍ଚଟଙ୍କା ପ୍ରଦାନ କରିଥିଲେ । ରାଣୀ ସାହେବା ଥିଲେ ସାହିତ୍ୟାନୁରାଗୀ । ପ୍ରତ୍ୟହ ରାଜବାଟୀକୁ ଆସି ସାହିତ୍ୟ ଚର୍ଚ୍ଚା ଓ ଛାନ୍ଦଗାନ କରିବା ପାଇଁ ଗଙ୍ଗାଧରଙ୍କୁ ଏକ ରାଲେ ସାଇକେଲ ଉପହାର ଦେଇଥିଲେ ଯାହାକି ବାଳକ ଗଙ୍ଗାଧରଙ୍କୁ ସେ ଦିଗରେ ଆଗେଇଯିବା ପାଇଁ ଯଥେଷ୍ଟ ପ୍ରେରଣା ମିଳିଥିଲା ।

ପ୍ରଜାପତି ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲିଲା ପରି କିଶୋର ଗଙ୍ଗାଧର ଓଡ଼ିଶାର ଏଣେତେଣେ ଘୁରି ବୁଲିଲେ । ଏକ ପକ୍ଷରେ ଶିକ୍ଷାରୁ ବଞ୍ଚିତ ଅପର ପକ୍ଷେ ଦାରିଦ୍ର୍ୟର କଷାଘାତ । ନିଜର ଜଟିଳ ଜଞ୍ଜାଳମୟ ପରିସ୍ଥିତିରେ ନିଜକୁ ଅଣନିଶ୍ୱାସୀ

Digitized by PPRACHIN, SOA

ମନେ କରି କିଛିଟା ନୂତନ ସନ୍ଧାନରେ ସେ ଜଡ଼ିତ ଥିଲେ । ସେ ନୂତନତାର ସନ୍ଧାନ ପାଇଲେ ସୋନପୁରରେ । ସେହିଠାରେ ତାଙ୍କର ଗାୟନ ପ୍ରତିଭାର ତନ୍ତ୍ରୀ ଜାଗି ଉଠିଲା । ସେ ନୃତ୍ୟଗୁରୁ ନଟବର ଷଡଙ୍ଗୀଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ହାରମୋନିୟମ ଶିକ୍ଷାଲାଭ କଲେ ଓ ଉଚ୍ଚାଙ୍ଗ କଣ୍ଠ ସଂଗୀତ ଗାନ କରି ନିଜର କଳାଜୀବନକୁ କ୍ରମଶଃ ସମୃଦ୍ଧ କରିବାରେ ଲାଗିଲେ । ଜଣେ ମହାନ୍ କଳାକାର ଏତିକିରେ ସନ୍ତୁଷ୍ଟ ହୋଇ ପାରେନାହିଁ । ତା'ର ଆଶା ଅନ୍ତଃସଲୀଳା ଫଲ୍‌ଗୁଧାରା ପରି ପ୍ରବାହିତ ହୁଏ । ଏହା ହୁଏ ସୁଦୂର ପ୍ରସାରୀ । ଭାଗବତରେ ଅଛି-

ଏ ମନ ଭାବୁଥାଇ ଯାହା,
କାଳେ ପ୍ରାପତ ହୁଏ ତାହା ॥

ଗଙ୍ଗାଧରଙ୍କର ଏତାଦୃଶ ଅଲୌକିକ କଳା ପ୍ରତିଭାକୁ ଦେଖି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ତାଙ୍କୁ ଅନ୍ନପୂର୍ଣ୍ଣା ଥିଏଟରକୁ ନେଇ ଯାଇଥିଲେ । ସେହିଠାରେ ତାଙ୍କର କଳାଜୀବନର ପୂର୍ଣ୍ଣତା ଆସେ ଜମଦଗ୍ନୀ ନାଟକର କୀର୍ତ୍ତବୀର୍ଯ୍ୟ ଚରିତ୍ର ଏବଂ କଳାପାହାଡ଼ ନାଟକର କଳାପାହାଡ଼ ଚରିତ୍ର ଅଭିନୟରେ । ସେହିଠାରେ ସେ ଲୋକମାନଙ୍କୁ ନିଜ କଳାର ପ୍ରକୃତ ଦୃଶ୍ୟ ପ୍ରଦର୍ଶନ ପାଇଁ ସୁବର୍ଣ୍ଣ ସୁଯୋଗ ପାଇଥିଲେ ଏବଂ ଏହା ତାଙ୍କୁ ସୁଯୋଗ ଦେଲା ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବା ପାଇଁ । ତାଙ୍କର ଭ୍ରମଣ ଅନୁଭୂତି, ଭାଷାଜ୍ଞାନ ତଥା ଅନେକ କଳାନୁରାଗୀଙ୍କ ସହାବସ୍ଥାନ ତାଙ୍କ କଳା ଜୀବନରେ ପୂର୍ଣ୍ଣତା ଆଣିଦେଲା ।

କଳାପାହାଡ଼ ଅଭିନୟ ଦେଖିବା ପାଇଁ ଅନେକ ରାତ୍ରିରେ ସେହି ନାଟକ ଅଭିନୀତ ହେଲା ଦର୍ଶକମାନଙ୍କ ପାଇଁ । ଅନ୍ନପୂର୍ଣ୍ଣା ନାଟକ ଏଥିଲାଗି ଗର୍ବ ଅନୁଭବ କଲା । ଏହା ପରେ ଭିନ୍ନ ରୂପରେ ଦର୍ଶକ ମାନଙ୍କ ପାଖରେ ଦେଖାଦେଲେ ଗଙ୍ଗାଧର । ମୋହନ ଗୋସ୍ୱାମୀଙ୍କର ମାନଭଞ୍ଜନ ନାଟକରେ ତାଙ୍କର ସଙ୍ଗୀତ ଗାନରେ ମାନଭଞ୍ଜନର ପ୍ରତିଟି ଛନ୍ଦ ଜୀବନ୍ତ ହୋଇ ଉଠିଲା । ମାନମୟୀ ରାଧାଙ୍କର ପ୍ରତ୍ୟେକ ମାନ ଜୀବନ୍ତ ହୋଇ ଉଠୁଥିଲା ଗଙ୍ଗାଧରଙ୍କ ସଙ୍ଗୀତ ଗାନର ଅପୂର୍ବ ମୂର୍ଚ୍ଛନାରେ, ସଙ୍ଗୀତ ଗାନ କରିବା ସମୟରେ ନିଜକୁ କୃଷ୍ଣ ବିରହ ବିଧୁରା ନାୟିକା ରାଧା ଭାବରେ ସଙ୍ଗୀତ ଗାନ କରି ସେ ଦର୍ଶକମଣ୍ଡଳିଙ୍କୁ ମୁଗ୍ଧ ବିଭୋର କରୁଥିଲେ । ଦୀର୍ଘ ଦଶବର୍ଷ କାଳ ମର୍ମସ୍ପର୍ଶୀ ସଙ୍ଗୀତ ଗାନ କରି ଏବଂ ଓଡ଼ିଶା ବାହାର ଭ୍ରମଣ କରି ସେ ବିପୁଳ ଅନୁଭୂତି ଲାଭ କରିଥିଲେ ।

ଜୀବନର ସତେଇଶି ଗୋଟି ବସନ୍ତ ଅତିକ୍ରମ କରି ସେ ପ୍ରତ୍ୟାବର୍ତ୍ତନ କରନ୍ତି ନିଜ ଗ୍ରାମକୁ । ନୀଳକଣ୍ଠ ପୁର ନିବାସୀ ଚକ୍ରଧର ମିଶ୍ରଙ୍କ ମଧ୍ୟମା କନ୍ୟା ଲାବଣ୍ୟବତୀଙ୍କ

Digitized by PPRACHIN, SOA

ସହିତ ତାଙ୍କର ଶୁଭ ପରିଣୟ ହେଲା । କଳାକାର ସବୁବେଳେ ଦରିଦ୍ର । ଦାରିଦ୍ର୍ୟର ଜଟିଳ ଝଞ୍ଜାଳମୟ ଜଳଦରେ ଆଚ୍ଛନ୍ନ ହେଲା ଗଙ୍ଗାଧରଙ୍କର ହୃଦୟ । ସେ ଜୀବନର ଦୋ'ଛକି ରାସ୍ତାରେ ଠିଆ ହୋଇ ନିଜର ଭାବୀ ଗତିପଥ ପ୍ରତି ଅନୁଧ୍ୟାନ କରନ୍ତି । ଏକ ଦିଗରେ ବଂଶାନୁକ୍ରମିକ ସାଂସାରିକ ଜୀବନ ଓ ଅନ୍ୟ ଦିଗରେ ଦାରିଦ୍ର୍ୟ ସମ୍ଭାବିତ କଳାକାର ଜୀବନ । ଦୀର୍ଘ ଦିନର ହତାଶା ଭିତରେ ପ୍ରଭୁ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ଆଶୀର୍ବାଦରୁ ନିଜଗୃହ ତ୍ୟାଗକରି ନୟାଗଡ଼ର ଓଡ଼ଗାଁରେ ବିରାଜିତ ଶ୍ରୀ ରଘୁନାଥଙ୍କର ନିକଟସ୍ଥ ବିଲମାନପୁରରେ ସାତବର୍ଷ ଏବଂ ଗୁଣ୍ଡାସାହି ଗ୍ରାମରେ ସାତବର୍ଷ, ଏହିପରି ଦୀର୍ଘ ୧୪ ବର୍ଷ କାଳ ନିଜକୁ ନୃତ୍ୟଗୁରୁ ରୂପେ ନିୟୋଜିତ କରି ନିଜ ପରିବାରର ଭରଣ ପୋଷଣ କରିଥିଲେ । ସେ ବିକ୍ରମ ରାମାୟଣକୁ ଅନଙ୍ଗ ରାମାୟଣ ଢଙ୍ଗରେ ସଂଳାପ ମିଶାଇ ନାଟକୀୟ ଢ଼ାଞ୍ଚାରେ ରାମାୟଣ ରଚନା କରି ପ୍ରଭୂତ ଖ୍ୟାତି ଲାଭ କରିଥିଲେ । ସେଠାରେ ଅବସ୍ଥାନ କରୁଥିବା ସମୟରେ ସେ ଦଶପଲ୍ଲା, ସାତପାଟଣା, ଗଣିଆ ଆଦି ସ୍ଥାନ ମାନଙ୍କରେ ଥିବା ବିଭିନ୍ନ ନୃତ୍ୟ ଅନୁଷ୍ଠାନମାନଙ୍କ ସହ ପରିଚିତ ହେଲେ । ଏତେ ଲୋକପ୍ରିୟତା ସତ୍ତ୍ୱେ ଦାରିଦ୍ର୍ୟର ନିର୍ମମ କଷାଘାତରେ ସେ ନିଷ୍ପେସିତ ହେଉଥିଲେ । ଯାହାଫଳରେ ଦୀର୍ଘ ୧୪ ବର୍ଷର ସମ୍ପର୍କ ଭିତରେ ଓଡ଼ଗାଁ ଏବଂ ନିଜ ପରିବାର ଭିତରେ ନିଜକୁ ପ୍ରତିଷ୍ଠିତ କରିବାର ଯେଉଁ ଅଭିପ୍ସା ତାଙ୍କର ଥିଲା ତାହା ନିସ୍ତେଜ ହେଲା । ସମସ୍ତ ମନୋବଳ ତଥା କଳାଜୀବନର ଏକ ଅଧ୍ୟାୟକୁ ପଛରେ ପକାଇ ଦେଇ ସେ ନିଜର ଭିଟାମାଟି ସୋଳବନ୍ଧକୁ ଫେରି ଆସିଲେ । ନିଜ ଗ୍ରାମ ନିକଟସ୍ଥ ପାଇକବାରବାଟୀ ଗ୍ରାମର ରାମଲୀଳା ଅନୁଷ୍ଠାନରେ ଏବଂ କୋକଳବା ଗ୍ରାମର କୃଷ୍ଣଲୀଳା ଅନୁଷ୍ଠାନରେ ନୃତ୍ୟଗୁରୁ ରୂପେ ସେ ନୃତ୍ୟ ଶିକ୍ଷା ଦେବାରେ ଲାଗିଲେ । ମାତ୍ର ଏ ସବୁ ତାଙ୍କ ଜୀବନ ଲକ୍ଷ୍ୟର ଲକ୍ଷ୍ୟ ପୂରଣ କରି ପାରିଲା ନାହିଁ ।

ଦୁନିଆର ରଙ୍ଗମଞ୍ଚରେ ଏକ କଳାକାରର ଅଭିନୟ କରି କାଳର କରାଳ କବଳରେ ବଣର ମାଳତୀ ପରି ଲୋକଲୋଚନ ଗୋଚର ନ ହୋଇ ଜୀବନ ପୁଷ୍ପ ତାଙ୍କର ଝଡ଼ି ପଡୁଥିବା ବେଳେ ଈଶ୍ୱରଙ୍କ ଅପାର କରୁଣାରୁ ନରସିଂହପୁରର ଉଜ୍ଜ୍ୱଳ ସ୍ୱନାମଧନ୍ୟ ପଣ୍ଡିତ ଶ୍ରୀଯୁକ୍ତ ଲୋକନାଥ ରଣା, ରାଣୀ ସାହେବା କନକଲତା ଦେବୀ, ପ୍ରଧାନ ଶିକ୍ଷକ ୰ ସନାତନ ମିଶ୍ର, ଶ୍ରୀ ବୀରବର ମିଶ୍ର, ପଣ୍ଡିତ ଶ୍ରୀଧର ମିଶ୍ର ଆଦି କଳା ପ୍ରେମୀମାନଙ୍କର ପ୍ରେରଣା ଓ ପରାମର୍ଶରେ ତାଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା । ସେ ଏହାପରେ ଓଡ଼ିଶାର ବିଦଗ୍ଧ କଳାର ପରିପୋଷକ ସଂସ୍କୃତିର ଚାରଣ ପଥରେ ୧୯୫୮ ମସିହାରେ ପାଲାଗାୟକ ରୂପରେ ପଦାର୍ପଣ କଲେ । ୧୯୫୮ ମସିହାଠାରୁ ୧୯୮୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ ଧରି ନରସିଂହପୁର, ବଡ଼ମ୍ବା, ଦଶପଲ୍ଲା, ସାତପାଟଣା ଇତ୍ୟାଦି ଅଞ୍ଚଳରେ ପାଲା ପରିବେଷଣ କରି ଜଣେ ପ୍ରବୀଣ

Digitized by PPRACHIN, SOA

ପାଲାକାର ଭାବରେ ଚହଳ ସୃଷ୍ଟି କଲେ । କାଳକ୍ରମେ ଯଶସ୍ୱୀ ପାଲାକାର ଭାବେ ତାଙ୍କର ପ୍ରତିଭା ହିନ୍ଦୋଳ, ଅନୁଗୁଳ, ସମ୍ବଲପୁର ଅଞ୍ଚଳରେ ପ୍ରତିଭାତ ହେଲା । ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ସ୍ୱଭାବ କବି ରଙ୍ଗାଜୀବ ଗଙ୍ଗାଧରଙ୍କର "ତପସ୍ୱିନୀ" କାବ୍ୟକୁ ଆଧାର କରି "ସୀତା ବନବାସ" ଉପରେ ପାଲା ପରିବେଷଣ କରି ଅଧ୍ୟାପକ ମଣ୍ଡଳି ତଥା ଶିକ୍ଷାବିତ୍ ମାନଙ୍କଠାରୁ ପ୍ରଶଂସା ଲାଭ କରିଥିଲେ । ଶୁଣାଯାଏ ନିଖିଳ ଉତ୍କଳ ପାଲା ପରିଷଦ ଗଙ୍ଗାଧରଙ୍କୁ 'ବସନ୍ତ କୋକିଳ' ଉପାଧିରେ ବିମଣ୍ଡିତ କରିଛନ୍ତି । ଏହାପରେ ଓଡ଼ିଶାର ଅବିଭକ୍ତ ତେରଗୋଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଦକ୍ଷତାର ସହିତ ପାଲା ପରିବେଷଣ କରି ନିଜ ଗାୟକ ଜୀବନକୁ ସାର୍ଥକ କରି ପାରିଛନ୍ତି । ନିଜ ଜୀବନରେ ପୂର୍ବରୁ ଲାଭ କରିଥିବା ବହୁମୁଖୀ କଳାର କୁସୁମ ରାଜିକୁ ମନୋଜ୍ଞ ଓ ମଞ୍ଜୁଳ ଭାବରେ ଗ୍ରଥିତ କରି ନିଜର କୋକିଳ କଣ୍ଠରେ ତଥା ନାଟକୀୟ ଭଙ୍ଗୀର ମାଧ୍ୟମରେ ଅପୂର୍ବ ସଂଯୋଗରେ ପାଲା ପରିବେଷଣରେ ଦର୍ଶକମାନଙ୍କୁ ସେ ମନ୍ତ୍ର ମୁଗ୍ଧ କରି ପାରୁଥିଲେ । କେବଳ ମାତ୍ର ପ୍ରାଥମିକ ଶିକ୍ଷା ଲବ୍ଧ ପ୍ରତିଭାଧର ଗଙ୍ଗାଧର ନିଜର କଠୋର ଅଧ୍ୟବସାୟ ତଥା ବିଭୁକୃପା ଲାଭ କରି ଓଡ଼ିଆ, ସଂସ୍କୃତ, ଇଂରାଜୀ, ବଙ୍ଗଳା, ତେଲୁଗୁ, ଉର୍ଦ୍ଦୁ, ଲରିହା, ଗୁଜୁରାଟୀ, ହିନ୍ଦୀପରି ନଅଗୋଟି ଭାଷାରେ ଲିଖନ ପଠନ ତଥା ସଙ୍ଗୀତ ଗାନରେ ଅପୂର୍ବ ପାରଦର୍ଶିତା ତଥା ଅଲୌକିକ ଶକ୍ତିର ପରିପ୍ରକାଶ କରି ପାରୁଥିଲେ ।

ଜୀବନ ନାଟକର ପ୍ରତ୍ୟେକ ଦୃଶ୍ୟରେ ଦାରିଦ୍ର୍ୟର ବଜ୍ର ତାଡ଼ନାର ପ୍ରଭାବରେ ତାଙ୍କର ପ୍ରତିଭାପୂରକ କଦମ୍ବପୁଷ୍ପ ବିକଶିତ ହୋଇଛି । ତାଙ୍କର ରଚିତ "କଳାକୋକିଳ" କବିତା ପାଠକ ହୃଦୟକୁ ବିମୋହିତ କରିଥାଏ । ସରଳ, ସୁନ୍ଦର, ସାବଲୀଳ ଭାବରେ ରାବଣର ଅଶୋକବନରୁ ସୀତା ରାମଙ୍କ ନିକଟକୁ ଯେଉଁ ବାର୍ତ୍ତା ପଠାଇଛନ୍ତି କୋକିଳ ମାଧ୍ୟମରେ ତାହାହିଁ ହେଉଛି 'କଳାକୋକିଳ" ଚଉତିଶାର ବିଷୟ ବସ୍ତୁ । ପାଠକଙ୍କ ଅବଗତି ନିମନ୍ତେ ଦୁଇତିନି ପଦ ଉଦ୍ଧାର କଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ମନେ କରାଯାଇ ପାରେ ।

କଳା କୋକିଳକୁ ଚାହିଁ
କହନ୍ତି ଜାନକୀ ବିକଳ ହୋଇ ରେ କଳାପିକ
କଷଣ ନ ପାରେ ସହି ରେ କଳାପିକ ।୧।

Digitized by PPRACHIN, SOA

ଖେଦ ବାରଣ ମୋ ପତି
ଖେଚରେ ଭୂଚରେ ପୂଜନ୍ତି ନିତିରେ କଳାପିକ
କ୍ଷତ୍ରିୟ କୁଳ ସମ୍ପତ୍ତିରେ କଳାପିକ ।୨।
ଗେଲରେ ମାଗନ୍ତେ ମୁହିଁ
ଗର୍ବେ ଧନୁଧରି କୁରଙ୍ଗୀ ପାଇଁ ରେ କଳାପିକ
ଗଲେ ରଘୁକୁଳ ସାଇଁ ରେ କଳାପିକ ।୩।

ଏତଦ୍‌ବ୍ୟତୀତ ସେ 'ନିର୍ଝରିଣୀ' ନାମକ ଏକ ପ୍ରଗଳ୍‌ଭା କବିତା ଲେଖି ସମସ୍ତଙ୍କ ମନ ହରଣ କରିଥିଲେ ।

ବାସ୍ତବରେ ଗାୟକ ଗୌରବ ଗଙ୍ଗାଧର ଥିଲେ ଏକାଧାରରେ କବି, ଦକ୍ଷ, ନୃତ୍ୟଗୁରୁ ତଥା ସଙ୍ଗୀତଜ୍ଞ । ଜଣେ ପ୍ରତିଭାଶାଳୀ ଓ ପ୍ରଥିତଯଶା କଳାକାର ଭାବରେ ସେ ହେଉଛନ୍ତି ଦେବଭୂମି ନରସିଂହପୁରର ଗର୍ବ ଓ ଗୌରବ । ତାଙ୍କରି ବିୟୋଗରେ ଆଉ କୋକିଳ କଣ୍ଠରେ ତଥା ନାଟକୀୟ ଭଙ୍ଗୀର ମାଧ୍ୟମରେ ପାଲା ପରିବେଷଣ ହେବାର ଦେଖାଯାଉନି । ଫଳରେ ନରସିଂହପୁର ତାଙ୍କୁ ଝୁରୁଛି ଓ ଝୁରୁଥିବ ।

Digitized by PPRACHIN, SOA

ଅପ୍ରତୀଦ୍ୱନ୍ଦ୍ୱୀ କଳାକାର ଫକୀର ସୁନ୍ଦରାୟ

ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ

କଳା, ଧର୍ମ, ସତ୍ୟ, ଶାନ୍ତି, ପ୍ରେମ ଏବଂ ସଂହତିର କ୍ଷେତ୍ର ଜନ୍ମଭୂମି ଦେବଭୂମି ନରସିଂହପୁର । ଏଇ ମାଟି ପାଣି ପବନରେ ପରିପୁଷ୍ଟ ହୋଇ ଅଗଣିତ ସାହିତ୍ୟ ସାଧକ, କବି, କଳାକାର, ବୁଦ୍ଧିଜୀବୀ ତଥା ସଂଗ୍ରାମୀ ପୁରୁଷ ସେମାନଙ୍କ ଜୀବନରେ ଦୁର୍ମୁଲ୍ୟବାନ ଏ ମାଟିର ଭବିଷ୍ୟତ ଦାୟାଦଙ୍କ ହସ୍ତରେ ସମର୍ପଣ କରି ଇହଲୀଳା ସମ୍ୱରଣ କରିଛନ୍ତି । ସେଇ ପ୍ରକାର ଚରିତ୍ରଟିଏ ଖୋଜି ଖୋଜି ନରସିଂହପୁର କଲେଜର ଇଂରେଜୀ ଅଧ୍ୟାପକ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଲୋକ ଲୋଚନକୁ ଆଣି ପାରିଛନ୍ତି । ଯାହାଙ୍କର ଶିକ୍ଷାଗତ ଯୋଗ୍ୟତା ମାତ୍ର ନିମ୍ନ ପ୍ରାଥମିକ ସ୍କୁଲର ଦ୍ୱିତୀୟ ଶ୍ରେଣୀ ପାସ୍ । ନିଜର ଅଧ୍ୟବସାୟ, ସ୍ପୃହା ଏବଂ ଜନ୍ମମାଟିର ପରାକାଷ୍ଠା ବଳରେ ସେ କଳାକାରର ବିଭିନ୍ନ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ଅପ୍ରତୀଦ୍ୱନ୍ଦ୍ୱୀ ହୋଇ । ତାଙ୍କର "ବୀଣାକାର" ପ୍ରଦର୍ଶନ ମୋ ସ୍ମୃତି ପଟରେ ନାଚି ଉଠେ । ତାଙ୍କର କନ୍ଦର୍ପ ଚେହେରା, ଚାଲିବାର ଶୈଳୀ ଏବଂ କବିତା ଉପସ୍ଥାପନା ସମସ୍ତଙ୍କୁ ମୁଗ୍ଧ କରିଦେଇଥାଏ । ସାହିତ୍ୟିକ ହିସାବରେ ସେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ବହୁ ପାଣ୍ଡୁଲିପି ଅଦ୍ୟାବଧି ତାଙ୍କର ବନ୍ଧୁବାନ୍ଧବ, ଶିଷ୍ୟମାନଙ୍କ ପାଖରେ ରହିଛି । ସେହି ଅପ୍ରତିଦ୍ୱନ୍ଦ୍ୱୀ କଳାକାର ହେଉଛନ୍ତି ଫକୀର ସୁନ୍ଦରାୟ ।

ଆସନ୍ତୁ ତାଙ୍କରି ସମ୍ବନ୍ଧରେ ଅବହିତ ହେବା ଶ୍ରୀ ପ୍ରଫୁଲ୍ଲକୁମାର ସାହୁଙ୍କ ପ୍ରବନ୍ଧ "ଅପ୍ରତିଦ୍ୱନ୍ଦ୍ୱୀ କଳାକାର ଫକୀର ସୁନ୍ଦରାୟ" ପାଠ କରି-

ସାହିତ୍ୟ ସଂସ୍କୃତିର ମାନସ ସନ୍ତାନ । ସଂସ୍କୃତି ଇତିହାସର ପ୍ରାଣ । ସାହିତ୍ୟ, ସଂସ୍କୃତି ତଥା ଇତିହାସ ସମାଜ ଓ ବ୍ୟକ୍ତି ମଧ୍ୟରେ ସ୍ଥାପନ କରନ୍ତି ଅଭିନ୍ନ ସଂପର୍କ । ସାହିତ୍ୟ ଋଦ୍ଧିମନ୍ତ ହୁଏ ଲେଖକ, କବି, କଳାକାର ଏବଂ ଦାର୍ଶନିକମାନଙ୍କୁ ନେଇ ଏବଂ କଳା ବଞ୍ଚିରହେ କଳାକାରର ଅସାଧାରଣ ନିଷ୍ଠା, ତ୍ୟାଗ, ସାଧନା ଓ ଅତି ମାନବୀୟ ଗୁଣାବଳୀ ଦ୍ୱାରା । କଳାହିଁ ଜୀବନ । କଳାହିଁ ଜୀବନକୁ କରେ ରସୋତୀର୍ଣ୍ଣ । କଳା ହିଁ ଜୀବନରେ ଭରିଦିଏ ପୂର୍ଣ୍ଣତା । କଳା ବିହୀନ ଜୀବନ, ଜୀବନ ପଦବାଚ୍ୟ ନୁହେଁ । ସେଥିପାଇଁ ଯଥାର୍ଥରେ ସଂସ୍କୃତରେ କୁହାଯାଇଛି - "ସଙ୍ଗୀତ ସାହିତ୍ୟ କଳା ବିହୀନଃ, ସାକ୍ଷାତ ପଶୁଃ ପୁଚ୍ଛ ବିଷାଣହୀନ ।"

ଆମ୍ଭେମାନେ ଯେତେବେଳେ ଓଡ଼ିଆ ଭାଷାରେ ସଙ୍ଗୀତ, ସାହିତ୍ୟ କଳା ଏବଂ ଅଭିନୟ ଉପରେ ଆଲୋକପାତ କରିବାର ପ୍ରୟାସ କରେ, ସେତେବେଳେ ଆମ ମାନସପଟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ, ବୈଷ୍ଣବ କବି

Digitized by PPRACHIN, SOA

ଦୀନକୃଷ୍ଣ, ସ୍ୱଭାବ କବି ଗଙ୍ଗାଧର, ପ୍ରକୃତି କବି ରାଧାନାଥ ରାୟ, ପଲ୍ଲୀକବି ନନ୍ଦକିଶୋର ବଳ, ବ୍ୟାସକବି ଫକୀର ମୋହନ, ପ୍ରକୃତି କବି ରାଧାନାଥ ରାୟ, ପଲ୍ଲୀକବି ନନ୍ଦ କିଶୋର ବଳ, ଭକ୍ତକବି ଭକ୍ତଚରଣ , ଭକ୍ତକବି ମଧୁସୂଦନ ରାଓ ପ୍ରମୁଖ ଅଗ୍ରଗଣ୍ୟ । ମାତ୍ର ଏମାନଙ୍କ ବ୍ୟତୀତ ଉତ୍କଳର ପୁରପଲ୍ଲୀରେ ଅଗଣିତ ବିରଳ ବ୍ୟକ୍ତିବିଶେଷ ଅଛନ୍ତି ଯେଉଁମାନଙ୍କୁ ଉତ୍କଳୀୟ ସାହିତ୍ୟ ଯଥାଯଥ ସମ୍ମାନ ଦେଇ ପାରି ନାହିଁ । ବଣର ମାଳତୀ ବଣରେ ଫୁଟି ଝରି ପଡ଼ିବା ସଦୃଶ ସେମାନଙ୍କର ପ୍ରଚଣ୍ଡ ପ୍ରତିଭା ବିସ୍ମୃତିର ଅତଳ ଗର୍ଭରେ ଆଜି ଲୀନ ହେବାକୁ ବସିଲାଣି ।

ଏଇ ପରିପ୍ରେକ୍ଷୀରେ ନରସିଂହପୁର ଗଡ଼ଜାତର ବାଲିଝରୀ ଗ୍ରାମ ନିକଟରେ ଥିବା ଶ୍ୟାମ ସୁନ୍ଦରପୁରର ସ୍ୱାଧୀନଚେତା କବି ତଥା ପ୍ରଥିତଯଶା ଅଭୂଲା କଳାକାର ସ୍ୱର୍ଗତ ଫକୀର ସୁନ୍ଦରାୟ ଓରଫ ଫକୀର ବଳବନ୍ତରାୟ ଅନ୍ୟତମ । ନିଜର ଦୀର୍ଘ ଛ'ଷଠୀ ବର୍ଷର ନିରଳସ ସାହିତ୍ୟ ସାଧନା ବଳରେ ଅରାଟ ମାଟିର ବାଣୀ ଜଗତକୁ ସେ ଯେଉଁ ମହାର୍ଘଦାନ କରି ଯାଇଛନ୍ତି, ତାହାହିଁ ତାଙ୍କୁ ଆଜି ଏକ ଅପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟିକର ସମ୍ମାନ ଦେଇ ପାରୁଛି ।

ଏଇ କଥା ସତ୍ୟ ଯେ ଓଡ଼ିଆ ସାହିତ୍ୟର ସୀମିତ କଳେବର ମଧ୍ୟରେ ତାଙ୍କର ନାମ ନଥାଇ ପାରେ ମାତ୍ର ଦେବଭୂମି ନରସିଂହପୁର ଏବଂ ତତ୍କାଳୀନ ଗଡ଼ଜାତ, ହିନ୍ଦୋଳ, ଅନୁଗୋଳ, ଢ଼େଙ୍କାନାଳ, ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଅଞ୍ଚଳରେ ଅଗଣିତ ସାହିତ୍ୟାନୁରାଗୀ, ବୁଦ୍ଧିଜୀବୀ ତଥା କଳାପ୍ରିୟ ଜନତାଙ୍କ ହୃଦୟର ସଲିଳରେ ଯେ ଯେଉଁ ଆଲୋଡ଼ନ ସୃଷ୍ଟି କରି ଯାଇଛନ୍ତି, ତାହା ସର୍ବଜନାଦୃତ ଓ ସର୍ବଜନ ବିଦିତ ।

ସ୍ୱର୍ଗତ ସୁନ୍ଦରାୟଙ୍କର ଆବିର୍ଭାବ ଘଟେ ୧୯୧୧ ମସିହା ମେ ମାସ ୩ ତାରିଖ ପବିତ୍ର ବାହୁଡ଼ା ତିଥିରେ । କୋଳରେ ଏକ ଦେବ ଦୁର୍ଲ୍ଲଭ କ୍ରାନ୍ତିଧାରୀ ସୁକୁମାର ପୁତ୍ରକୁ ଲାଭ କରି ତାଙ୍କର ମାତା ଫୁଲ ଦେଈ ଆନନ୍ଦର ଆତିଶଯ୍ୟରେ ମସଗୁଲ ହୋଇଥିଲେ ଏବଂ ପିତା ହଜାରୀ ପାଇକରାୟ ପୁତ୍ର ଜନ୍ମ ହେବା ଖବର ପାଇ ଗ୍ରାମରେ ଥିବା ଦୁଃଖୀରଙ୍କିଙ୍କୁ ଦାନ ଧର୍ମ କରିବାରେ କୁଣ୍ଠା ପ୍ରକାଶ କରିନଥିଲେ ।

ଶୈଶବର ଅର୍ଗଳି ଡେଇଁ ବାଳକ ଫକୀର ମୋହନ ଯେତେବେଳେ ବାଲିଝରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଗଲେ, ସେତେବେଳେ ପିତାମାତାଙ୍କର ଆନନ୍ଦର ସୀମା ଅକଳନ ମାତ୍ର ପରିବର୍ତ୍ତିତ ପରିସ୍ଥିତିର ଚାପରେ ପଡ଼ି ବାଳୁତ ଫକୀର ଦ୍ୱିତୀୟ ଶ୍ରେଣୀ ପାଠ ପରେ ପାଠରେ ଡୋରୀ ବାନ୍ଧିଲେ । ସେତେବେଳେ ପିତାମାତାଙ୍କର ମନ ଆକାଶରେ ଅଜଣା ଦୁଃଖ ତଥା ନୈରାଶ୍ୟର କଳାବାଦଲ ଢ଼ାଙ୍କି ହୋଇ ଯାଇଥିଲା । ବିଧିର ବିଧାନ ସ୍ୱତନ୍ତ୍ର । ତାଙ୍କୁ କେହି ଜାଣି

Digitized by PPRACHIN, SOA

ପାରିଲେ ନାହିଁ । ସେଇ ଦ୍ୱିତୀୟ ଶ୍ରେଣୀର ଶିକ୍ଷା ସମାପ୍ତ କରିଥିବା ଅଝଟିଆ ଶିଶୁଟି ଦିନେ ପରବର୍ତ୍ତୀ କାଳରେ ଅମ୍ଳାନ ପ୍ରତିଭାର ଅଧିକାରୀ ହେବ ବୋଲି କିଏ ବା ଚିନ୍ତା କରିଥିଲା ?

ତୁଳସୀ ଦୁଇ ପତ୍ରରୁ ବାସିବା ପରି ବାଲ୍ୟକାଳରୁ ଫକୀର ସୁନ୍ଦରାୟଙ୍କ ବିଦ୍ୱତାର ପରିଚୟ ମିଳିଥିଲା । ସାଙ୍ଗ ସାଥିରେ ମିଶି ନାଚ, ଯାତ୍ରା, ଦଣ୍ଡ ସୁଆଙ୍ଗ ପାଲା ଏବଂ ହରରଙ୍ଗୀ ମେଳଣ ଇତ୍ୟାଦି ଦେଖି ଦେଖି ବାଲ୍ୟକାଳରୁ ସେ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ । ଦଣ୍ଡନାଚ ପ୍ରତି ତାଙ୍କର ଥିଲା ଅହେତୁକ ଆକର୍ଷଣ, ଫଳରେ ଦଣ୍ଡନାଚର ବିଭିନ୍ନ ସୁଆଙ୍ଗ ଦେଖି ଦେଖି ଅତି ଛୋଟ ବୟସରୁ ସେ ଅନେକ ଗୀତ ଘୋଷି ଘୋଷି ମନେରଖି ପାରୁଥିଲେ । ସ୍ଥଳ ବିଶେଷରେ ମଧ୍ୟ ନିଜର ସ୍ୱକୀୟ ସୃଜନଶୀଳ ପ୍ରତିଭା ବଳରେ ସେ ଅନେକ କାବ୍ୟ କବିତା ରଚନା କରି ସେ ପ୍ରଥମେ ସାଙ୍ଗ ସାଥୀ ଗହଣରେ ଅଭିନୟ କରୁଥିଲେ ।

କ୍ରମେ କ୍ରମେ ଅସାମାନ୍ୟ କାବ୍ୟ ପ୍ରତିଭା ତଥା ଅଲୌକିକ ସୃଜନଶୀଳ ଚିନ୍ତାଧାରର ଅଧିକାରୀ ହେବା ସତ୍ତ୍ୱେ ବାଲିଝରୀର ଭୀମ ସୁବୁଦ୍ଧିଙ୍କୁ ଲୌକିକ ମତେ ଗୁରୁ ହିସାବରେ ଗ୍ରହଣ କରି ଦଣ୍ଡନାଚ ଜଗତରେ ଆରମ୍ଭ କରନ୍ତି ସ୍ୱର୍ଗତ ସୁନ୍ଦରାୟ ତାଙ୍କର ବିଜୟ ଯାତ୍ରା । ପ୍ରତିଭାର ନନ୍ଦୀଘୋଷ ସମାଲୋଚନାର ତାର ବାଡ଼ ଡେଇଁ ଗଡ଼ିଯାଏ ଆଗକୁ ଆଗକୁ । ଇତି ଅବସରରେ ସ୍ୱାଧୀନଚେତା ଭାବରେ ରାମାୟଣ, ମହାଭାରତ, ଅଷ୍ଟାଦଶ ପୁରାଣ, ଉପନିଷଦ ପାଠକରି ତହିଁରୁ ଉପଜୀବ୍ୟ ସଂଗ୍ରହ କରି ନିଜର ଜ୍ଞାନର ପରିସୀମାକୁ ପରିପୁଷ୍ଟ କଲେ । କ୍ରମେ କ୍ରମେ ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତ ସାହିତ୍ୟ ମଧ୍ୟରେ ନିଜକୁ ହଜାଇ ଦେଇ ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇ ପଡ଼ିଲେ । ଫଳରେ କବିଙ୍କର ଲେଖନୀ ବଳବତ୍ତର ହେଲା ଏବଂ ତାଙ୍କର ସ୍ୱରଚିତ କବିତା କୁମାର ସମ୍ଭବ, ରଘୁରାଜ ଜନ୍ମ ଓ ଦିଲ୍ଲୀପ ଗୋଚାରଣ ଆଦି ପାଠ କଲେ ମଥା କବିଙ୍କ ନିକଟରେ ସ୍ୱତଃ ଅବନତ ହୁଏ । ସେ ସଂସ୍କୃତ ସାହିତ୍ୟର କବିକୁଳ ତିଳକ କାଳିଦାସଙ୍କ ବିରଚିତ "କୁମାର ସମ୍ଭବ" କାବ୍ୟର ଭାବାର୍ଥକୁ ମାତ୍ର ଛଅଗୋଟି ପଦ ମାଧ୍ୟମରେ, "ଦିଲ୍ଲୀପ ଗୋଚାରଣ' କାବ୍ୟର ବିଷୟ ବସ୍ତୁକୁ ମାତ୍ର ସାତପଦ ମାଧ୍ୟମରେ ପ୍ରକାଶ କରିବାର ଗୌରବ ଅର୍ଜନ କରିଥିଲେ ।

ସ୍ୱର୍ଗତ ସୁନ୍ଦରାୟ ବାସ୍ତବରେ ଥିଲେ ଅରାଟ ରାଜ୍ୟର ଏକ ବିରଳ ବ୍ୟକ୍ତିତ୍ୱ । ଶାରୀରିକ ଗଠନ ଦୃଷ୍ଟିରୁ ସେ ଥିଲେ କନ୍ଦର୍ପଙ୍କ ପରି ସୁଦର୍ଶନ । ଉନ୍ନତ ବାହୁ ଯୁଗଳରେ ଭରି ରହିଥିଲା ତାଙ୍କର ଅସାଧାରଣ ଶକ୍ତି ଏବଂ ଉନ୍ନତ ମସ୍ତିଷ୍କ ମଧ୍ୟରେ ଭଗବାନ ଭୋଳେଶ୍ୱର ଭରି ଦେଇଥିଲେ ଅଜସ୍ର ଜ୍ଞାନ । ଯଥାର୍ଥରେ ସେ ଥିଲେ ଏକ ପ୍ରତ୍ୟୁତ୍ପନ୍ନ ମତି କଳାକାର, ଆଶୁକବି ଏବଂ ଅତୁଳନୀୟ ସ୍ମରଣ ଶକ୍ତିର ଅଧିକାରୀ । କାବ୍ୟ କବିତା

Digitized by PPRACHIN, SOA

ଉପରେ ଯେପରି ଗଭୀର ଚର୍ଚ୍ଚା, ବାଦ୍ୟଯନ୍ତ୍ର ଯଥା-ପଖାଉଜ ଓ ତବଲା ବଜାଇବାରେ ସେ ଥିଲେ ଧୁରନ୍ଧର । ସେ ଯେପରି ବଜାନ୍ତି ସେପରି ନାଚନ୍ତି । ଦଣ୍ଡନାଚର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସୁଆଙ୍ଗରେ ସେ ଅଭିନୟ କରିବା ଶୁଣାଯାଉଛି । ନରସିଂହପୁରର କମଳାଡିହଠାରୁ ବାଲିଝରୀ ପର୍ଯ୍ୟନ୍ତ, ପଡ଼ୋଶୀ ରାଜ୍ୟ ହିନ୍ଦୋଳ, ଅନୁଗୁଳ, ଢେଙ୍କାନାଳ, ଖଣ୍ଡପଡ଼ା, ଦଶପଲ୍ଲା, ବଡ଼ମ୍ବାର ପୁରପଲ୍ଲୀରେ ସେ ଯଥାର୍ଥରେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ବୀଣାକାର । ଏହି ବୀଣାକାରର ପ୍ରତିଭା ନେଇ ସେ ନରସିଂହପୁର ରାଜା ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ରଙ୍କ ଠାରୁ ମାନପତ୍ର, ଉପଢୌକନ ଏବଂ 'ସୁନ୍ଦରାୟ' ଉପାଧି ପ୍ରାପ୍ତ ହୋଇଥିଲେ । ତତ୍‌ସଙ୍ଗେ ବାଲିଝରୀ ଠାରେ ପାଞ୍ଚ ଏକର ଜମି ମଧ୍ୟ ପୁରସ୍କାର ସ୍ୱରୂପ ପାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ଭାଗ ନେଇ ରାଜତନ୍ତ୍ରର ବର୍ବରୋଚିତ ଶାସନ ପଦ୍ଧତିକୁ ସମାଲୋଚନା କରିବା ହେତୁ ତାଙ୍କଠାରୁ ପ୍ରଦତ୍ତ ଜମିକୁ ପ୍ରତ୍ୟାହାର କରି ନିଆଗଲା । ଏଥିନିମନ୍ତେ ସେ କର୍ତ୍ତବ୍ୟରୁ ଟିକେ ହେଲେ ଟଳି ନଥିଲେ । ବୈପ୍ଳବୀମୂକ କବିତା ଲେଖି ଜନ ଜାଗରଣ ସୃଷ୍ଟି କଲେ ।

ତାଙ୍କ ରଚିତ ତତ୍କାଳୀନ ବୈପ୍ଳବିକ କବିତା ଏବେ ବି ଜନମୁଖରେ ଶୁଣିବାକୁ ମିଳେ; ସେଥି ମଧ୍ୟରୁ କେତୋଟି ପଂକ୍ତି ହେଉଛି -

୧. ଆମେ ଚାଷୀ ମୂଲିଆ
   ଖଟୁ ଆମେ, ଆମ ଦୁନିଆ
୨. ତୁମ ଉଆସରେ ଉଡ଼େ ବାନା
   ଆମକୁ ନ ମିଳେ ଦାନା କନା
୩. ଜାଗରେ ଗାଜରେ ଗଡ଼ଜାତ ଜାଗରେ
୪. ହୃଦ କାନ୍ଦୁଛିରେ, ଯାହା କଲେ ଚକ୍ର ନୀଳକଣ୍ଠ

X X X X X

ପ୍ରତିଭା ମଣିଷର ଏକ ଅନ୍ତର୍ନିହିତ ଗୁଣାବଳୀର ଏକ ସମନ୍ୱିତ ରୂପ । ଯେତେଚେଷ୍ଟା କଲେ ବି ମଣିଷ ପ୍ରତିଭାକୁ ଏକ ସୀମିତ ପରିବେଶ ମଧ୍ୟରେ ଆବଦ୍ଧ କରାଯାଇ ପାରେନା । ସ୍ୱର୍ଗତ ସୁନ୍ଦରାୟ ଥିଲେ ଏକ ବହୁମୁଖୀ ପ୍ରତିଭା । କେବଳ ଲୋକନାଟ୍ୟ ଜଗତ କାହିଁକି ଅନ୍ୟ କେତେକ ବିଷୟରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ସେଥିମଧ୍ୟରୁ ଜ୍ୟୋତିଷ ବିଦ୍ୟା ଓ କବିରାଜି ବିଦ୍ୟାରେ ତାଙ୍କର ଖୁବ୍ ପାରଦର୍ଶିତା ଥିଲା ଏବଂ ସେ ବହୁ ରୋଗୀଙ୍କୁ ରୋଗମୁକ୍ତ କରିଥିବାର ନଜିର ମିଳେ ।

Digitized by PPRACHIN, SOA

ମୁଖ୍ୟତଃ ଅବସର ସମୟରେ ସେ ସାହିତ୍ୟ ସାଧନାରେ ବ୍ରତୀ ଥିଲେ । ତାଙ୍କର 'କାଳୀୟ ଦଳନ ଗୀତାରଭିନୟ', 'ଦ୍ୱାଦଶ କିଙ୍କିଣୀ' (କାବ୍ୟ) 'ଶକୁନ୍ତଳା ପରିଣୟ' (କାବ୍ୟ) ଚୈତନ୍ୟ ମହିମା ବର୍ଣ୍ଣନା', 'ନାବକେଳୀ ଗୀତାଭିନୟ', 'ପାରିଜାତ ହରଣ ଗୀତାଭିନୟ', 'ଶମ୍ବୁରାସୁର ବଧ', 'ରଘୁରାଜ ଜନ୍ମ ବୃତାନ୍ତ', 'ଶୋଭାବତୀ ପରିଣୟ', 'ନଳ ଦମୟନ୍ତୀ, 'କୀଚକ ବଧ', 'ଲକ୍ଷ୍ମଣ ଶକ୍ତିଭେଦ' ଆଦି ବିଷୟ ବସ୍ତୁର ଶୈଳୀ ଉପସ୍ଥାପନ, ସାହିତ୍ୟିକ ମୂଲ୍ୟବୋଧ ଆଦି ବିଚାରକୁ ନେଲେ ପାଠକ ସ୍ୱତଃ ନତମସ୍ତକ ହୋଇପଡ଼େ । ଜ୍ଞାତସାରରେ ଦୁର୍ଭାଗ୍ୟକୁ ଏହାର ବିଶଦ ଆଲୋଚନା କରାଯାଉ ନାହିଁ ପୁସ୍ତକର ସୀମିତ କଳେବର ଦୃଷ୍ଟିରୁ । ସ୍ୱର୍ଗୀୟ ଫକୀର ସୁନ୍ଦରାୟଙ୍କ କୌଣସି କାବ୍ୟ କବିତା ପ୍ରକାଶିତ ହୋଇ ପାରିନି । ତାହା ପାଣ୍ଡୁଲିପି ଆକାରରେ ରହିଛି କିଛି ଘରେ ଆଉ କିଛି ବନ୍ଧୁବାନ୍ଧବ, ଶିଷ୍ୟ, ଗାୟକମାନଙ୍କ ପାଖରେ ।

ଯଦି ତାଙ୍କର ସମସ୍ତ ପାଣ୍ଡୁଲିପି ସଂଗ୍ରହ କରି ଏକତ୍ରିତ ଭାବେ "ଫକୀର ସୁନ୍ଦରାୟ ରଚନାବଳୀ" ରୂପରେ ଆତ୍ମପ୍ରକାଶ କରନ୍ତା ତେବେ ନରସିଂହପୁର ବାସୀ ଗର୍ବିତ ହୁଅନ୍ତେ । ସ୍ୱର୍ଗତ ସୁନ୍ଦରାୟଙ୍କ ପୁତ୍ର ଗିରୀଶଚନ୍ଦ୍ରଙ୍କୁ ଏ ଦିଗରେ ଟିକିଏ ମନ ବଳେଇବାକୁ ତାଙ୍କୁ ଅନୁରୋଧ କରାଯାଇଛି । ଏହା ହେଲେ ସ୍ୱର୍ଗତ ସୁନ୍ଦରାୟଙ୍କର ପିପାସିତ ଆତ୍ମା ଶାନ୍ତ ପାଇବା ସହିତ ତାଙ୍କର ଓଜସ୍ୱିନୀ ପ୍ରତିଭାର ସୌରଭ ଏ ମାଟିର ଅଗଣିତ ଜନତାଙ୍କ ମାନସ ପଟରେ ଏକ ନୂତନ ଦିଗନ୍ତର ସୂତ୍ରପାତ କରାଇ ପାରନ୍ତା ।

ସ୍ୱର୍ଗତ ସୁନ୍ଦରାୟ ଆଜି ନାହାନ୍ତି ସତ୍ୟ, ମାତ୍ର ତାଙ୍କର ଉଚ୍ଚ ମାନର କଳାକୃତି ଉପରେ ଏକ ବିହଙ୍ଗାବଲୋକନ କଲେ ଆମକୁ ଆଶ୍ଚର୍ଯ୍ୟଲାଗେ ଏତେବଡ଼ କାବ୍ୟ ପ୍ରତିଭାକୁ ସରକାର ସ୍ୱୀକୃତି ପ୍ରଦାନ କରି ନାହାନ୍ତି କିପରି ? ମୃତ୍ୟୁତ ଅବଶ୍ୟମ୍ଭାବୀ । ମୃତ୍ୟୁର କରାଳ ଗ୍ରାସରୁ ବଞ୍ଚିବାର ସାହାସ କାହାରି ମଧ୍ୟ ନାହିଁ । ଏଇ ସତ୍ୟରେ ଉପନୀତ ହୋଇ ଦୀର୍ଘ ୮୨ ବର୍ଷ ନିରଳସ ଏବଂ ଉତ୍ସର୍ଗୀକୃତ ଜୀବନ ଯାପନ କରିବା ପରେ ସେ ୧୯୯୩ ମସିହା ମେ ମାସ ୩ ତାରିଖ ଦିନ ମାନବଲୀଳା ସମ୍ବରଣ କଲେ ସତ, ମାତ୍ର ଓଡ଼ିଶାର ଯାତ୍ରାଜଗତରୁ ଏକ ବିରଳ ବ୍ୟକ୍ତିତ୍ୱର ଅବସାନ ଘଟିଲା । ଏହା ଅକ୍ଷରେ ଅକ୍ଷରେ ସତ୍ୟ ।

ସୁନ୍ଦରାୟଙ୍କ ପରି ଜଣେ ଅନନ୍ୟ ପ୍ରତିଭାଙ୍କ ବିୟୋଗରେ ନରସିଂହପୁର ଝୁରିବା ସହିତ ସଂସ୍କୃତରେ ସେଇ କାଳଜୟୀ ଶ୍ଳୋକଟି ମନେ ପଡ଼େ -

"ଜାୟନ୍ତେ ଚ ମ୍ରିୟନ୍ତେ ଚ ମାଦୃଶା କ୍ଷୁଦ୍ରଜନ୍ତବଃ

ଅନେନ ସଦୃଶୋ ଲୋକୋ ନ ଭୂତୋ ନ ଭବିଷ୍ୟତି ।"

Digitized by PPRACHIN, SOA

ଦିବ୍ୟାତ୍ମା ଦାମୋଦର

ଶ୍ରୀ ସ୍ୱପ୍ନେଶ୍ୱର ମହାଲିକ

ଜୀବଶ୍ରେଷ୍ଠ ମାନବ ସଂସାରରୂପକ ରଙ୍ଗମଞ୍ଚରେ ଜୀବନ ତମାମ ଅଭିନୟ କରି ଚାଲିଛି ବିଧି ନିର୍ଦ୍ଦେଶରେ । ତା ଅଭିନୟର ମାନ ଜଣାପଡ଼ିଥାଏ ତା'ର ତିରୋଧାନ ପରେ । ଏହି ସତ୍ୟକୁ କେହି ପ୍ରତିହତ କରି ପାରିବେ ନାହିଁ; ଏହାହିଁ ଧ୍ରୁବ ସତ୍ୟ । ଅଭିନୟ ମାଧ୍ୟମରେ ସେବାର ଅଭିନୟ ଅତୀବ ଗୁରୁତ୍ୱପୂର୍ଣ୍ଣ । ସେବା ଯେ କରେ ସେ ବାସେ । ସେବାରେ ନିୟୋଜିତ ହୋଇ ତହିଁରେ ସଫଳତା ଲାଭ କରିବା ପାଇଁ ସତତ ସାଧନା କରିବାକୁ ପଡ଼େ ଏବଂ ତାହାରି ମଧ୍ୟରେ ସୃଜନୀ ଶକ୍ତି ଜାଗ୍ରତ ହୁଏ । ଏଇ ସେବା, ସଂଗ୍ରାମ ଓ ସୃଜନ ଶକ୍ତିର ଆଧାରରେ ଆଧାରିତ ହୋଇ ସୁରୁଖୁରୁରେ ଜୀବନ ତରୀ ବାହିବା ସହଜ କଥା ନୁହେଁ ମାତ୍ର ଦିବ୍ୟାତ୍ମା ଦାମୋଦର ମହାରଣାଙ୍କ ଜୀବନରେ ଏହା ସହଜଲବ୍ଧ ହୋଇ ପଡ଼ିଛି । ପଥଭ୍ରଷ୍ଟ ମାନବ ସମାଜକୁ ସତ୍‌ପଥରେ ପଥିକ ହେବା ନିମିତ୍ତ ସେ ଯେଉଁ ଉପଦେଶମାନ ଦେଇ ଯାଇଛନ୍ତି "ନୀତିରତ୍ନ ହାର" ପୁସ୍ତକ ମାଧମରେ ତାହାକୁ ପାଠକଲେ ହୃଦୟରୁ ସ୍ୱତଃ ଧାରଣା ଜାତ ହୁଏ- ଦାମୋଦର ମହାରଣା ହେଉଛନ୍ତି ନୀତିନିପୁଣ ଦ୍ୱିତୀୟ ଚାଣକ୍ୟ । ଦେବଭୂମି ନରସିଂହପୁର ତାଙ୍କପରି କୃତବିଦ୍ୟ ସନ୍ତାନଙ୍କୁ ପାଇ ଧନ୍ୟ ହୋଇଛି ।

ସ୍ୱପ୍ନେଶ୍ୱର ମହାଲିକ ସେଇ ଦିବ୍ୟାତ୍ମା ଦାମୋଦରଙ୍କ ଉପରେ ଏକ ସଂକ୍ଷିପ୍ତ ମାତ୍ର ସାରଗର୍ଭକ ପ୍ରବନ୍ଧ ଲେଖିଛନ୍ତି । ଆସନ୍ତୁ ଏହାକୁ ପାଠକରି ଆମେ - ଦିବଂଗତ ଦାମୋଦର ମହାରଣାଙ୍କ ଉପରେ ସମ୍ୟକ ଧାରଣା ଲାଭ କରିବା ।

ଏ ସଂସାର ଏକ ରଙ୍ଗମଞ୍ଚ । ମନୁଷ୍ୟ ଏଥିରେ ଏକ ଅଭିନେତା । ସେ ଚିରଦିନ ଭୋଗଲିପ୍ସୁ । ଭୋଗ ବିଳାସରେ ସେ ତା'ର ସାର୍ଥକତା ଅନୁଭବ କରେ, ମାତ୍ର ଏପରି କେତେକ ମହାମାନବ ଅଛନ୍ତି ଯେଉଁମାନେ କି ତ୍ୟାଗ ସର୍ବସ୍ୱ ଜୀବନ ଯାପନ କରି ପରୋପକାର ଓ ସମାଜ ସେବାରେ ସମୟ ଅତିବାହିତ କରନ୍ତି । ମୃତ୍ୟୁର ମଧୁର ଆଶ୍ଳେଷ ପାଇବା ପର୍ଯ୍ୟନ୍ତ ସେମାନେ ପରୋପକାର ଓ ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରନ୍ତି । ଚମ୍ପେଶ୍ୱର ଗ୍ରାମନିବାସୀ - ଦାମୋଦର ମହାରଣା ସେମାନଙ୍କ ମଧ୍ୟରୁ ଅନ୍ୟତମ ।

ନରସିଂହପୁର ବ୍ଲକର ଏକ ପ୍ରମୁଖପଲ୍ଲୀ ଚମ୍ପେଶ୍ୱରଠାରେ ୧୯୨୩ ମସିହା ମେ' ମାସ ୧୫ ତାରିଖରେ ଦାମୋଦର ମହାରଣା ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ସୁବୁଦ୍ଧି ଓ ମାତାଙ୍କ ନାମ ହୀରା ଦେଈ । ସେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଉଚ୍ଚ ଶିକ୍ଷାର ଅଭିଳାଷ ରଖି ଖଣ୍ଡପଡ଼ା ହାଇ ସ୍କୁଲରେ ଅଧ୍ୟୟନ କରିଥିଲେ ଓ ସେଠାରୁ କୃତିତ୍ୱର ସହିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

Digitized by PPRACHIN, SOA

ମାଟ୍ରିକ ପାଶ୍ କରିବା ପାଇଁ ସେ ପୁରୀଯାଇ ସେଠାରେ ଜଗନ୍ନାଥଙ୍କ ବଡ଼ ପଣ୍ଡାଙ୍କର ପିଲାମାନଙ୍କୁ ଟିଉସନ କରି ତାଙ୍କର ପୃଷ୍ଠପୋଷକତାରେ ପୁରୀ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଆଇ. ଏ. ପାଶ୍ କରିଥିଲେ । ତଦନନ୍ତରେ ସେ ଅଢ଼େଇ ଗୁଣ୍ଡି ଗ୍ରାମ ଉ: ପ୍ରା: ବିଦ୍ୟାଳୟରେ କିଛିଦିନ ଶିକ୍ଷକତା କରିଥିଲେ । ସେଥିରେ ତାଙ୍କର ଆତ୍ମସନ୍ତୋଷ ଲାଭ ନ ହେବାରୁ ସେ ସମାଜର ଦୁଃସ୍ଥଜନିତ ମାନବ ସେବାକୁ ଈଶ୍ୱରଙ୍କ ସେବାଭାବେ ଗ୍ରହଣ କରିଥିଲେ । ସେବା ମନୋଭାବରେ ଉଦ୍‌ବୁଦ୍ଧ ହୋଇ ସେ ତାଙ୍କର ସହଧର୍ମିଣୀ ପଦ୍ମାବତୀଙ୍କୁ ସଙ୍ଗରେ ନେଇ ସମ୍ବଲପୁର ଜିଲ୍ଲା ହାତୀବାଡ଼ି ଠାରେ ଆଇଜାକ ସାମନ୍ତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ କୁଷ୍ଠାଶ୍ରମରେ କୁଷ୍ଠରୋଗୀମାନଙ୍କ ସେବା କରିବା ଦିଗରେ ତାଲିମ ନେଇଥିଲେ । ସେଠାରୁ ତାଲିମ ଶେଷ କରି ସେ ନିଜ ଜନ୍ମଭୂମି ନରସିଂହପୁରକୁ ପ୍ରତ୍ୟାବର୍ତ୍ତନ କଲେ ଓ ବଡ଼ମ୍ବା ନରସିଂହପୁରର ଅସଂଖ୍ୟ କୁଷ୍ଠରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କଲେ । ତାଙ୍କର ଆନ୍ତରିକ ସେବା ଓ ଚିକିତ୍ସାବଳରେ ଅନେକ କୁଷ୍ଠରୋଗୀ ଆରୋଗ୍ୟ ଲାଭ କଲେ ଓ ସେଥିପାଇଁ ସେ ଜନସାଧାରଣଙ୍କର ପ୍ରଶଂସା ଭାଜନ ହୋଇ ପାରିଥିଲେ ।

ସେବା ସାଙ୍ଗକୁ ସଂଗ୍ରାମ ମନୋବୃତ୍ତି ମଧ୍ୟ ତାଙ୍କ ହୃଦୟକୁ ଆଚ୍ଛନ୍ନ କରି ରଖିଥିଲା । ସେ ଜଣେ ନିର୍ଭୀକ ଓ ସାହସୀ କଂଗ୍ରେସ କର୍ମୀଭାବରେ ସ୍ୱାଧୀନତା ଆନ୍ଦୋଳନ ଓ ତତ୍ କାଳୀନ ପ୍ରଜାମଣ୍ଡଳ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେବା, ସଂଗ୍ରାମ ଓ ସୃଜନ ତାଙ୍କ ଚରିତ୍ରର ତିନୋଟି ବୈଶିଷ୍ଟ୍ୟ ଥିଲା । ସେ "ନୀତି ରତ୍ନହାର" ନାମକ ଏକ ଉପଦେଶାତ୍ମକ ଓ ନୀତି ଶାସ୍ତ୍ରମୂଳକ ପୁସ୍ତକ କବିତା ଆକାରରେ ରଚନା କରିଥିଲେ । ସେଥିରେ ସେ ପଥଭ୍ରଷ୍ଟ ମାନବ ସମାଜକୁ ସତପଥର ପଥିକ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ସେ ମନୁଷ୍ୟକୁ ଈଶ୍ୱରଙ୍କ ସନ୍ତାନଭାବେ ଅଭିହିତ କରି ମନୁଷ୍ୟକୁ ଜୀବଜଗତର ଶ୍ରେଷ୍ଠ ପ୍ରାଣୀରୂପେ ପ୍ରତିପାଦିତ କରିଛନ୍ତି । ସେ ମଧ ଧର୍ମ ଓ ନ୍ୟାୟର ଜୟଗାନ କରି ଲେଖିଛନ୍ତି--

ପତନ ନାହିଁଟି କେବେ ନ୍ୟାୟ ରାଜତ୍ୱର
ଅନ୍ୟାୟ ତା ପାଦତଳେ ସର୍ବଦା କିଙ୍କର ॥

ଭୀରୁତାକୁ ତ୍ୟାଗ କରି ମନୁଷ୍ୟ ସାହସର ସହିତ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ସେ ଆହ୍ୱାନ ଦେଇଛନ୍ତି । ସତ୍ ସାହସକୁ ସେ ପ୍ରତିକ୍ଷେତ୍ରରେ ପ୍ରାଧାନ୍ୟ ଦେଇ ଲେଖିଛନ୍ତି--

ମାନବଜୀବନେ ଯେତେ ରହିଛି ସଦ୍‌ଗୁଣ
ସତ୍ ସାହସ ତନ୍ମଧ୍ୟରେ ଅଟଇ ପ୍ରଧାନ ॥

ସାଧୁତା ତାଙ୍କ ଦୃଷ୍ଟିରେ ମାନବିକତାର ମାପକାଠି । ତାଙ୍କ ଭାଷାରେ--

ସାଧୁତାହିଁ ଜୀବନର ଶ୍ରେଷ୍ଠ କଉଶଳ
କୂଟନୀତି ତାହା ପାଶେ ସର୍ବଦା ଦୁର୍ବଳ ॥

Digitized by PPRACHIN, SOA

ପିତାମାତା ଓ ଆତ୍ମୀୟ ସ୍ୱଜନଙ୍କର ପବିତ୍ର ସ୍ନେହ ବନ୍ଧନକୁ ତାଙ୍କ ଦୃଷ୍ଟିରେ ସର୍ବସଂହ, ମମତାମୟୀ ଓ ଅଗ୍ରପୂଜ୍ୟା ନାରୀର ଭୂମିକାରୂପେ ପ୍ରତିପାଦନ କରି ସେ ଲେଖିଛନ୍ତି,

ପ୍ରଣୟ ମନ୍ଦିରେ ନାରୀ ଫୁଲ ଶେଯ ସାଥି
ଜୀବନ ସଂଗ୍ରାମେ ପୁଣି ପ୍ରକୃତ ସାରଥୀ ।

ସେ ଧର୍ମକୁ ସଂସାର ସ୍ଥିତିର କାରଣ ବୋଲି ପ୍ରକାଶ କରିଛନ୍ତି । ଧର୍ମଦ୍ୱାରା ସାଂସାରିକ କର୍ମ ସମୂହ ସମାହିତ ହେଉଛି ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି । ତାଙ୍କ ଭାଷାରେ --

ଧର୍ମପଥ ମନେ ରଖ ଅଟଳ ଅଟଳ
ଅଧର୍ମ କରଇ ସଦା ମନକୁ ଚଞ୍ଚଳ ॥
ଧର୍ମର ଜୟ ନୁହଁଇ ପୋଥି ଇତିହାସ
ବାସ୍ତବ ଜୀବନେ ତା'ର ଉଜ୍ଜ୍ୱଳ ପ୍ରକାଶ ॥

ସେ ମନୁଷ୍ୟକୁ ସତ୍ ସାହସୀ, ସଦାଚାରୀ ଓ ସଂଯମୀ ହେବାପାଇଁ ଆବେଗ ପୂର୍ଣ୍ଣ ଭାଷାରେ ଉପଦେଶ ଦେଇଛନ୍ତି । ତାଙ୍କ ମତରେ ସଂଯତ ହୃଦୟ ଅମାପ ସମ୍ପଦର ଅଧିକାରୀ ହୋଇପାରେ, ମାତ୍ର ଅସଂଯତ ହୃଦୟ ନିଜପାଇଁ ବିପଦକୁ ଆହ୍ୱାନ କରେ । ବିପଦରେ ସହାୟତା କରୁଥିବା ବ୍ୟକ୍ତିକୁ ପ୍ରକୃତ ବନ୍ଧୁଭାବେ ସେ ଚିତ୍ରଣ କରିଛନ୍ତି । ସେ ଏଇ ପ୍ରସଙ୍ଗରେ ଲେଖିଛନ୍ତି -

ଉତ୍ତମ ବନ୍ଧୁର ନିତି ନ ମିଳଇ ଦେଖା
ବିପଦକାଳରେ କିନ୍ତୁ କରିଥାଏ ରକ୍ଷା ॥

ଯୌବନ, ଧନ ସମ୍ପତ୍ତି ଓ କ୍ଷମତାକୁ ସେ ଅନର୍ଥର ମୂଳକାରଣ ବୋଲି ଦର୍ଶାଇଛନ୍ତି । ଏ ଗୁଡ଼ିକର ମାୟାପାଶରେ ସଂପୂର୍ଣ୍ଣ ବନ୍ଦୀ ନ ହେବାକୁ ସେ ମାନବ ସମାଜକୁ ଚେତାବନୀ ଦେଇଛନ୍ତି । ଏହିପରି ବିବିଧ ନୀତି ଉପଦେଶରେ ପରିପୂର୍ଣ୍ଣ 'ନୀତି ରତ୍ନହାର'ର ସ୍ରଷ୍ଟା ଦାମୋଦର , ଏଥିରେ ଯେପରି ଭାବରେ ଜୀବନର ଛାୟାଲୋକକୁ ପ୍ରକାଶ କରି ତାହାର ତାତ୍ପର୍ଯ୍ୟ ସଂପର୍କରେ ସୂଚନା ଦେଇଛନ୍ତି ;ତାହାର ତୁଳନା ନାହିଁ । ଏହି ମହାନୁଭବ ସମାଜସେବୀ ଓ ସୁସାହିତ୍ୟିକ । ସେ ସାରାଜୀବନ କୁଷ୍ଠାକ୍ରାନ୍ତ ଦଳିତ ଜନତାର ସେବାରେ ନିମଜ୍ଜିତ ହୋଇ ଭାଗ୍ୟର ବିଡ଼ମ୍ବନା ଯୋଗୁଁ ସେହି ଅସାଧ କୁଷ୍ଠ ବ୍ୟାଧିର ଶିକାର ହେଲେ ।

୧୯୭୫ ମସିହା ଜୁନ ୨୧ ତାରିଖରେ ତାଙ୍କର ଦେହାବସାନ ଘଟିଲା ମାତ୍ର ତାଙ୍କର ଅମର ଓ ଅକ୍ଷୟ ସୃଷ୍ଟି 'ନୀତି ରତ୍ନହାର'ର ଔଜ୍ଜଲ୍ୟ କାଳଜୟୀ ହୋଇ ରହିବ ଓ ତାହା ଉତ୍କଳର ବାଣୀ ଭଣ୍ଡାରକୁ ଆଲୋକିତ କରୁଥିବ, ଏଥିରେ ସନ୍ଦେହ ନାହିଁ ।

- ଦାମୋଦର ମହାରଣାଙ୍କ ପରି ସେବକ ତଥା ଉପଦେଶକାରୀ ସାହିତ୍ୟିକ ନ ପାଇ ନରସିଂହପୁର ଆଜି ଝୁରୁଛି ।

❑ ❑ ❑

Digitized by PPRACHIN, SOA

ତମସାପଥର ଯାତ୍ରୀ

ଶ୍ରୀ ଉଦୟନାଥ ରଥ

ଖ୍ୟାତି ସମ୍ପନ୍ନ ଓଡ଼ିଆ ଶିଶୁ ସାହିତ୍ୟିକ ଶ୍ରୀ ଉଦୟନାଥ ରଥ ସତୁରୀ ବର୍ଷରେ ପଦାର୍ପଣ କରି ମଧ୍ୟ ଯୁବସୁଲଭ ଗୁଣରେ ହସି ହସି କାଳାତିପାତ କରି ଅଦ୍ୟାବଧି ଲେଖନୀ ଚାଳନାରେ ନିଜକୁ ନିୟୋଜିତ କରିଛନ୍ତି । ସେ ଏପରି ଏକ ପ୍ରତିଭାଧାରୀଙ୍କୁ ଲୋକ ଲୋଚନକୁ ଆଣିଛନ୍ତି ଯିଏ ବାଲ୍ୟକାଳରେ ମାତାଙ୍କୁ ହରାଇ ବିମାତାଙ୍କ କୋଳରେ ବଢ଼ି ଦୁଃଖଝଂଜା ମଧ୍ୟରେ ଗତିକରି ମଧ୍ୟ ଇଂରାଜୀ ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ କରି ତତ୍କାଳୀନ ନରସିଂହପୁର ରାଜାଙ୍କ ଦ୍ୱାରା ଆଦିଷ୍ଟ ହୋଇ ସଂସ୍କୃତ ଶିକ୍ଷାରେ ମନୋନିବେଶ କରି ''ସାହିତ୍ୟାଚାର୍ଯ୍ୟ'' ଉପାଧିରେ ଭୂଷିତ ହୋଇଛନ୍ତି । ସିଏ ହେଉଛନ୍ତି କେମାଦେଇପୁର ଶାସନ ନିବାସୀ ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ର ।

ତାଙ୍କର ବାଗ୍ମିତା, ନିର୍ଭୀକତା, ପରୋପକାର ମନୋବୃତ୍ତି, ନରସିଂହପୁର ପ୍ରଜା ଆନ୍ଦୋଳନରେ ଯୋଗଦାନ ତଥା ସମ୍ବାଦ ପତ୍ର ''ଯୁଗବାର୍ତ୍ତା''ର ସମ୍ପାଦନା ସହ ନିରଳସ ସାହିତ୍ୟ ସାଧନା ଯଥାର୍ଥରେ ସମାଜପ୍ରତି ଶିକ୍ଷଣୀୟ । ଆସନ୍ତୁ ସେହି ତମସା ପଥର ଯାତ୍ରୀ ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ବିଷୟରେ ପାଠକରିବା ।ପଣ୍ଡିତ ରଘୁନାଥ ମିଶ୍ରଙ୍କ ଜୀବନ ଯଦିଓ ହା ହତାଶମୟ ଥିଲା ସେ କେବେ ଭାଙ୍ଗି ପଡ଼ି ନ ଥିଲେ ବରଂ ନିଜସ୍ୱ ଶକ୍ତି ବଳରେ ଜୀବନ ସଂଗ୍ରାମରେ ବିଜୟୀ ହୋଇଛନ୍ତି । ସେ ଥିଲେ ତମସାପଥର ଯାତ୍ରୀ । ଜୀବନର ଗତିଥିଲା ତମସାଚ୍ଛନ୍ନ । ଶୈଶବ କାଳରେ ସେ ତାଙ୍କ ମାତାଙ୍କୁ ହରାଇ ସାବତ ମା' ଲାବଣ୍ୟଦେବୀଙ୍କ କୋଳରେ ବଢ଼ି ତିମିରାବୃତ୍ତ ଜୀବନ-ସରଣୀରେ ବହୁ ଦୁଃଖକଷ୍ଟ ସହି ଥିଲେ ।

ସେ ଜନ୍ମଗ୍ରହଣ କରିଥିଲେ କଟକ ଜିଲ୍ଲା ନରସିଂହପୁର ତହସିଲସ୍ଥ କେମାଦେଇପୁର ଶାସନର ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ୧୯୧୯ ମସିହା ମାର୍ଚ୍ଚ ମାସ ଏକ ତାରିଖରେ । ତାଙ୍କର ପିତାମାତାଙ୍କ ନାମ ଯଥାକ୍ରମେ ପଦ୍ମନାଭ ବାହିନୀ ପତି ଓ ରୂପାଦେବୀ ।

ବିଦ୍ୟାରମ୍ଭ କରିବାର ବୟସରେ ଉପନୀତ ହେବାରୁ ସେ ଉଲ୍ଲାସକୋଟ ସ୍କୁଲରେ ନାମ ଲେଖାଇ ପ୍ରାଥମିକ ଶିକ୍ଷା ଲାଭ କରି ନରସିଂହପୁରର ରାମସେ ଏମ୍.

Digitized by PPRACHIN, SOA

ଇ. ସ୍କୁଲରେ ଶିକ୍ଷା ସମାପ୍ତ କଲେ । ଉଚ୍ଚ ଶିକ୍ଷା କରିବାର ସୁଯୋଗ ସେ ପାଇ ନ ଥିଲେ । ସେତେବେଳେ ଦୁଇଟି କାରଣ ଉପରେ ଉଚ୍ଚ ଶିକ୍ଷା ଲାଭ ନିର୍ଭର କରୁଥିଲା । ପ୍ରଥମଟି ହେଉଛି ଗୃହର ଆର୍ଥିକ ଅବସ୍ଥା ଓ ଦ୍ୱିତୀୟଟି ହେଉଛି ରାଜାନୁଗ୍ରହ । ସାଧାରଣଭାବେ ରାଜାଙ୍କ ଧାରଣା ଥିଲା ଯଦି କେହି ଉଚ୍ଚ ଶିକ୍ଷା ଲାଭ କରେ ସେ ରାଜଦ୍ରୋହୀ ହେବାର ଆଶଙ୍କା ଅଛି । ବିଶେଷତଃ ବ୍ରାହ୍ମଣ ଜାତି ବୁଦ୍ଧିମାନ । ଏଥିପାଇଁ ପିଲାମାନଙ୍କ ଉଚ୍ଚ ଶିକ୍ଷା ପାଇଁ ରାଜା ଉତ୍ସାହିତ ନ କରି ବରଂ ନିରୁତ୍ସାହିତ କରୁଥିଲେ ।

ଅଧ୍ୟୟନ କରିବାର ଆଗ୍ରହ ତାଙ୍କୁ ବସେଇ ଉଠେଇ ଦେଲାନାହିଁ । ସେ ରାଧାରମଣ ମଠରେ ଖାଦ୍ୟପେୟର ସାହାଯ୍ୟ ପାଇ ତତ୍ ସଂଲଗ୍ନ ଟୋଲରେ ସଂସ୍କୃତ ଅଧ୍ୟୟନ କଲେ । ସେତେବେଳେ ରଘୁନାଥ ମିଶ୍ରଙ୍କ ବୟସ ମାତ୍ର ୧୪ ବର୍ଷ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ସେ ଥିଲେ ଅନ୍ୟାୟର ପ୍ରତିବାଦୀ ଓ ଦୁଃସ୍ଥର ସହାୟକ । ସେ ପରାନ୍ନରେ ପ୍ରତିପାଳିତ ହେଉଥିଲେ ମଧ୍ୟ ଅନ୍ୟ ଗରିବ ପିଲାମାନଙ୍କୁ ନିଜେ ଅଧା ଭୋଜନ କରି ବାକି ଅଧକ ଦେଉଥିଲେ । ଯେଉଁମାନେ ବୁଦ୍ଧିମାନ ଓ ପାଠ ପଢ଼ିବାପାଇଁ ଆଗ୍ରହୀ ସେମାନଙ୍କ ପ୍ରତି ତାଙ୍କର ଅଗାଧ ସହାନୁଭୂତି ଥିଲା । ରାଜା ଜାଣିବାକୁ ପାଇଲେ ଯେ ରଘୁନାଥ ମଠ ସାହାଯ୍ୟରୁ ଅନ୍ୟ ପିଲାମାନଙ୍କୁ ପ୍ରତିପୋଷଣ କରୁଛି । ତେଣୁ ରାଜା ତାହାଙ୍କୁ ଡକାଇ କହିଲେ, "ପରଧନରେ ଦାତା ସାଜିବା କେତେଦୂର ସୁନ୍ଦର ଓ ନ୍ୟାୟ ସଂଗତ କୁହ ।" ରଘୁନାଥ ମିଶ୍ର ସହାସ୍ୟ ବଦନରେ ଉତ୍ତର ଦେଇଥିଲେ, "ହଜୁର ! ଏହାହିଁ ଆପଣଙ୍କ ଗୌରବ । ମୋତେ ଆପଣଙ୍କ ଅନୁଗ୍ରହରୁ ଯଥେଷ୍ଟ ପରିମାଣରେ ଖାଇବାକୁ ଖାଦ୍ୟ ମିଳୁଛି । ମୋ ଖାଦ୍ୟରୁ ଯାହା ବଳିପଡ଼େ ତାକୁ ନଷ୍ଟ ନ କରି ବୁଭୁକ୍ଷୁ ଛାତ୍ରମାନଙ୍କୁ ଦେଉଛି । ତାହା ମଧ୍ୟ ପ୍ରତିଦିନ ନୁହେଁ ।" ଏଥିରେ ରାଜା ଖୁସି ହେଲେ ସତ ମାତ୍ର ରଘୁନାଥର ବୁଦ୍ଧିର ପ୍ରଖରତା ଯୋଗୁଁ ସେ ଆଉ କ'ଣ କରିଦେଇ ପାରେ, ଏ ବିଷୟରେ ମଠର କର୍ମକର୍ତ୍ତାମାନଙ୍କୁ ତାଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସେତେବେଳେ ରାଧାରମଣ ମଠର ତତ୍ତ୍ୱାବଧାରକ ସୋମନାଥ ପ୍ରହରାଜ ଥିଲେ । ତାଙ୍କୁ ରଘୁନାଥ 'ଅଜା' ଭାବରେ ସମ୍ବୋଧନ କରନ୍ତି । ରାଜାଙ୍କ ଶାସନର ଅନ୍ୟାୟ ବିରୁଦ୍ଧରେ ବହୁକଥା କହନ୍ତି ।

ଦିନକର ଘଟଣା । ଗ୍ରୀଷ୍ମକାଳ । ପ୍ରଚଣ୍ଡ ରୌଦ୍ରତାପ । ଅଗ୍ନି ବର୍ଷୁଛି । ପ୍ରହରାଜେ ରଘୁନାଥଙ୍କୁ ଡାକି କହିଲେ, "ରଘୁନାଥ ! ଯଦି କେହି ଲୋକ ଦ୍ୱିପହର ଖରାରେ ରାସ୍ତା ଉପରେ ଏକ ଘଣ୍ଟା ଶୋଇ ପାରନ୍ତା, ମୁଁ ତାକୁ ଦଶଟଙ୍କା ପୁରସ୍କାର ସ୍ୱରୂପ ଦିଅନ୍ତି । ସଙ୍ଗେ ସଙ୍ଗେ ରଘୁନାଥ ଉତ୍ତର ଦେଇଥିଲେ - "କଥିତ ଅନୁସାରେ ଶୋଇବାକୁ ଲୋକ ଅଛନ୍ତି କିନ୍ତୁ ଆପଣ ଦଶ ଟଙ୍କା ପୁରସ୍କାର ଦେବା ସନ୍ଦେହଜନକ ।"

Digitized by PPRACHIN, SOA

ଏପରି କାର୍ଯ୍ୟକଲେ ନିଶ୍ଚିତ ଭାବରେ ପୁରସ୍କାର ମିଳିବ ବୋଲି ପ୍ରହରୀଙ୍କେ କହିଲେ । ଫଳରେ ତା' ପରଦିନ ବାରଟାରୁ ଏକଘଣ୍ଟା ପର୍ଯ୍ୟନ୍ତ ନିଦାଘ ଖରାରେ ଉତ୍ତପ୍ତ ରାସ୍ତା ଉପରେ ଶୋଇ ରଘୁନାଥ ଦଶଟଙ୍କା ପୁରସ୍କାର ପାଇଥିଲେ ଏବଂ ଏହି ଟଙ୍କାକୁ ନରସିଂହପୁର ଟାଉନର ଗୋଟିଏ ନିଃସ୍ୱ ପରିବାର ଅଭାବରେ ପଡ଼ି ସକାଳୁ କିଛି ଖାଇ ନାହାନ୍ତି ଏବଂ ତାଙ୍କର ଦୁର୍ଦ୍ଦଶା ଶୋଚନୀୟ ଜାଣି ସେହି ପରିବାରକୁ ପ୍ରଦାନ କରିଥିଲେ । ଆଜିକାଲି ଯୁବ ସମାଜରେ ତାଙ୍କପରି କଷ୍ଟସହିଷ୍ଣୁ ତଥା ଅଭାବୀରେ ଦାନ କରିବା ଲୋକ ଦେଖିବାକୁ ନିଶ୍ଚିତଭାବେ ବିରଳ ।

ନରସିଂହପୁର ଟୋଲରୁ 'ମଧ୍ୟମା' ପାଶ କରି ପୁରୀ ଯାଇ ପୁରୀର ଏମାର ମଠରେ ରହି ରଘୁନନ୍ଦନ ଟୋଲରେ ଚାରିବର୍ଷ ସଂସ୍କୃତ ଅଧ୍ୟୟନ କରି ସେ ୧୯୪୬ ମସିହାରେ "ସାହିତ୍ୟାଚାର୍ଯ୍ୟ" ଉପାଧି ଲାଭକଲେ ।

ଛାତ୍ରଜୀବନ କାଳରେ ସେ ଥିଲେ ଛାତ୍ରନେତା । ଛାତ୍ର ସଂଗଠନ ପାଇଁ ଚାରିଆଡ଼େ ବୁଲି ମଠମାନଙ୍କରେ ଛାତ୍ର ରହିବା ପାଇଁ ସତ୍ୟାଗ୍ରହ କରାଇ ଥିଲେ । ତାଙ୍କର ପ୍ରଥମ ସହଯୋଗୀ ଥିଲେ ହରିହର ବାହିନୀପତି । ଛାତ୍ରମାନଙ୍କର ଦାବୀଥିଲା - ମଠାଧୀଶମାନେ ବିପୁଳ ଧନର ଅଧିକାରୀ ହୋଇଥିବାରୁ ସେମାନେ ଛାତ୍ରମାନଙ୍କୁ ସାହାଯ୍ୟ ଦେଇ ଶିକ୍ଷିତ ଯୁବକ ମାନଙ୍କ ସଂଖ୍ୟା ବର୍ଦ୍ଧିତ କରି ଦେଶମାତୃକାର ସେବା କରନ୍ତୁ ।

୧୯୪୬ ମସିହା ସମୟରେ ନରସିଂହପୁରରେ ପ୍ରବଳ ଭାବରେ ପ୍ରଜା ଆନ୍ଦୋଳନ ଲାଗି ରାହିଥାଏ । ରଘୁନାଥ ମିଶ୍ର ପୁରୀରୁ ଆସି ଗାଁ ଗାଁ ବୁଲି ଲୋକମାନଙ୍କୁ ଆନ୍ଦୋଳନରେ ଭାଗନେବାକୁ ପ୍ରେରଣା ଦେଇଥିଲେ । ରାଜାର ଶାସନ ଏକ ଅତ୍ୟାଚାରୀର ଶାସନ । ପ୍ରଜା ଆନ୍ଦୋଳନରେ ରଘୁନାଥ ମିଶ୍ରଙ୍କ ନେତୃତ୍ୱ ହେତୁ ନରସିଂହପୁରର ରାଜା ତାଙ୍କ ପ୍ରତି କ୍ରୋଧାନ୍ୱିତ ହୋଇ ତାଙ୍କୁ ଅଟକ କରିଦେବା ନିମନ୍ତେ ଚିନ୍ତାକରି ବ୍ୟର୍ଥ ହୋଇଥିଲେ । ଆନ୍ଦୋଳନ ବନ୍ଦ ହେଲା ନାହିଁ ବରଂ ବଢ଼ିଚାଲିଲା ।

ଆନ୍ଦୋଳନ ପରେ ରଘୁନାଥ ମିଶ୍ର ପୁରୀ ଯାଇ ସେଠାରେ ଆୟୁର୍ବେଦାଚାର୍ଯ୍ୟ ହୋଇ ଏକ ସାକ୍ଷାତକାରରେ ଭାଲୁଲତା ଆଶ୍ରମ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଏକ ନିଯୁକ୍ତି ପାଇ ତିନିବର୍ଷ ଶିକ୍ଷକତା କରି ଅନୁଭବ କଲେ ପରମୁଖାପେକ୍ଷୀ ହୋଇ ଚାକିରି କରିବା ଅପେକ୍ଷା ସ୍ୱାଧୀନ ଭାବରେ ବ୍ୟବସାୟ କରିବା ଶ୍ରେୟସ୍କର । ତେଣୁ ଚାକିରି ଛାଡ଼ି ବଲାଙ୍ଗୀର ଆସି ଜଣେ ଜମିଦାରଙ୍କ ସହାୟତାରେ କିଛିଦିନ ଅବସ୍ଥାନ କଲାପରେ ନିଜର ଶ୍ରମ ଓ ମେଧା ବଳରେ ବହୁ ପ୍ଲଟ କିଣି ଘରଦ୍ୱାର କରି ଆୟୁର୍ବେଦ ଦୋକାନଟିଏ ସେଠାରେ ସ୍ଥାପନ କରି ରୋଗୀ ସେବା କରିବା ସହ ଅଳ୍ପ ଦିନରେ ସେ ବହୁ ଧନର ଅଧିକାରୀ ହୋଇ ପାରିଥିଲେ ।

Digitized by PPRACHIN, SOA

ବଲାଙ୍ଗୀରରେ ଅବସ୍ଥାନ କାଳରେ ସେ ୧୯୭୬ ମସିହାରେ "ଯୁଗବାର୍ତ୍ତା" ନାମରେ ଦୈନିକ ପତ୍ରିକା ପ୍ରକାଶ କରୁଥିଲେ, ସମ୍ପାଦକ ହୋଇ ତାହା ବଲାଙ୍ଗୀରରୁ ରାଉରକେଲା ସ୍ଥାନାନ୍ତରିତ ହୋଇ ବର୍ତ୍ତମାନ ତାଙ୍କର ଦ୍ୱିତୀୟ ସ୍ୱୀଙ୍କ ପୁତ୍ର ଜ୍ଞାନରଂଜନ ମିଶ୍ରଙ୍କ ଦ୍ୱାରା ପ୍ରକାଶିତ ହେଉଛି ।

ରଘୁନାଥ ମିଶ୍ରଙ୍କର ସାହିତ୍ୟ ପ୍ରତି ଗଭୀର ଅନୁରକ୍ତି ଥିଲା । ସେ ଚାରିଖଣ୍ଡି ପୁସ୍ତକ ଲେଖି ପ୍ରକାଶ କରି ଲୋକଲୋଚନକୁ ଆଣିଛନ୍ତି । 'ଗୋପବନ୍ଧୁ' ନାଟକ ତାଙ୍କର ଶ୍ରେଷ୍ଠ ସାହିତ୍ୟ କୃତି । ସେହି ନାଟକ ରାଉରକେଲାରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହେବାରୁ ତାହାକୁ ଚଳଚିତ୍ରରେ ପରିଣତ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି ମାତ୍ର ମୃତ୍ୟୁ ପୂର୍ବରୁ ତାହା ସମ୍ଭବପର ହୋଇ ପାରିନାହିଁ ।

ପଣ୍ଡିତ ରଘୁନାଥର ମିଶ୍ର ବଡ଼ ଲୋକପ୍ରିୟ ଓ ଅଗାଧଜ୍ଞାନର ଅଧିକାରୀ ଥିଲେ । ସଂସ୍କୃତ ଭାଷାରେ ଥିବା ପାଣ୍ଡିତ୍ୟ ଅନ୍ୟମାନଙ୍କ ମନରେ ଚମକ ସୃଷ୍ଟି କରୁଥିଲା । ତାଙ୍କର ଭାଷା ଥିଲା ବିସ୍ଫୋରଣାତ୍ମକ । ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ଅନ୍ୟମାନଙ୍କଠାରୁ ପ୍ରଥମେ ଗାଳି, ଅସନ୍ତୋଷ ଅର୍ଜନ କରନ୍ତି ସତ୍, ମାତ୍ର ଯେତେବେଳେ ସ୍ୱର ଉତ୍ତୋଳନର ଉପକାର ଲୋକମାନଙ୍କ ଦ୍ୱାରା ଅନୁଭୂତ ହୁଏ ସେତେବେଳେ ଜନତା ପଣ୍ଡିତଙ୍କର ସାହସର ପରିଚୟ ପାଇ ଧନ୍ୟବାଦ ଅର୍ପଣ କରନ୍ତି ।

ଜୀବନ ନଶ୍ୱର ହେଲେ ବି ତାକୁ ଶାଶ୍ୱତ କରେ ଲୋକହିତକର କାର୍ଯ୍ୟାବଳି । ପଣ୍ଡିତ ରଘୁନାଥ ମିଶ୍ର ରାଉରକେଲାରେ ତାଙ୍କ ବାସ ଭବନରେ ରୋଗ ଶଯ୍ୟାରେ ପଡ଼ିରହିଥିବା ବେଳେ ମଧ୍ୟ ପ୍ରେସ, ମୁଦ୍ରଣ କାର୍ଯ୍ୟ ଓ କର୍ମୀମାନଙ୍କର ଅବସ୍ଥା ବିଷୟରେ ଜାଣିବାକୁ ଉତ୍କଣ୍ଠା ପ୍ରକାଶ କରୁଥିଲେ ଓ ଜାଣିବାପରେ ଶାନ୍ତିଲାଭ କରୁଥିଲେ ।

ସେ ସମସ୍ତଙ୍କୁ କହିଥାନ୍ତି - ପରିଶ୍ରମ କର, ପରିଶ୍ରମ କଲେ ଅସାଧ୍ୟ ଜିନିଷ ସାଧିତ ହୁଏ । ମୋତେ ଦେଖ । ମୁଁ ଥିଲି କ'ଣ, ହୋଇଛି କ'ଣ ? ନିଜ ଗ୍ରାମର ପିଲାମାନଙ୍କୁ ଅଧିକ ଶିକ୍ଷା କରିବା ପାଇଁ ଆର୍ଥିକ ସାହାଯ୍ୟ କରିବା ସହ ହେମାଦେଈପୁର ଶାସନସ୍ଥିତ ପାଠାଗାର ତାଙ୍କରି ଦ୍ୱାରା ଆରମ୍ଭ କରି ଜ୍ଞାନ ବିତରଣ ଅଲକ୍ଷ୍ୟରେ କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହି ପଣ୍ଡିତ ମହାଶୟ ୧୯୯୪ ମସିହା ଫେବୃୟାରୀ ୧୪ ତାରିଖର ପ୍ରାତଃ ସମୟରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ପାର୍ଥିବ ଜଗତରୁ ଚିର ବିଦାୟ ନେଇ ଯାଇଛନ୍ତି ମାତ୍ର ତାଙ୍କର କାର୍ଯ୍ୟକଳାପ, ଦିଗଦର୍ଶନ ଆଖି ଆଗରେ ଚିତ୍ରପଟ ସଦୃଶ ନାଚି ଯାଉଛି ।

ଫୁଲଫୁଟି ମଉଳିଯାଏ ମାତ୍ର ତା'ର ସୁଗନ୍ଧକୁ ପାଶୋରି ହୁଏ ନାହିଁ ।

❑ ❑ ❑

Digitized by PPRACHIN, SOA

ପାଲାକାର ପଦ୍ମନାଭ

ଶ୍ରୀ ଜ୍ଞାନରଂଜନ ଦାଶ

ନରସିଂହପୁର କବି ଓ କଳାକାରମାନଙ୍କର ଏକ ମନୋଜ୍ଞ ଲୀଳାଭୂମି । ଏହି ମାଟିରେ ଏପରି ସନ୍ତାନ ଜନ୍ମଲାଭ କରିଛନ୍ତି ଯେ'କି ବିଶ୍ୱବିଦ୍ୟାଳୟର ସ୍ନାତକଧାରୀ ନ ହୋଇ ମଧ୍ୟ ଏହି ରାଜ୍ୟ ବାହାରେ ନିଜର ଅନବଦ୍ୟ କୃତିତ୍ୱ ପ୍ରଦର୍ଶନ କରି ନରସିଂହପୁରର ଗୌରବବୃଦ୍ଧି କରିଛନ୍ତି । ଲୌକିକ ଉଚ୍ଚଶିକ୍ଷା ଲାଭ ନ କରି ଐଶୀକୃପାବଳରେ ଜ୍ଞାନ ସ୍ଫୁରଣ ସମ୍ଭବ ହୁଏ ଅଷ୍ଟଶମ୍ଭୁ ବିରାଜିତ ଦେବଭୂମି ନରସିଂହପୁର ମାଟିରେ । ନରସିଂହପୁରର ସାମାନ୍ୟ ନିମ୍ନ ପ୍ରାଇମେରୀ ଯୋଗ୍ୟତା ସମ୍ପନ୍ନ କଳାକାର ଓ ଗାୟକ ପଞ୍ଚୁମହାପାତ୍ର, ଶତ୍ରୁଘ୍ନ ସାମନ୍ତରାୟ, ଗଙ୍ଗାଧର ରଥ, ଫକୀର ସୁନ୍ଦରାୟ, ବଂଶୀଧର ସାହୁ ଆଦିଙ୍କ ଜୀବନୀ ଚରିତ ସହିତ କାଞ୍ଜିଆପଦା ଗ୍ରାମର ବିଶିଷ୍ଟ ପାଲାକାର ପଦ୍ମନାଭ ପଣ୍ଡାଙ୍କ ଜୀବନୀ ଚରିତ ପ୍ରାୟ ଏକ ପ୍ରକାରର । ପାଲାକାର ପଦ୍ମନାଭ ପଣ୍ଡା ଏକାଧାରରେ ଜଣେ ସୁଗାୟକ, ସୁବକ୍ତା ଓ ସୁଲେଖକ ଥିଲେ । ତାଙ୍କର ରଚିତ ଖଣ୍ଡକାବ୍ୟ ମଧ୍ୟରେ ଚନ୍ଦ୍ରହାସ, କଂସବଧ, ଗଣ୍ଡାବଧ, ଶ୍ରୀବତ୍ସ ଚିନ୍ତାକବଚ, 'ଦୁର୍ଯ୍ୟୋଧନ ଉରଭଙ୍ଗ' ଅପ୍ରକାଶିତ ଅବସ୍ଥାରେ ଅଛି । ସେ ନିଜର ରଚନାବଳୀକୁ ପାଲାମାଧ୍ୟମରେ ପରିବେଷଣ କରି ପ୍ରଶଂସିତ ତଥା ପୁରସ୍କୃତ ହୋଇଛନ୍ତି । ତାଙ୍କର ମର ଦେହ ଆଜି ନାହିଁ ମାତ୍ର ତାଙ୍କର ବିରଚିତ କାବ୍ୟ କବିତା ଅଦ୍ୟାବଧି ଅନ୍ୟ ଗାୟକ ମାନଙ୍କ ଦ୍ୱାରା ପରିବେଷିତ ହେଲା ବେଳେ ଯଶୋଦେହରେ ସେ ଜନମାନସରେ ଅମର ହୋଇ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ଉଦୀୟମାନ୍ ଯୁବଲେଖକ ଶ୍ରୀ ଜ୍ଞାନରଂଜନ ଦାଶ ତାଙ୍କ ବିଷୟରେ କ୍ଷୁଦ୍ର ପ୍ରବନ୍ଧଟିଏ ଲେଖି ନରସିଂହପୁର ନିବାସୀଙ୍କୁ ସ୍ମରଣ କରାଇ ଦେଇଛନ୍ତି ପଦ୍ମନାଭ ପଣ୍ଡାଙ୍କ ଗୁଣଗ୍ରାମ । ଆସନ୍ତୁ ସ୍ୱର୍ଗତ ପଣ୍ଡାଙ୍କ ବିଷୟରେ ସମ୍ୟକ୍ ଭାବରେ ଅବଗତ ହେବା ଜ୍ଞାନରଂଜନ ଦାଶଙ୍କ ଲିଖିତ "ପାଲାକାର ପଦ୍ମନାଭ" ଶୀର୍ଷକ ପ୍ରବନ୍ଧ ପାଠ ମାଧ୍ୟମରେ ।

ଉତ୍କଳ ପ୍ରଦେଶ ଇଂରେଜ ଶାସନାଧୀନ ଥିବାବେଳେ ଏଥିରେ ୨୬ଟି ଗଡ଼ଜାତ ରାଜ୍ୟଥିଲା । ତନ୍ମଧ୍ୟରେ ନରସିଂହପୁର ରାଜ୍ୟ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଉତ୍କଳର ଶିକ୍ଷା, ସଭ୍ୟତା, ଐତିହ୍ୟ, କଳା ଓ ସଂସ୍କୃତି ପାଇଁ ନରସିଂହପୁରର ଅବଦାନ ଅତି ବିପୁଳ । ବହୁ ନଦ ନଦୀ ଓ ସଂସ୍କୃତି ପାଇଁ ନରସିଂହପୁରର ଅବଦାନ ଅତି ବିପୁଳ । ବହୁ ନଦ, ନଦୀ ଓ ବଣ ଜଙ୍ଗଲରେ ପରିବେଷ୍ଟିତ ହୋଇ ଏହା ପ୍ରକୃତିର ଏକ ଚାରୁଚିତ୍ରଶାଳା ତଥା କଳାର ଲୀଳାସ୍ଥଳୀ । ବହୁ ଜ୍ଞାନୀ, ଗୁଣୀ, ସାଧୁ, ସନ୍ଥ, ଶୂର, ବୀର, କବି, ଲେଖକ, କଳାକାର ଓ ଶିଳ୍ପୀ ଏଠାରେ ଜନ୍ମଲାଭ କରି ଏହି ରାଜ୍ୟର

Digitized by PPRACHIN, SOA

ଗୌରବ ବୃଦ୍ଧି କରିଛନ୍ତି । ଏହାର ସୁସନ୍ତାନ ମାନଙ୍କ ମଧ୍ୟରୁ ବିଶିଷ୍ଟ ପାଲାଗାୟକ ସ୍ୱର୍ଗତ ପଦ୍ମନାଭ ପଣ୍ଡା ଅନ୍ୟତମ ଅଟନ୍ତି ।

ନରସିଂହପୁର ବ୍ଲକର କାନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଞ୍ଚିଆପଦା ଗ୍ରାମରେ ୧୯୨୮ ମସିହା ଜାନୁଆରୀ ୩ ତାରିଖର ଶୁଭ ମୁହୂର୍ତ୍ତରେ ଭୂମିଷ୍ଠ ହେଲେ ପଦ୍ମନାଭ । ତାଙ୍କ ପିତାଙ୍କ ନାମ ରାହାସ ମହାପାତ୍ର ଓ ମାତାଙ୍କ ନାମ ଚମ୍ପାଦେବୀ । ତାଙ୍କ ପିତା ଜଣେ ପ୍ରସିଦ୍ଧ ତାନ୍ତ୍ରିକ ଥିଲେ । ୧୯୩୫ ମସିହା ଜାନୁଆରୀ ମାସ ୨ ତାରିଖରେ ପଦ୍ମନାଭ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାରମ୍ଭ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସେ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ଥିଲେ । ୩୨ ବର୍ଷ ବୟସରେ ତନୁଦେବୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଏହାପରେ ସେ କୋକଳବା ନିବାସୀ ପ୍ରଥିତଯଶା ପାଲାଗାୟକ ଓ ଶାସ୍ତ୍ରଜ୍ଞ ସ୍ୱର୍ଗତ ପଞ୍ଚାନନ ଶାସନୀ (ପଞ୍ଚୁ ମହାପାତ୍ର)ଙ୍କ ଠାରୁ ପାଲା ଶିକ୍ଷା କରିଥିଲେ । ନରସିଂହପୁରର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ଅଗ୍ରଗଣ୍ୟ ଚମ୍ପେଶ୍ୱର ସ୍ଥିତ ଚମ୍ପାନାଥ ଦେବଙ୍କ ପୀଠରେ ୨୧ ଦିନ ପର୍ଯ୍ୟନ୍ତ ଧାରଣା ଦେଇ ପଦ୍ମନାଭ ଐଶୀକୃପା ଲାଭ କରିଥିଲେ । ଏହା ଦ୍ୱାରା ତାଙ୍କ ହୃଦୟରେ ଅପରିସୀମ ପ୍ରତିଭାର ସ୍ଫୁରଣ ଘଟିଲା । ସେ ପଙ୍କଜ ସାହୁ, ୰ ମାଧବଚନ୍ଦ୍ର ଗାଣ, ରତ୍ନାକର ପ୍ରଧାନ ୰ ବଂଶୀଧର ପ୍ରଧାନ ଓ ନିଧି ଅତବୁଦ୍ଧିଙ୍କ ସହାୟତାରେ ପାଲାଦଳ ଗଠନ କରିଥିଲେ । ସେହି ସହଯୋଗୀ ମାନଙ୍କ ସହିତ ସେ ନରସିଂହପୁର, ବଡମ୍ବା, ସମ୍ବଲପୁର, ବରପାଲି, ବରଗଡ଼, ବଲାଙ୍ଗୀର, ପାଟଣାଗଡ଼, କଳାହାଣ୍ଡି, ସୋନପୁର, ଟିଟିଲାଗଡ଼, ଓ ଜୁନାଗଡ଼ ଆଦି ବିଭିନ୍ନ ଅଞ୍ଚଳରେ ପାଲା ପରିବେଷଣ କରି ସୁନାମ ଅର୍ଜନ କରିଥିଲେ । ସେ ଓଡ଼ିଶାର ସ୍ୱନାମଧନ୍ୟ ପାଲାଗାୟକ ୰ ଗଙ୍ଗାଧର ରଥ ବଂଶୀଧର ସାହୁ, ଧର୍ମାନନ୍ଦ ଦୀକ୍ଷିତ, ଅନନ୍ତ ମହାପାତ୍ର, ଶ୍ରୀବତ୍ସ ପାଢ଼ୀ ଓ ଦାଶରଥୀ ପଟ୍ଟନାୟକଙ୍କ ସହିତ ବାଦୀପାଲାରେ ଅବତୀର୍ଣ୍ଣ ହୋଇଥିଲେ । ସଙ୍ଗୀତର ପ୍ରମୁଖ ବିଭାଗ ଯଥା ଓଡ଼ିଶୀ ଛାନ୍ଦ ଗାୟନରେ ତାଙ୍କର ପାରଦର୍ଶିତା ଥିଲା । ତାଙ୍କର ଗାୟନ ଶୈଳୀ ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରୁଥିଲା । ସେ ଏକାଧାରରେ ଜଣେ ସୁଗାୟକ, ସୁବକ୍ତା ଓ ସୁଲେଖକ ଥିଲେ । ତାଙ୍କର ଲେଖନୀ ପ୍ରସୂତ କାବ୍ୟ ଗୁଡ଼ିକ ହେଉଛି ଚନ୍ଦ୍ର ହାସ, କଂସବଧ, ଗଣ୍ଡାବଧ, ଶ୍ରୀବତ୍ସ ଚିନ୍ତାକବଚ, ଗଣ ବୋଧିନୀ, ଦୁର୍ଯ୍ୟୋଧନ ଉରୁଭଙ୍ଗ । ଏତଦ୍‌ବ୍ୟତୀତ ସେ ଶତାଧିକ ଜଣାଣ ମଧ୍ୟ ରଚନା କରିଛନ୍ତି । ସ୍ୱରଚିତ କାବ୍ୟ ଓ କବିତାଗୁଡ଼ିକୁ ପାଲା ମାଧ୍ୟମରେ ସେ ପରିବେଷଣ କରୁଥିଲେ ।

ସ୍ୱର୍ଗତ ପଣ୍ଡା ଅନେକ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ । ୧୯୫୬ ମସିହାରେ ନରସିଂହପୁର ସାହିତ୍ୟ ସମାଜ''ର ଆନୁକୂଲ୍ୟରେ ଆୟୋଜିତ ୨୪ ଦଳ ବିଶିଷ୍ଟ ପାଲା ପ୍ରତିଯୋଗୀତାରେ ସେ ପ୍ରଥମ

Digitized by PPRACHIN, SOA

ସ୍ଥାନ ଅଧିକାର କରି ସିଲଡ୍ ଓ ପ୍ରଶଂସାପତ୍ର ହାସଲ କରିଥିଲେ । ତାଙ୍କର ପାଲା ପରିବେଷଣରେ ମୁଗ୍ଧ ହୋଇ ଗୌଡ଼ ଗାଁର ଅଧିବାସୀମାନେ ସେମାନଙ୍କର ପ୍ରତିନିଧି ମାଧ୍ୟମରେ ପଦ୍ମନାଭଙ୍କୁ ପ୍ରଶଂସାପତ୍ର ଓ ସୁବର୍ଣ୍ଣକୁଣ୍ଡଳ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ । ୧୯୫୬ ମସିହା ମେ ୨୯ ତାରିଖରେ ଆଠଗଡ଼ ଠାରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ପାଳନ ସପ୍ତାହ ଅବସରରେ ପାଲା ପରିବେଷଣରେ ଅସାଧାରଣ ଦକ୍ଷତା ହେତୁ ତାଙ୍କୁ ଦ୍ୱିତୀୟ ପୁରସ୍କାର ସହିତ ପ୍ରମାଣ ପତ୍ର ଦେଇ ସମ୍ମାନିତ କରାଯାଇଥିଲା ।[୧]

ଏତଦ୍‌ବ୍ୟତୀତ ତାଙ୍କର ପାଲା ପରିବେଷଣରେ ଦକ୍ଷତା ସ୍ୱରୂପ ତାଙ୍କୁ ପ୍ରଶଂସାପତ୍ର ଦେଇଥିବା ବ୍ୟକ୍ତିମାନେ ହେଉଛନ୍ତି ବଡମ୍ବା-ନରସିଂହପୁରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ବିଦ୍ୟାଧର ନାୟକ, ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ଲଳିତ ମୋହନ ମହାନ୍ତି, ଶ୍ରୀଯୁକ୍ତ ତ୍ରିଲୋଚନ ସିଂହଦେଓ ନରସିଂହପୁରର ଭୂତପୂର୍ବ ତହସିଲଦାର ଶ୍ରୀଯୁକ୍ତ ମଧୁସୂଦନ ମଲ୍ଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମିଶ୍ର ।[୨]

x x x x x

ଏହି ବରିଷ୍ଠ ପ୍ରତିଭାଧର ପାଲାକାର ୧୯୯୧ ମସିହା ଜୁଲାଇ ମାସ ୩୧ ତାରିଖ ଦିନ ଇହଲୀଳା ସମ୍ବରଣ କଲେ, ମାତ୍ର ଜନମାନସ ସିଂହାସନରେ ଅଧିରୂଢ଼ ଏହି ଯଶସ୍ୱୀ ପାଲାକାରଙ୍କୁ ଅରାଟ ଜନନୀ ଓ ଏହାର ସନ୍ତାନଗଣ ଆଜି ପର୍ଯ୍ୟନ୍ତ ଝୁରୁଛନ୍ତି ।

---

୧ ଏବଂ ୨ - (ସମସ୍ତ ପ୍ରଂଶସା ପତ୍ରର ଜେରକ୍ସ କପି ଡଃ ସ୍ୱପ୍ନେଶ୍ୱର ଦାସଙ୍କ ନିକଟରେ ଅଛି) ।

Digitized by PPRACHIN, SOA

ନରସିଂହପୁରର ବିଶ୍ୱାମିତ୍ର : ଭାଗବତ ପଣ୍ଡିତେ

ଦେବଦତ୍ତ ମଳୟ କୁମାର ବରାଳ

ମନୁଷ୍ୟ କେବଳ ଏକ ଇନ୍ଦ୍ରିୟାନୁଗତ ପ୍ରାଣୀ ନୁହେଁ । ସେ ଚାହେଁ ଆପଣାର ବୁଦ୍ଧି ସହ ହୃଦୟ ଓ ମନର ମଧୁର ସମନ୍ୱୟ ସ୍ଥାପନ କରି ଜୀବନରେ ସୁଖାନୁଭୂତି ଲାଭ କରିବାକୁ । ବୁଦ୍ଧି ଓ ହୃଦୟର ସମନ୍ୱୟରେ ମାନବ ବାସ୍ତବରେ ହିଁ ମାନବ ପଦବାଚ୍ୟ ହୋଇଥାଏ । ମନୁଷ୍ୟର ମାନସିକ ପ୍ରବୃତ୍ତି ସମୂହର ବିକାଶ ତଥା ଆତ୍ମିକ ଶାନ୍ତି ଓ ପରିତୋଷ ନିମନ୍ତେ ସୁଶିକ୍ଷା ଏକାନ୍ତ ଭାବରେ ଆବଶ୍ୟକ । ସୁଶିକ୍ଷା ଲାଭ ହେଉଛି ଗୋଟିଏ ଦେଶର ପ୍ରଗତିର ମାନଦଣ୍ଡ । ଶିକ୍ଷା ଯେତିକି ମାର୍ଜିତ ଏବଂ ଉନ୍ନତ ହେବ, ଦେଶ ସେତିକି ଉନ୍ନତ ଏବଂ ମହନୀୟ ହୋଇ ପାରିବ । ଶିକ୍ଷା ଜାତୀୟ ସଂସ୍କୃତି ଓ ଐତିହ୍ୟର ଆଦର୍ଶରେ ଅନୁପ୍ରାଣିତ ହେଲେ ଜାତୀୟ ଆଶା ଓ ଆକାଂକ୍ଷା ଚରିତାର୍ଥ ହୋଇଥାଏ, ଚଳିତ ଶତାବ୍ଦୀରେ ଯେଉଁ କେତେଜଣ ଉତ୍କଳୀୟ ଶିକ୍ଷାବିତ୍ ସେମାନଙ୍କ ସ୍ୱକୀୟ ବ୍ୟକ୍ତିତ୍ୱ ଓ ଅସୀମ ଜ୍ଞାନ ବଳରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି ସେମାନଙ୍କ ମଧ୍ୟରେ ନରସିଂହପୁରର "ପଣ୍ଡିତ ଭାଗବତ ମିଶ୍ର" ହେଉଛନ୍ତି ଅନ୍ୟତମ ।

ଆସନ୍ତୁ "ନରସିଂହପୁରର ବିଶ୍ୱାମିତ୍ର : ଭାଗବତ ପଣ୍ଡିତେ" ପ୍ରବନ୍ଧ ପାଠକରି ତାଙ୍କରି ବିଷୟରେ ଅବଗତ ହେବା ।

ମହାନ ଶିକ୍ଷାବିତ୍ ପଣ୍ଡିତ ଭାଗବତ ମିଶ୍ରଙ୍କର ଜନ୍ମ ୧୮୯୭ ମସିହା ଜାନୁଆରୀ ମାସ ୯ ତାରିଖ ଦିନ ନରସିଂହପୁରର କାନପୁର ଗ୍ରାମରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ । ତାଙ୍କ ପିତାଙ୍କ ନାମ ମହେଶ୍ୱର ମିଶ୍ର । ପିତାଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳିତ ଜୀବନ ଯାପନ କରିବା ମଧ୍ୟରେ ସେ ଚାଟଶାଳୀ ପାଠ ପଢ଼ିଥିଲେ । ସ୍ୱଳ୍ପ ସମୟ ମଧ୍ୟରେ ନିଜର ଧୀଶକ୍ତି ଓ ପ୍ରତିଭା ବଳରେ ସେ ପାହି କଡାଗଣ୍ଡା ପଣିକିଆ, ଶୋଧ, ମଧୁବର୍ଣ୍ଣବୋଧ, ଲୀଳାବତୀ ସୂତ୍ର, ଧରଣୀଧର, ଅଙ୍କ ବିଶ୍ରାମ ଓ ଗୀତ ଗଣିତ ଆଦି ଆୟତ୍ତ କରି ପାରିଥିଲେ । ତା ପରେ କାନପୁର ପ୍ରାଥମିକ ସ୍କୁଲ ଶିକ୍ଷା ସମାପ୍ତ କରି ନରସିଂହପୁରସ୍ଥିତ ରାମସେ ଏମ୍.ଭି. ସ୍କୁଲରେ ଶିକ୍ଷାଲାଭ କଲେ । ତୁଳସୀ ଦୁଇପତ୍ରରୁ ବାସିବା ପରି ତାଙ୍କର ଅମ୍ଳାନ ପ୍ରତିଭା ଛାତ୍ରାବସ୍ଥାରୁ ହିଁ ଜଣାପଡ଼ିଥିଲା । ରାମସେ ଏମ୍.ଭି.ସ୍କୁଲର ଶିକ୍ଷା ପରେ ସେ ଶିକ୍ଷକତା କରିବା ପାଇଁ କଟକ ଆସି ଶିକ୍ଷକ ଟ୍ରେନିଂ ନେଲେ । ଟ୍ରେନିଂ ପାଶ୍ କରି ସେ ପ୍ରଥମେ ଆଠମଲ୍ଲିକ ମି.ଇ. ସ୍କୁଲରେ

Digitized by PPRACHIN, SOA

ଶିକ୍ଷକତା ଆରମ୍ଭ କଲେ । ସେତେବେଳେ କମ୍ୟୁନିଷ୍ଟ ନେତା ମନମୋହନ ମିଶ୍ର ତାଙ୍କର ଛାତ୍ର ଥିଲେ ।

ସେ ଭାରି ନୀତିବାନ୍ ଥିଲେ । ସେ ବିଦ୍ୟାଳୟର ନୀତି ନିୟମରୁ ଟିକିଏ ବି ବିଚ୍ୟୁତ ହେଉ ନଥିଲେ । ସେ ସବୁ ବିଷୟ ଦକ୍ଷତାର ସହ ଶିକ୍ଷାଦାନ କରି ପାରୁଥିଲେ । ସେ ଗଣିତରେ ଖୁବ୍ ପାରଙ୍ଗମ ଥିଲେ; ଯେତେବଡ଼ ଜଟିଳ ଗଣିତ ହେଲେ ମଧ୍ୟ ସେ ମୁହେଁ ମୁହେଁ ତା'ର ଉତ୍ତର କରି ଦେଉଥିଲେ । ସାହିତ୍ୟରେ ତାଙ୍କର ଅଗାଧ ଜ୍ଞାନ ଥିଲା । ସେ ଇତିହାସ ପଢ଼ାଇଲେ ପିଲାମାନଙ୍କର ବହି ଆଣିବା ଦରକାର ପଡୁ ନଥିଲା ଜ୍ୟାମିତି ପଢ଼ାରେ ସେ ଥିଲେ ପ୍ରବୀଣ । କି ଛାତ୍ର କି ଶିକ୍ଷକ ସମସ୍ତଙ୍କ ଦ୍ୱାରା ସେ ଆଦୃତ ହେଉଥିଲେ ।

ଆଠମଲ୍ଲିକରେ କିଛିବର୍ଷ ଶିକ୍ଷକତା କରିବା ପରେ ସେ ନରସିଂହପୁରର ରାମସେ ଏମ୍.ଭି. ସ୍କୁଲକୁ ବଦଳି ହୋଇ ଆସିଲେ । ସେତେବେଳେ ପଣ୍ଡିତ ପୁରୁଷୋତ୍ତମ ମିଶ୍ର ଥିଲେ ହେଡ଼ମାଷ୍ଟର । ତାହାଙ୍କର ସାହଚର୍ଯ୍ୟ ଲାଭ କରି ପଣ୍ଡିତ ଭାଗବତ ମିଶ୍ର ନିଜର ପ୍ରତିଭା ପରିପ୍ରକାଶ କଲେ ଅଲୌକିକ ଭାବରେ । ସେ ସେକେଣ୍ଡ ପଣ୍ଡିତ ନାମରେ ପରିଚିତ ଥିଲେ । ସେ ଶ୍ରେଣୀ ଗୃହରେ ଶିକ୍ଷାଦାନ କରୁଥିବା ସମୟରରେ କୌଣସି ବ୍ୟକ୍ତି ଛାତ୍ର ଏପରିକି ଶିକ୍ଷକ ସେହି ଶ୍ରେଣୀର ବାରଣ୍ଡାରେ ଲଟରପଟର ହୋଇ ପାରୁ ନଥିଲେ । ଯଦି କିଏ ଜ୍ଞାତସାରରେ ବା ଅଜ୍ଞାତ ସାରରେ ତାହା କରୁଥିଲେ ସେ ତାକୁ ବହୁତ ଗାଳି ଦେଉଥିଲେ । ଶ୍ରେଣୀ ଗୃହର ଶୃଙ୍ଖଳା ଓ ଛାତ୍ରମାନଙ୍କର ଏକାଗ୍ରତା ରକ୍ଷା ପାଇଁ ସେ ଏହି ନୀତି ଅବଲମ୍ବନ କରିଥିଲେ । ସେ ଏପରି ଭାବରେ ଅଭିନୟ କରି ନାଟକୀୟ ଭଙ୍ଗୀରେ ଶିକ୍ଷା ଦାନ କରନ୍ତି ଯେ ଛାତ୍ର ଛାତ୍ରୀମାନେ ଅନାୟାସରେ ଶିକ୍ଷା ଲାଭ କରି ପାରନ୍ତି । ଶିକ୍ଷା ଦାନ ସମୟରେ କିଏ ଟିକିଏ ଅନ୍ୟମନସ୍କ ହେଲେ ସେ ତାକୁ କଠୋର ଶାସ୍ତି ଦେଉଥିଲେ ।

ସେ ଥିଲେ ମଣିଷ ତିଆରି କରିବାରେ ଜଣେ ସୁଦକ୍ଷ ବିନ୍ଧାଣୀ । ତାଙ୍କର ହାତ ବାରିସୀ ରୂପକ ଛାଟ, ନିହଣ ରୂପକ କାନମୋଡ଼ା, ମୁଦ୍‌ଗର ରୂପକ କଥା, ଯେଉଁ ଛାତ୍ର ଦେହରେ ଥରେ ଲାଗିଛି ସେ ହୋଇ ପାରିଛି ମୂର୍ତ୍ତିବନ୍ତ ଆଦର୍ଶ ପୁରୁଷ । ଛାତ୍ରକୁ ଗଡ଼ି ଦାଣ୍ଡରେ ଚଲାଇ ତାହାର ମହତ୍ୱ ପ୍ରତିପାଦନ କରିବାକୁ ସେ ଦେଉଥିଲେ ଆହ୍ୱାନ । ତାଙ୍କର ଅଧିକାଂଶ ଛାତ୍ର ଆଜି ଚାକିରିର ବିଭିନ୍ନ ବିଭାଗରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । ଫଳରେ ଆଜିର ଯେଉଁ ଉଚ୍ଚପଦସ୍ଥ କର୍ମଚାରୀବୃନ୍ଦ ଛାତ୍ର ଜୀବନରେ ତାଙ୍କଠାରୁ ଶିକ୍ଷାଲାଭ କରି ସମାଜରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି ସେମାନେ ତାଙ୍କୁ ଭୁଲିବା ସମ୍ଭବ ନୁହେଁ । ତାଙ୍କରି ନାମ ଶ୍ରବଣ ମାତ୍ରେ ସ୍ୱତଃ ସେମାନଙ୍କ ମଥା ନତ ହୋଇଯାଏ ।

Digitized by PPRACHIN, SOA

ଛାତ୍ରମାନଙ୍କୁ ସତ୍ ପଥରେ ପରିଚାଳିତ କରିବା ତାଙ୍କରି ଥିଲା ଧର୍ମ। ଫଳରେ ଶିକ୍ଷା ଓ ଛାତ୍ର-ଏହି ଉଭୟଙ୍କ ମଧ୍ୟରେ ମଧୁର ସମନ୍ୱୟ ସ୍ଥାପନ କରି ଜୀବନକୁ ସାର୍ଥକ କରିଛନ୍ତି । ଜୀବନର ସାୟଂ କାଳରେ ସେ ରଖି ଯାଇଛନ୍ତି ଏକ ସ୍ମୃତିର ଝଲକ । ସେହି ଝଲକ ହେଉଛି- ତାଙ୍କ ବିରଚିତ "ଜ୍ଞାନାଞ୍ଜନ" ଶୀର୍ଷକ ଚାରିଶହ ପଦ ବିଶିଷ୍ଟ ଏକ ଦୀର୍ଘ କବିତା, ଯାହାକୁ କି ଆଧୁନିକ ଯୁଗରେ "କାବ୍ୟ"ରେ ନାମିତ କରାଯାଇ ପାରିବ।

ଆଧୁନିକ ଯୁଗରେ ଅଜ୍ଞାନତାବଶତଃ ବିପଥଗାମୀ ଜନସମାଜକୁ ସତ୍‌ପଥରେ ପରିଚାଳିତ କରିବା ନିମନ୍ତେ 'ଜ୍ଞାନାଞ୍ଜନ' * ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମୋହ ମୁଦ୍‌ଗର ତୁଲ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଠକମାନଙ୍କ ଅବଗତି ନିମନ୍ତେ ସେଥିରୁ କେତୋଟି ପଦ ଉଦ୍ଧୃତ ହେଲା ।

ଆଚରିଲେ ଦୃଢ଼େ ଜନହିତ ବ୍ରତ
ନରହୁଏ ମର୍ତ୍ତେ ପ୍ରକୃତ ମହତ ।

x x x x x

ଦୁଃଖାର୍ତ୍ତେ ସାହାଯ୍ୟ ଶୋକାର୍ତ୍ତେ ସାନ୍ତ୍ୱନା
ଅର୍ପି ବିପନ୍ନର ହରିଲେ ଯାତନା,
ଜୀବନ୍ମୁକ୍ତ ଆଖ୍ୟା ପ୍ରାପ୍ତ ହୁଏ ନର
ମରି ସୁଦ୍ଧା ହୁଏ ସଂସାରେ ଅମର ।

x x x x x

ବୃଥା ପ୍ରଶଂସାରେ ଉଠନା ତୁ ଫୁଲି
ଉଭରଳ ଦୁଗ୍ଧ ପିଏ ସିନା ଚୂଲି
ପ୍ରଶଂସାକୁ ମଣୁଅଛି ଦୁଗ୍ଧ କୋର
ଇହ ପରକାଳ ଗ୍ରାସୁଛି ସେ ତୋର ।।

x x x x x

ମନୁ ମଳିନତା ଧୌତ କରି ଖରେ
କରିବ ପ୍ରବେଶ ଆଲୋକ ରାଜ୍ୟରେ

x x x x x

* 'ଜ୍ଞାନାଞ୍ଜନ' ପାଣ୍ଡୁଲିପି - "ଓଡ଼ିଆ ସାହିତ୍ୟକୁ ନରସିଂହପୁରର ଦାନ" ଗବେଷକଙ୍କ ପାଖରେ ଗଚ୍ଛିତ ଅଛି ।

Digitized by PPRACHIN, SOA

ଅର୍ଥ ମୂଲ୍ୟେ ଗୁଣ ହୁଏ ନାହିଁ କିଣା
ତାହା ଯୋଗ୍ୟ ମୂଲ୍ୟ ସେହି ନିଜେ ସିନା ॥

ପଣ୍ଡିତଙ୍କ ଶିକ୍ଷାଦାନ ସମ୍ପର୍କରେ ତାଙ୍କର ବିଭିନ୍ନ ଛାତ୍ରମାନଙ୍କଠାରୁ ବିଭିନ୍ନ କଥା ଶୁଣାଯାଏ । ମାତ୍ର ତାଙ୍କର ସ୍ୱର୍ଗାରୋହଣ ପରେ ତାଙ୍କର ଏକମାତ୍ର ପୁତ୍ର ହରିବଂଶଙ୍କର ଅପରିପକ୍ୱ ଅବସ୍ଥାରେ ମୃତ୍ୟୁ ହେତୁ ବଂଶର ମାନମର୍ଯ୍ୟାଦା, ବୁନିଆଦୀ ଆଦିର କାଗଜପତ୍ର ଉଇ କିମ୍ବା ଅଗ୍ନି ଦ୍ୱାରା ନଷ୍ଟ ହୋଇ ଯାଇଛି ଶୁଣିବାକୁ ପାଇ ତାଙ୍କର ଗୁଣାବଳୀର ପୁରସ୍କାର ସ୍ୱରୂପ ମାନପତ୍ର ଦେଖାଇବା ସମ୍ଭବ ହେଉନି ମାତ୍ର ଏ କଥା ସତ୍ୟ ଯେ ୧୯୫୨-୫୩ ମସିହାର ଏକ ଦିନକର ଘଟଣା, ଯେଉଁଦିନ ଶିକ୍ଷା ବିଭାଗର ଡି.ପି.ଆଇ. ଆସିଥାନ୍ତି ସ୍କୁଲ ପରିଦର୍ଶନରେ। ପଣ୍ଡିତ ମହାଶୟ ସପ୍ତମ ଶ୍ରେଣୀରେ ଗଣିତ କ୍ଲାସ ନେଉଥାନ୍ତି । ଡି.ପି.ଆଇ ଆସି ତାଙ୍କ ପଢ଼ା ଦେଖି ତାଙ୍କୁ କିଛି ନ କହି ଚାଲିଗଲେ ଏବଂ ତାଙ୍କର ପାଠପଢ଼ାର ଶୈଳୀ ଶିକ୍ଷା ବିଭାଗର ଅଧ୍ୟାପକ ଓ ପ୍ରଧ୍ୟାପକଙ୍କୁ ଡକାଇ କହିଲେ । ସେହି ପଣ୍ଡିତ ମହାଶୟଙ୍କୁ ଦେଖିବା ତଥା ତାଙ୍କୁ ବୀଜଗଣିତର ବିନା ସାହାଯ୍ୟରେ କିପରି ଅଙ୍କ କଷା ଯାଇ ଅଳ୍ପ ସମୟରେ ସଠିକ୍ ଉତ୍ତର ବାହାର କରିବାର ପଣ୍ଡିତେ ସିଦ୍ଧହସ୍ତ ଥିଲେ ତାହା ତାଙ୍କୁ ପରୀକ୍ଷା କରିଥିଲେ ଏବଂ ପଣ୍ଡିତ ମହାଶୟ ଅକ୍ଳେଶରେ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେଇ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପଡ଼ିଲେ ।

ପଣ୍ଡିତ ଭାଗବତ ମିଶ୍ରଙ୍କ ଉପରେ ଲେଖି ବସିଲେ ପୁସ୍ତକଟିଏ ହେବ, ମାତ୍ର ପ୍ରବନ୍ଧର ସୀମିତ କଳେବର ଦୃଷ୍ଟିରୁ ତାଙ୍କରି ବିଷୟରେ ଠିକେ ଠିକେ ଏଇ ଦି'ପଦ-

ସେ ଥିଲେ ଜଣେ କୃଷ୍ଣଭକ୍ତ । କୃଷ୍ଣ କଥାରେ ସେ ବିହ୍ୱଳ ହୋଇ ପଡ଼ନ୍ତି । ତାଙ୍କର କୃଷ୍ଣ ଅର୍ଜିତ ପ୍ରାଣ, କୃଷ୍ଣ ଅର୍ପିତ ମନ ସର୍ବଦା କୃଷ୍ଣ ଧ୍ୟାନରେ ନିମଗ୍ନ ଥାଏ ।

ସେ ଥିଲେ ଜଣେ ପ୍ରବୀଣ ନ୍ୟାୟ ନିଶାପକାରୀ । ଗ୍ରାମ ମାନଙ୍କରେ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟା ନେଇ ଗଣ୍ଡଗୋଳ, ଅଶାନ୍ତ ସମୟରେ ସେ ଆହୂତ ହୋଇ ପ୍ରକୃତ ନ୍ୟାୟ ଦେଇଥାନ୍ତି ।

ସେ ଥିଲେ ଜଣେ ଈଶ୍ୱର ବିଶ୍ୱାସୀ, ଧର୍ମ୍ମ ପରାୟଣ, ଆଦର୍ଶ ପୁରୁଷ । ଏହା ତାଙ୍କ ଚରିତ"ଜ୍ଞାନାଞ୍ଜନ" ପ୍ରମାଣ ଦିଏ ।

୧୯୭୧ ମସିହା ଜାନୁଆରୀ ମାସ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ସେ ଇହଲୀଳା ସମ୍ବରଣ କଲେ । ତାଙ୍କର ତିରୋଧାନରେ କେବଳ ନରସିଂହପୁର କାହିଁକି ସମଗ୍ର ଉତ୍କଳ ପ୍ରଦେଶର ଶିକ୍ଷାକ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ଘଟିଥିଲା ।

Digitized by PPRACHIN, SOA

ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ''ର କବି ଇଂ ବନମାଳୀ ପଣ୍ଡା ଅରାଟ ଜନନୀ ବିଳାପ ମାଧ୍ୟମରେ ତାଙ୍କ ସମ୍ପର୍କରେ ଯଥାର୍ଥରେ ପ୍ରକାଶ କରିଛନ୍ତି ।

ସୁଯୋଗ୍ୟ କୁମର ମୋର ପ୍ରିୟ ଭାଗବତ
ଭାଗବତ ପରି ତୋର କୀରତି ଶାଶ୍ୱତ ।
ପଣ୍ଡିତ ପଣରେ ଦକ୍ଷ କରମେ ତତ୍ପର
ପ୍ରବୀଣ ଶିକ୍ଷକଭାବେ ତୋ ନାମ ଅମର ।
ଜ୍ଞାନରେ ତୁ ଥିଲୁ ମୂର୍ତ୍ତି-ମନ୍ତ ଅବତାର
ଲାଭ କରିଥିଲୁ ଅକ୍ଷ ଭାରତୀ ଭଣ୍ଡାର ।
ସ୍ମରଣ ଶକତି ତୋର ଅତୀବ ଶାଣିତ
''ଜୀବନ୍ତ ପୁସ୍ତକାଗାର'' ରୂପେ ତୁ ବିଦିତ ।
ଜ୍ଞାନ ଆହରଣେ ତଥା ଜ୍ଞାନ ବିତରଣେ
ଗଭୀର ଭାବରେ ତୋଷ ଲଭୁଥିଲୁ ମନେ ।
ସରଳ ଜୀବନ ସହ ସମୁଚ୍ଚ ଚିନ୍ତନ
ଏ ଦୁଇଟି ବ୍ରତରୂପେ କରିଛୁ ପାଳନ ।
ପୂର୍ବ ପୁଣ୍ୟଫଳେ ତୋତେ ଲଭିଥିଲି ଧନ
ତୋହର ଲାଗି ନିଜକୁ ମଣୁଅଛି ଧନ୍ୟ ।

❑ ❑ ❑

Digitized by PPRACHIN, SOA

ସାଧୁକବିଙ୍କ କାବ୍ୟ-ଉପବନ : ଏକ ଝଲକ

ଇଂ ଗିରିଧାରୀ ଗା'ଣ

ସମୟ କଥା କୁହେ । ପରିସ୍ଥିତିରେ ପଡ଼ିଲେ ମାନବର ସ୍ୱରୂପ ଜଣାପଡ଼େ ଠିକ୍ ଅଗ୍ନିରେ କାଞ୍ଚନ ପରୀକ୍ଷା ହେବା ସଦୃଶ । ସୁବର୍ଣ୍ଣର ସହଜାତ ପ୍ରବୃତ୍ତି ପ୍ରାଥମିକ ଅବସ୍ଥାରେ କୋମଳ କିନ୍ତୁ ଏକ ସ୍ୱତନ୍ତ୍ର ରୂପ ପାଇ ସେ ହୁଏ କଠିନ । ମଣିଷ ସୁବର୍ଣ୍ଣର ପ୍ରବୃତ୍ତି ସ୍ୱରୂପ । ମଣିଷ ଯଦି ସୈନିକ, ଶିକ୍ଷକ କିମ୍ୱା କବିଙ୍କ ଆସନରେ ଆସୀନ ହୁଏ, ତେବେ ସେ ସମାଜରେ ନିତ୍ୟନୈମିତ୍ତିକ ଘଟୁଥିବା ଅନୀତିମୂଳକ କାର୍ଯ୍ୟକଳାପରେ ସ୍ୱର ଉତ୍ତୋଳନ କରି ବସେ । ଜବିରେବ ପ୍ରଜାପତି-କବି ହିଁ ଦ୍ୱିତୀୟ ଈଶ୍ୱର । ସେ ସମାଜର ଜାଗ୍ରତ ପ୍ରହରୀ । ସମାଜରେ ଅନ୍ୟାୟ ଅନୀତି ବଢ଼ି ଚାଲିଲେ ସେ ସମୀଅସ୍ତ୍ର ଧାରଣ କରି ସମୁଚିତ ଶିକ୍ଷା ଦେଇଥାଏ ସମାଜକୁ । ଏଇ ପରିପ୍ରେକ୍ଷୀରେ ନରସିଂହପୁରରେ ପ୍ରଜା ଆନ୍ଦୋଳନ ବେଳେ ସାଧୁ କବି*ଙ୍କ ଜାତୀୟତାବାଦର ସ୍ଫୁରଣ ହୁଏ -

ହୃଦ କାନ୍ଦୁଛିରେ ମନେ ପଡ଼ିଗଲେ
ରାଜ ରାଜୁଡ଼ାଙ୍କ ଚାଟୁକାର ବଳ
କି କହିବି ଭାଇ ଯାହା କଲେ...

x x x x x

ଉଡ଼ିବ ଜୟ ପତାକା ଉଡ଼ିବ ଉଡ଼ିବରେ

x x x x x

* ସାଧୁକବିଙ୍କ ଆବିର୍ଭାବ ୧୯୧୦ ମସିହା, ତିରୋଧାନ ୧୯୭୮ ମସିହା

Digitized by PPRACHIN, SOA

ଏତଦ୍ ବ୍ୟତୀତ ଦ୍ୱିବିଧ ଅର୍ଥ ବୋଧକ କବିତା ପାଠ କରି ସାଧୁ କବିଙ୍କ କାବ୍ୟ ପ୍ରତିଭା କିପରି ମହାନ ଥିଲା, ତାହା ଜାଣିପାରିବା । କବି ସମ୍ରାଟ ଉପେନ୍ଦ୍ରଭଂଜଙ୍କ ଶୈଳୀ ସହ କିପରି ସାମଞ୍ଜସ୍ୟ ରହୁଛି ତାହା ବିଦଗ୍ଧ ପାଠକ ପାଠକରି ବିଚାର କରିବେ । ସାଧୁକବି ଆଜି ସ୍ମରଣୀୟ ଏବଂ ଅରାଟ ଜନନୀ ଏପରି ଯୋଗ୍ୟ ପୁତ୍ରକୁ ହରାଇ ଝୁରୁଛି ଅନବରତ ।

ପ୍ରତିଭାଧର ଇଂ ଗିରିଧାରୀ ଗା'ଣ ଲେଖିଛନ୍ତି ମନୋଜ୍ଞ ମଞ୍ଜୁଳ ଭାଷାରେ ଏହି ସାଧୁ କବିଙ୍କ ବିଷୟରେ ।

ଆସନ୍ତୁ ତାହା ପାଠ କରିବା -

ଆତ୍ମାର ଆଲୋକରେ ଭାବ ଯେଉଁଠି ତେଜୋଦୀପ୍ତ, ପ୍ରାଣର ମୂର୍ଚ୍ଛନାରେ ଭାଷା ଯେଉଁଠି ରଞ୍ଜିମନ୍ତ, ସମୟର ଆହ୍ୱାନରେ ଭାଷା ଯେଉଁଠି ଭାବ ମନ୍ଦାକିନୀର ଫେନିଳ ତରଙ୍ଗରେ ରସାଣିତ, ସେଇଠି ସାହିତ୍ୟର ମୋହନ ବେଣୁ ବାଜି ଉଠେ । ସାହିତ୍ୟ ଓ ସମାଜ ପରସ୍ପର ପରାଗ ସଙ୍ଗମୀ- ଜଣେ ପ୍ରକୃତି, ଅନ୍ୟ ଜଣେ ପୁରୁଷ । ସେପରି ବେଦ ଓ ଛନ୍ଦ, ସଂହିତା ଓ ସାବିତ୍ରୀ । ଜଣେ ଅନ୍ୟ ଜଣକୁ 'ଚରୈବେତି' 'ଚରୈବେତି' ପ୍ରେରଣା ଦେଇ ଆଗେଇ ନିଏ । ବିଭୂତି ଯୋଗର ମହତ୍ ଅହଂକାରକୁ ଗ୍ରହଣ କରି, ସାହିତ୍ୟ ସମାଜକୁ ସର୍ବୋତ୍ତମ କରି ତୋଳିବାକୁ ଚେଷ୍ଟାକରେ । କେହି କେହି ସମାଜର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଜେଲ ହାଜତରେ ଅନ୍ଧକାରରେ ସଢ଼ି ଶରୀରର ଫସଫରସକୁ ଜାଳି ସୁଦ୍ଧା ଜଗତକୁ ଆଲୋକ ଦେଖାଇଥାନ୍ତି । ସମାଜ ଆଖିରେ ଲୁହ ଦେଖିଲେ ସେମାନେ କାନ୍ଦନ୍ତି ଓ ସମାଜ ମୁହଁରେ ହସ ଦେଖିଲେ ସେମାନଙ୍କ ମନରେ ହସର ଶତଦଳ ଫୁଟି ଉଠେ ।

ଯେତେବେଳେ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲି ତାକୁ ଅନ୍ୟାୟ ବୋଲି ଅଭିହିତ କରି ଜେଲ, ଜୋରିମାନା ଦିଆଯାଉଥିଲା; ଏପରିକି ଛତାଟେକି ଥାନା ଆଗରେ ଲୋକେ ଯାଇ ପାରୁ ନଥିଲେ ; ଯେତେବେଳେ ଉନ୍ନତିର ବାହାନାରେ ବେଠି ଖଟାଇ ମାଡ଼ ଅତ୍ୟାଚାରରେ ଲୋକଙ୍କୁ ହନ୍ତସନ୍ତ କରାଯାଉଥିଲା, ଏହା ସେହି ସମୟର କଥା । ଇଂରେଜ ଶାସନରେ ଅତ୍ୟାଚାରକୁ ସମାଧି ଦେଇ, ମୁକ୍ତିର ମନ୍ଦାକିନୀକୁ ଧରାପୃଷ୍ଠରେ ବୁହାଇ ଦେବାକୁ ସତେ ଯେମିତି ଏ ଜାତି, ଭଗୀରଥର ଶପଥ ନେଇଥିଲା । ସେତେବେଳେ ଜନ ଆନ୍ଦୋଳନର ପୁରୋଭାଗରେ ଥିଲେ ବହ୍ନିମାନ ନେତା ପଣ୍ଡିତ ରଘୁନାଥ ମିଶ୍ର, ଆର୍ତ୍ତତ୍ରାଣ ରାଉତ, ଲୋକନାଥ ପଣ୍ଡା, ଆନନ୍ଦ ଚନ୍ଦ୍ର ପଣ୍ଡା, ବିଦ୍ୟାଧର ନାୟକ, ସର୍ବତ୍ର ପ୍ରଜାଆନ୍ଦୋଳନ ଗର୍ଜ୍ଜନଶୀଳ ଚାଳିଶା ।

Digitized by PPRACHIN, SOA

ସାଧୁ କବିଙ୍କ ଦୁର୍ବାର କଲମରୁ ନିମ୍ନୋକ୍ତ କବିତାର ସ୍ଫୁରଣ ଘଟିଥିଲା । ଯେଉଁଥିରୁ ତାଙ୍କର ନିର୍ଭିକ ଜାତୀୟତାବାଦର ପରିଚୟ ମିଳେ ।

ହୃଦ କାନ୍ଦୁଛିରେ ମନେ ପଡ଼ିଗଲେ
ରାଜ ରାଜୁଡ଼ାଙ୍କ ଚାଟୁକାର ଦଳ
କି କହିବି ଭାଇ ଯାହା କଲେ ।୦।
ଠାକୁରଙ୍କ ଜମି ହେଲା ସଂଜ୍ଞା
କାଟି ଦେଲେ ଯେତେ ପୂର୍ବ ଖଞ୍ଜା
ଖୁଆଇଲେ ଖଡ଼ା ବୁଲାଇଲେ ବେଢ଼ା
ତାଙ୍କ ଧନେ ଘର କୋଠା କଲେ ।୧।
ଜଙ୍ଗଲକୁ ଗଲେ ଯୋତା ମାଡ଼
ଜଗି ରହିଲେ ପୋଲିସ ଗାର୍ଡ଼
କାଠ ବାଂଶ ଖଣ୍ଡେ ନ ପାଇଲେ କେହି
ଏ ମୋ' ଜଙ୍ଗଲ ରେଞ୍ଜର ବୋଲେ ।୨।
ମେମ୍ବର ସର୍ବରାକାର ମିଳି
ଘରୁ ପଠାଇଲେ ଖୋଜି କାଳି
କିଏ ନ ଖାଇଛି କିଏ ନ ସହିଛି
ମାଡ଼ ଅତ୍ୟାଚାର ଦିନେ ହେଲେ ।୩।
ଉଗ୍ରସର ବାବୁ ମହାନ ସେ
ଥାନ୍ତି ବନ୍ଧ ମାଟି ଖୋଳା ପାଶେ
ବନ୍ଧ ପରେ ରହି କାଳନ୍ଦୀ * କିମ୍ପାଇ
ମାଟି ନ ଆସିଲା ଡାକ ଦେଲେ ।୪।
ଗୁହାରିତ କେହି ନ ଶୁଣିଲେ
ପାଦେ ପଡ଼ି ଅନୁନୟ କଲେ
ହତାଶ ହୋଇଣ ପ୍ରାଣ ବିକଳରେ
ଖଲାସୀକୁ ଦୁଃଖ ଜଣାଇଲେ ।୫।
ପାଶୋରି ଦେଲେଣି କେତେ ଆଜି
ଖାଇ ରଜାଘର ଭାତ ଭୋଜି
''ଦେବ ଦେବ ବାହାନ ପଛରୁ ପାଇଲେ
ଧ୍ୱଜା'' କରି ମୁଣ୍ଡେ ମୁଣ୍ଡାଇଲେ ।୬।

କାଳନ୍ଦୀ - କନେଷ୍ଟବଳ
(ଦେବ ଦେବ ବାହାନ.... ଧ୍ୱଜା - ବୃକ୍ଷାଙ୍କିତ ପତାକା (ନରସିଂହ ପୁର ରାଜାଙ୍କ ନିଶାଣ)

Digitized by PPRACHIN, SOA

ଧନ୍ୟ ସାଧୁ କବ... ଅସୀମ ଦୁଃଖ ଜର୍ଜରିତ ହୃଦୟରେ ଦେଶ ପ୍ରେମର ଦୁର୍ବାର ସାହସ । ସମସ୍ତଙ୍କ ଆଖିରେ ଲୁହ.... ସେ ଦିନ ନରସିଂହପୁର ଗଡ଼ର ବିରାଟ ଜନସଭାରେ ଲେଖକଙ୍କ ସାନଭାଇ ଗାୟକ ଗୁରୁଚରଣ ସୁଲଳିତ ସ୍ୱରରେ ଏ ଗୀତ ଶେଷ ହେବା ବେଳକୁ ସମସ୍ତଙ୍କ ଆଖିରେ ଧାରା ଶ୍ରାବଣ... । ଦେଶ ପ୍ରେମର ସଂଜୀବନୀରେ ସମସ୍ତଙ୍କ ପ୍ରାଣ ଉଲ୍ଲସିତ ହୋଇ ଯାଇଥିଲା । ସ୍ୱାଧୀନତା ପ୍ରାପ୍ତି ଯଦି ଆଉ ବେଶୀ ଦିନ ଡେରି ଥାଆନ୍ତା ତେବେ ଲେଖକ ଓ ଗାୟକ ଉଭୟଙ୍କୁ ଜେଲ ବରଣ କରିବାକୁ ପଡ଼ିଥାଆନ୍ତା । ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତ ... ଆସୁଥିବାରୁ ନିର୍ବଳ ରାଜତନ୍ତ୍ର ଏ ଦିଗରେ ସାହସ କରି ପାରି ନଥିଲେ ... କ୍ରମେ ଏ ଉଭୟେ ଆଜି ଇହଧାମରୁ ବିଦାୟ ନେଲେଣି ।

ସାଧୁ କବିଙ୍କ ଆଉ ଏକ କବିତାରେ କିଭଳି ଦେଶପ୍ରେମ ଉଦ୍‌ବେଳିତ ହୋଇ ଉଠିଛି, ଲକ୍ଷ୍ୟ କରାଯାଇ ପାରେ ।

"ଉଡ଼ିବ ଜୟ ପତାକା ଉଡ଼ିବ ଉଡ଼ିବରେ
ବ୍ରିଟିଶ ଭାରତ ଦେଶ ଛାଡ଼ିବ ଛାଡ଼ିବରେ
ଲଂଘିଲେ ସାଗର ଜଳ ରଖିବକି ଥଳକୂଳ
ଗର୍ବ ଦମ୍ଭ ସମୂଳକୁ ତାଡ଼ିବ ତାଡ଼ିବରେ....

X X X X X

ଉପେନ୍ଦ୍ରଭଂଜ ଏକ ଆଦର୍ଶ ଶୈଳୀର ଉତ୍ତୁଙ୍ଗ ହିମାଳୟ.. ଯାହାଙ୍କର ଖ୍ୟାତି ଓଡ଼ିଶା ଓ ଭାରତର ସୀମାଟପି ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠିତ । ତାଙ୍କର ସ୍ୱର୍ଗଚୁମ୍ବୀ ମହାନତାରେ ଉଦ୍‌ବୁଦ୍ଧ ହୋଇ ବହୁକବି ଓ ଲେଖକ କବିତା ରଚନା କରିଥିଲେ ଉଣା ଅଧିକେ ତାଙ୍କରି ଶୈଳୀକୁ ପାଥେୟ କରି । ଏଇମାନେ ଅବକ୍ଷୟମାନ ସମାଜର ମୂଳରେ ସାର ଓ ଔଷଧ ଦେଇ ତାକୁ କାର୍ଯ୍ୟକ୍ଷମ କରିବାରେ ବ୍ରତୀ ଥିଲେ । ଆର୍ଥିକ ଅନାଟନ ଭିତରେ, ପ୍ରଚାର ପ୍ରସାର ଓ ପୃଷ୍ଠପୋଷକତା ବିହୀନ ଏମାନେ ଆଞ୍ଚଳିକ କବି ଭାବରେ ପ୍ରସିଦ୍ଧିଲାଭ କରିଥିଲେ । କବି ସାଧୁଚରଣ ଗା'ଣ ସେହିଭଳି ଜଣେ ନୀରବ ସାଧକ । ତାଙ୍କର ସାହିତ୍ୟକୃତି ମାନଙ୍କ ମଧ୍ୟରେ ମହାଭାରତ, ଆଶଙ୍କା ନୈଷଧ କାବ୍ୟ, ତାଣ୍ଡବ ନୃତ୍ୟ, ଉଷା ଉପାଖ୍ୟାନ, କାଞ୍ଚି ବିଜୟ, ସୀତା ବିବାହ, ବଭ୍ରୁବାହନ, ଦଶାବତାର ପ୍ରଭୃତି ବିଶେଷ ପ୍ରଣିଧାନ ଯୋଗ୍ୟ ।

ପ୍ରବନ୍ଧର ସୀମିତ ସରହଦ ଦୃଷ୍ଟିରୁ ମାତ୍ର ଗୋଟିଏ ଦୁଇଟି ଉଦାହରଣ ମାଧ୍ୟମରେ ତାଙ୍କର କବିତ୍ୱର ଅବତାରଣା କରିବା ଶ୍ରେୟ ହେବ । ଏଇ ପ୍ରସଙ୍ଗରେ

Digitized by PPRACHIN, SOA

ତାଙ୍କର ଦ୍ୱିବିଧ ଅର୍ଥବୋଧକ ଜଣାଣରୁ ଗୋଟିଏ ଦୁଇଟି ପଦ ଆଲୋଚନାକୁ ନିଆଯାଉ ।

ପ୍ରଥମ ଉଦାହରଣ :-

ରାମଶ୍ୟାମ ରୂପେ ପ୍ରଭୁ ଭୂସୁର ବଂଶେ ଉପୁଭି
ଗୋପେ ନରକିନ୍ନରଙ୍କୁ ତାରିବାରେ ସଦାମତି
ବିଶ୍ୱାମିତ୍ରଙ୍କ ସହିତ ସମର କରି ବହୁତ
ମାରିଚ ସୁବାହୁ ଦୈତ୍ୟ ଛଡ଼ାଇ ମନରୁ ଭ୍ରାନ୍ତି... ।୧।

ରାମଙ୍କ ଅର୍ଥରେ - ରାମ ଶ୍ୟାମଳ ରୂପ ଧାରଣ କରି ଭୂ ଯେ ପୃଥିବୀରେ ସୁର ଅର୍ଥାତ ସୂର୍ଯ୍ୟବଂଶରେ ଜନ୍ମଲାଭ କରିଥିଲେ । ଗୋପେ ଅର୍ଥାତ୍ ଗୋପନରେ କିନ୍ନରାଦି ଅଷ୍ଟବସୁଙ୍କୁ ତାରଣ କରିବାକୁ ସଦାବ୍ରତୀ । ବିଶ୍ୱାମିତ୍ରଙ୍କ ସଙ୍ଗରେ ଯାଇ ସୁବାହୁ ରାକ୍ଷସକୁ ହତ୍ୟା କରିଥିଲ ।

କୃଷ୍ଣଙ୍କ ଅର୍ଥରେ - ରମଣୀୟ କୃଷ୍ଣରୂପରେ ଯଦୁବଂଶରେ ଜନ୍ମ ହୋଇ ଗୋପପୁରରେ ବଢ଼ିଲ । ଦେବତା ଓ କିନ୍ନରଙ୍କୁ ତାରିବାରେ ସଦାବ୍ରତୀ, ବିଶ୍ୱାସରେ ମିତ୍ର, ସୁଦାମ, ସୁବଳ ପ୍ରଭୃତି ସଖାଙ୍କ ସଙ୍ଗେ ବୃନ୍ଦାବନରେ ସୁବାହୁ ଅର୍ଥାତ୍ ମହାବଳୀ ରାକ୍ଷସକୁ ବଧ କରିଥିଲ ।

ଦ୍ୱିତୀୟ ଉଦାହରଣ :-

ଗମନ ପଥରେ ନାରୀ ବିଦେହ ମୂର୍ଚ୍ଛି ନ ପାରି
ପ୍ରଭୁ ଚାପ ଭଗ୍ନ କରି ରଖିଲ ଅକ୍ଷୟ କୀର୍ତ୍ତି
ବନେ ସହୋଦର ସଂଗେ, କ୍ରୀଡ଼ା କରି ନାନା ରଙ୍ଗେ
ଜଟାବାନ୍ଧି ଉତ୍ତମାଙ୍ଗେ ବିଚ୍ଛେଦ ହେଲା ଯୁବତୀ... ।୨।

ରାମଙ୍କ ଅର୍ଥରେ - ଆପଣଙ୍କ ଯାତ୍ରାପଥରେ ପଥରରେ ପାଦ ବାଜିବାରୁ ଅହଲ୍ୟା ଉଦ୍ଧାର ପାଇଲା । ବିଦେହ ଯେ ମିଥିଳାରେ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲ । ଭାଇ ଲକ୍ଷ୍ମଣଙ୍କ ସଙ୍ଗେ ମୁଣ୍ଡରେ ଜଟା ବାନ୍ଧି ବନବାସ କଲା ସମୟରେ ସୀତାଙ୍କୁ ହରାଇଲା ।

କୃଷ୍ଣଙ୍କ ଅର୍ଥରେ - ବୃନ୍ଦାବନକୁ ଗାଈ ନେବା ସମୟରେ ବିଦେହ ଯେ କନ୍ଦର୍ପତାପରେ ଗୋପୀମାନେ ମୂର୍ଚ୍ଛିତା ହୋଇ ଯାଉଥିଲେ । କଂସର ଧନୁକୁ ଭଗ୍ନ କରି କଂସକୁ ମାରି ଅକ୍ଷୟ କୀର୍ତ୍ତି ଅର୍ଜନ କଲ । ବଡ଼ଭାଇ ବଳରାମଙ୍କ ସଙ୍ଗେ ବୃନ୍ଦାବନରେ ବିହାର କଲାବେଳେ ରାଧାଙ୍କ ବିଚ୍ଛେଦ ହେବାରୁ ଯୋଗୀ ବେଶ ଧରି ମୁଣ୍ଡରେ ଜଟାବାନ୍ଧି ରାଧାଙ୍କ ମାନ ଉଦ୍ଧାରଣ କରିଥିଲ ।

Digitized by PPRACHIN, SOA

....ଇତ୍ୟାଦି .....ଇତ୍ୟାଦି... ।

ଅଙ୍କ ପାଠପଢ଼ି କିମ୍ବା ଆଦୌ ନ ପଢ଼ି ଏପରିକି ବର୍ଷା ହେଲେ ମଧ୍ୟ ସ୍କୁଲ କଲେଜ ବାରଣ୍ଡାକୁ ଉଠି ଯାଇ ନଥିବା ବହୁ କବି ଲେଖକଙ୍କ ବିଭବରେ ଆମର ବାଣୀ ଭଣ୍ଡାର ଭରପୂର । ତାଙ୍କର ଲେଖା ମଧ୍ୟ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟପୁସ୍ତକରେ ଅଳଂକୃତ । କବି ସାଧୁଚରଣ ସେଇଭଳି ଜଣେ ପ୍ରତିଭା ପୁରୁଷ । ଅଭାବ ଅନାଟନ ତାଙ୍କ ଜୀବନର ସାଙ୍ଗ ସାଥି । କର୍ମକ୍ଷେତ୍ରରେ ଲହୁ ଲୁହାଣ ହୋଇ କାମ କଲାବେଳେ ମଧ୍ୟ ଈଶ୍ୱର ତଥା ସାହିତ୍ୟରସରେ ସେ ନିମଜ୍ଜିତ ହୋଇ ରହୁଥିଲେ । ତାଙ୍କ କଲମରୁ ଝରିଥିବା ବହୁ କାବ୍ୟ, କବିତା, ଜଣାଣ ଓ ଭଜନ ଏବେ ମଧ୍ୟ ଦଣ୍ଡ, ସଂକୀର୍ତ୍ତନ ମଣ୍ଡଳି ଓ ପାଲା ପରିବେଷଣରେ ପ୍ରତିଧ୍ୱନିତ । ତାଙ୍କର ସାନଭାଇ ପ୍ରଖ୍ୟାତ ଗାୟକ ଶ୍ରୀଯୁକ୍ତ ମାଧବଚନ୍ଦ୍ର ସୁବୁଦ୍ଧି ମଧ୍ୟ ପାଲା ପ୍ରସଙ୍ଗରେ ତାଙ୍କର ସାହିତ୍ୟକୁ ବ୍ୟାଖ୍ୟାନ କରି ତାଙ୍କୁ ଲୋକ ଲୋଚନକୁ ଆଣିବାରେ ସାହାଯ୍ୟ କରିଛନ୍ତି । ବହୁ ଗାୟକ ଓ ସାହିତ୍ୟପ୍ରେମୀଙ୍କ ପାଖରେ ଥିବା ପାଣ୍ଡୁଲିପିକୁ ଏକତ୍ର କରି ଗ୍ରନ୍ଥ ରୂପ ଦେବା ପାଇଁ ତାଙ୍କର ସୁପୁତ୍ର ରଣଜିତ ଗା'ଣ ଉଦ୍ୟମ କରିବାର ଶୁଣାଯାଉଛି । ତାହା ହୋଇ ପାରିଲେ ରାଧାନାଥ, ଗଙ୍ଗାଧର, କୃଷ୍ଣପ୍ରସାଦ ଓ ବୈଷ୍ଣବ ପାଣି ପ୍ରଭୃତିଙ୍କ ଶୈଳୀରେ ରଚିତ ଓ ସମାହିତ ତାଙ୍କର କୃତିରାଜି ଯୁଗ ଯୁଗ ଧରି ଜନ ମାନସକୁ ମୁଗ୍ଧ କରିବା ସଙ୍ଗେ ସଙ୍ଗେ ନରସିଂହପୁର ଗୌରବ ମଣ୍ଡନ କରିବ ।

❑ ❑ ❑

Digitized by PPRACHIN, SOA

ଝରା ଶେଫାଳି

ଶ୍ରୀ ବିନାୟକ ମିଶ୍ର

ସାହିତ୍ୟ ସାଧନା ସହିତ ସମାଜ ସେବାରେ ନିଜକୁ ଜଡ଼ିତ କରିଥିବା ଯୁବକବି ଶ୍ରୀ ବିନାୟକ ମିଶ୍ର ସ୍ୱର୍ଗତ ପଣ୍ଡିତ ବିଶ୍ୱନାଥ ମିଶ୍ରଙ୍କ ସମ୍ବନ୍ଧରେ ଗଳ୍ପ ମାଧ୍ୟମରେ ତାଙ୍କରି ପରିଚୟ, ବାଣୀ ଆରାଧନା ଓ କୃତି ସମ୍ବନ୍ଧରେ ଅତି ମନୋଜ୍ଞ ମଞ୍ଜୁଳ ଭାବରେ ଉପସ୍ଥାପନା କରିଛନ୍ତି । ବିଶ୍ୱନାଥ ମିଶ୍ର ଆଉ ଇହଧାମରେ ନାହାନ୍ତି ସତ, ମାତ୍ର ତାଙ୍କ ବିରଚିତ ପୁସ୍ତକ "ପେଟ", "ମହାମାନବ ଗାନ୍ଧୀ" ଓ "ଶିବ ସଂସାର ସଭ୍ୟତା' ତାଙ୍କୁ ଅମର କରିଛି । ଏହି ତିନ ଖଣ୍ଡ ପୁସ୍ତକ ମଧ୍ୟରୁ 'ପେଟ' ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓ ପୁରସ୍କୃତ ହେବାରେ ସେ ହେଉଛନ୍ତି ନରସିଂହପୁରର ସର୍ବପ୍ରଥମ ଲେଖକ ।

ଶ୍ରୀ ବିନାୟକ ମିଶ୍ର ସେହି ଅମିତପ୍ରଭ ସାହିତ୍ୟ ସାଧକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ସମୟରେ ଯାହା ଅଙ୍ଗେ ନିଭେଇଛନ୍ତି ତାକୁ ପ୍ରାକ୍ କଥନରେ ପରିପ୍ରକାଶ କରି ବିଷୟବସ୍ତୁକୁ ଅଧିକ ଜୀବନ୍ତ ଓ ରସୋତ୍ତୀର୍ଣ୍ଣ କରିଛନ୍ତି ।

ଆସନ୍ତୁ ପାଠ କରିବା ହରିଚନ୍ଦନପୁର ନିବାସୀ ଧୀମାନ, ମେଧାବୀ, କଷ୍ଟସହିଷ୍ଣୁ, କର୍ତ୍ତବ୍ୟ ନିଷ୍ଠ, କବି, ଗାଳ୍ପିକ ଔପନ୍ୟାସିକ ତଥା ସଂଗଠକ ସ୍ୱର୍ଗତ ବିଶ୍ୱନାଥ ମିଶ୍ରଙ୍କୁ ଶ୍ରୀ ବିନାୟକ ମିଶ୍ରଙ୍କ ଲିଖିତ "ଝରା ଶେଫାଳୀ" ଗଳ୍ପ ମାଧ୍ୟମରେ ।

ପ୍ରାକ୍ କଥନ

ରବିବାରର ଅଳସୁଆ ସକାଳ । ମୁଁ ପହଞ୍ଚିଲି ହରିଚନ୍ଦନପୁର ଶାସନରେ । ଗାଁ ମୁଣ୍ଡ ପୁରୁଣା କୋଠା ଘରଟି ବୈଦ୍ୟନାଥ ମିଶ୍ରଙ୍କର । ସେ ପଣ୍ଡିତ ବିଶ୍ୱନାଥ ମିଶ୍ରଙ୍କର କକେଇ ପୁଅ ଭାଇ । ଅଶୀବର୍ଷର ବୃଦ୍ଧ । ଦୀର୍ଘ ଦୁଇ ବର୍ଷରୁ ଅଧିକ କାଳ ରୋଗ ଶଯ୍ୟାରେ ପଡ଼ିଛନ୍ତି । ମୋର ପରିଚୟ ପାଇଲା ପରେ ତାଙ୍କର ଆଖି ଛଳ ଛଳ ହୋଇ ଉଠିଲା । କଣ୍ଠ ବାଷ୍ପରୁଦ୍ଧ ହୋଇ ଆସିଲା । ଆବେଗମୟ କଣ୍ଠରେ ସେ କହି ଉଠିଲେ ତାଙ୍କ ଭାଇନା ପଣ୍ଡିତ ବିଶ୍ୱନାଥ ମିଶ୍ରଙ୍କ ଜୀବନରୁ କିଛି ! ଆସିବା ବେଳକୁ ପୁଣି ପଚାରିଲେ - "ବାପା ! ଏ ବହି କେବେ ଛପା ହେବ ? ମୋତେ ଖଣ୍ଡେ ବହି ଦବତ ? ଭଗବାନ ତୁମର ମଙ୍ଗଳ କରନ୍ତୁ ! ଏ ମୁଲକରେ କେତେ ପାଠୁଆ ବାହାରିଛନ୍ତି, ହେଲେ ଏ ପ୍ରକାର ଉଦ୍ୟମ କେହି କରି ନଥିଲେ । ଠାକୁରେ ତୁମକୁ କୋଟି ପରମାୟୁ ଦିଅନ୍ତୁ ।"

Digitized by PPRACHIN, SOA

ସେ ଦିନ ସନ୍ଧ୍ୟାରେ ଭେଟିଲି ପଣ୍ଡିତ ବିଶ୍ୱନାଥ ମିଶ୍ରଙ୍କର ପୁତ୍ର ଶ୍ରୀଯୁକ୍ତ ଶିବପ୍ରସାଦ ମିଶ୍ରଙ୍କୁ । ସେ ଜଣେ ଶିକ୍ଷାବିତ୍ । ବହୁକାଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଏବଂ ଶେଷରେ କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାର ଶିକ୍ଷା ମଣ୍ଡଳାଧୀଶ ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ତାଙ୍କଠାରୁ ଶୁଣିଲି "ମୋ ବାପାଙ୍କୁ ମୁଁ ଯେ ଭଳି ଜାଣେ" କ୍ରମରେ କଥାର କିଛି ଝଲକ ।

ଏ ଲେଖା ପାଇଁ ୰ ବୈଦ୍ୟନାଥ ମିଶ୍ର, ମୋ ଜେଜବାପାଙ୍କ ଠାରୁ ଶୁଣିଥିବା କଥା ମଧ୍ୟ ଏଥିରେ ସଂଯୋଜିତ ହୋଇଛି ।

ଯୁଗେ ଯୁଗେ ଫୁଲଫୁଟେ କଣ୍ଟା ମଧ୍ୟରେ । ଏଇ ଯେମିତି ଗୋଲାପ, ପଦ୍ମ ଆଉ କେତକୀ, ହେଲେ ଭ୍ରମର କ'ଣ କେବେ ଫୁଲକୁ ଛାଡ଼ି ଫିଟି ପାରେ ନାଁ ପାରିବ ? ଏମିତି ଜଣେ ଭ୍ରମର ଓଡ଼ିଶାର କବି, ଚିନ୍ତାନାୟକ, ସଂସ୍କାରକ ପଣ୍ଡିତ ନୀଳକଣ୍ଠ ଦାସ ଆସିଥାନ୍ତି ନରସିଂହପୁରକୁ । ସେ ଦିନ ଅଳସ ଅପରାହ୍ନରେ ସଭା ହେଉଥାଏ ନରସିଂହପୁର ସାହିତ୍ୟ ସଂସଦ ତରଫରୁ । ଖଣ୍ଡିଏ ଧଳାମେଘ ଉଠି ଆସୁଥାଏ ପଶ୍ଚିମ ଦିଗରେ । ପଣ୍ଡିତ ବିଶ୍ୱନାଥ ହଠାତ୍ ମହାକବି କାଳିଦାସଙ୍କର 'ମେଘଦୂତମ୍'ରୁ ଗୋଟିଏ ପଦ ଗାଇ ଏ ଭଳି ବ୍ୟାଖ୍ୟା କଲେ ଯେ ଉପସ୍ଥିତ ସାହିତ୍ୟ ପ୍ରେମୀମାନେ ଚକିତ ହୋଇଗଲେ । ନିଜେ ନୀଳକଣ୍ଠ ମଧ୍ୟ ସଭାପତି ଆସନରୁ ଠିଆ ହୋଇ କହିଲେ - "ମୁଁ ଭାବିଥିଲି ଏ ନରସିଂହପୁର ଜଙ୍ଗଲ ରାଜ୍ୟରେ ଗୁଡ଼ାଏ କଣ୍ଟାଗୁଳ୍ମ ଥିବ ବୋଲି କିନ୍ତୁ ଏ ଭଳି ବନସ୍ପତି ଏଠାରେ ଲୁଚି ରହିଛି ଯାହା ମୋ ଚିନ୍ତାର ବାହାରେ ଥିଲା । ଏହି ପଣ୍ଡିତ ବିଶ୍ୱନାଥ କିଏ ?

ନରସିଂହପୁର ଗଡ଼ଜାତର ହରିଚନ୍ଦନ ପୁର ଶାସନରେ ୧୯୦୪ ମସିହାରେ ଭୂମିଷ୍ଠ ହୁଅନ୍ତି ପଣ୍ଡିତେ । ପିତା ଆନନ୍ଦ ମିଶ୍ର; ମାତା ଦୁର୍ଗା ଦେବୀ । ତାଙ୍କର ଜନ୍ମ ପରେ ମାତା ଦୁର୍ଗା ଦେବୀଙ୍କର ଆନନ୍ଦ କହିଲେ ନ ସରେ । ପିତା ଆନନ୍ଦ ମିଶ୍ର ମହାଶୟ ଅତି ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିଲେ । ତାଙ୍କର ପ୍ରଧାନ ରୋଜଗାରର ମାଧ୍ୟମ ଥିଲା ପୁରୋହିତି ଏବଂ ପୋଥି ଲେଖା । ହରିବଂଶ, ଭାଗବତ, ମହାଭାରତ ପ୍ରଭୃତି ପୋଥିର ନକଲ କରି ସେ ଗୁଜୁରାଣ ମେଣ୍ଟାଉଥିଲେ । ଅତି ଗରିବ ପରିବାରରେ ଜନ୍ମ ନେଇ ମଧ୍ୟ ବିଶ୍ୱନାଥ କେବେ ନିରାଶ ହୋଇ ନଥିଲେ । ସେ କହୁଥିଲେ - "ଦୁଃଖେ ଯାର ଜୀବନ ଗଢ଼ା, ସୁଖ ତାର ଲୋଡ଼ା କିରେ" ବିବେକାନନ୍ଦଙ୍କ ବାଣୀ ଉଦ୍ଧାର କରି ।

ବାଲ୍ୟଜୀବନରୁ ସେ ଥିଲେ ଅତି ଧୀମାନ, ମେଧାବୀ, ଏବଂ କଷ୍ଟ ସହିଷ୍ଣୁ । ଭୋକ ଉପାସରେ ମଧ୍ୟ ସେ ପଢ଼ିବାକୁ ଯାଉଥିଲେ । ସେତେବେଳେ ଅନନ୍ତ ନାରାୟଣ ହାଇସ୍କୁଲ ଯେଉଁଠି ଅଛି ସେଠାରେ ରାମସେ ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲ ଥାଏ । ପ୍ରଧାନ

Digitized by PPRACHIN, SOA

ଶିକ୍ଷକ ପଣ୍ଡିତ ପୁରୁଷୋତ୍ତମ ମିଶ୍ର । ତାଙ୍କର ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଓ ସତ୍ୟବାଦୀତା ଆଦି ଭଲଗୁଣ ଗୁଡ଼ିକର ପ୍ରଭାବ ପଡ଼ିଲା ବିଶ୍ୱନାଥଙ୍କ ଉପରେ । ଦିନେ ଦିନେ ପୁରୁଷୋତ୍ତମ ମିଶ୍ର ମହାଶୟ ଦେଖୁ ଦେଖୁ ଜାଣିଯିବେ ସବୁକଥା । ପଚାରିବେ -ବିଶ୍ୱନାଥ ! ମୁହଁ ଶୁଖି ଯାଉଛି କାହିଁକି ? ଆଜି କିଛି ଖାଇନ ବୋଧେ । ଏହା କହି ପକେଟରୁ ଚାରିଅଣା କାଢ଼ି ବଢ଼ାଇଦେବେ ବିଶ୍ୱନାଥଙ୍କ ହାତକୁ । ଏହିଭଳି ଗୁରୁଶିଷ୍ୟଙ୍କର ସମ୍ପର୍କ ଅତି ମଧୁମୟ ଥିଲା । ତାଙ୍କର ସହପାଠୀମାନଙ୍କ ମଧ୍ୟରେ ଥିଲେ- କବି ଚକ୍ରଧର ମହାପାତ୍ର ଯେ'କି ପରବର୍ତ୍ତୀ ଜୀବନରେ କୁନ୍ତଳାକୁମାରୀଙ୍କର ସହଯୋଗୀ ଥିଲେ ଏବଂ ଗୋବିନ୍ଦ ଦାଶ, ଯେ ପରେ ଗୁରୁ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଥିଲେ । ଏମାନଙ୍କ ମଧ୍ୟରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ ବିଶ୍ୱନାଥ । ଦାରିଦ୍ର୍ୟତା ବଶତଃ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ମାତ୍ର ମାସିକ ଟ୧୦/- ଦରମାରେ ଦ୍ୱିତୀୟ ପଣ୍ଡିତ ପଦରେ ସେ ରାମ ସେ ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲରେ ଯୋଗ ଦେଲେ । ଚାକିରି ଜୀବନରେ କାଳକ୍ରମେ ସେ ପ୍ରଧାନ ପଣ୍ଡିତ, ସବ୍‌ଇନିସ୍‌ପେକ୍ଟର ଭାବରେ ପୁରୀ, ଶରଣ କୁଳ, ଓଡ଼ଗାଁ, ଜିଲିଣ୍ଡା ସ୍ଥାନରେ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିଛନ୍ତି । ପଣ୍ଡିତ ମହାଶୟ ଥିଲେ ଅତ୍ୟନ୍ତ ଛାତ୍ରବତ୍ସଳ । ତାଙ୍କର ଗୋଟିଏ ବିଶିଷ୍ଟ ଗୁଣଥିଲା- ସେ ଯେଉଁ ନୂତନ ସ୍ଥାନକୁ ଯିବେ ସେଠାର ଲୋକମାନଙ୍କୁ ପ୍ରଥମେ ଆୟତ୍ତ କରନ୍ତି । ତେଣୁ ଇଂରେଜ ସାହେବ ଏଚ୍.ଡି.ପି ଯେ କି ରାଜୁତ୍ୱ ଅମଳରେ ସ୍କୁଲ ଇନିସ୍‌ପେକ୍ଟର ଥିଲେ ତାଙ୍କୁ ଭାରି ଭଲ ପାଉଥିଲେ ।

ଜଣେ ସାହିତ୍ୟିକ ହିସାବରେ ସେ ଥିଲେ ଏ ଅଞ୍ଚଳର ଅତି ଜଣାଶୁଣା । ଖାଲି କବିତା ସେ ଲେଖନ୍ତି ନାହିଁ, ସଂସ୍କୃତ ଓ ଧର୍ମଗ୍ରନ୍ଥ ଗୁଡ଼ିକ ପାଠକରି ତାହାକୁ ଅନୁବାଦ କରିବା କିମ୍ବା ବିଷୟ ବସ୍ତୁର ଅନୁସରଣରେ ଗଳ୍ପ ଲେଖି ଲୋକଙ୍କୁ ଶୁଣାଇ ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥାନ୍ତି । ହରିଚନ୍ଦନପୁର ଶାସନରେ ସେ ସର୍ବପ୍ରଥମେ ଗୀତା ଜୟନ୍ତୀ ଆରମ୍ଭ କରିଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବକ୍ତା ଓ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ଗୀତା ଉପରେ ଚର୍ଚ୍ଚା କରାଉଥିଲେ ।

'ପେଟ', 'ମହାମାନବ-ଗାନ୍ଧୀ' ଓ 'ଶିବ ସଂସ୍କାର ସଭ୍ୟତା' ତ୍ରୟ ପୁସ୍ତକ ମଧ୍ୟରୁ 'ପେଟ' ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ମୁଦ୍ରିତ ଓ ପୁରସ୍କୃତ । ଏହା ବ୍ୟତୀତ ତାଙ୍କର ରଚିତ ଅନେକ ପୁସ୍ତକ ପାଣ୍ଡୁଲିପି ଆକାରରେ ଥିବା ଅବସ୍ଥାରେ ଘରପୋଡ଼ିରେ ସେ ସବୁ ଭସ୍ମୀଭୂତ ହୋଇ ଯାଇଥିଲା । ଶିକ୍ଷକ ଚାକିରିରେ ଦରମା କମ୍ ହେତୁ ପରିବାରର ଗୁଜୁରାଣ ମେଣ୍ଟାଇ ପୁସ୍ତକ ପ୍ରକାଶ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରି ନଥିଲା ।

Digitized by PPRACHIN, SOA

ଶୁଣାଯାଏ ଯେତେବେଳେ ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ନରସିଂହପୁରର ରାଜସିଂହାସନ ଆରୋହଣ କଲେ, ସେତେବେଳେ ନିଜ ଗ୍ରାମ ହରିଚନ୍ଦନ ପୁର ଶାସନରେ କବି ବିଶ୍ୱନାଥ ମିଶ୍ର ଗୋଟିଏ ସ୍ୱାଗତ ସଭାର ଆୟୋଜନ କରି ସଭାର ପ୍ରାରମ୍ଭରେ ସ୍ୱରଚିତ ସ୍ୱାଗତ ଗୀତିକା ଗାନ କରାଇଥିଲେ । ସେ କବିତାଶୁଣି ରାଜା ଅତ୍ୟନ୍ତ ମୁଗ୍ଧ ହୋଇ ପଣ୍ଡିତ ମହାଶୟଙ୍କୁ ପ୍ରଶଂସା କରି ପୁରସ୍କୃତ କରିଥିଲେ । ସେଇ କବିତା ହେଉଛି -

ତୁଟିଛିରେ କଳା ବାଦଲ ଅନ୍ଧାର, ହଟିଛିରେ ବଜ୍ର ଭୀଷଣ ପ୍ରହାର
ଛପିଛି ଚପଳା ଚକମକି ଲୀଳା, ଅରାଟ ଲୋଟେ ମଉନେ
ରାଜଶୁଭ ସମ୍ମିଳନେ,
ଆସ ଆସ ଭାଇ ! ମଙ୍ଗଳ ଧାୟୀ, ରାଜ ଶୁଭ ସମ୍ମିଳନେ ।।

ଦିନ ଯାଏ, କଥା ପଡ଼ିରହେ । ଏଇ କେତେବର୍ଷ ତଳର କଥା । ସବୁଦିନ ପାଇଁ ଏ ମୁଲକକୁ ଅନ୍ଧାର କରି ଦୀପ ଲିଭିଗଲା । ସେଇ ତାରିଖଟି ଥିଲା ୧୯୮୪ ମସିହା ନଭେମ୍ବର ୨୬ ତାରିଖ । ସମସ୍ତଙ୍କ ଆଖିରେ ଲୁହ । ପ୍ରିୟ କବି, ଲେଖକ, ଚିନ୍ତାନାୟକ ପଣ୍ଡିତ ବିଶ୍ୱନାଥ ମିଶ୍ର ଚିର କାଳ ପାଇଁ ଚାଲିଗଲେ ନଶ୍ୱର ଦେହରେ ସିନା, କିନ୍ତୁ ତାଙ୍କର ଯଶ ଦେହରେ ସେ ସର୍ବଦା ଆମ୍ଭମାନଙ୍କର ହୃଦୟରେ ରହିଛନ୍ତି ଓ ରହିବେ; ଏଥିରେ ସନ୍ଦେହର ଅବକାଶ ନାହିଁ ।

ପରିଶେଷରେ-

ପିଠିରେ ଲାଗି ଯାଉଛି ପେଟ
ଏ ପେଟ ପାଇଁ କେତେ ଯେ ନାଟ
ଆସ ହେ ଗାନ୍ଧୀ ଦେଖାଅ ବାଟ
ବିଶ୍ୱନାଥ ରଚିଲେ ଡାକ
ଏ ବୀର ମାଟି ଦାୟାଦ ତୁମେ
ଜନମ ମାଟି ତୁମକୁ ଝୁରେ
ଆସ ହେ କବି ଆସ ହେ ଥରେ ।

❑ ❑ ❑

Digitized by PPRACHIN, SOA

ଧାର୍ମିକ ଗୁରୁ ବିଦ୍ୟାଧର

ଶ୍ରୀ କାଶୀନାଥ ପଟ୍ଟନାୟକ

ବିଦ୍ୟାଧର ପଟ୍ଟନାୟକ ନରସିଂହପୁରର ଏକ ସୁଯୋଗ୍ୟ ସନ୍ତାନ । ସେ ରାଜା ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ଓ ପଣ୍ଡିତ ପୁରୁଷୋତ୍ତମ ମିଶ୍ରଙ୍କର ବାଲ୍ୟ ଶିକ୍ଷକ ଥିଲେ । ରାଜାଙ୍କୁ ଏକ ଧର୍ମାନୁରାଗୀ ପ୍ରଜାବତ୍ସଳ ଏବଂ ସୁଶାସକ ହିସାବରେ ଗଢ଼ିବାରେ ଦାୟିତ୍ୱ ସେ ବହନ କରିଥିଲେ । କହିବାଠାରୁ କରିବା କଠିନ । ଏହାକୁ ହୃଦୟଙ୍ଗମ କରି ଆଦର୍ଶର ଛାପ ଯେପରି ଅନ୍ୟମାନଙ୍କ ଉପରେ ପଡ଼େ, ସେଥିଲାଗି ସଦାସର୍ବଦା ନିତ୍ୟ ନୈମିତ୍ତିକ କାର୍ଯ୍ୟକଳାପରେ ସଂଯତ ତଥା ସତର୍କ ରହି ଜୀବନ ଯାପନ କରୁଥିଲେ । ତାଙ୍କର ଧାର୍ମିକ ପଣିଆର ପରୀକ୍ଷାରେ ସେ ହେଲେ ଉତ୍ତୀର୍ଣ୍ଣ ଯେଉଁଦିନ ତାଙ୍କ ପ୍ରାର୍ଥନାରେ ରଥ ଚାଲିଥିଲା ନରସିଂହପୁର ଗଡ଼ ଦାଣ୍ଡରେ; ଏଇ ଚରିତ୍ରର ମଣିଷ ଆଜି ନରସିଂହପୁରରେ କେତେଜଣ ?

ଖାଲି ସେତିକି ତ ନୁହେଁ; ଭଗବତ୍ ଗୀତାର ଅଠର ଅଧ୍ୟାୟକୁ ଅଠରଟି ପଦରେ ଅନୁବାଦ କରି ''ଗୀତା ଲହରୀ'' ପୁସ୍ତିକାଟିଏ ସୃଷ୍ଟି କରିଛନ୍ତି ମାତ୍ର ତାହା ଅଦ୍ୟାବଧି ଅପ୍ରକାଶିତ ଭାବରେ ରହିଅଛି । ପୁନରାୟ ସେ ହୃଦୟଙ୍ଗମ କରିଥିଲେ - ନାରୀଙ୍କର ଉନ୍ନତି ନ ହେଲେ ଦେଶର ଉନ୍ନତି ହୋଇ ପାରିବ ନାହିଁ । ଏହା ସେ ବହୁପୂର୍ବରୁ ଚିନ୍ତାକରି 'ନାରୀଚିତ୍ର' ନାମକ ପୁସ୍ତିକାଟିଏ ପ୍ରକାଶ କରିଛନ୍ତି । ତାଙ୍କରି ସେପରି ମହତ କାର୍ଯ୍ୟକୁ ସ୍ମରଣ କରି ନରସିଂହପୁର ଆଜି ଝୁରୁଛି ।

ନରସିଂହପୁରର ଖ୍ୟାତନାମା ଚିକିତ୍ସକ, ସାହିତ୍ୟାନୁରାଗୀ 'ନାରୀ ଚିକିତ୍ସକ'ଙ୍କର ଲେଖକ, ଅମାୟିକ, ସରଳ ନିରାଡ଼ମ୍ବର ଜୀବନ ଯାପନ କରୁଥିବା ୮୬ ବର୍ଷ ବୟସ୍କ ଶ୍ରୀ କାଶୀନାଥ ପଟ୍ଟନାୟକ ''ଧାର୍ମିକଗୁରୁ ବିଦ୍ୟାଧର'' ବିଷୟରେ ଲେଖି ନରସିଂହପୁର ବାସୀଙ୍କୁ ଅଜ୍ଞାତ ବିଷୟ ଜଣାଇ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି ।

ଆସନ୍ତୁ ''ଧାର୍ମିକ ଗୁରୁ ବିଦ୍ୟାଧର''ଙ୍କ ବିଷୟରେ ଜ୍ଞାତସାର ହେବା ଗଳ୍ପଟି ପାଠ କରି ।

ଅନେକ ଦିନ ତଳର କଥା । ଓଡ଼ିଶାର ଛବିଶଟି ଗଡ଼ଜାତ ମଧ୍ୟରୁ ନରସିଂହପୁର ଥିଲା ଗୋଟିଏ । ଏହାର ଶାସନ ପରିଚାଳନା କରୁଥିଲେ ବଂଶାନୁକ୍ରମିକ ଶାସକ ନରସିଂହପୁରର ରାଜବଂଶ । ରାଜା ବ୍ରଜସୁନ୍ଦରଙ୍କ ପୁଅ ହେଉଛନ୍ତି ସାଧୁଚରଣ ମାନସିଂହ ହରିଚନ୍ଦନ ମହାପାତ୍ର । ସେ ଏହି ରାଜ୍ୟର ଶାସନଭାର ବହନ କରିଥିଲେ ।

Digitized by PPRACHIN, SOA

ତାଙ୍କ ପରେ ତାଙ୍କ ପୁତ୍ର ଶ୍ରୀ ଯୁକ୍ତ ଅନନ୍ତ ନାରାୟଣଙ୍କ ପାଳିପଡ଼ିଲା । ଅନନ୍ତ ନାରାୟଣଙ୍କ ବଡ଼ଭାଇ ରାମଚନ୍ଦ୍ର ଦେବ ପୀଡ଼ିତ ହୋଇ ଇହଧାମ ସାଙ୍ଗ କରିଥିଲେ । ରାଜ୍ୟର ହାନୀଲାଭ ପ୍ରଜାଙ୍କ ସୁଖଦୁଃଖ ବୁଝିବା ବେଳେ ରାଜା ରାଜ୍ୟର ବୟସ୍କ ମାନ୍ୟଗଣ୍ୟ ଲୋକଙ୍କ ସହ ପରାମର୍ଶ କରୁଥିଲେ । ସେତେବେଳେ ନରସିଂହପୁରରେ କୁଳୀନ କରଣ ବେବର୍ତ୍ତା ବଂଶ ପ୍ରସିଦ୍ଧି ଲାଭ କରିଥିଲା । ହରିହର ବେବର୍ତ୍ତାଙ୍କ କନିଷ୍ଠ ଭ୍ରାତା ବିଦ୍ୟାଧର ପଟ୍ଟନାୟକ ରାଜାଙ୍କର ପରାମର୍ଶ ଦାତା ଥିଲେ ।

ସେହି ବିଦ୍ୟାଧର ପଟ୍ଟନାୟକ ରାଜା ଅନନ୍ତ ନାରାୟଣ ଏବଂ ପଣ୍ଡିତ ପୁରୁଷୋତ୍ତମ ମିଶ୍ରଙ୍କର ବାଲ୍ୟ ଶିକ୍ଷକ ଥିଲେ । ବାଲ୍ୟକାଳରେ ସେମାନେ ତାଙ୍କଠାରୁ ଅଙ୍କ, ସାହିତ୍ୟ, ଇତିହାସ, ଭୂଗୋଳ ଏବଂ ବିଶେଷ କରି ସଂସ୍କୃତ ସାହିତ୍ୟ ଶିକ୍ଷାଲାଭ କରିଥିଲେ । ରାଜାଙ୍କୁ ଏକ ଧର୍ମାନୁରାଗୀ ପ୍ରଜାବତ୍ସଳ ଏବଂ ସୁଶାସକ ହିସାବରେ ଗଢ଼ି ତୋଳିବାରେ ସେ ସକ୍ଷମ ହୋଇଥିଲେ । ବିଦ୍ୟାଧର ନିଜେ ସେପରି କିଛି ଉଚ୍ଚଶିକ୍ଷାର ଅଧିକାରୀ ନଥିଲେ । ସେ ନିଜର କଠୋର ଅଧ୍ୟବସାୟ ବଳରେ ନାନା ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ, ଅଙ୍କ ସାହିତ୍ୟ ସଂସ୍କୃତ ସାହିତ୍ୟରେ ପାରଦର୍ଶିତା ଲାଭ କରି ପାରିଥିଲେ । ସେତେବେଳେ ସାଧୁଚରଣ ସଂସ୍କୃତ ଟୋଲର ପଣ୍ଡିତ ସୋମନାଥ ମିଶ୍ର, ପଣ୍ଡିତ ରଘୁନାଥ କାବ୍ୟାତୀର୍ଥ ଏବଂ ଅନ୍ୟ କେତେଜଣ ସଂସ୍କୃତ ପଣ୍ଡିତ ଥିଲେ । ସେମାନେ ବିଦ୍ୟାଧାର ବାବୁଙ୍କ ସାନିଧ୍ୟ ଲାଭ କରି ଉତ୍ସାହିତ ହୋଇ ତାଙ୍କଠାରୁ ନାନା ଶାସ୍ତ୍ରୀୟ ଆଲୋଚନା ସମାଲୋଚନା ଶୁଣୁଥିଲେ ଆଉ ମତ ବିନିମୟ କରୁଥିଲେ ।

ତାଙ୍କର ଦୈନନ୍ଦିନ ନିତ୍ୟକର୍ମ ଆଦର୍ଶ ଓ ଉଲ୍ଲେଖନୀୟ ଥିଲା । ବଡ଼ି ଭୋରୁ ସେ ଉଠି ସ୍ନାନ ଶୌଚ ଆଦି ଯଥାବିଧି ଶେଷ କରୁଥିଲେ ଏବଂ ତା' ପରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଓ ଭଜନ କରୁଥିଲେ । ତାଙ୍କର ନିତ୍ୟ ସହଚର ଥିଲା ଗୋଟିଏ କନା ଝୁଲିମୁଣି । ସେଥିରେ ଶହେ ଆଠଗୋଟି ତୁଳସୀ ମାଳି ଗୁନ୍ଥା ହୋଇଥାଏ । ସେହି ମାଳି ସାହାଯ୍ୟରେ ସେ ପ୍ରତିଦିନ ହରିନାମ ଜପ କରୁଥିଲେ । ଯୌଗିକ ପ୍ରକ୍ରିୟାରେ ସ୍ନାନ, ଶୌଚ ଆସନ, ଭୋଜନ ଆଦି କାର୍ଯ୍ୟ ନିର୍ବାହ କରୁଥିଲେ । ସେ ନିରାମିଷ ଭୋଜୀ ଥିଲେ । ସବୁବେଳେ କମଳାରଙ୍ଗ ମଡ଼ା ହୋଇଥିବା ଗେରୁଆ ଲୁଗା ପିନ୍ଧୁଥିଲେ ଏବଂ ଖଣ୍ଡିଏ ଧଳା ଚଦର ଦେହରେ ପକାଉଥିଲେ । ତାଙ୍କର ନିରାଡ଼ମ୍ବର ଜୀବନ ଯାପନ ଥିଲା । ତାଙ୍କର ପୋଷାକ ପରିଚ୍ଛଦରେ ରୁଚି ଆଦୌ ନଥିଲା । ସେ ପାଦରେ କଠଉ ପିନ୍ଧୁ ଥିଲେ । ପ୍ରତିଦିନ ନିତ୍ୟ କର୍ମ ଏବଂ ପୂଜାପାଠ ସାରି ଶ୍ରୀ ରଘୁନାଥ, ବୈଦ୍ୟନାଥ, ଶ୍ରୀ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ । ଏକାଦଶୀ ତିଥିରେ ଏକଓଳି ଉପବାସ ପାଳନ କରୁଥିଲେ ଏବଂ ଗୋଟିଏ ଓଳି ଶ୍ରୀ ରଘୁନାଥଙ୍କ ପ୍ରସାଦ ସେବନ କରୁଥିଲେ ।

Digitized by PPRACHIN, SOA

ତାଙ୍କର ଈଶ୍ୱର ଭକ୍ତି ଓ ଆଧ୍ୟାତ୍ମିକ ଚେତନା ସମ୍ବନ୍ଧରେ ଜନସାଧାରଣଙ୍କର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତି ଥିଲା । ତାଙ୍କ ଜୀବନରେ ବହୁତ କିଛି ଅଭୁଲା ଘଟଣା ଦେଖା ଦେଇଥିଲା, ଯାହାରି ଫଳରେ ସାଧାରଣ ଲୋକେ ତାଙ୍କୁ ଏକ ପ୍ରଜ୍ଞା ପୁରୁଷ ଧର୍ମପ୍ରାଣ ସାଧକ ଭାବରେ ଗ୍ରହଣ କରୁଥିଲେ । ଏଇ ପ୍ରସଙ୍ଗରେ କଥାଟିଏ ସ୍ମରଣ ହେଉଛି ।

ଥରେ ନରସିଂହପୁରର ପ୍ରସିଦ୍ଧ ରଥଯାତ୍ରା ଚାଲିଥାଏ । ଏହି ଯାତ୍ରା ଦେଖିବାକୁ ଆଖପାଖ ଗଡ଼ଜାତ ରାଜ୍ୟରୁ ଏବଂ ନାନାସ୍ଥାନରୁ ଲୋକମାନେ ଆସି ରୁଣ୍ଡ ହୋଇଥିଲେ । ସେତେବେଳେ ନରସିଂହପୁରର ରାଜଦଣ୍ଡ ଆଜିକାଲି ପରି ପକ୍କା ହୋଇ ନ ଥିଲା । ମାଟି, ଗୋଡ଼ି ଏବଂ ନିରନିଟାର ନାଲି ରାସ୍ତାରେ ଲୋକେ ଯାତାୟତ କରୁଥିଲେ । ଘଟଣାକ୍ରମେ ମଝିଆ ରଥ ଚକ ବର୍ଷାସିକ୍ତ କାଦୁଅ ରାସ୍ତାରେ ଦବିଗଲା । ଲୋକେ ଯେତେ ଚେଷ୍ଟା କଲେ ରଥ ଉଠି ପାରିଲା ନାହିଁ । ଠାକୁରଙ୍କୁ ପ୍ରାର୍ଥନା ପୂର୍ବକ ମନାଇ ସୁରୁଖୁରରେ ରଥ ଟାଣିବାକୁ ଭକ୍ତ ପ୍ରବର ବିଦ୍ୟାଧର ବାବୁଙ୍କୁ ଖୋଜା ପଡ଼ିଲା । ରାଜାଙ୍କ ଅନୁରୋଧରେ ବିଦ୍ୟାଧର ବାବୁ ରଥ ଉପରେ ପ୍ରମାଣିତ ହୋଇ ଶ୍ରୀ ପତିତପାବନଙ୍କୁ ପ୍ରାର୍ଥନା କରି ବସିଲେ । ଆଶ୍ଚର୍ଯ୍ୟ କଥା । ବିଦ୍ୟାଧର ବାବୁଙ୍କ ପ୍ରାର୍ଥନା ପରେ ଅତି ସହଜରେ ରଥଉଠି ବଡ଼ଦାଣ୍ଡରେ ଯଥାରୀତିରେ ଗଡ଼ିଚାଲିଲା । ଏ ଭଳି ଅତୁଟ ବିଶ୍ୱାସ ରଖି ଲୋକେ ଏବଂ ସେ ବେଳର ରାଜା ବିଦ୍ୟାଧର ବାବୁଙ୍କୁ ପ୍ରତ୍ୟେକ ଧାର୍ମିକ କାର୍ଯ୍ୟରେ ଗୁରୁତ୍ୱ ଦେଇ ପରାମର୍ଶ ଲୋଡ଼ୁଥିଲେ ।

ବିଦ୍ୟାଧର ବାବୁଙ୍କଠାରେ ମସୀଜୀବି କରଣଙ୍କର ସାତଲକ୍ଷଣ * ନିହିତ ଥିଲା । ସେ ଗୃହସ୍ଥ ଏବଂ ପରମାର୍ଥିକ ଜୀବନ ଯାପନ କରୁଥିଲେ । ସେ ଶ୍ରୀମଦ୍ ଭଗବତ ଗୀତା ଭଲରୂପେ ପାଠ କରୁଥିଲେ । ତାଙ୍କ ବିଚାରରେ ପ୍ରତିଦିନ କିପରି ଭଗବତଗୀତା ଅଳ୍ପ ସମୟ ମଧ୍ୟରେ ପାଠ କରିହେବ, ସେଥିପାଇଁ ଚିନ୍ତାକଲେ । ଫଳରେ ସେ ଗୀତାର ଅଠର ଅଧ୍ୟାୟକୁ ଅଠର ଗୋଟି ପଦରେ ପଦ୍ୟାନୁବାଦ କରି ଯାଇଛନ୍ତି । ସେହି ପୁସ୍ତିକାଟିର ନାମ ରଖିଛନ୍ତି 'ଗୀତା ଲହରୀ' । ପ୍ରତ୍ୟେକ ଗୀତା ଅନୁଗାମୀ ପାଠକଙ୍କ ପାଇଁ ଏହା ଏକ ଅମୂଲ୍ୟ ଗ୍ରନ୍ଥ । ମାତ୍ର ଏହା ଅଦ୍ୟାବଧି ଅପ୍ରକାଶିତ । ପାଣ୍ଡୁଲିପି ଭାବେ ପଡ଼ିରହିଛି ।

ସମାଜରେ ନାରୀଶିକ୍ଷାର ପ୍ରସାର ପାଇଁ ସେ ଗୁରୁତ୍ୱ ଆରୋପ କରୁଥିଲେ । ଭାରତ ବର୍ଷରେ ରମଣୀମାନେ ଯେପରି ଭାବରେ ପତିବ୍ରତା ଧର୍ମରେ ପରାକାଷ୍ଠା ଦେଖାଇ ଯାଇଛନ୍ତି, ପୃଥିବୀର ଅନ୍ୟ କୌଣସି ଦେଶରେ ତାହା ଦେଖା ଯାଇନି ।

---

* ସାତଲକ୍ଷଣ ୧ - "ବିଦ୍ୟାବନ୍ତ, ଶୁଚୀ, ଧୀର, ଦାତା, ପରୋପକାରକଃ
ବିନୟୀ, ଧର୍ମଶୀଳଶ୍ଚ କରଣଂ ସପ୍ତ ଲକ୍ଷଣଂ" ।

Digitized by PPRACHIN, SOA

କାଳକ୍ରମେ ତାହା ବିପର୍ଯ୍ୟୟ ହୋଇ ଯାଉଛି । ଏହାକୁ ହୃଦୟଙ୍ଗମ କରି ଓଡ଼ିଶାର ନାରୀମାନଙ୍କ ଉଦ୍ଦେଶ୍ୟରେ ଏକ ପୁସ୍ତିକା "ନାରୀ ଚିତ୍ର" ନାମରେ ପ୍ରକାଶ କରିଛନ୍ତି । ନାରୀମାନଙ୍କର ଦଶ ଦୋଷ [୨] ବର୍ଣ୍ଣନା କରି ତାହାର ନିରାକରଣ ନିମିତ୍ତ ଉପାୟମାନ ଲେଖି ଯାଇଛନ୍ତି । ସେହି "ନାରୀ ଚିତ୍ର" ପୁସ୍ତିକାରେ ଆଦର୍ଶ ସ୍ଥାନୀୟା ପ୍ରାଚୀନ ନାରୀମାନଙ୍କ ଉନ୍ନତ ଚରିତ୍ର ଓ ପରାକାଷ୍ଠା ବିଶ୍ଳେଷଣ କରି ସତୀ ସାବିତ୍ରୀ, ବୃନ୍ଦାବତୀ, ଇତ୍ୟାଦି ମହନୀୟ ଚରିତ୍ରର ଅବତାରଣା କରିଛନ୍ତି ।

ଶେଷରେ ସେମାନଙ୍କ ଆଦର୍ଶ ଓ ପଦାଙ୍କ ଅନୁସରଣ କରି ପତିବ୍ରତ ଧର୍ମପାଳନ କରି ଆଦର୍ଶ ସ୍ଥାନୀୟା ହେବାକୁ ଉପଦେଶ ଦେଇଛନ୍ତି । ଆମ ସମାଜରେ ଏବଂ ପ୍ରତି ପରିବାରରେ ନାରୀମାନଙ୍କର ଗୁରୁତ୍ୱ ଭୂମିକା ଅଛି । ସେ ଗୁଡ଼ିକୁ ଦେଖାଇ ଦେଇ ସେମାନଙ୍କୁ ନିରଳସ, ବିଳାସ ଶୂନ୍ୟ ଏବଂ କର୍ତ୍ତବ୍ୟ ପରାୟଣା, ପତି ଅନୁରକ୍ତା ହେବାକୁ କହିଛନ୍ତି ।

ଖାଲି ଏତିକି ନୁହେଁ, ସେ ରଥଯାତ୍ରା, ପ୍ରସନ୍ନ ମଣିଙ୍କ ଜଣାଣ, ନରସିଂହପୁର ଭୂଗୋଳ-ଇତିହାସ ଆଦି କେତୋଟି ପୁସ୍ତିକା ରଚନା କରିଛନ୍ତି । ସତରେ, ପବିତ୍ର ରାମାୟଣ ବର୍ଣ୍ଣିତ ଛୋଟ ଗୁଣ୍ଡୁଚି ମୂଷାଭଳି ବାଲି ଝାଡ଼ି ବନ୍ଧକୁ ସମୃଦ୍ଧ କରିବା ସଦୃଶ ଉତ୍କଳ ବାଣୀ ଭଣ୍ଡାରକୁ ତଥା ଆମର ଜନ୍ମମାଟି ନରସିଂହପୁରକୁ ତାଙ୍କର ଏ ଅବଦାନ କିଛି କମ୍ ନୁହେଁ ।

ସେ ଏବେ ଆମ ଭିତରେ ଆଉ ନାହାନ୍ତି । ତାଙ୍କର ସଠିକ୍ ଜନ୍ମ ତାରିଖ ଓ ତିରୋଧାନ ଦିବସ ଜଣା ପଡ଼ିନି । ମାତ୍ର ଲୋକ ମୁଖରୁ ତାଙ୍କ ବିଷୟରେ ଶୁଣିବା ଏବଂ ତାଙ୍କ ରଚିତ ପୁସ୍ତିକା ଗୁଡ଼ିକୁ ଦେଖିଲେ ଆଉ ପାଠ କଲେ ଜଣାଯାଏ ତାଙ୍କର ଦେଶଭକ୍ତି, ଜାତୀୟତା ବୋଧ, କର୍ତ୍ତବ୍ୟ ପରାୟଣତା, ଧର୍ମପ୍ରାଣ ହୃଦୟ ଆମର ଉତ୍ତର ପୁରୁଷମାନଙ୍କୁ ଅନୁପ୍ରାଣିତ କରୁ ।

ନରସିଂହପୁର ଧର୍ମପ୍ରାଣ ହୃଦୟ ବିଦ୍ୟାଧରଙ୍କୁ ହରାଇ ମ୍ରିୟମାଣ ହୋଇ ପଡ଼ିଛି । ଆଖିରୁ ଲୋତକ ଝରି ପଡୁଛି ।

* ୨ ନାରୀମାନଙ୍କର ଦଶ ଦୋଷ -
ନିର୍ଲଜ୍ଜା ଚୌର ବୁଁଭିଣ୍ଡ ଡାକିନୀ ବ୍ୟଭିଚାରିଣୀ"
ମୁଖରା ହିଂସ୍ରକା ଦୁଷ୍ଟା ମିଥ୍ୟା ବାଦିନୀ ତୋଷିଣୀ
ପଳାୟନ ପରାଭୂୟୋ ଦଶଦୋଷ ଇତି ସ୍ମୃତା ।

Digitized by PPRACHIN, SOA

ସାଧକ ବିଶ୍ୱନାଥ ବ୍ରହ୍ମଚାରୀ

ମାନସ ମୋହିନୀ ଦାଶ

ଅଧ୍ୟବସାୟ, ଜିଜ୍ଞାସା ଭାବ ଓ କର୍ତ୍ତବ୍ୟ ନିଷ୍ଠା ସାଧନା ପଥକୁ ସରଳ ସୁଗମ କରି ପରିଶେଷରେ ସାଧକକୁ ମୁକୁଟ ମଣ୍ଡିତ କରିଥାନ୍ତି । ଏଇ ପ୍ରକାର ଜଣେ ସାଧକ ହେଉଛନ୍ତି ବିଶ୍ୱନାଥ ବ୍ରହ୍ମଚାରୀ, ଯେ କି ନିଜ ସାଧନାରେ ସିଦ୍ଧି ଲାଭ କରିଛନ୍ତି । ତାଙ୍କରି ଜୀବନୀ ଚରିତ ଉପରେ ମାନସ ମୋହିନୀ ଦାଶ ଆଲୋକପାତ କରିଛନ୍ତି । ଏହି ସଫଳ ସାଧକ ନରସିଂହପୁରସ୍ଥ ହରିପୁର ଗ୍ରାମରେ ଜନ୍ମ ଗ୍ରହଣ କରି ନିଜର ଆଚାର ବ୍ୟବହାର ପରୋପକାର କାର୍ଯ୍ୟ ତଥା ସେବା କାର୍ଯ୍ୟରେ ନିୟୋଗ କରିବା ସହ ତତ୍ତ୍ୱବାଣୀ ଶୁଣାଇ ଜନସମାଜଙ୍କ ମନରେ ଏକ ଛାପ ପକାଇ ପାରିଥିଲେ ।

ଆସନ୍ତୁ ସେହି ସାଧକ ବିଶ୍ୱନାଥ ବ୍ରହ୍ମଚାରୀଙ୍କ ବିଷୟରେ ଅବଗତ ହେବା ମାନସ ମୋହିନୀ ଦାଶଙ୍କ ଲିଖିତ ''ସାଧକ ବିଶ୍ୱନାଥ ବ୍ରହ୍ମଚାରୀ'' ରମ୍ୟ ରଚନା ପାଠ କରି ।

ପଲ୍ଲୀ ଗ୍ରାମର ଜଣେ ସିଦ୍ଧ ପୁରୁଷ । ୧୯୦୯ ଏପ୍ରିଲ୍‌ରୁ ୧୯୯୨ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ୮୩ ବର୍ଷର ଜୀବନ ପଥ ଅତିକ୍ରମ କରି ସଂସାରରୁ ବିଦାୟ ନେଇଥିଲେ ଜୀବନ ପଥର ଏହି ସଫଳ ସାଧକ । ସେ ରାଜନୈତିକ ନେତା ନୁହଁନ୍ତି, ଡାକ୍ତର, ଇଂଜିନିୟର, ଅଧ୍ୟାପକ, ଓକିଲ, ବ୍ୟବସାୟୀ ବା ଶିଳ୍ପପତି ନୁହଁନ୍ତି । ଗାଡ଼ି ମଟର, କୋଠାବାଡ଼ି ନା ଡାକବଙ୍ଗଳା ତାଙ୍କର ନଥିଲା । ନଥିଲା ତାଙ୍କର ବେଶ ଭୂଷାର ଚାକଚକ୍ୟ, ସେ ଅହମିକା, ଈର୍ଷା, ଦ୍ୱେଷ, ପରଶ୍ରୀକାତରତାର ବହୁଦୂରରେ ଥିଲେ । ସେ ଲୋକଙ୍କର ଦ୍ୱାରବନ୍ଧ ଡେଇଁ ନଥିଲେ, ମଦମତ୍ତ ହୋଇ କାହା ସହିତ କେବେ ସେ କଳହ କରି ନଥିଲେ । ସତକଥା କହିବାକୁ ସେ କେବେ କୁଣ୍ଠାବୋଧ କରୁ ନଥିଲେ । କାହାର ଧନ ସମ୍ପଦ ଓ କୋଠାବାଡ଼ି ମୋହ ତାଙ୍କଠାରେ ନ ଥିଲା ବରଂ ରୋଗୀ, ଦୁଃଖୀ, ଭିକାରୀ ଓ ଅଭାବଗ୍ରସ୍ତ ଲୋକେ ତାଙ୍କ ଦ୍ୱାରସ୍ଥ ହୋଇ କେବେ ନିରାଶରେ ଫେରି ଯାଇ ନାହାନ୍ତି ।

ପଲ୍ଲୀଶ୍ରୀ ଗ୍ରାମ ହରିପୁରରୁ ସୁଦୂର ରେଙ୍ଗୁନ, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର ପର୍ଯ୍ୟନ୍ତ ତାଙ୍କ ସାଧନାର ପତ୍ତା ପ୍ରସାରିତ ହୋଇଥିଲେ ମଧ୍ୟ ତାଙ୍କର ପ୍ରତିଭା କୌଣସି ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରି ନଥିଲା ।

Digitized by PPRACHIN, SOA

ପିତା ଭରତ ବିଶ୍ୱାଳ ଓ ମାତା ଝୁମେଇ ଦେବୀଙ୍କ ସନ୍ତାନ ରୂପେ ଜନ୍ମ ନେଇଥିବା ଏହି ମଣିଷଟିର ସ୍ୱଭାବ ନିହାତି ସରଳ ଓ ସାଧାରଣ ପୋଷାକ କହିଲେ ଅତି ସଫା ଗେରୁମଡ଼ା ଧୋତି ସାଙ୍ଗକୁ ଗାମୁଛା ଦି'ଖଣ୍ଡ । ସମ୍ପତ୍ତି କହିଲେ ଖଣ୍ଡେ ଆଶାବାଡ଼ି, ଗୋଟିଏ ଝୁଲାମୁଣୀ ଓ ଏକ କମଣ୍ଡଳୁ ସଂଗକୁ ଗୀତା ଭାଗବତ ଆଦି ଧର୍ମ ପୁସ୍ତକ । ପଞ୍ଚମ ଶ୍ରେଣୀ ପାଶ କରି ଜଣେ ଶିକ୍ଷକ ଭାବରେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ରଣସିଂହପୁର ସ୍କୁଲରେ । ତତ୍କାଳୀନ ଶିକ୍ଷାନୀତି ଅନୁସାରେ ପଞ୍ଚମ ଶ୍ରେଣୀ ପାଶ୍ କରିଥିବା ଶିକ୍ଷା ଶିକ୍ଷକତା ପାଇଁ ଯଥେଷ୍ଟ ନ ହେବାରୁ ତାଙ୍କୁ ଏହି ଶିକ୍ଷକ ଚାକିରିକୁ ହରାଇବାକୁ ପଡ଼ିଥିଲା । ପେଟ ପୋଷିବା ପାଇଁ ନୟାଗଡ଼ର ବିନାୟକ ମହାପାତ୍ରଙ୍କ ସହାୟତାରେ ଠିକ୍ ୨୫ ବର୍ଷ ବୟସରେ ଠିକାଦାର ଚାକିରି କରିବାକୁ ସେ କଲିକତା ଯାତ୍ରା କଲେ । ପରେ ପରେ ସେ ସଂସାର ବନ୍ଧନରେ ଆବଦ୍ଧ ହେଲେ ମାତ୍ର ସେ ବନ୍ଧନ ତାଙ୍କୁ ବହୁକାଳ ବାନ୍ଧି ରଖି ପାରିଲା ନାହିଁ । କୌଣସି ଅଜଣା ଶକ୍ତିର ଦ୍ୱାରା ସେ ଆକର୍ଷିତ ହେଲେ । ତେଣୁ ତାଙ୍କର ୩୦ ବର୍ଷ ବୟସରେ ସେ ଚାଲିଗଲେ ସୁଦୂର ରେଙ୍ଗୁନ ଅଭିମୁଖେ । ବର୍ଷେ ନୁହେଁ ଦୀର୍ଘ ୧୪ ବର୍ଷ କାଳ ନିଜ ଭିଟାମାଟି ଛାଡ଼ି ସେ ରହିଲେ ବିଦେଶରେ । ଏଣୁ ସମସ୍ତଙ୍କ ମନରେ ଧାରଣା ହେଲା କୌଣସି ଦୁର୍ଘଟଣାରେ ପଡ଼ି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଦୀର୍ଘ କାଳ ଧରି ପତିଙ୍କଠାରୁ କୌଣସି ସମ୍ବାଦ ନ ପାଇ ତାଙ୍କ ଧର୍ମପତ୍ନୀ ଆଖିର ଲୋତକକୁ ଆଖିରେ ଶୁଖାଇ ଦାରୁଣ ଦୁଃଖ ଯନ୍ତ୍ରଣାକୁ ବୁକୁ ତଳେ ଚାପି ଧରି ସ୍ୱାମୀଙ୍କ ପୁନରାଗମନକୁ ଅପେକ୍ଷା କରି ରହିଲେ ।

ମାତ୍ର କି ଆଶ୍ଚର୍ଯ୍ୟ ! ଦିନେ ହଠାତ୍ ଗାଁ ଦାଣ୍ଡରେ ଦେଖାଦେଲେ ଜଣେ ଶ୍ୟାମଳ ସୁନ୍ଦର ଗୈରିକ ବସ୍ତ୍ର ପରିହିତ ସମସ୍ତଙ୍କ ପରିଚିତ ହେଲେ ବି ଅପରିଚିତ ମଣିଷ ଜଣକ । ମସ୍ତକ ତାଙ୍କର ଜଟାଜୁଟ ଆଚ୍ଛାଦିତ, ଲଲାଟ ଚନ୍ଦନ ଲେପିତ ଓ କର ଆଶାବାଡ଼ି ଧାରିତ । ପୁଣି ପିଠି ପାଖରେ ରହିଛି ଏକ ଝୁଲାମୁଣୀ । କିଏ ଏହି ବାବା ?? କିଏ ଏହି ଅଜଣା ମଣିଷ ? ପାଦ ତାଙ୍କର ଆଗକୁ ଆଗକୁ ମାଡ଼ି ଚାଲିଥାଏ । ଚିହ୍ନା ଅଚିହ୍ନାର ଯବନିକା ପଡ଼ିଲା । ବାବାଙ୍କର ଆତ୍ମପ୍ରତ୍ୟୟ ପ୍ରକାଶ ପାଇଲା । ଏକ ଆବେଗମୟ ପରିବେଶ । କୋଳାକୋଳିର ଆନନ୍ଦ ଉଲ୍ଲାସ । ଏ ସବୁ ମିଳାମିଶା ପରିଣତ ହେଲା ଚପଳା ପରି କ୍ଷଣସ୍ଥାୟୀ ଓ ବୁଦ୍‌ବୁଦ୍ ପରି କ୍ଷଣ ଭଙ୍ଗୁର ।

ବାବାଙ୍କର ଭାଗବତ ବାଣୀ ମନେ ପଡ଼ିଗଲା- "ଗୁରୁ ନ ଥାଇରେ ଅର୍ଜୁନ ! କାହୁଁ ହୋଇବ ବ୍ରହ୍ମଜ୍ଞାନ ? ତେଣୁ ସେ ଚାଲିଲେ ନିଜ ଗୁରୁ ସନ୍ଧାନରେ । ପହଞ୍ଚିଲେ ରେଙ୍ଗୁନ ରାଜ୍ୟରେ । ଭେଟିଲେ ଗଞ୍ଜାମ ଜିଲ୍ଲାର ସୌଭାଗ୍ୟବନ୍ତ ପଲ୍ଲୀଗ୍ରାମର ବିନୋଦ ଦାସଙ୍କୁ । ବର୍ଣ୍ଣର ନିଗଡ଼ ବନ୍ଧନକୁ ଛିନ୍ନ କରି ପରିଶେଷରେ ସେ ଗୁରୁରୂପେ ଗ୍ରହଣ କଲେ ବାଉରୀ ସଂପ୍ରଦାୟର ସେହି ବିନୋଦ ଚରଣ ଦାସଙ୍କୁ । ଗୁରୁକୃପାରୁ ବ୍ରହ୍ମବିଦ୍ୟା ପ୍ରାପ୍ତ ହୋଇ ସେ ଆରମ୍ଭ କଲେ ବ୍ରହ୍ମଜ୍ଞାନ ଚର୍ଚ୍ଚା ।

ଏହା ପରେ ସେ ଫେରି ଆସିଲେ ନିଜର ଭିଟାମାଟିକୁ । ଆରମ୍ଭ କଲେ ଗୀତା ଭାଗବତ ପାଠ ଓ ବ୍ରହ୍ମ ସାଧନା । ଉପବାସ ବ୍ରତ ପାଳନ କରି ଦୀର୍ଘ ୨୧ ଦିନ

Digitized by PPRACHIN, SOA

ପର୍ଯ୍ୟନ୍ତ ସେ ପାରାୟଣ କଲେ ଗୀତା ଓ ଭାଗବତ । ଏ କଥା କାନକୁ ଦି' କାନ ହୋଇ ପଡ଼ିଲା ଶେଷରେ ତତ୍କାଳୀନ ନରସିଂହପୁର ରାଜା ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ରଙ୍କ କାନରେ । ଏଥିରେ ମୁଗ୍ଧ ହୋଇ ରାଜା ତାଙ୍କୁ ଭୂଷିତ କଲେ 'ବ୍ରହ୍ମଚାରୀ' ଉପାଧିରେ ।

ସେହିଦିନ ଠାରୁ ସେ ପରିଚିତ ହେଲେ ''ବିଶ୍ୱନାଥ ବ୍ରହ୍ମଚାରୀ'' ଭାବରେ । ପ୍ରଶାନ୍ତ ଚେହେରା ବ୍ରହ୍ମଚାରୀଙ୍କ ଗମ୍ଭୀର କଣ୍ଠରୁ ଅହର୍ନିଶ ସ୍ଫୁରିତ ହେଲା ବ୍ରହ୍ମଜ୍ଞାନ ସମ୍ବଳିତ ଚର୍ଚ୍ଚା ଓ ଆତ୍ମତତ୍ତ୍ୱର ସମୀକ୍ଷା ତଥା ଗୀତା-ଭାଗବତ-ବାଣୀ, ଲେଖନୀ ମୁନରୁ ତାଙ୍କର ନିସୃତ ହେଲା ଅନେକ ଭକ୍ତିମୂଳକ କବିତା ଓ ଖୁଦୁରୁକୁଣୀ ଓଷା ପୁସ୍ତକ ।

ଋଷିପଡ଼ା ଗୁମ୍ଫାର ସୁପ୍ତ ପଥର ଘେରା ପାହାଡ଼ ଭିତରେ ସେ ଆରମ୍ଭ କଲେ ସପ୍ତାହ ବ୍ୟାପୀ ସପ୍ତାଙ୍ଗ ନାମ ଯଜ୍ଞ । ଏଥିରେ ସଂଘଟିତ ହେଲା ଜାତି ବର୍ଣ୍ଣ ନିର୍ବିଶେଷରେ ଅପୂର୍ବ ମିଳନ । ସମବେତ ଭାବରେ ଭୋଜନ, ଶୟନ ଉପବେଶନ ଓ ଆତ୍ମତତ୍ତ୍ୱ ଶ୍ରବଣ ତଥା ବିଭୁନାମ ସଂକୀର୍ତ୍ତନ ।

ଐଶୀଶକ୍ତି ଲାଭ କରି ତାଙ୍କର ଦିବ୍ୟଜ୍ଞାନ ଉଦୟ ହୋଇ ଯାଇଥିଲା । ଖଡ଼ୀକାର ଭାବରେ କୌଣସି ଅପହୃତ ଦ୍ରବ୍ୟ ଲବ୍ଧ ହେବ କି ନାହିଁ, କୌଣସି କାର୍ଯ୍ୟରେ କିଏ ସଫଳତା ଲାଭ କରିବ କି ନାହିଁ, କୌଣସି ଗର୍ଭବତୀ ନାରୀର ପୁତ୍ର କି କନ୍ୟା ଜାତ ହେବ ଇତ୍ୟାଦି ସେ ନିର୍ଭୁଲ ଭାବରେ ଗଣନା କରି ପ୍ରକାଶ କରି ପାରୁଥିଲେ ।

ଜୀବନର ସବୁ ସମୟକୁ ସେ ଉତ୍ସର୍ଗ କରିଛନ୍ତି ଧର୍ମ୍ମସେବାରେ ଓ ପରୋପକାରରେ । ନିଜ ଗ୍ରାମ ମଶାଣୀ ଭୂମିରେ ସେ ରୋପଣ କରି ଯାଇଛନ୍ତି ଅନେକ ବଟ ଓ ଅଶ୍ୱତ୍ଥ ଚାରାଗଛ ଓ ବହୁଶ୍ରମ ସ୍ୱୀକାର କରି ସେ ଗୁଡ଼ିକର ଯତ୍ନ ନେଇଛନ୍ତି । ଏହା ଫଳରେ ଶ୍ମଶାନରେ ସେହି ଚାଙ୍ଗର ଭୂଇଁ ଆଜି ବର ଅଶ୍ୱତ୍ଥ ବୃକ୍ଷର ସ୍ନିଗ୍ଧ ଶାନ୍ତ ଛାୟାରେ ସୁଶୀତଳ । ସେହି ଘନ ଛାୟାରେ ଆଶ୍ରୟ ଲଭନ୍ତି ଗ୍ରୀଷ୍ମ ମଧ୍ୟାହ୍ନର ଦାରୁଣ ରୌଦ୍ରତାପ କ୍ଳିଷ୍ଟ ଶବସଂସ୍କାରକମାନେ ଏବଂ ଆଶ୍ୱସ୍ତି ଲଭନ୍ତି ପଥକ୍ଳାନ୍ତ ପଥିକମାନେ । ତାଙ୍କ ଗ୍ରାମକୁ ଆସିଥିବା ଦୁଃଖୀରଙ୍କି ଭିକ୍ଷାର୍ଥୀମାନଙ୍କୁ ସେ ଅକାତର ଭାବରେ ଦାନ କରୁଥିଲେ । ରାତ୍ରିରେ କୌଣସି ନିରାଶ୍ରୟ ବ୍ୟକ୍ତିର ସଂଧାନ ପାଇଲେ ବ୍ରହ୍ମଚାରୀ ତାଙ୍କ ପାଇଁ ପାନାହାର ବ୍ୟବସ୍ଥା କରି ନିଜ ଗୃହରେ ଆଶ୍ରୟ ଦେଉଥିଲେ । ସେ ନିୟମିତ ଭାବରେ ଆସନ ଓ ପ୍ରାଣାୟାମ କରୁଥିଲେ । ସେ ନିଜର ମୃତ୍ୟୁ ସମୟକୁ ନିର୍ଣ୍ଣୟ କରି ଅନ୍ୟମାନଙ୍କ ଆଗରେ ପ୍ରକାଶ କରିଥିଲେ । ଏହା ସତ୍ୟରେ ପରିଣତ ହୋଇଥିଲା ।

ଏ ମହାନ ସାଧକ ଆଜି ଆମ ଗହଣରେ ନାହାନ୍ତି କିନ୍ତୁ ଅଛି ତାଙ୍କର ତଅପୋଇ କବିତା ଓ ଆଉ ଅନେକ ଆତ୍ମଜ୍ଞାନ ଆଧାରିତ କବିତା । ସେ ଏକାଧାରରେ ଥିଲେ ଜଣେ ବ୍ରହ୍ମ ସାଧକ, ଆଦର୍ଶ ଖଡ଼ିକାର, ପରୋପକାରୀ, ସମ୍ବେଦନଶୀଳ ଓ ଦୁଃଖୀ ଭିକାରୀଙ୍କର ଜଣେ ବାସ୍ତବ ବନ୍ଧୁ ତଥା ଗୀତିକାର। ତାଙ୍କର କାର୍ଯ୍ୟାବଳୀକୁ ତର୍ଜମା କରି ବସିଲେ ଆଖିରୁ ସ୍ୱତଃ ଲୋତକ ଝରିଆସେ ।

❑❑❑

Digitized by PPRACHIN, SOA

ଯୁଧିଷ୍ଠି ବଇଦେ

ଶ୍ରୀ ଦିବାକର ସାହୁ

ନରସିଂହପୁର ତହସିଲସ୍ଥ କାକୁଡ଼ିଆ ଗ୍ରାମ ନିବାସୀ ୰ ଯୁଧିଷ୍ଠିର ସାହୁ ପୁଟୁଳି ବଣିଅ୍ କୁଳରେ ଜନ୍ମ ହୋଇ ରାଜବୈଦ୍ୟ ଭାବରେ ସର୍ବଜନ ବିଦିତ । ନରସିଂହପୁର ଏକ ଅବହେଳିତ, ଅନାଲୋକିତ ଗଡ଼ଜାତ ରାଜ୍ୟ । ଡାକ୍ତର ଖାନାକୁ ଯାଇ ଚିକିତ୍ସିତ ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଏପରି ପରିସ୍ଥିତିରେ ଗାଁ ଗଣ୍ଡାରେ ଜଣେ ଜଣେ ଅମୃତହସ୍ତା ବୈଦ୍ୟ ରୋଗୀମାନଙ୍କୁ ଖୁବ୍ କମ୍ ଖର୍ଚ୍ଚରେ ଏପରିକି ବିନା ମୂଲ୍ୟରେ ଆରୋଗ୍ୟ କରିଥିବା ସମ୍ବାଦ ମିଳିଥାଏ । ସେହି ବୈଦ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ସାହୁ ଏକତମ । ସେ ରାଜ ପରିବାରର ବୈଦ୍ୟଥିବାରୁ ତାଙ୍କୁ ''ରାଜବୈଦ୍ୟ'' କୁହା ଯାଉଥିଲା ମାତ୍ର ସେ ''ଯୁଧିଷ୍ଠି ବଇଦେ'' ଭାବରେ ଖୁବ୍ ଜଣାଶୁଣା । ଶ୍ରୀ ଦିବାକର ସାହୁ ରାଜବୈଦ୍ୟଙ୍କୁ ଲୋକଲୋଚନକୁ ଆଣିବାର ଯତ୍ନ ଓ ପ୍ରୟାସ କରିଥିବାରୁ ତାଙ୍କୁ ସାଧୁବାଦ ଜଣାଉଛି ।

ଆସନ୍ତୁ ''ଯୁଧିଷ୍ଠି ବଇଦେ'' ପାଠ କରି ତାଙ୍କର ରୋଗୀ ସେବା, ଉଦାର ମନୋଭାବ, ସରଳ ନିରାଡମ୍ବର ଜୀବନ ଓ ବିଚାର ବୋଧ ବିଷୟରେ ଜ୍ଞାତସାର ହେବା ।

''ଯୁଧିଷ୍ଠି ବଇଦେ'' କହିଲେ ନରସିଂହପୁରରେ ସମସ୍ତେ ଜାଣନ୍ତି । ତାଙ୍କ ଜାତି, ଗୋତ୍ର ପ୍ରବର କଥା ଅବା କିଏ ବୁଝୁଛି । ଶୁଭ ନାଆଁଟି ଥିଲା ଯୁଧିଷ୍ଠିର ସାହୁ । ତାଙ୍କ ପିତାଙ୍କ ନାମ ପଦ୍ମନାଭ ସାହୁ, ମାଆଙ୍କ ନାମ ସୀତା, ଜାତିରେ ପୁଟୁଳି ବଣିଆ । ରାଜବୈଦ୍ୟ ଭାବରେ ତାଙ୍କର ସୁଖ୍ୟାତି ସର୍ବଜନ ବିଦିତ । ଘର କାକୁଡ଼ିଆ । ଏକ ଅଖ୍ୟାତ ପଲ୍ଲୀ ଗାଆଁ । ନରସିଂହପୁରର ଦକ୍ଷିଣକୁ ମହାନଦୀ କୂଳରେ । ଲୋକେ କୁହନ୍ତି ଚୁଟିଆ ସିଂହ ରାଜା ଏହି ଗାଆଁ ବସାଇ ଥିଲେ ।

ରୋଗ ବଇରାଗ ହେଲେ ଭଲ ହେବା ପାଇଁ ଆଜି କାଲି ପରି ଡାକ୍ତର ନଥିଲେ କି ଡାକ୍ତରଖାନା ନଥିଲା । ବଇଦ, ଗୁଣିଆ ଝଡ଼ା ଫୁଙ୍କାରେ ଲୋକ ଉପକାର ପାଆନ୍ତି । ତରା ଚମକାକୁ ତେଲେଁରିଆ ହାତରେ ବାନ୍ଧନ୍ତି । ଦୃଷ୍ଟିଆ, ଖୁଣିକିଆ, ପେଟମରାକୁ ଲୁଣ ମନ୍ତୁରାଇ ତାର ପାଣି ପିଅନ୍ତି । ଜର, ମୁଣ୍ଡବ୍ୟଥା, କାଶ, ନରମକୁ

Digitized by PPRACHIN, SOA

ଚେର-ମୂଳିକା ଔଷଧ ସେବନ କରନ୍ତି । ରଙ୍କା, ଦରଜାକୁ ଘଷା ମୋଡ଼ା ସେକାବୁଜା କରି ଭଲ କରନ୍ତି, ତୁଳସୀ ରସ, ଅଦାରସ, ମହୁ, ପାନରସ, ପାଚନ ସାଥିରେ କଫ-କେତୁ ରସ କର୍ପୂର, ନିତ୍ୟାନନ୍ଦ ରସ, ଙ୍ଘୀରକାଦି, ମେଥି ମୋଦକ, ନାରୀକେଳଖଣ୍ଡ, ଅଶ୍ୱଗନ୍ଧା ମୋଦକ, ଅଶୋକାରିଷ୍ଟ ଇତ୍ୟାଦିର ନାମ ଶୁଣିଛୁ । ସେଥିରୁ କିଛି ବ୍ୟବହାର କରିଲେ ରୋଗ କମି ଯାଉଥିଲା । ଯୁଧିଷ୍ଠି ବଇଦେ ଏ ସବୁ ଔଷଧ ନିଜ ହାତରେ ତିଆରି କରୁଥିଲେ ।

ଯୁଧିଷ୍ଠି ବଇଦଙ୍କ ବେଶଭୂଷା ସେମିତି କିଛି ଦେଖିଲାଭଳି ନଥିଲା । ମୁଣ୍ଡରେ ଠେକାଟାଏ ବାନ୍ଧନ୍ତି । ଦେହରେ ଖଣ୍ଡେ ଅଧାହାତ ଫତେଇ । କାନ୍ଧରେ ପାଣି ଗାମୁଛାଟିଏ । ପିନ୍ଧୁଥିବା ଲୁଗାଟି କେବେ ଗେରୁମଡ଼ା ରଙ୍ଗର ତ କେବେ ଧଳାଲୁଗାଟିଏ । କାଖରେ ବଟୁଆଟିଏ ଓହଳାଇ ବଇଦେ ଘରମାନଙ୍କୁ ଆସନ୍ତି । ପଇସାଏ ଅଧଲାଏ ସେତେବେଳେ ଯିଏ ଯାହା ଦିଅନ୍ତି । କିଏ ରବି ଫସଲ, ମୁଗ, ବିରି, ଚଣା, କୋଳଥ, ହରଡ଼ ଗଣ୍ଡେ ବାନ୍ଧି ଦିଅନ୍ତି । ଭାଗ ମୋଦକ ବରାଦ କଲେ ପାଞ୍ଚ ସୁଉକା[୧], ଦଶ ସୁଉକା[୨] ପଇସା ଦେବାକୁ ବଇଦେ କହିଥାନ୍ତି । ଏମିତି ଥିଲା ସେକାଳର ସ୍ୱାସ୍ଥ୍ୟ ସେବା । ବହୁତ ସହଜ ଆଉ ସୁଲଭ । ଆଜି କାଲି ପରି ଗୋଡ଼ଭାଙ୍ଗି ଡାକ୍ତରଙ୍କ ପାଖରେ ଧାରଣା ଦେବାକୁ ପଡୁ ନଥିଲା । ଅର୍ଥ ଲୋଲୁପତା ଓ ପୀଡ଼ିତ ରୋଗୀଠାରୁ ଶୋଷଣ କରିବାର ନିଷ୍ଠୁର ଭାବନା ବୈଦ୍ୟଙ୍କର ନଥିଲା ।

ଏବର ବିଜ୍ଞାନ ଯୁଗରେ ସେଇ ପୁରୁଣା କଥା କେହି କେହି ମନେ ପକାଇ ଦିଅନ୍ତି । ଥରେ ଆମ ଗାଁରେ ଜଣକର ଛାତି ପୀଡ଼ା ଦରଜ ସାଙ୍ଗକୁ ହାତ ଗୋଡ଼ ଘୋଳାବିନ୍ଧା ଥାଇ ଜର ହେବାର ଦେଖାଗଲା । ବଇଦ ଗାଆଁକୁ ଆସିଲାରୁ ତାଙ୍କୁ ଡାକି ଆଣି ଦେଖାଇଲେ । ସେ ନାଡ଼ି ଦେଖିଲେ । କେଜାଣି କ'ଣ ଜାଣିଲେ ? ଲୋକଟିକୁ ପାରୁଶ ହୋଇଥିବା କହିଲେ । ଆଜି କାଲି ତାକୁ କୁଆଡ଼େ ନିମୋନିଆଁ କହୁଛନ୍ତି । ଯାହା ହେଉ ବଇଦେ ଆଶ୍ୱାସନା ଦେଲେ । ଭଲ ହୋଇଯିବ କହି ପଥ୍ୟ, ପାଚନ ସାଙ୍ଗକୁ ଔଷଧ ବତାଇ ଦେଲେ । ସେହି ଦେଶୀ ଔଷଧ କଥା ଲୋକେ କହନ୍ତି - (୧) ବେହେଣ୍ଡା ମୂଳ (୨) କୋଚିଲା ମୂଳ (୩) କାଳୀ ବେତୀ ମୂଳ ଅଭାବେ 'କୋରୁହା' ମୂଳକୁ ଏକୋଇଶିଟି ଗୋଲ ମରିଚ ମିଶାଇ ଚିକ୍କଣ କରି ବାଟି ଛାତିରେ ଲେପ ଦେବାକୁ ପଡ଼େ । ଏହାପରେ ବେଗୁନିଆ ପତ୍ର ପୁଡ଼ିଆରେ ସେକ ଦିଆଯାଇଥାଏ । ଏହି ଚିକିତ୍ସାରେ ଅନେକ ରୋଗୀ ଭଲ ହୋଇଥିବାର ଦେଖାଯାଇଛି । ଏଥିପାଇଁ ସେମିତି କିଛି ଖର୍ଚ୍ଚ କରିବାକୁ ପଡ଼ି ନଥାଏ ।

୧. ପାଞ୍ଚ ସୁଉକା = ୧ ଟଙ୍କା ୨୫ ପଇସା
୨. ଦଶ ସୁଉକା = ୨ଟଙ୍କା ୫୦ ପଇସା

Digitized by PPRACHIN, SOA

ସେହି ପରି ଜର ହେଲେ ବେଲ, ଗମ୍ଭାରୀ, ଫଣଫଣା, ଅଗବଧୁ, ପାଟେଳୀ, ଶାଳପର୍ଣ୍ଣି, ବୃହତୀ, ଅଙ୍କରାନ୍ତି ଓ ଗୋକ୍ଷୁର ଆଦି ଦଶମୂଳର ସିଝା ପାଣି ପିଇବାକୁ ବଇଦେ କହିଥାନ୍ତି । ଏହା କେତେ ସହଜ ଉପାୟ ଓ ଅଳ୍ପ ଖର୍ଚ୍ଚ ବିଚାର କରାଯାଇ ପାରେ ।

ଶୁଣିବାକୁ ମିଳେ ଯୁଧିଷ୍ଠି ବଇଦେ ଜଗତର ନାଥ ଜଗନ୍ନାଥଙ୍କ ଅନବସରର ଔଷଧ ଲାଗି ପାଇଁ ପୁରୀ-ଶ୍ରୀକ୍ଷେତ୍ର ବଡ଼ ଦେଉଳକୁ ଦଶମୂଳ ଯୋଗାଉଥିଲେ ଏବଂ ଶ୍ରୀମନ୍ଦିର ସେବା ପକ୍ଷରୁ ବାର୍ଷିକ ପାରିତୋଷିକ ତାଙ୍କୁ ଦିଆଯାଇଥାଏ । ଏହା ସହିତ ସେ ନରସିଂହପୁର ରାଜ ପରିବାରର ସ୍ୱାସ୍ଥ୍ୟ ସେବା ଦେଖାଶୁଣା କରିଥାନ୍ତି । ସେଥିପାଇଁ ସେ ରାଜବୈଦ୍ୟ ଭାବରେ ସବୁଠାରେ ପରିଚିତ । ବାରମାସ ତେର ପର୍ବରେ ରାଜ ପରିବାର ପକ୍ଷରୁ ବଇଦଙ୍କୁ ସବୁ ଭଲ ମନ୍ଦ ଦ୍ରବ୍ୟର ଭେଟି ଦିଆଯିବା କଥା ଲୋକମୁଖରୁ ଜଣାଯାଏ ।

ଲୋଭ, ହିଂସା, କପଟ, ନିଷ୍ଠୁରତା ତାଙ୍କଠାରେ ନଥିଲା କି ଉଦାର ଭାବ ? ସତେ ଯେମିତି ଭଗବାନ ନିଜେ ଦୁଃଖୀର ଦୁଃଖ ଲାଘବ କରିବା ପାଇଁ ତାଙ୍କ ମାଧ୍ୟମରେ ମର୍ତ୍ତ୍ୟ ପୁରକୁ ଓହ୍ଲାଇ ଆସିଥାଚି ।

"ଅଭିନବ ଚିନ୍ତାମଣି"କୁ ପାଠ କଲେ ଜଣାଯାଏ, ବୈଦ୍ୟ ମୁଖ୍ୟତଃ ଦୁଇ ପ୍ରକାର । ଗୋଟିଏ ଅମୃତହସ୍ତା, ଅନ୍ୟଟି ବିଷହସ୍ତା । ଯୁଧିଷ୍ଠି ବଇଦେ ବାସ୍ତବରେ ଏକ ଅମୃତ ହସ୍ତା ବୈଦ୍ୟ ।

ସେ ଆଜି ନରସିଂହପୁରରେ ନାହାନ୍ତି । ସେ ଅନ୍ୟ ଏକ ପୁରରେ ଆସ୍ଥାନ ଜମାଇ ଅଛନ୍ତି, ଯେଉଁ ପୁରରୁ କେହି କେବେ ଫେରନ୍ତିନି । ମାତ୍ର ତାଙ୍କର ମହତ୍ତ୍ୱପୂର୍ଣ୍ଣ ଜନସେବା, ଉଦାର ମନୋଭାବ ଏବଂ ଅତି ସରଳ ନିରାଡମ୍ବର ଜୀବନ ଧାରା ଏବଂ ଉନ୍ନତ ବିଚାରବୋଧ ଚିରକାଳ ଏହିପରି ଜୀବନର ପ୍ରେରଣାର ଉତ୍ସ ହୋଇ ରହିଥିବ ଏବଂ ନରସିଂହପୁର ତାଙ୍କୁ ଝୁରୁଥିବ ।

❑ ❑ ❑

Digitized by PPRACHIN, SOA

ଦୀକ୍ଷାଗୁରୁ ପଣ୍ଡିତ ସୋମନାଥ ବାହିନୀପତି

ଡଃ କୈଳାସ ଚନ୍ଦ୍ର ଆଚାର୍ଯ୍ୟ

ଦୁନିଆଁ ବିଚିତ୍ର । ତା'ର ସୃଷ୍ଟିକର୍ତ୍ତା ତଦ୍ରୂପ । କିଏ ସେ ରାଜେନ୍ଦ୍ରାସନେ ଆସୀନତ କିଏ ଦାଣ୍ଡର ଫକୀର ; ଫକୀର ବି ବେଳେବେଳେ ହୁଏ ଅମୀର । ସବୁ କିଛି ସମ୍ଭବ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ; ଦୁନିଆ ଏମିତି ଗଢ଼ା । ଡଃକୈଳାସ ଚନ୍ଦ୍ର ଆଚାର୍ଯ୍ୟ ଏକ ନିଚ୍ଛକ ଚରିତ୍ରଟିଏ ଉପସ୍ଥାପନ କରିଛନ୍ତି ଯିଏକି ନରସିଂହପୁରର ଜନ୍ମଗତ ବାସିନ୍ଦା ନୁହନ୍ତି ମାତ୍ର ନରସିଂହ ବାସିନ୍ଦା ହୋଇ ପଡ଼ିଛନ୍ତି ବିଧିର ନିର୍ଦ୍ଦେଶରେ ଏବଂ ନରସିଂହପୁରର ବାସିନ୍ଦାମାନେ ତାଙ୍କ କୃତିକଳାପ ନେଇ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିଥିଲେ ।ତାଙ୍କର ତିରୋଧାନ ପରେ ବ୍ରାହ୍ମଣ ବିଦ୍ୟାର ଅବନତି ଘଟିଛି । ଲୋକେତାଙ୍କୁ ଝୁରୁଛନ୍ତି ।ସେ ହେଉଛନ୍ତି ପଣ୍ଡିତ ସୋମନାଥ ବାହିନୀପତି । ତାଙ୍କରି ସମ୍ବନ୍ଧରେ ଡ଼ଃ କୈଳାସ ଚନ୍ଦ୍ର ଆଚାର୍ଯ୍ୟ ଲେଖିଛନ୍ତି "ଦୀକ୍ଷାଗୁରୁ ପଣ୍ଡିତ ସୋମନାଥ ବାହିନୀପତି " ଶୀର୍ଷକରେ । ଆସନ୍ତୁ ଡଃ କୈଳାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ଲିଖିତ "ଦୀକ୍ଷାଗୁରୁ ପଣ୍ଡିତ ସୋମନାଥ ବାହିନୀପତି" ପାଠକରି ତାଙ୍କରି ବିଷୟରେ ଜ୍ଞାତସାର ହେବା ।

କଟକ ଜିଲ୍ଲା ଅନ୍ତର୍ଗତ ବଡ଼ମ୍ବା ବ୍ଲକସ୍ଥ ଶଙ୍ଖାମେରୀ ଗ୍ରାମରେ ପ୍ରାଣବନ୍ଧୁ ଷଡ଼ଙ୍ଗୀଙ୍କ ଔରସରେ ଚନ୍ଦ୍ରମଣି ଦେବୀଙ୍କ ଗର୍ଭରୁ ଦ୍ୱିତୀୟ ପୁତ୍ର ଭାବେ ସନ ୧୮୯୭ ମସିହା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ନବମୀ ତିଥିରେ ସୋମନାଥ ଜନ୍ମଗ୍ରହଣ କରିଥିଲେ ।ତାଙ୍କୁ ଯେତେବେଳେ ପାଞ୍ଚବର୍ଷ ସେତେବେଳେ କୃଷ୍ଣପୁର ଗ୍ରାମର ରଥବଂଶ ପିଉସୀ ଘରକୁ ପୋଷ୍ୟପୁତ୍ର ହୋଇଥିଲେ । ଏହି ରଥ ବଂଶରେ ତାଙ୍କ ପିତାଙ୍କ ନାମ ଗୋପୀନାଥ । ପିଲାଦିନେ ସେ ଭାରି ଜିଦ୍‌ଖୋର ଥିଲେ । ଯେତେବେଳେ ଯାହା ଜିଦ୍ କରୁଥିଲେ, ତାହା କାର୍ଯ୍ୟକାରୀ ନ ହେଲେ ଖାଉ ନଥିଲେ । ଗୋପୀନାଥ ରଥ ଓ ମଣିଦେବୀ ବଡ଼ ଆଦର ଯତ୍ନରେ ତାଙ୍କୁ ପ୍ରତିପାଳନ କରୁଥିଲେ ।

ସେ ସମୟରେ ଅବଧାନ ପାଖରେ ଚାଟଶାଳୀ ପାଠ ଶେଷକରି ରାଜାସାହେବ ବିଶ୍ୱମ୍ଭର ମଙ୍ଗରାଜଙ୍କ ଅନୁଗ୍ରହରେ ପୁରୀରେ ସଂସ୍କୃତ ପାଠ ଅଧ୍ୟୟନ କରିଥିଲେ । ନିଜର ନିଷ୍ଠା, ଅଧ୍ୟବସାୟ ଫଳରେ ସେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ ।ପାଠପାଢ଼ା ଶେଷକରି ସେ ଘରକୁ ଫେରିଲେ ।ସଂସ୍କୃତରେ ପ୍ରଥମ

Digitized by PPRACHIN, SOA

ସ୍ଥାନ ଅଧିକାର କରି ଆସିଥିବାରୁ ରାଜା ସାହେବ ତାଙ୍କୁ 'ବାହିନୀପତି 'ଉପାଧି ପ୍ରଦାନ କରିଥିଲେ ।ପ୍ରଥମେ ଜନ୍ମକାଳରେ ଷଡ଼ଙ୍ଗୀ, ପୋଷ୍ୟକୁଳରେ ରଥ ଓ ନିଜର କର୍ମ ବଳରେ ବାହିନୀପତି ନାମରେ ସୋମନାଥ ପରିଚିତ ହେଲେ । ପୁରୀରେ ଅବସ୍ଥାନ କାଳରେ ସେ ଛାତ୍ର ଅବସ୍ଥାରେ ମଧ୍ୟ ଚନ୍ଦ୍ରଶେଖର ତୀର୍ଥ ସ୍ୱାମୀଙ୍କଠାରୁ ମନ୍ତ୍ର ଉପଦେଶ ଗ୍ରହଣ କରିଥିଲେ ।

ସଂସ୍କୃତ ପଢ଼ି ଆସିବାପରେ ବ୍ରହ୍ମ ବିଦ୍ୟାରେ ସନ୍ଧ୍ୟା,ତର୍ପଣ ବୈଶ୍ୱଦେବ, ଶ୍ରାଦ୍ଧ,ହୋମ,ଚଣ୍ଡୀ,ରୁଦ୍ରାଭିଷେକ ଆଦି ଶିକ୍ଷାକରିବାର ଆଗ୍ରହ ବଳାଇ ସେ ସବୁ ବିଷୟରେ ଦକ୍ଷତା ଅର୍ଜନ କରିଥିଲେ ।

ସମୟ କ୍ରମେ ସେ ହାତକୁ ଦି'ହାତ ହେଲେ । ଦୁଇ ପୁତ୍ର ଓ ଚାରୋଟି କନ୍ୟାର ପିତା ବୋଲାଇଲେ । ସମୟ ସମସ୍ତଙ୍କର ସମାନଭାବେ ଯାଏନି । ଉତ୍ଥାନ ପତନ ଦୁନିଆର ରୀତି । ତାଙ୍କର ଶନି ଚାଳନ ସମୟରେ ସେ ବହୁକଷ୍ଟ ଅନୁଭବ କରିଥିଲେ । ଏପରିକି ପିନ୍ଧିବା ବସ୍ତ୍ର ମଧ୍ୟ ପୋଡ଼ିଯାଇ ଅର୍ଥଭାବ ଲାଗିରହିଲା ।ଫଳରେ ଅର୍ଥରୋଜଗାର ନିମିତ୍ତ ବୌଦ ସୋନପୁର ଦେଇ ତରଭାରେ ରହି ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ । କିଛିବର୍ଷ ବିଦେଶରେ ରହି ଘରକୁ ଫେରି ଆସି ପୁନରାୟ ବିଦେଶ ଯିବା ପାଇଁ ମନ ବଳାଇଲେ ନାହିଁ । ହଳହଣ୍ଡାକରି ଜମିଚାଷ କରିଥିଲେ । ମଧ୍ୟେ ମଧ୍ୟେ ଲୋକମାନଙ୍କ ଅନୁରୋଧରେ ଚଣ୍ଡି, ରୁଦ୍ରାଭିଷେକ , ଶ୍ରାଦ୍ଧ ହୋମ କରି ଦି ପଇସା ରୋଜଗାର କରି ନିଜର ଗୁଜରାଣ ମେଣ୍ଟାଇ ନିଅନ୍ତି ।

ଆକସ୍ମିକ ଭାବେ ତାଙ୍କର ବାୟାବାବାଙ୍କ ସହ ଦେଖା ହେଲା । ସେ ବାୟା ବାବାଙ୍କୁ ଘରକୁ ଡ଼ାକି ତାଙ୍କର ସେବାଯତ୍ନ କରିବା ସମୟରେ ବାୟା ବାବା ତାଙ୍କୁ ଚାଷବାସ ଭାଙ୍ଗିଦେଇ ବିଦେଶ ଯିବାକୁ ପ୍ରବର୍ତ୍ତାଇଥିଲେ ମାତ୍ର ସୋମନାଥ ବାହିନୀ ପତି ତାହା ନ କରି ସାଂସାରିକ ମାୟାମୋହରେ ପଡ଼ିଗଲେ । ସମୟ ଆସିଲା । ବାୟାବାବାଙ୍କ କଥା ସତରେ ପରିଣତ ହେଲା । କିଛି ଦିନପରେ ଗୋଟିଏ ବଳଦ ମରିଗଲା, ଆଉ ଗୋଟିଏ ଅକର୍ମଣ୍ୟ ହୋଇଗଲା; ଚାଷ ଭାଙ୍ଗିଗଲା ।

ତା'ପରେ ସେ ଚିନ୍ତାକଲେ ଗୃହ ପରିତ୍ୟାଗ କରିବେ । ଯିବେ କୁଆଡ଼େ ? ଏହିପରି ଚିନ୍ତାକରି ଦୈବଯୋଗରୁ ସେ ଆସି ନରସିଂହପୁରର ହରିପୁର ଗ୍ରାମରେ ପହଞ୍ଚିଲେ । ସେ ମୌଜାର ସାହାଯ୍ୟକାରୀ ତଥା ଗଣ୍ୟମାନ୍ୟ ବ୍ୟକ୍ତି ଯୋଗୀନାଥ ମହାପାତ୍ର , ଦାମ ପଣ୍ଡା, ମୋହନ ପଣ୍ଡା ପ୍ରଭୃତି ପଣ୍ଡିତଙ୍କ ସହ ଅନେକ କଥୋପକଥନ ପରେ ସେ ହରିପୁର ମୌଜାରେ ରହି ଷୋଡ଼ଶ ଉପଚାର, ପୂଜା ପ୍ରଭୃତି ବିଷୟମାନ

Digitized by PPRACHIN, SOA

ଛୋଟ ପିଲାଙ୍କୁ ଶିକ୍ଷା ଦେବାପାଇଁ ସ୍ଥିର କରାଯାଇଥିଲା । ପଣ୍ଡିତ ମହାଶୟ ତାହା ଶିକ୍ଷାଦାନ କରିବା ସହ ଆସ୍ତେ ଆସ୍ତେ ସନ୍ଧ୍ୟା, ତର୍ପଣ ,ଗାୟତ୍ରୀ, ଶ୍ରାଦ୍ଧ, ହୋମ ବିଷୟ ଶିକ୍ଷା ଦେଇଥିଲେ । ତାଙ୍କର ଶିକ୍ଷାଦାନ ସହ ଆଚାର ବ୍ୟବହାର , ସରଳତା ନିରାଡ଼ମ୍ବରତା, ନିର୍ଲୋଭତା , ସାଧୁତା ଗୁଣ ଦେଇ ହରିପୁର ତଥା ଆଖପାଖର ଲୋକମାନେ ଭକ୍ତିରଜ୍ଜୁରେ ତାଙ୍କୁ ବାନ୍ଧି ରଖିଲେ । ସିଆରିଆ ମଠ ବାବାଜୀ ରାଜୀବ ଲୋଚନ ଦାସ, ଗୋଡ଼ିବନ୍ଧର କୃଷ୍ଣଚନ୍ଦ୍ର ମିଶ୍ର ଆସି ତାଙ୍କଠାରୁ ଶିକ୍ଷାଲାଭ କଲେ । ସକଳ ପ୍ରକାର ସାହାଯ୍ୟ ସହାନୁଭୂତି ଲାଭକରି ଘରର ଚିନ୍ତା ପଣ୍ଡିତଙ୍କ ମନକୁ ସ୍ପର୍ଶ କରି ପାରି ନଥିଲା । ସେହି ହରିପୁର ଗ୍ରାମର ଜଣେ ବାସିନ୍ଦା ହିସାବରେ ସେ ଅନେକ ବର୍ଷ ରହିଥିଲେ ।

ସମୟ କଥା କୁହେ । ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ନରସିଂହପୁରର ନୃପତି । ଦେବତା ବ୍ରାହ୍ମଣରେ ତାଙ୍କର ଅଚଳ ଭକ୍ତି ଓ ବ୍ର ହ୍ମ ବିଦ୍ୟାରେ ତାଙ୍କର ପାରଦର୍ଶିତା ସମସ୍ତଙ୍କୁ ଜଣା । ଏକଦା ସେ ନୋଟିସ ଜାରିକଲେ । ବ୍ରାହ୍ମଣମାନଙ୍କ ଠାରୁ ସନ୍ଧ୍ୟା, ତର୍ପଣ, ଗାୟତ୍ରୀ, ଚଣ୍ଡୀପୂଜା, ରୁଦ୍ରାଭିଷେକ ବିଷୟରେ ପରୀକ୍ଷା ନିଆଯିବ ; ଏଇ ଘଟଣା ନରସିଂହପୁର ବ୍ରାହ୍ମଣମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କଲା । ପଣ୍ଡିତ ସୋମନାଥ ବାହିନୀପତି ଏହି ସବୁ ବିଷୟରେ ଦକ୍ଷତା ଅର୍ଜନ କରିଛନ୍ତି । ଫଳରେ ପ୍ରଥମେ ସୋଳବନ୍ଧ ବ୍ରାହ୍ମଣମାନଙ୍କ ଅନୁରୋଧରେ ସେ ଅଇଁଠୁ ରଥଙ୍କ ବସାଘରେ ରହି ବ୍ରାହ୍ମଣ ପିଲାମାନଙ୍କୁ ଶିକ୍ଷାଦେଲେ । କେତେକ ପୁରୁଷ ଓ ସ୍ତ୍ରୀ ତାଙ୍କଠାରୁ ଦୀକ୍ଷାଗ୍ରହଣ କଲେ । ହାଡ଼ି ବାଇଦ କୋଶେତ, ତୁଣ୍ଡବାଇଦ ସହସ୍ର କୋଶ । କ୍ରମେ କ୍ରମେ ବାହିନୀପତିଙ୍କ ଶିକ୍ଷାଦାନ ତଥା ଦୀକ୍ଷାଦାନ ନରସିଂହପୁର ସାରା ଖେଳିଗଲା । ସେ ଗୋପାଳପୁର, କାଞ୍ଜିଆପଦା, ଅଢ଼େଇଗୁଣ୍ଠି, ଗୋଡ଼ିବନ୍ଧ ଗ୍ରାମର ବିଶିଷ୍ଟ ଲୋକମାନଙ୍କ ଦ୍ୱାରା ଆହୂତ ହୋଇ ଶିକ୍ଷାଦାନ ଓ ଦୀକ୍ଷାଦାନ କରିଥିଲେ । ନରସିଂହପୁରରେ ଏକ ସାତ୍ତ୍ୱିକଭାବାପର୍ଣ୍ଣ ପରିବେଶ ସୃଷ୍ଟି କରିବାରେ ସେ ହେଉଛନ୍ତି ପ୍ରଥମ । ବଡ଼ମ୍ବାର ଲୋକଙ୍କ ଅନୁରୋଧରେ ସେ ବଡ଼ମ୍ବା ଯାଇ ଖରିଆମଡ଼ା, ଶଙ୍ଖାମେରୀ, ଗୋପୀନାଥ ପୁର ମାଣିଆବନ୍ଧ ଆଦି ଗ୍ରାମର ଇଚ୍ଛାକରୁଥିବା ଲୋକମାନଙ୍କୁ ଦୀକ୍ଷାଦାନ କରିଥିଲେ । ଆଠଗଡ଼, ଢେଙ୍କାନାଳରୁ କେତେକ ସ୍ତ୍ରୀ ପୁରୁଷ ଆସି ଗୁରୁଙ୍କ ଗୃହରେ ମନ୍ତ୍ର ଗ୍ରହଣ କରିଯାଇଛନ୍ତି ।

ପଣ୍ଡିତ ସୋମନାଥ ବାହିନୀପତି ମନ୍ତ୍ର ଉପଦେଶ ଆଦି ଦାନ କରିବାକୁ ଦିନକ ପାଇଁ କାହାକୁ ଡାକି ନଥିଲେ । ଗୁରୁଙ୍କର ଆଶୀର୍ବାଦ ଯୋଗୁଁ ସେ ଶତାଧିକ ଲୋକଙ୍କର ଗୁରୁ ହୋଇ ପାରିଥିଲେ ।

Digitized by PPRACHIN, SOA

ଦେଖା ଯାଇଛି ସେ ଚଣ୍ଡୀ ପାଠ କରି ବସନ୍ତ ରୋଗୀକୁ, ରୁଦ୍ରାଭିଷେକ କରି କୁଷ୍ଠ ରୋଗୀକୁ ଭଲ କରିଛନ୍ତି । ନିଃସନ୍ତାନ ଲାଗି ରୁଦ୍ରାଭିଷେକ, ବିଲ୍ୱଦଳରେ ପଞ୍ଚାକ୍ଷର ମନ୍ତ୍ର ଲେଖି ଶିବଙ୍କ ଶିରରେ ତାହାରଖି ମଧୁସୂଦନ ମନ୍ତ୍ର ଜପ କରି ନିଃସନ୍ତାନକୁ ସନ୍ତାନ ଲାଭ କରାଇଛନ୍ତି ।

ତାଙ୍କର ଜୀବନକାଳ ମଧ୍ୟରେ ସେ ନରସିଂହପୁରସ୍ଥ ଚମ୍ପାନାଥ ମନ୍ଦିର, ବାଣେଶ୍ୱର, ବାଲିଝରି ଶିବ ମନ୍ଦିର, ବଡମ୍ବାର ସିଂହନାଥ ମନ୍ଦିର, ସ୍ୱପ୍ନେଶ୍ୱର ମନ୍ଦିର, ବାଲୁକେଶ୍ୱର, କପିଳେଶ୍ୱର ଶିବଙ୍କ ପାଖରେ ବିଭିନ୍ନ ଲୋକଙ୍କ ପାଇଁ ପାଞ୍ଚସାତ ଦିନ ଲେଖାଁଏ ରୁଦ୍ରାଭିଷେକ କରି ଲୋକପ୍ରିୟ ହୋଇ ପାରିଥିଲେ ।

ବ୍ରାହ୍ମଣ, ଅତିଥି, ଅଭ୍ୟାଗତ, ସାଧୁ ସନ୍ନ୍ୟାସୀ ଆସିଲେ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ଦେଖାଇ ତାଙ୍କୁ ଭୋଜନ ଦେଇ ସନ୍ତୋଷ କରିବା ପରେ ନିଜେ ଭୋଜନ କରିଥାନ୍ତି ।

ଏହିପରି ଭାବରେ ସାରା ଜୀବନ ସେ ଅତିବାହିତ କରିଥିଲେ, ଜୀବନ ସନ୍ଧ୍ୟାରେ ପ୍ରତ୍ୟହ ଜଗନ୍ନାଥଙ୍କର ବାହୁ, ମୁଖାରବିନ୍ଦ, ନେତ୍ର, ଦୟଣାମାଳ, ଧଣ୍ଡାମାଳ କଥା କହୁଥିଲେ । ୧୯୬୯ ମସିହା କାର୍ତ୍ତିକ ମାସ, ଶୁକ୍ଳପକ୍ଷ ସପ୍ତମୀ ତିଥିଦିନ ତାଙ୍କର ଶେଷ ସମୟ ଉପସ୍ଥିତ ହେବାର ସେ ଜାଣି ପାରିଥିଲେ । ବ୍ରାହ୍ମଣମାନଙ୍କୁ ଡକାଇ ମନ୍ତ୍ର ପାଠକରି ଅନ୍ନ ବସ୍ତ୍ରାଦି ଦାନ କରିଥିଲେ । ତା'ପରେ ଉଚ୍ଚ ସ୍ୱରରେ ରାମତାରକା ମନ୍ତ୍ର ରାତ୍ରିସାରା ଉଚ୍ଚାରଣ କରି ପାହାନ୍ତା ପହରକୁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଲୋକର ଆଚାର ବିଚାର ଶିକ୍ଷା ଦୀକ୍ଷା ସେବା ନେଇ ସେ ମଣିଷ ସମାଜରେ ଗଣ୍ୟ ହୁଏ ; ତାହାର ବିୟୋଗରେ ସମାଜ ହୁଏ ମର୍ମାହତ । ତାଙ୍କପରି ଏକ ଉତ୍ତରାଧିକାରୀ ନ ପାଇବା ପର୍ଯ୍ୟନ୍ତ ସମାଜର ଯଶ ଗୌରବ ହୁଏ କ୍ଷୁଣ୍ଣ - ଏହାହିଁ ସତ୍ୟ । ୧୯୬୯ ମସିହାଠାରୁ ନରସିଂହପୁରରେ ଦୀକ୍ଷା ଦେବାକୁ କେହି ଆଗେଇ ଆସିନାହାନ୍ତି । ବ୍ରାହ୍ମଣ ପିଲାଙ୍କୁ ବ୍ରାହ୍ମଣ ପାଠ ପଢ଼ାଇ ତାଙ୍କୁ ବ୍ରାହ୍ମଣ ରୂପେ ସମାଜରେ ଠିଆ କରେଇବାକୁ କେହି ସାହସ କରି ନାହାନ୍ତି । ଯାହାରି ଫଳରେ ଆଜି ବ୍ରହ୍ମ ବିଦ୍ୟା ଲୋପ ହେବାକୁ ବସିଲାଣି । ଏ ସବୁ ହୃଦୟଙ୍ଗମ କରି ନରସିଂହପୁର ଦୀକ୍ଷାଗୁରୁ ପଣ୍ଡିତ ସୋମନାଥ ବାହିନିପତିଙ୍କୁ ଝୁରୁଛି । ଅଧିକେନ ଅଳମ୍ ।

❑❑❑

Digitized by PPRACHIN, SOA

ଗଳ୍ପ ସାଗର ଦେବରାଜ ମିଶ୍ର

ସସ୍ମିତା ମିଶ୍ର

ଈଶ୍ୱର ହିଁ ବିଚିତ୍ର, ତାଙ୍କ ସୃଷ୍ଟି ମଧ୍ୟ ବିଚିତ୍ର । ଭଳୁଜୀୟ ପଲ୍ଲୀ ଜୀବନରେ ଥାଏ ସ୍ୱାତନ୍ତ୍ର୍ୟତା । ପ୍ରକୃତି କୋଳରେ ବଢ଼ି ଏମାନେ ସରଳ ନିଷ୍କପଟ ତଥା ନିରାଡମ୍ବର ଜୀବନ ଯାପନ କରିଥାନ୍ତି । ବାସନ୍ତୀ ଉଷା, ପୌଷ ସନ୍ଧ୍ୟା, ଜ୍ୟୋତ୍ସ୍ନା ବିଧୌତ ଶାରଦ ରଜନୀ ପୁଲକିତ ପ୍ରାଣରେ ଆହ୍ୱାନ କରନ୍ତି କବି, ଭାବୁକ ଏବଂ ଦାର୍ଶନିକ ମାନଙ୍କୁ । ସୌନ୍ଦର୍ଯ୍ୟର ପୂଜାରୀ ମାନବ ସେହି ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିପାରେ ନାହିଁ । ଏହି ସତ୍ୟର ପଥିକ ହୋଇ ନରସିଂହପୁର ରାଜ୍ୟର ପଲ୍ଲୀବାସୀଙ୍କ କୋଳରେ ହସି ଖେଳି ଶହ ଶହ ଦର୍ଶକବୃନ୍ଦଙ୍କୁ ନିଜ ସଦ୍‌ଗୁଣାବଳୀରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରି ଯାଇଛନ୍ତି ନରସିଂହପୁର ସ୍ୱର୍ଗତ ଦେବରାଜ ମିଶ୍ର ।

ତାଙ୍କରି ଚେଷ୍ଟାରେ ସସ୍ମିତା ମିଶ୍ର ଲେଖିଛନ୍ତି ସରଳ ତରଳ ଭାଷାରେ "ଗଳ୍ପ ସାଗର ଦେବରାଜ ମିଶ୍ର" ଶୀର୍ଷକରେ । ଆସନ୍ତୁ ତାହା ପାଠକରି ଦେବରାଜ ମିଶ୍ରଙ୍କ ବିଷୟରେ ଅବଗତ ହେବା ।

ଯେଉଁ ମହାନ ବ୍ୟକ୍ତିମାନେ ଦେଶ ଓ ଦଶ ପାଇଁ ସେମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟର ଉପକାର କରନ୍ତି ସେମାନେ ହେଉଛନ୍ତି ଆମ ଜାତିର ନମସ୍ୟ । ସେମାନେ ଇହଲୀଳା ତ୍ୟାଗ କଲେ ମଧ୍ୟ ଆମମାନଙ୍କ ପାଖରେ ଅମର ହୋଇ ରହନ୍ତି । କାରଣ ତାଙ୍କର ଅଭୁଲା ସ୍ମୃତି ଆମ୍ଭମାନଙ୍କ ମାନସ ପଟରେ ସର୍ବଦା ଜାଗ୍ରତ ହୋଇ ରହିଥାଏ ।

ଦେବରାଜ ମିଶ୍ରଙ୍କର ଶୁଭ ଆବିର୍ଭାବ ଘଟେ କାନପୁର ପଞ୍ଚାୟତର ତାମରା ଗ୍ରାମରେ ୧୯୧୫ ମସିହାରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ । ତାଙ୍କ ପିତାଙ୍କ ନାମ ସାଧୁ ମିଶ୍ର ଓ ମାତାଙ୍କ ନାମ ଅମରୀ ଦେବୀ । ବିଧିର ବିଧାନ ବିଚିତ୍ର । ତାଙ୍କୁ ଯେତେବେଳେ ପାଞ୍ଚ ଛଅ ବର୍ଷ, ସେତେବେଳେ ସାଧୁ ମିଶ୍ରଙ୍କ ଜ୍ୟେଷ୍ଠଭ୍ରାତା ବୃନ୍ଦାବନ

Digitized by PPRACHIN, SOA

ମିଶ୍ର ଦେବରାଜ ମିଶ୍ରଙ୍କୁ ପୋଷ୍ୟପୁତ୍ର କରି ନେଇଥିଲେ । ଫଳରେ କିଛିଦିନ ପରେ ତାଙ୍କର ଉଭୟ ପିତା ଓ ମାତାଙ୍କର ପରଲୋକ ପ୍ରାପ୍ତି ହେଲା; ଯାହା ଫଳରେ ଦେବରାଜ ମିଶ୍ର ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହେଲେ । ବହୁକଷ୍ଟରେ ସେ ମଧ୍ୟ ଇଂରାଜୀ ପର୍ଯ୍ୟନ୍ତ ଶିକ୍ଷା କରିଥିଲେ ।

ସପ୍ତମ ଶ୍ରେଣୀ ପାଶ୍ କରି ସାରିବା ପରେ ଗଞ୍ଜାମ ଜିଲ୍ଲାରେ ବେଲଗୁଣ୍ଠାଠାରେ ହୋମିଓପ୍ୟାଥିକ ଟ୍ରେନିଂ ଅନୁଷ୍ଠାନରେ ନାମ ଲେଖାଇଲେ । ସେଠାରୁ ଟ୍ରେନିଂ ପ୍ରାପ୍ତ ହୋଇ ଜନତା ସେବାରେ ନିଜକୁ ନିୟୋଜିତ କଲେ । ଶୈଶବରୁ ସେ ବନ୍ଧୁବତ୍ସଳ ଥିଲେ । ସାଙ୍ଗ ସାଥୀ ତଥା ଗାଁ ଗହଳରେ ଲୋକମାନଙ୍କ ସହିତ ସର୍ବଦା ଗପରେ ମଜି ରହୁଥିଲେ ଫଳରେ ହୋମିଓପ୍ୟାଥିକ ମାଧ୍ୟମରେ ଜନତାର ସେବା କରି ନିଜର ପେଟ ପାଟଣାର ଗୁଜୁରାଣ ମେଣ୍ଟାଇବା ବଡ଼ କଷ୍ଟକର ହେଲା । ଜ୍ୟେଷ୍ଠ ଭ୍ରାତା ଜୟକୃଷ୍ଣଙ୍କ ପ୍ରେରଣାରେ ସେ ସୋନପୁର ଯାଇ ତରଭା ନାମକ ସ୍ଥାନରେ ଘରୋଇ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ସେଠାରେ ଘର ଘର ବୁଲି ଟିଉସନ କରି ଯେତିକି ଅର୍ଥ ଉପାର୍ଜନ କରୁଥିଲେ, ସେଥିରେ ନିଜର ଭରଣ ପୋଷଣ କରି ଅବଶିଷ୍ଟାଂଶକୁ ଦରିଦ୍ରଙ୍କୁ ଦାନ କରୁଥିଲେ । ଦାନ କରିବାରେ ସେ ଆନନ୍ଦ ଉପଲବ୍ଧି କରୁଥିଲେ । ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଗତି କଲେ ମଧ୍ୟ କଳାକାରର କଳା ଦିନେ ନାଁ ଦିନେ ନିଶ୍ଚୟ ବିକଶିତ ହେବ । ଏହା ସଂଘଟିତ ହେଲା ଦେବରାଜଙ୍କ ଜୀବନରେ । ସେ ପ୍ରଥମେ ବଂଶୀ ବଜାଇ ଶିଖିଲେ ଏବଂ କାଳକ୍ରମେ ଜଣେ ବିଖ୍ୟାତ ବଂଶୀବାଦକ ରୂପେ ପରିଚିତ ହେଲେ ।

ଦେବରାଜ ମିଶ୍ର ଥିଲେ ଜଣେ ଗଳ୍ପ ସାଗର । ବିଭିନ୍ନ ପ୍ରକାର ଗଳ୍ପ କହି ସେ ଲୋକମାନଙ୍କ ହୃଦୟରେ ଅପାର ଆନନ୍ଦ ସଞ୍ଚାର କରୁଥିଲେ, ଲୋକଙ୍କ ମୁଖରୁ ଶୁଣାଯାଏ, ସେ ଏପରି ବନେଇ ଚୁନେଇ ପ୍ରାଞ୍ଜଳ ଭାବରେ ଗଳ୍ପ ପେଡ଼ି ଖୋଲି ଦିଅନ୍ତି ଯେ ଯେତେ ଜରୁରୀ କାମରେ ଯାଉଥିବା ଲୋକ ମଧ୍ୟ ବୁହେ ଛିଡ଼ା ହୋଇ ସେ ଗଳ୍ପ ଶୁଣନ୍ତି ଏବଂ ସେ ଯାଗା ଛାଡ଼ି ଚାଲିଯିବା ପାଇଁ ମନ ବଳାନ୍ତି ନାହିଁ । ଖାଲି ସେତିକିତ ନୁହେଁ ତାଙ୍କ ମୁଖରୁ ଗଳ୍ପ ଓ ବଂଶୀବାଦନ ଶୁଣିବା ପାଇଁ ତାଙ୍କୁ ଅନେକ ସ୍ଥାନରୁ ନିମନ୍ତ୍ରଣ କରାଯାଏ । ସେ ନିମନ୍ତ୍ରଣ ରକ୍ଷା କରି ଯଥା ସମୟରେ ଉପସ୍ଥିତ ହୋଇ ନିଜର କଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କର ପ୍ରିୟଭାଜନ ହେବା ସଙ୍ଗେ ସଙ୍ଗେ ଯଥେଷ୍ଟ ଉପାର୍ଜନ

Digitized by PPRACHIN, SOA

ମଧ୍ୟ କରି ପାରୁଥିଲେ । ଶିଶୁମାନଙ୍କ ମନକୁ ଛୁଇଁବା ଭଳି ସେ ନିଜେ ଗଳ୍ପ ମଧ୍ୟ କହି ପାରୁଥିଲେ ।

ନିଜ ଅବସର ସମୟକୁ ଅଯଥାରେ ନଷ୍ଟ ନ କରି ସେ ଛୋଟ ଛୋଟ କବିତା ଲେଖିବାକୁ ଚେଷ୍ଟା କଲେ । ସେଇ ଚେଷ୍ଟା ବଳରେ ସେ କିଛିଦିନ ପରେ ଏକ କବିରେ ପରିଣତ ହେଲେ । ସେ ଅନେକ ସୁନ୍ଦର ଓ ହୃଦୟସ୍ପର୍ଶୀ କବିତା ରଚନା କରିଛନ୍ତି । ସ୍ୱଲେଖନୀ ଚାଳନା କରି ଅନେକ ଗୁଡ଼ିଏ ଦଣ୍ଡନାଚ ଉପଯୋଗୀ ଗୀତ ରଚନା କରିଯାଇଛନ୍ତି । ସେ ଗୁଡ଼ିକ ହେଲା, - ଦହିଖେଳ, ପଠାଣ ଗୀତ, କୃଷ୍ଣଙ୍କର ଅନ୍ଧକୁ ଚକ୍ଷୁଦାନ, ପତର ସଉରା, ବାଇଧନ ଓ ବୀଣାକାରୁଆ..... ଇତ୍ୟାଦି । ଏହି ଗୀତ ଗୁଡ଼ିକ ଦୀର୍ଘଦିନ ହେଲା ଦଣ୍ଡନାଚ ମଧ୍ୟରେ ପରିବେଷିତ ହୋଇ ଜନସମାଜରେ ବିଶେଷ ଭାବରେ ଆଦୃତ ହୋଇଛି ।

ସେ ଜୀବନର ଶେଷ ପର୍ଯ୍ୟାୟରେ ନିଜ ମାତୃଭୂମି ତାମରା ଗ୍ରାମରେ କାଳଯାପନ କରୁଥିଲେ ଓ ମାଗଣାରେ ହୋମିଓପ୍ୟାଥିକ ଚିକିତ୍ସା କରି ବହୁ ରୋଗୀଙ୍କୁ ଆରୋଗ୍ୟ କରିଛନ୍ତି ।

ସେ ଥିଲେ, ଏକାଧାରରେ, କବି, ଗୀତିକାର, ବଂଶୀବାଦକ, ଗଳ୍ପ ସାଗର । ସେ ୧୯୭୦ ମସିହାରେ ମୃତ୍ୟୁବରଣ କଲେ । ବଣର, ମାଳତୀ ବଣରେ ଫୁଟି ମଉଳି ପଡ଼ିଲା ଭଳି, ତାଙ୍କ ପରି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀଙ୍କ କୃତି ଦୁର୍ଭାଗ୍ୟ ବଶତଃ ସୀମିତ ପରିସର ମଧ୍ୟରେ ଆବଦ୍ଧ ହୋଇ ରହିଗଲା ।

ଦିନଯାଏ ଗଡ଼ି, କଥାରହେ ପଡ଼ି । ଦଣ୍ଡନାଚ ସମୟରେ ଦେବରାଜ ମିଶ୍ର ଦେଖାଦିଅନ୍ତି ତାଙ୍କର କବିତା ମାଧ୍ୟମରେ । ତାଙ୍କର କବିତା ଓ ସଂଳାପ ଶ୍ରବଣ କରି ଦର୍ଶକବୃନ୍ଦ କହିଥାଆନ୍ତି - ଧନ୍ୟ ତୁମେ ଦେବରାଜ ମିଶ୍ର, ତୁମେ ମରି ନାହଁ, ତୁମେ ଅମର ଅଛ ।

Digitized by PPRACHIN, SOA

କାହାଣୀ ନୁହେଁ

ଡାକ୍ତର ଗୋକୁଳାନନ୍ଦ ପଟ୍ଟନାୟକ

ଡାକ୍ତର ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ "କାହାଣୀ ନୁହେଁ" ସତ୍ୟ ସମ୍ବଳିତ ଘଟଣା ଉପରେ ଆଧାରିତ ଏକ କ୍ଷୁଦ୍ରଗଳ୍ପ । ନରସିଂହପୁର ଗଡ଼ଜାତ ରାଜ୍ୟର ଶେଷରାଜା ଅନନ୍ତ ଚରଣ ମାନସିଂହ ହରିଚନ୍ଦନ ମହାପାତ୍ରଙ୍କର ମହନୀୟତା ଏହି ଗଳ୍ପରେ ପ୍ରକାଶ ପାଇଛି । ଯାହାକି ଆଜି ଯୁଗଙ୍କ ଚାଲିଚଳନ ଓ ହାବଭାବ ନେଇ କେହି ସହଜରେ ବିଶ୍ୱାସ କରି ପାରିବେ ନାହିଁ । ନୀତି, ନିୟମ, ନ୍ୟାୟ ଓ ଧର୍ମମାର୍ଗ ଅନୁସରଣ କରି ପ୍ରଜାମାନଙ୍କର ସୁଖ ଦୁଃଖ, ଭଲମନ୍ଦ, ହାନୀ ଲାଭ ପ୍ରତ୍ୟକ୍ଷ ଭାବରେ ବୁଝି ରାଜା କିପରି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ତାହାକୁ ରୂପାୟିତ କରିଛନ୍ତି ଡାକ୍ତର ଗୋକୁଳାନନ୍ଦ ପଟ୍ଟନାୟକ ନିଜର ସରଳ ତରଳ ଭାଷାର ବର୍ଣ୍ଣନା ଚାତୁରୀ ମାଧ୍ୟମରେ ।

'ମହନ' ନାମରେ ଏକ ଦପ୍ତରୀର କର୍ତ୍ତବ୍ୟରେ ଅବହେଳା କରିଥିବା ଚାକ୍ଷୁସ ପ୍ରମାଣ ପାଇ ତାକୁ ଟ ୧୦ (ଦଶଟଙ୍କା) ଜରିମାନା କରି କିପରି ସେହି ଟଙ୍କାକୁ ରାଜା ମହନକୁ ଦେଇ କଚେରୀରେ ଦାଖଲ କରିବାକୁ ଆଦେଶନାମା ଜାରିକରିଛନ୍ତି ତାହା ବାସ୍ତବରେ ଶିକ୍ଷଣୀୟ ।

ନୃପତି ନିଜର ଆଦେଶକୁ ଉଲ୍ଲଙ୍ଘନ କରି ପୁନରାୟ ଜରିମାନାର ରହିତାଦେଶ ଦେବାଦ୍ୱାରା ତାଙ୍କର ନିଜତ୍ୱ ନାହିଁ ବୋଲି ଯେ କେହି କହିପାରିବେ ଏବଂ ଏଥିରେ ରାଜାଙ୍କର ମାନମର୍ଯ୍ୟାଦାରେ ହାନୀ ଘଟିଥାନ୍ତା । ତେଣୁ ଏକ ପକ୍ଷରେ ରାଜାଙ୍କର ଆଦେଶ ଶିରୋଧାର୍ଯ୍ୟ କରାଯିବ ଅପରପକ୍ଷରେ ରାଜ ଧର୍ମାନୁସାରେ ତାଙ୍କ ରାଜ୍ୟରେ କେହି ଭୋକ ଉପାସରେ ନରହନ୍ତୁ, ତାହା ମଧ୍ୟ ପାଳିତ ହେବ । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ରାଜା ଯେଉଁ ଉପାୟ ଅବଲମ୍ବନ କରିଥିଲେ ତାହା ଏହି ଗଳ୍ପରେ ସୂଚାଇ ଦିଆଯାଇଛି ।

ଆସନ୍ତୁ - ଏପରି ନୀତିନିପୁଣ ଓ ଉଦାର ହୃଦୟ ଶାସକଙ୍କୁ ସ୍ମରଣ କରି

Digitized by PPRACHIN, SOA

ତାଙ୍କୁ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିବା "କାହାଣୀ ନୁହେଁ" କାହାଣୀ ପାଠ ମାଧ୍ୟମରେ ।

ପିଲାଦିନର କଥା ମନେ ପଡୁଛି । ଆଇ ମା କାହାଣୀ, ବୁଢ଼ୀ ଅସୁରୀଣୀ ଗପ, ବିଲୁଆ ନନା, କଲୁରୀ ବେଣ୍ଡ - ଏପରି କେତେ କଣ ? ଜେଜେ ମା ପାଖରେ ବସି ଅଳସ ସଞ୍ଜବେଳରେ, କଥା ଶେଷରେ ହୁଁ ମାରି ଗପ ଶୁଣିବା । 'ହୁଁ' ନ ମାଇଲେ ଗପ କହିବା ବନ୍ଦ । ଆଖିକୁ ନିଦ ଆସେ ନାହିଁ ଅଦ୍ଭୁତ ଚକିତ ନୟନରେ ଉତ୍କଣ୍ଠିତ ହୃଦୟରେ ।

ଆଉ ଏକ ଉଲ୍ଲସିତ ଆବେଗଭରା ମନ ନେଇ ପିଲାଏ ଘେରି ବସନ୍ତି; ସତେ ଯେପରି ଅସରନ୍ତି ଗପର କାହାଣୀ ପେଡ଼ି ଫିଟାଇ ଜେଜେ ମା' କହି ଚାଲନ୍ତି । ଗପ ସରେ ନାହିଁ ।

ଆଜିର ଏଇ କାହାଣୀଟି ମୋର କିନ୍ତୁ ସେହି ଆଇମା କାହାଣୀ ପରି ନୁହେଁ । ଅତୀତର ଗୋଟିଏ ମନକୁ ଛୁଇଁଲା ଭଳି ସତ ଘଟଣା । ସେ ଦିନ ଆଉ ଏ ଦିନ । ସେ କାଳ ଆଉ ଏ କାଳ । ଏବେ ମନ ଭିତରେ ଭାବି ବସିଲେ ଆକାଶ ପାତାଳ ତଫାତ୍ । କାହିଁ ସମୁଦ୍ରର ବେଳାଭୂମି ଆଉ କାହିଁ ଦୂର ଦିଗ୍‌ବଳୟର ଆରପାରି ଅନ୍ଧଦିଗନ୍ତ । ମତେ ସତ ଆଉ ଆପଣମାନଙ୍କୁ ମିଛ । ଯେଉଁଠି ଶୈଶବର ଚପଳତା, କୈଶୋରର ଜିଜ୍ଞାସା, ଯୌବନର ଉଦ୍ଦାମ ତରଙ୍ଗ ଆଉ ପ୍ରୌଢ଼ର ଜଞ୍ଜାଳଭରା ଚିନ୍ତାକୁଳ ହୃଦୟ ଏବଂ ବାର୍ଦ୍ଧକ୍ୟର ଅସହାୟତା ଗର୍ଭିତ ଶୂନ୍ୟତା ବୋଧ । ସବୁର ସ୍ପର୍ଶ ନେଇ ପ୍ରବାହିତ ହୁଏ କ୍ଷଣଭଙ୍ଗୁର ଜୀବନର ସ୍ରୋତ । ଦିନ ଯାଏ କଥା ରହେ । ଅତୀତର ସେହି ମଧୁର ସ୍ମୃତି ବିଜଡ଼ିତ କାହାଣୀ ଗୁଡ଼ିକ ଆପଣମାନଙ୍କୁ ମିଛ ହେଲେ ବି ମୋ ପାଇଁ ଜୀବନ୍ତ; ନିଛକ ଆଉ ବାସ୍ତବ ସତ୍ୟ ।

ମୋ ପିଲାଦିନର ଗୋଟିଏ ସତ୍ୟ ଘଟଣା ଉପରେ ଆଧାରିତ ମନକୁ ଛୁଇଁ ପାରିବା ଭଳି କାହାଣୀ ।

ଆମ ନରସିଂହପୁର ଥିଲା ଗୋଟିଏ ଗଡ଼ଜାତ ରାଜ୍ୟ । ସେତେବେଳେ ଭାରତ ବର୍ଷ ଇଂରେଜ ସରକାରଙ୍କ ଅଧୀନରେ ଥିଲା; ଏହା ଏକ କରଦ ରାଜ୍ୟ । ଏହି ଛୋଟ ଚଉଦ କ୍ରୋଶୀ ଭୂଖଣ୍ଡର ଅଧୀଶ୍ୱର ଥିଲେ ରାୟବାହାଦୂର ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର । ଅଖଣ୍ଡ ସାର୍ବଭୌମ ଦକ୍ଷତା ଜାହିର କରି ତାଙ୍କର ପ୍ରଜାଗଣଙ୍କୁ ଧର୍ମ ନ୍ୟାୟ ଓ ନିରପେକ୍ଷ ଭାବରେ ସେମାନଙ୍କର ସମସ୍ତ ସୁଖ ଦୁଃଖ ଭଲମନ୍ଦ, ହାନୀଲାଭ କଥା ପ୍ରତ୍ୟକ୍ଷ ଭାବରେ ବୁଝି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ।

Digitized by PPRACHIN, SOA

ଆବଶ୍ୟକ ସ୍ଥଳେ ଅନ୍ୟାୟ ବିରୁଦ୍ଧରେ ସଙ୍ଗେ ସଙ୍ଗେ ସମୁଚିତ ପ୍ରତିକାର ବ୍ୟବସ୍ଥାମାନ ଗ୍ରହଣ କରୁଥିଲେ । ଲୋକଙ୍କର ଦୁଃଖ ଦୁର୍ଦ୍ଦଶାକୁ ମୋଚନ କରୁଥିଲେ । ଦୋଷୀକୁ ଉଚିତ୍ ଦଣ୍ଡ ବିଧାନ କରି ରାଜନୀତିର ଚାରୋଟି ଦିଗ - ସାମ, ଦାନ, ଦଣ୍ଡ ଓ ଭେଦ ନୀତିରେ ଅତି ଶୃଙ୍ଖଳିତ ଭାବରେ ପ୍ରଜା ପାଳନ ଓ ରାଜ୍ୟ ଶାସନ କରୁଥିଲେ । ପ୍ରଜା ପାଟକଙ୍କର ସାମୁହିକ ମନୋରଂଜନ ଓ ଆନନ୍ଦ ଉତ୍ସବ ପାଇଁ ଯାଗ, ଯଜ୍ଞ, ମେଳା ମହୋତ୍ସବ, ଭୋଜୀ, ବାଦୀପାଲା, ଦଣ୍ଡନାଚ ଇତ୍ୟାଦି ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠାନ କରୁଥିଲେ ।

ସେତେବେଳର ଅଷ୍ଟଶମ୍ଭୁ ମେଳଣ, ଦୋଳଉତ୍ସବ, ହୋଲିପର୍ବ, ପବିତ୍ର ଶାରଦୀୟ ଦଶହରା ଉତ୍ସବ, ପାଇକନାଚ, ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା, ରାମଲୀଳା, କୃଷ୍ଣଲୀଳା ଇତ୍ୟାଦି ଜନମାନସରେ ବେଶ୍ ଉତ୍କଣ୍ଠା ଓ ଆନନ୍ଦ ଉପଭୋଗ କରିବାର ମନୋଜ୍ଞ ପରିବେଶ ସୃଷ୍ଟିକରି ଆବାଳବୃଦ୍ଧ ବନିତାଙ୍କ ପ୍ରାଣରେ ଅପୂର୍ବ ଉଲ୍ଲାସ ସଞ୍ଚାର କରି ପାରୁଥିଲା ।

ସେହିଭଳି ଶାସନ କ୍ଷେତ୍ରରେ ଦୋଷୀକୁ ଉପଯୁକ୍ତ ଦଣ୍ଡ ଗୁଣୀଲୋକଙ୍କୁ ପୁରସ୍କାର ଦେବା ସହିତ ରାଜ୍ୟର ବହୁତ ସଂସ୍କାର ମୂଳକ ଜନହିତକର ଉନ୍ନୟନ କାର୍ଯ୍ୟ କରିବା ଦିଗରେ ସେ ଆଗ୍ରହୀ ଥିଲେ । ତାଙ୍କ ସମ୍ପର୍କରେ କହିବାକୁ ଗଲେ ନରସିଂହପୁରର ଦକ୍ଷିଣରେ ପ୍ରବାହିତ ହେଉଥିବା ମହାନଦୀ କୂଳେ କୂଳେ ବନ୍ୟା ନିରୋଧକ ସୁଦୀର୍ଘ ମାଳବନ୍ଧ ତଥା ବାଣେଶ୍ୱର ବନ୍ଧ ନିର୍ମାଣ, କୃଷି ଉନ୍ନୟନ, ରାସ୍ତା ନିର୍ମାଣ, ଶିକ୍ଷା ପ୍ରସାର ପାଇଁ ରାଜ୍ୟରେ ଉଚ୍ଚବିଦ୍ୟାଳୟ ସ୍ଥାପନ, ଜଳସେଚନ ନିମନ୍ତେ ଆନିକଟ ନିର୍ମାଣ, ଶିଳ୍ପ ବିଦ୍ୟାଳୟ ସ୍ଥାପନ ଆଦି ନାନାବିଧ ଉଲ୍ଲେଖନୀୟ ଘଟଣା ବହୁଳ କାର୍ଯ୍ୟରେ ପରିପୂର୍ଣ୍ଣ ।

ଏ ସବୁ ଭିତରେ ସେ ମଝିରେ ମଝିରେ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଦେୱାନ ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ, ବିଚାରପତି, ଅରଣ୍ୟ ଅଧିକାରୀ, ପୋଲିସ ଅଧିକାରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ପରିଚାଳନା ଅଧିକାରୀ ମାନଙ୍କ କାର୍ଯ୍ୟ ତଦାରଖ କରିବା ଉଦ୍ଦେଶ୍ୟରେ ସେମାନଙ୍କର କାର୍ଯ୍ୟାଳୟମାନ ପରିଦର୍ଶନ କରୁଥିଲେ ଏବଂ ପ୍ରତ୍ୟେକ ବିଭାଗର ଉନ୍ନତି ଓ ସୁପରିଚାଳନା ନିମନ୍ତେ ଦରକାରୀ ମତାମତ ଏବଂ ନିର୍ଦ୍ଦେଶମାନ ଦେଉଥିଲେ ।

ଦିନକର କଥା, ରାଜା ଅନନ୍ତ ନାରାୟଣ ଦେୱାନ ମହୋଦୟଙ୍କ ଅଦାଲତ ପରିଦର୍ଶନ କରିବାକୁ ଯାଇଥିଲେ । ସେତେବେଳେ ଏହି ଅଦାଲତରେ ମାତ୍ର ସତର ଜଣ

Digitized by PPRACHIN, SOA

ଅଧସ୍ତନ କର୍ମଚାରୀ, କିରାଣୀ, ଅମିନ ଏବଂ ଅଳ୍ପ କେତୋଟି ପିଅନ ବା ଦପ୍ତରୀଙ୍କୁ ନେଇ ରାଜ୍ୟର ସମସ୍ତ କାର୍ଯ୍ୟ ପରିଚାଳନା କରାଯାଉଥିଲା । ସ୍କୁଲ ବା ଶିକ୍ଷା ବିଭାଗ, ଜଙ୍ଗଲ ବିଭାଗ, ଶାସନ ବିଭାଗ ପୂର୍ତ୍ତ ବିଭାଗ, କୃଷି ବିଭାଗମାନ ରାଜାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା । ରାଜା ଦେଓ୍ୱାନଙ୍କ ଦପ୍ତର ପରିଦର୍ଶନ କରିବାକୁ ଗଲାବେଳେ ମନ୍ତବ୍ୟ ଲେଖିବା ନିମିତ୍ତ ଦପ୍ତରୀକୁ ପରିଦର୍ଶନ ପୁସ୍ତକ ମାଗିଲେ । ଦପ୍ତରୀ ଥିଲା ମହନ ମହାପାତ୍ର । ପୁରୁଣା ସଚ୍ଚୋଟ ଅଭିଜ୍ଞ କର୍ମଚାରୀ । କାର୍ଯ୍ୟ କୁଶଳତାର ଅଭାବ ନଥିଲା । ହେଲେ ସେ ଦିନ ଥିଲା ତା' ପାଇଁ ଦୁର୍ଦ୍ଦିନ ।

ରାଜା ବହି ଦେଖିଲା ବେଳକୁ ପରିଦର୍ଶନ ପୁସ୍ତକ (Visit Book) ରେ ପେନ୍‌ସିଲରେ ରୋଲ୍‌ଗାର ପଡ଼ି ନଥିଲା । ପୁସ୍ତକରେ ରୋଲଗାର ପକାଇବା ଦପ୍ତରୀର କାମ । ସେ ପୂର୍ବରୁ ଏଥିରେ ରୋଲାଗାର ପକାଇ ନଥିବା ଯୋଗୁଁ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ଦୋଷ ରାଜାଙ୍କ ଦୃଷ୍ଟିକୁ ଆସିଲା । କ'ଣ କରାଯିବ । ରାଜାଙ୍କ ସାମନାରେ ଉତ୍ତରଦେବା କିମ୍ୱା ଆଜିକାଲି ଭଳି ଫାଙ୍କି ମାରିବା ସେତେବେଳେ କାହାର ଥିଲା ? ରାଜା ଦପ୍ତରୀ ମହନକୁ ଡକାଇଲେ । ମହନ ଉପରେ ବିରକ୍ତି । ସେ ପୂର୍ବରୁ ପୁସ୍ତକରେ ରୋଲଗାର ନ ପକାଇ ଦୋଷ କରିଛି । ଅପରାଧ ସେପରି ଗୁରୁତର ନ ହେଲେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଘଟିଛି । ତେଣୁ ଦୋଷ ପାଇଁ ଦଣ୍ଡ ନିଶ୍ଚୟ ମିଳିବ । ରକ୍ଷା ପାଇବାର ଉପାୟ ନଥିଲା । ରାଜା ଆଦେଶ ଦେଇଗଲେ ମହନ ଠାରୁ ଦଶଟଙ୍କା ଜରିମାନା ଆଦାୟ କରାଯିବ ।

ପରିଦର୍ଶନ ସାରି ରାଜା ସେ ଦିନ ଉଆସକୁ ଫେରିଗଲେ । ମାତ୍ର ଏଣେ ମହନ କଥା କହିଲେ ନ ସରେ । କଚେରି ରେ ଚହଳ ପଡ଼ିଗଲା । ଦେଓ୍ୱାନ ନିରୁପାୟ । ମହନ ପରିଦର୍ଶନ ବହିରେ ରୋଲଗାର ପକାଇ ପାରିନାହିଁ । ରାଜାଙ୍କ ଆଦେଶ ସେ ଦଶଟଙ୍କା ଜରିମାନା ଦେବ । ସେତେବେଳେ ମହନ ପକ୍ଷରେ ଦଶଟଙ୍କା ପାଇବା ଦୂର କଥା ଥିଲା । ବିଚରା କରେ କ'ଣ ? ମନଦୁଃଖରେ ଘରକୁ ଫେରିଲା । ଘରେ ଏ କଥା ଶୁଣି ସମସ୍ତେ ମୁଣ୍ଡରେ ହାତ ଦେଇ ବସିଲେ । କାନ୍ଦ କଟାର ସୀମା ରହିଲା ନାହିଁ । ମହନର ମାସିକ ଦରମା ଥିଲା ମାତ୍ର ପାଞ୍ଚଟଙ୍କା । ସେ ଦଶଟଙ୍କା ଆଣିବ କାହାଠାରୁ ? ଅବା ଦେବ କିଏ ? ପିଲା ଛୁଆ ଟିକିଲା ତାର ବଞ୍ଚିବେ କିମିତି ? ମୁଣ୍ଡରେ ତା'ର ବଜ୍ର ପଡ଼ିଗଲା । ଘରେ, ବାହାରେ ସାହି ପଡ଼ିଶାରେ ଭାଳେଣି ପଡ଼ିଗଲା । ସେତେବେଳେ ଆଜିକାଲି ଭଳି ସରକାରୀ କାମରେ ଉତ୍କୋଚ ଗ୍ରହଣର ବାଟ ନଥିଲା । ମାଛି ପଡ଼ିଲେ ନବଖଣ୍ଡ । ଦୁର୍ନିତି ପରି ଦୁଃସାହସିକ କାମ କରିବ ପୁଣି କିଏ ? ରାଜାଙ୍କ ଆଜ୍ଞା

Digitized by PPRACHIN, SOA

ଅନ୍ୟଥା ହେବ ନାହିଁ । କି ଉପାୟ ଅବା କରିବ ? ଶେଷରେ ଗାଆଁର ପୁରୁଖା ଲୋକମାନେ ବୋଧ ଦେଲେ । କହିଲେ କାହିଁକି ବ୍ୟସ୍ତ ହେଉଛୁ ? ଯେ ଦଣ୍ଡ ହେଇଛି ସେ କେବଳ କ୍ଷମା ଦେଇ ପାରିବ । 'ଭାଗବତ' ପରା କହିଛି - "ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ ।"

ହେଲେ ବିଚରା ମହନର ମନ ବୁଝୁଛି କେତେବେ । ଘରେ ଚୁଲି ଜଳିଲା ନାହିଁ । ପେଟକୁ ଭାତ ଗଲା ନାହିଁ । ଏମିତି ଦିନ କେତୋଟି ବିତିଗଲା । କ୍ରମେ କଥାଟା ରାଜାଙ୍କ କାନକୁ ଗଲା । ସାଇ ପଡ଼ିଶା ଲୋକେ ହିମତ ଦେଲେ । ବିଚାରା ମନରେ ସାହସ ବାନ୍ଧି ଶେଷରେ ରାଜାଙ୍କୁ ଭେଟି ତା'ର ଅବସ୍ଥା ଓ ଦୁଃଖ ଜଣାଇବାକୁ ସ୍ଥିର କଲା । ଏ କଥା ଭାବିଭାବି କେମିତି ସେଦିନ ରାତି ପାହିଲା ମହନ ଜାଣି ନାହିଁ ।

ସକାଳୁ ରାଜାଙ୍କର ଦାନ୍ତୁଆଣି ବଢ଼ିବ । ରାଜ୍ୟ ଯାକର ସବୁ ଭଲମନ୍ଦ କଥା ବିଶ୍ୱାସୀ ଲୋକଙ୍କଠାରୁ ଶୁଣି ସେତେବେଳେ ରାଜା ପରବର୍ତ୍ତୀ ବ୍ୟବସ୍ଥା ପାଇଁ ଉପାୟ ଓ ପ୍ରତିକାର କରୁଥିଲେ । ମହନ ସେଦିନ ତରବରରେ ବିଛଣା ଛାଡ଼ି ମୁହଁକାନ ଧୋଇ ପକାଇଲା । କାନ୍ଧରେ ପାଣି ଗାମୁଛା ଖଣ୍ଡିକ ପକାଇ ସଅଳ ସଅଳ ଯାଇ ରାଜବାଟୀର ସିଂହଦ୍ୱାରରେ ହାଜର । ହୁକୁମ ହେଲେ ଦେଖା କରିବ ।

ପ୍ରହରୀ ଯାଇ ରାଜାଙ୍କୁ ଜଣାଇଲା; "ମହାରାଜ ! ମହନ ଦପ୍ତରୀ ଆମ୍ଭଙ୍କ ଦର୍ଶନ ଲାଗି ଆସିଛି" । ରାଜା ପୂର୍ବରୁ ଏ ବିଷୟରେ କିଛି ଆଭାସ ପାଇଥିଲେ । ତେଣୁ ଅସୁବିଧା ହେଲାନି । ରାଜାଙ୍କ ସମ୍ମତି ନେଇ ପ୍ରହରୀ ମହନକୁ ନେଇ ହାଜର କଲା । ମହନ କମ୍ପିତ ଶରୀରରେ ଦଶଦିନର ମଲୁ ପରି ଭୟାତୁର ଚିତ୍ତରେ ରାଜାଙ୍କୁ ଓଳଗି ହେଲା । ପେଟ ତା'ର ପିଠି ସାଙ୍ଗରେ ମିଶିଗଲାଣି । ପାଟିରୁ କଥା ବାହାରୁ ନଥାଏ । ରାଜାଙ୍କ ଅଭୟ ପାଇ ମହନ ତା'ର ସବୁ ଦୁଃଖ ଆଉ ଅଭାବ ଜଣାଇଲା ।

କିନ୍ତୁ ରାଜା ବୁଝିଲେ ଅଲଗା । ମହନକୁ ଦୋଷୀକରି ପୁଣି ଗାଳି ବର୍ଷଣ କଲେ । ତୁ ଦୋଷ କଲୁ, ଦୋଷ ପାଇଁ ଦଣ୍ଡ ପାଇଲୁ । କିନ୍ତୁ ତୋ ପିଲାମାନେ ମୋ ପାଖରେ କି ଦୋଷ କରିଥିଲେ ? ତୁ ସେମାନଙ୍କୁ ଭୋକ ଉପାସରେ କାହିଁକି ରଖିଛୁ । ଅସୁବିଧା ଥିଲେ ମତେ ନ କହିଲୁ କାହିଁକି ? ମୁଁ ତୁମର ମୁରବୀ ହୋଇ ବସିଛି । ହାନୀ ଲାଭ ସବୁ ବୁଝିବି । ତୁ ଗୋଟାଏ ଚଣ୍ଡାଳ । ମୁଣ୍ଡରେ ତୋର ଟିକିଏ ହେଲେ ବୁଦ୍ଧି ନାହିଁ । ମହନ ପୁଣି କିଛି ଅଧିକ ବିପଦ ଆଶଙ୍କା କରି ପ୍ରମାଦ ଗଣିଲା । ଆଖିରୁ ତା'ର ଦୁଇଧାର ଲୁହ ଝରି ପଡ଼ିଲା ।

Digitized by PPRACHIN, SOA

ମାତ୍ର ସେ କାଳ ଥିଲା ଅନ୍ୟ ପ୍ରକାର । ରାଜାଙ୍କର ହୃଦୟ ଥିଲା ମହାନ । ଆଜିକାଲି ନେତା ଓ ମନ୍ତ୍ରୀଙ୍କ ପରି ନୁହେଁ । ଏ ସବୁ ନ କହିଲେ ଭଲ । ରାଜାଙ୍କ ମୁଖକୁ କାତର ହୃଦୟରେ ମୋହନ ଚାହିଁ ରହିଥାଏ । ରାଜା ଚଢ଼େଇର ପେଟ ଚିହ୍ନି ପାରୁଥିଲେ । ସଙ୍ଗେ ସଙ୍ଗେ ବେଭାରୀଙ୍କୁ ଡାକି ହୁକୁମ ଦେଲେ । ମହନଟା ନିର୍ବୋଧ । ମତେ ନ କହି ତା'ର ପିଲା କବିଲାଙ୍କୁ ଭୋକ ଉପାସରେ ରଖିଛି । ଆଗେ ତା' ଘରକୁ ପୌଟିଏ ସରୁଚାଉଳ, ଦୁଇ ତାମ୍ବି ଡାଲି, ଭାରେ ପନିପରିବା ସହିତ ତା'ର ବାଢେ ଖରଚ ପାଇଁ କୋଡିଏ ଟଙ୍କା ସଙ୍ଗେ ସଙ୍ଗେ ଦେଇଦିଅ । ଆଗେ ଘରକୁ ଯାଇ ସେ ପିଲାଙ୍କ ସାଙ୍ଗରେ ଖିଆପିଆ କରୁ । ରାଜା ପୁଣି କହିଲେ, "ହଁ ଶୁଣ ମହନ ! ଏଇ କୋଡ଼ିଏ ଟଙ୍କାରୁ ତୋର ଜରିମାନା ବାବଦ ଦଶଟଙ୍କା କଚେରୀରେ ଦେଇଦେବୁ; ଆଉ ଦଶଟଙ୍କା ଘରେ ପିଲା କବିଲାଙ୍କ ପାଇଁ ଖରଚ କରିବୁ । ଦେଖ ଏମିତି ଭୁଲ ଆଉ କେବେ କରିବୁ ନାହିଁ ।"

ରାଜାଙ୍କର ଅନୁଗ୍ରହ ଓ ଆଦେଶ ପାଇ ମହନ ଛାତିରେ ଜୀବ ପଶିଲା । କୃତଜ୍ଞତାରେ ମନ ତାର ପୂରି ଉଠିଲା । ଭଗବାନଙ୍କ ଠାରେ କୋଟି କୋଟି ପ୍ରଣାମ ଜଣାଇ ରାଜାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ସେ ଘରକୁ ଫେରିଲା । ଏ କଥା ଆଜି ହୁଏତ କେହି ବିଶ୍ୱାସ କରି ନ ପାରନ୍ତି । ହେଲେ କଥାଟା ନିରାଟ ସତ । ଏଥିରେ ଟିକେ ହେଲେ ମିଛ ନାହିଁ । ସେ କାଳର ରାଜଧର୍ମ ଏହିଭଳି ଉଦାରତା ଓ ମହାନୁଭବତାରେ ମହୀୟାନ ଗରୀମାମୟ ଥିଲା ।

ଆଜି କିନ୍ତୁ ଏ ସବୁ ସ୍ୱପ୍ନ ପରି ଲାଗୁଛି । ଦୁର୍ବଳ ଉପରେ ସବଳର ଅକଥନୀୟ ଅତ୍ୟାଚାର, ଶୋଷଣ ଓ ଲୁଣ୍ଠନ ବଢ଼ି ଚାଲିଛି । କେହି ନିଜର ଦାୟିତ୍ୱ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି । ଆଜିର ସରକାର କାଠ ପଥର ପରି । ମନ୍ତ୍ରୀ ନେତାଙ୍କର ପଦ ପଦବୀ ଧର୍ମକୁ ଆଖି ମିଟିକା ମାରିବା ସହିତ ଜନତାକୁ ଶୋଷଣ କରିବାରେ ଲାଗିଛନ୍ତି । ଜନସେବା ନାମରେ ସ୍ୱାର୍ଥ ସିଦ୍ଧି କରିବା ହେଉଛି ସେମାନଙ୍କ ଏକମାତ୍ର ଲକ୍ଷ୍ୟ ।

ଆଜି କିନ୍ତୁ ସେହିପରି ସତ୍ୟାନୁରାଗୀ ଧର୍ମପ୍ରାଣ ଶାସକ ଆମ ଭିତରେ ଦେଖିବାକୁ ମିଳୁ ନାହାନ୍ତି । ହେଲେ ତାଙ୍କର ସେହି ମହାନୁଭବ ସଦ୍‌ଗୁଣର ମଧୁର ସ୍ମୃତି ଏବେ ମଧ୍ୟ ଚିନ୍ତାଶୀଳ ଜନ ସମାଜକୁ ଅନୁପ୍ରାଣିତ କରୁଛି । ସେଥିପାଇଁ ଭାଗବତରେ କୁହାଯାଇଛି -

ସର୍ବେ ଚଳିବେ କାଳ ବଳେ
କଥା ରହିବ ମହୀତଳେ ।

❑ ❑ ❑

Digitized by PPRACHIN, SOA

ଅନନ୍ୟ ପ୍ରତିଭା : ମାନଗୋବିନ୍ଦ ଚୌଧୁରୀ

ଶ୍ରୀ ପଙ୍କଜ ଚରଣ ମହାରଣା

ମାନଗୋବିନ୍ଦ ଚୌଧୁରୀ ଯଥାର୍ଥରେ ଥିଲେ ଅଲୌକିକ ପ୍ରତିଭାର ଅଧିକାରୀ । ସେ ସମୟର ମୂଲ୍ୟ ଉପଲବ୍ଧି କରି ନିଜକୁ ସମାଜରେ ପ୍ରତିଷ୍ଠିତ କରି ପାରିଥିଲେ ଏବଂ ତାଙ୍କର କାର୍ଯ୍ୟ କଳାପରେ ତତ୍କାଳୀନ ରାଜା ସାହେବ ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ତାଙ୍କୁ 'ଚୌଧୁରୀ' ପଦବୀରେ ଭୂଷିତ କରିଥିଲେ । ତାଙ୍କର ରଚିତ ''ଭାରତ ଭ୍ରମଣ'' ଓ ''ପଥରେଣୁ'' ଦୁଇଟି ମୂଲ୍ୟବାନ ଗ୍ରନ୍ଥ ।

ସ୍ୱର୍ଗତ ମାନଗୋବିନ୍ଦ ଚୌଧୁରୀଙ୍କ ନିଜ ଅର୍ଥ ଦାନରେ ପ୍ରତିଷ୍ଠିତ ''ବଂଶୀଧର ବିଦ୍ୟାପୀଠ'', ତାଙ୍କରି ଉଦ୍‌ଯୋଗରେ କନକପୁର ଗ୍ରାମ ଦେବତୀ ''କନକ ଦୁର୍ଗା ମନ୍ଦିର'', 'ମାନସରୋବର' ଆଦି ପ୍ରତ୍ୟେକଟି ଏକ ଏକ ସ୍ମରଣୀୟ ଅବଦାନ । ଏହା ଫଳରେ ସେ ନରସିଂହପୁର-ବାସୀଙ୍କ ଦ୍ୱାରା ସ୍ମରଣୀୟ ହୋଇ ରହିବେ ।

ଆସନ୍ତୁ ସେହି ଅଲୌକିକ ପ୍ରତିଭାଧାରୀ ମାନଗୋବିନ୍ଦ ଚୌଧୁରୀଙ୍କ ସମ୍ବନ୍ଧରେ ଅବହିତ ହେବା ଶ୍ରୀ ପଙ୍କଜ ଚରଣ ମହାରଣାଙ୍କ ଲିଖିତ ପ୍ରବନ୍ଧ ''ଏକ ଅନନ୍ୟ ପ୍ରତିଭା : ମାନଗୋବିନ୍ଦ ଚୌଧୁରୀ'' ମାଧ୍ୟମରେ ।

ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଯେଉଁମାନେ କର୍ମ ସାଧନାରେ ଅତିବାହିତ କରନ୍ତି ସେମାନେ ହିଁ ଜୀବନ ଯାତ୍ରାରେ ବିଜୟ ଗୌରବରେ ବିମଣ୍ଡିତ ହୁଅନ୍ତି । ଜଣେ ମନୁଷ୍ୟର ଜୀବନ ଅନୁଶୀଳନ କଲେ ଜଣାଯାଏ ଶୈଶବରୁ ତା'ର କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟପ୍ରତି ଭାବ ପ୍ରବଣତା ରହିଥାଏ ଏବଂ ଏହି ଭାବପ୍ରବଣତାହିଁ ଧୀରେ ଧୀରେ ବିକଶିତ ହୋଇ ବ୍ୟକ୍ତି ଜୀବନରେ ଆଣେ ସାଫଲ୍ୟ ଓ ସମାଜ ଜୀବନକୁ କରେ ମହନୀୟ । ତେଣୁ ମନୁଷ୍ୟର ସ୍ୱାଭାବିକ ଭାବ ପ୍ରବଣତା ପ୍ରତି ଦୃଷ୍ଟିରଖି ତା'ର ବୃତ୍ତି ନିର୍ବାଚନ କରିବା ସର୍ବଦା ବାଞ୍ଛନୀୟ କିନ୍ତୁ ଯେଉଁମାନେ ସମୟର ମୂଲ୍ୟକୁ ହୃଦୟଙ୍ଗମ କରି ପାରନ୍ତି ନାହିଁ; ସେମାନେ ନିଜ ସହିତ ସମଗ୍ର ଦେଶ ଓ ଜାତିର କ୍ଷତି ଡ଼ାକିଆଣନ୍ତି । ତେଣୁ ଇଂରାଜୀ ଭାଷାରେ ଗୋଟିଏ ପ୍ରବାଦ ଅଛି - "An idle man's mind is devil's workshop". ଅର୍ଥାତ୍ ଆଳସ୍ୟ ପରାୟଣ ବ୍ୟକ୍ତିର ମନ ନାନା ଦୁଷ୍ଚିନ୍ତାର ଏକ କାରଖାନା । ତେଣୁ କର୍ମ ସାଧନାହିଁ ମଣିଷକୁ ଦିଏ

ଅପାର ଆନନ୍ଦ ଏବଂ ମଣିଷକୁ କରେ ମହାନ ଓ ଯଶସ୍ୱୀ । କର୍ମଯୋଗୀ ଜନ ଏହାକୁ ନିଜ ଜୀବନରେ ପ୍ରମାଣିତ କରି ଥାଏ । ଏହି ପରିପ୍ରେକ୍ଷୀରେ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଲେଖିଛନ୍ତି- ଦେବମନ୍ଦିର ରୁଦ୍ଧଦ୍ୱାର ମଧ୍ୟରେ ମାଳା ନ ଗଡାଇ ମାନବ ସେବା କରିବା ଦ୍ୱାରା ଭଗବାନଙ୍କର ସାନ୍ନିଧ ଲାଭ କରାଯାଇଥାଏ । ଆସନ୍ତୁ ଠିକ୍ ଏହିପରି ଅନେକ ସଦ୍‌ଗୁଣାଳଂକୃତ ଜଣେ ଅଲୌକିକ ତଥା ବିଚକ୍ଷଣ ପ୍ରତିଭାଧାରୀ ✓ ମାନଗୋବିନ୍ଦ ଚୌଧୁରୀଙ୍କ ଜୀବନାଦର୍ଶନରୁ କିଛି ପାଠ କରି ଅବହିତ ହେବା ।

ମାନ ଗୋବିନ୍ଦ ଚୌଧୁରୀଙ୍କ ଜନ୍ମ ନରସିଂହପୁରସ୍ଥ କାନପୁର ମୌଜାର କନକପୁରରେ ୧୯୦୩ ମସିହା ଜାନୁଯାରୀ ମାସ ୧୯ ତାରିଖ ମାଘ କୃଷ୍ଣପକ୍ଷ ସପ୍ତମୀ ଦିନ । ତାଙ୍କ ପିତାଙ୍କ ନାମ ଥିଲା ବଂଶୀଧର ସାହୁ ଓ ମାତାଙ୍କ ନାମ ଥିଲା ବେଲ ଦେଈ । ପାଠପଢ଼ା ସମୟ ଉପଗତ ହୁଅନ୍ତେ ସେ ଗ୍ରାମର ପ୍ରାଇମେରୀ ସ୍କୁଲରେ ନାମ ଲେଖାଇ ସେଠାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ଢେଙ୍କାନାଳରେ ମାଇନର ସ୍କୁଲ ପାଠ୍ୟ ଶେଷ କରି ବାଙ୍କି ହାଇସ୍କୁଲରେ ପଢ଼ି ୧୯୨୩ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ୍ ତତ୍କାଳୀନ ଏନ୍‌ଟ୍ରାନ୍ସ ପରୀକ୍ଷା ଦେଇ ସଫଳତାର ସହ ପାଶ୍ କରିଥିଲେ । ଛାତ୍ର ଜୀବନରେ ତାଙ୍କର କୋମଳ କଥାବାର୍ତ୍ତା ଓ ନମ୍ର ବ୍ୟବହାରରେ ଶିକ୍ଷକବୃନ୍ଦ ଅତ୍ୟନ୍ତ ମୁଗ୍ଧ ହୋଇ ଯାଉଥିଲେ । ସେ ମାଟ୍ରିକ୍ ପାଠ ପଢ଼ା ପରେ ମାନବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ନିଜେ ହୋମିଓ ପ୍ୟାଥିକ୍‌ର Specific medicine ବିଭାଗୀୟ ଟ୍ରେନିଂ ଲାଭ କଲେ । ଏହାପରେ ସେ ଲୋକମାନଙ୍କୁ ମାଗଣାରେ ଔଷଧ ଦେଇ ଚିକିତ୍ସା କରି ପ୍ରଶଂସା ଲାଭ କରିଥିଲେ । କିଛିଦିନ ଅତିକ୍ରାନ୍ତ ହେବା ପରେ ନରସିଂହପୁରର ତତ୍କାଳୀନ ରାଜା ସାହେବ ଶ୍ରୀ ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ସେ ଆହୂତ ହେଲେ । ସେ ରାଜାଙ୍କୁ ସାକ୍ଷାତ କଲେ । ରାଜା ତାଙ୍କ ଆଚରଣ ଓ ବ୍ୟବହାରରେ ମୁଗ୍ଧ ହୋଇ ତାଙ୍କୁ ନିଜ ପେସ୍କାର କରିଲେ ଓ କୌଣସି କାର୍ଯ୍ୟ କରିବା ପୂର୍ବରୁ ମାନଗୋବିନ୍ଦଙ୍କୁ ପରାମର୍ଶ କରୁଥିଲେ । ତାଙ୍କର ପ୍ରତିଭାରେ ମୁଗ୍ଧ ହୋଇ ରାଜାତାଙ୍କୁ ୧୯୪୪ ମସିହା ସେପ୍ଟେମ୍ବର ୨୨ ତାରିଖରେ 'ଚୌଧୁରୀ' ପଦବୀରେ ଭୂଷିତ କରିଥିଲେ ।

ସେ ମହାଶୟ ରାଜାଙ୍କର ପେସ୍କାର ଥିବା ସମୟରେ ୧୯୪୭ ମସିହା ମାର୍ଚ୍ଚ-ଏପ୍ରିଲ-ମେ ମାସରେ ରାଜା ସାହେବଙ୍କ ପରିବାର ସହିତ ଭାରତ ବର୍ଷର ଅନେକ ବଡ଼ ସହର ଓ ତୀର୍ଥ ସ୍ଥାନ ପରିଭ୍ରମଣ କରିଥିଲେ । ଭ୍ରମଣ କରିଥିବା ଯାଗାଗୁଡ଼ିକୁ ଆଧାର କରି "ଭାରତ ଭ୍ରମଣ" ନାମକ ଦୁଇଖଣ୍ଡ ପୁସ୍ତକ (ପ୍ରଥମ ଓ ଦ୍ୱିତୀୟ ଭାଗ) ଓ କୃଷ୍ଣରସ ଉପରେ ଆଧାରିତ ଖଣ୍ଡିଏ ପୁସ୍ତକ 'ପଥରେଣୁ' ରଚନା କରି ସେ ପ୍ରକାଶ କରିଛନ୍ତି, ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ।

ଏତଦ୍ ବ୍ୟତୀତ "ନରସିଂହପୁର" ଇତିହାସ ଓ ଅନ୍ୟାନ୍ୟ ଘଟଣାବଳୀ" ଏବଂ ନରସିଂହପୁର ଦେବୋତ୍ତର ଇତିହାସ ଦୁଇଟି ଉପାଦେୟ ପୁସ୍ତକ ପ୍ରକାଶିତ ହୋଇ

Digitized by PPRACHIN, SOA

ନ ପାରି ପାଣ୍ଡୁଲିପି * ଆକାରରେ ରହିଅଛି; ଯାହାକୁ ପାଠକରେ ଜଣାଯାଏ ତାଙ୍କର ଜୀବନ କାଳରେ ସେ ମାତୃଭୂମିର ସବିଶେଷ ଘଟଣାବଳୀ ପ୍ରକାଶ କରିବାରେ ନିଜକୁ ନିୟୋଜିତ କରିଥିଲେ ।

ନରସିଂହପୁର ଷ୍ଟେଟ ସ୍କୁଲ ସମୂହର ସବ୍‌ଇନିସ୍‌ପେକ୍ଟର ଶ୍ରୀ ଉଦୟନାଥ ଜେନା B.A.ଙ୍କୁ "ନରସିଂହପୁର ଭୂଗୋଳ" ଲେଖିବାରେ ମାନଗୋବିନ୍ଦ ସାହୁ ସାହାଯ୍ୟ କରିଥିଲେ । ଏଥିନିମନ୍ତେ ଶ୍ରୀ ଉଦୟନାଥ ଜେନା "ନିବେଦକ" ଫର୍ଦରେ ଲେଖିଛନ୍ତି - "ମାନଗୋବିନ୍ଦ ବାବୁ ଯେଉଁ ସାହାଯ୍ୟ ମୋତେ କରିଛନ୍ତି, ସେଥିନିମନ୍ତେ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ରହିଲି ।"

ରାଜାଙ୍କ ପୃଷ୍ଠପୋଷକତାରେ ୰ ଚୌଧୁରୀ ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ । ତାଙ୍କର ଭୂସମ୍ପତ୍ତି ମଧ୍ୟ ଯଥେଷ୍ଟ ଥିଲା । ସେ ଗୁଡ଼ିକର ସଦୁପଯୋଗ କରିବା ପାଇଁ ସେ ନିଃସ୍ୱାର୍ଥପର ଭାବରେ ତାହା ଜନସେବାରେ ନିୟୋଜିତ କରିଛନ୍ତି । ତାଙ୍କର ଉଦ୍ୟମରେ 'କନକପୁର ସାହି' 'କନକପୁର ଗ୍ରାମଦେବତୀ' - 'କନକଦୁର୍ଗା ମନ୍ଦିର' ପ୍ରତିଷ୍ଠିତ ହୋଇଥିଲା । ସେ କନକପୁର ପୁଷ୍କରିଣୀଟି ଖନନ କରିଛନ୍ତି । ନିଜ ଗ୍ରାମରେ ଥିବା "ମରୁଆ ଚଉକା" ବର୍ତ୍ତମାନ "ମାନସରୋବର" ନାମରେ ପରିଚିତ । ସେ ଏହି ଚଉକାର ପଙ୍କୋଦ୍ଧାର କରିଥିଲେ । ସେ କାନପୁରର ଅଧିକାଂଶ ସ୍ଥାନରେ ବୃକ୍ଷରୋପଣ କରିଥିଲେ । ନିଜ ପିତାଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପିତାଙ୍କ ନାମାନୁସାରେ ବଂଶୀଧର ବିଦ୍ୟାପୀଠ (କାନପୁର ହାଇସ୍କୁଲ) କୁ ନିଜ ଆର୍ଥିକ ଦାନରେ ନିର୍ମାଣ କରିଥିଲେ । ଏଥିଲାଗି ତାଙ୍କର ସମାଜ ପ୍ରତି ତଥା କାନପୁର ଗ୍ରାମ ପ୍ରତି କେତେ ଅନୁରାଗ ଥିଲା ତାହା ସହଜରେ ଜଣାପଡ଼େ । ସେ ଏହିପରି ଅନେକ ଲୋକହିତକର କାର୍ଯ୍ୟ କରି ଯଶ ଅର୍ଜନ କରିଛନ୍ତି ।

୰ ମାନଗୋବିନ୍ଦ ଚୌଧୁରୀ ଜଣେ ଦେବୋପମ ବ୍ୟକ୍ତି ଥିଲେ । ତାଙ୍କର ଗଭୀର ବିଶ୍ୱାସ ଥିଲା । ସେ ଭାରି ଉଦାର ଓ ଉଚ୍ଚମନା ଥିଲେ । ସେବା, ଦାନ, ପୁଣ୍ୟ ଓ ପରୋପକାର ଥିଲା ତାଙ୍କ ଜୀବନର ବ୍ରତ ।

"ଯାବତ ଜନ୍ମ ତାବତ୍ ମରଣଂ" - ଏହା ହେଉଛି ଜଗତର ନୀତି । ଏଇ ନୀତି ଅନୁସାରେ ୧୯୭୮ ମସିହା ଆଶ୍ୱିନ ମାସ କୃଷ୍ଣପକ୍ଷ ଦ୍ୱିତୀୟ ତିଥିର ରାତ୍ର ୯ ଘଣ୍ଟା ୩୦ ମିନିଟରେ ଏହି ମହାନ୍ ଚିରଦିନ ପାଇଁ ଇହଲୀଳା ସମ୍ବରଣ କଲେ ।

ପ୍ରକୃତରେ ସ୍ୱର୍ଗତ ମାନଗୋବିନ୍ଦ ଚୌଧୁରୀ ଥିଲେ ନରସିଂହପୁରର ଗଗନର ଏକ ଉଜ୍ଜ୍ୱଳ ଜ୍ୟୋତିଷ । ତାଙ୍କୁ ନରସିଂହପୁରର ଅର୍ଦ୍ଧଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କୁ ହରାଇ ଅରାଟ ଜନନୀ ଆଜି ଶୋକାକୁଳା ।

❑ ❑ ❑

---

* (ଡଃ ସ୍ୱପ୍ନେଶ୍ୱର ଦାସଙ୍କ ନିକଟରେ ପାଣ୍ଡୁଲିପିର ଜେରକ୍ସ କପି ଗଚ୍ଛିତ ଅଛି ।)

Digitized by PPRACHIN, SOA

କର୍ମଯୋଗୀ ୰ ପଣ୍ଡିତ ନାରାୟଣ ମିଶ୍ର

ଘନଶ୍ୟାମ ପାଣି

"ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏ ନର କର୍ମ ଏକା ତାର
ଜୀବନର ମାନ ଦଣ୍ଡ" - ଉକ୍ତିଟି ଚିରନ୍ତନ ସତ୍ୟ ।

ମାନବ ଜୀବନର ମାନ ନିରୂପଣ କରିବା ନିମନ୍ତେ ବୟସ ମାନଦଣ୍ଡ ରୂପେ ବ୍ୟବହୃତ ହୁଏ ନାହିଁ । କର୍ମ ହିଁ ଜୀବନର ସାର୍ଥକ ମାନଦଣ୍ଡ । ନାନାବିଧ କର୍ମ ମଧ୍ୟରେ ଶିକ୍ଷାଲାଭ ଓ ଶିକ୍ଷାଦାନର ମହତ୍ତ୍ୱ ଅନନ୍ୟ ସାଧାରଣ । ଅଧ୍ୟୟନ ଓ ଅଧ୍ୟାପନାକୁ ଏହି କାରଣରୁ ମାନବ ସମାଜ ବିଶେଷ ଗୁରୁତ୍ୱ ଦେଇ ଆସିଛି ମାନବ ସଭ୍ୟତାର ଉତ୍କର୍ଷ ଲାଗରୁ । ନରସିଂହପୁର ମାଟିରେ ଜନ୍ମଲାଭ କରିଥିବା କାନପୁର ନିବାସୀ ୰ ପଣ୍ଡିତ ନାରାୟଣ ମିଶ୍ର ଏକ ଅନନ୍ୟ ପ୍ରତିଭା । ସେ ନିଜର ନିରଳସ ସାଧନା ବଳରେ ଶିକ୍ଷାଲାଭ ତଥା ଶିକ୍ଷାଦାନ କରିବା ସହିତ ଅବସର ସମୟରେ ଉଦ୍ୟାନକର୍ମ ଓ ଗୋ ପାଳନ ସେବାରେ ଶ୍ରମ ଦାନ କରି ବିପୁଳ ଆନନ୍ଦ ଉପଲବ୍ଧି କରୁଥିଲେ । ଏହା ତତ୍‌କାଳୀନ ଶିକ୍ଷିତ ସମାଜ ପ୍ରତି ଶିକ୍ଷଣୀୟ ଥିଲା । ଏତଦ୍ ବ୍ୟତୀତ ସେ ଏକ ମହନୀୟ ଗୁଣର ଅଧିକାରୀ ଥିଲେ । ତାହା ହେଉଛି ସେ ଛାତ୍ରମାନଙ୍କୁ ବିନା ପଇସାରେ ଟିଉସନ କରୁଥିଲେ ଯାହାକୁ ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ସହଜରେ ବିଶ୍ୱାସ କରି ହେବ ନାହିଁ । ଜଣେ ପ୍ରବୀଣ ଶିକ୍ଷକ ଭାବରେ ସେ ବିଶେଷ ଖ୍ୟାତି ଲାଭ କରିଛନ୍ତି । ଦାନ ମଣିଷକୁ ମହତ୍ କରେ । କାନପୁର, ଆଞ୍ଚଳିକ ମହାବିଦ୍ୟାଳୟକୁ ୩୦ ହଜାର ଟଙ୍କା ଦାନ କରି ସେ ସେଠାରେ ନିଜ ପିତାଙ୍କ ନାମରେ ସତ୍ୟବାଦୀ ପାଠାଗାର ସ୍ଥାପନ କରିଛନ୍ତି । ଏଥିରୁ ତାଙ୍କର ଗଭୀର ପିତୃଭକ୍ତି ପ୍ରତିପାଦିତ ହୁଏ ।

ଚାକିରିରୁ ଅବସର ଗ୍ରହଣ ପରେ ସେ ଭାଗବତ ଗ୍ରନ୍ଥ ପାଠକରି ତାହାକୁ ସଂକ୍ଷେପରେ ଗଳ୍ପ ଆକାରରେ "ଭାଗବତ ଉପାଖ୍ୟାନ" ନାମରେ ଲେଖିଛନ୍ତି । ଉତ୍କଳ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିବା ସହ ବହୁ କବିତା ଓ ଗଳ୍ପ ଅପ୍ରକାଶିତ ଅବସ୍ଥାରେ

Digitized by PPRACHIN, SOA

ରହିଅଛି । ଆସନ୍ତୁ ଘନଶ୍ୟାମ ପାଣିଙ୍କ ଲିଖିତ କର୍ମଯୋଗୀ ଂ ପଣ୍ଡିତ ନାରାୟଣ ମିଶ୍ରଙ୍କ ପ୍ରବନ୍ଧ ପାଠ କରି ତାଙ୍କରି ବିଷୟରେ ସବିଶେଷ ବିବରଣୀ ଜାଣିବା ।

ମାନବର କାୟିକ, ବାଚନିକ ତଥା ମାନସିକ ଶ୍ରମହିଁ ତାର ଗୌରବର ନିଦର୍ଶନ । ତା'ର ଯୁଗ ଯୁଗର ସଞ୍ଚିତ ସ୍ୱପ୍ନ ଏବଂ କଳ୍ପନାକୁ ବାସ୍ତବମୁଖୀ କରିବାକୁ ସେ ଅକ୍ଳାନ୍ତ ପରିଶ୍ରମ କରିଥାଏ । କର୍ମ ହିଁ ଜୀବନର ମାନଦଣ୍ଡ । ମନୁଷ୍ୟ ତା'ର ଦୁର୍ବାର ପ୍ରୟାସ ତଥା କ୍ରମାଗତ ଚେଷ୍ଟା ଫଳରେ ପ୍ରକୃତିକୁ କରାୟତ କରିବାର ଗୌରବ ଓ ସମ୍ମାନରେ ହୁଏ ସମ୍ମାନିତ । ନରସିଂହପୁର ଭାଗ୍ୟାକାଶରେ ଯେଉଁ ମହାମନିଷୀଗଣ ସେମାନଙ୍କ ଶ୍ରମ ସ୍ୱୀକାର କରି ସମାଜକୁ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି ସେମାନଙ୍କ ମଧ୍ୟରୁ ପଣ୍ଡିତ ନାରାୟଣ ମିଶ୍ର ଏକ ଅନନ୍ୟ ପ୍ରତିଭା ।

କଟକ ଜିଲ୍ଲା, ନରସିଂହପୁର ତହସିଲସ୍ଥ କାନପୁର ମୌଜାର ଜଗେଇ ସାହୁ ପାଟଣାରେ ଜନ୍ମ ହୁଅନ୍ତି ୧୯୦୨ ମସିହା ଜୁନ ମାସ ୨୫ ତାରିଖରେ ନାରାୟଣ ମିଶ୍ର ପରାମାର୍ଥ ପରାୟଣ ସିଦ୍ଧହସ୍ତ ରାଜବୈଦ୍ୟ ସତ୍ୟବାଦୀ ମିଶ୍ରଙ୍କ ଔରସରୁ ଓ ସୁଲୋଚନା ଦେବୀଙ୍କ ଗର୍ଭରୁ । ୧୯୦୬ ମସିହାରେ ବିଦ୍ୟାରମ୍ଭ କରି କାନପୁର ପ୍ରାଥମିକ ବିଦ୍ୟାଳୟ, ବାଙ୍କିର ଭର୍ଣ୍ଣାକୁଲାର ଶିକ୍ଷା ସମାପନ ପରେ ବାଙ୍କି ଟ୍ରେନିଂ ସ୍କୁଲରେ ଶିକ୍ଷକ ଟ୍ରେନିଂ ପ୍ରାପ୍ତ ହୋଇ ଖଣ୍ଡପଡ଼ା ମି.ଇ. ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କଲେ ।

ସେ ୧୯୧୮ ମସିହାରେ ଷୋହଳ ବର୍ଷ ବୟସରେ ୧୩ ବର୍ଷ ବୟସ୍କା ସୁଲୋଚନା ଦେବୀଙ୍କୁ ବିବାହ କରି ସ୍ୱପତ୍ନୀ ରୂପେ ଗ୍ରହଣ କଲେ । ସେ ଅଳ୍ପ ବୟସରେ ବିବାହ ବନ୍ଧନରେ ବାନ୍ଧି ହୋଇ ଥିଲେ ମଧ୍ୟ ଦୂରଦୃଷ୍ଟି ଓ ମନରେ ଉଚ୍ଚଭାବନା ସଞ୍ଚାରିତ ହୋଇଥିଲା । ସାଂସାରିକ ଜଞ୍ଜାଳରେ ଜଡ଼ିତ ଥାଇ ମଧ୍ୟ ଗୋ'ପାଳନ ଓ ଗୋ' ସେବା କରିବାରେ ସେ ଧୁରନ୍ଧର ଥିଲେ । ସେ ଅନେକ ଗାଈ ରଖି ସେମାନଙ୍କ ସେବା ଓ ଯତ୍ନ ନେଉଥିଲେ । ସେ ସବୁ ଦେଖି କାନପୁରର ଜନତା ସ୍ତମ୍ଭୀଭୂତ ହୋଇ ଯାଉଥିଲେ । ନିଜ ବାଡ଼ିରେ ଫଳ ବଗିଚାକରି ବହୁତ ପରିମାଣରେ କିପରି ଭାବରେ ଉତ୍ପନ୍ନ କରାଯାଇ ପାରିବ ସେଥି ନିମିତ୍ତ ସେ କଠିନ ପରିଶ୍ରମ କରୁଥିଲେ । ବଗିଚାର ଯତ୍ନନେବା ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ସେ ବିଭିନ୍ନ ଧରଣର ଫୁଲ ଓ ଫଳଗଛ ଲଗାଉଥିଲେ । ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ସେ ବିଭିନ୍ନ ଧରଣର ଫୁଲ ଓ ଫଳଗଛ ଲଗାଉଥିଲେ । ବାସ୍ତବରେ ସେ ଥିଲେ ଜଣେ ପ୍ରାକୃତିକ ସୌନ୍ଦର୍ଯ୍ୟ ପିପାସୁ ଓ କର୍ମକୁଶଳୀ ।

Digitized by PPRACHIN, SOA

ପଣ୍ଡିତ ନାରାୟଣ ମିଶ୍ର ବିଦ୍ୟାଳୟରେ ସାହିତ୍ୟ ଓ ଗଣିତ ଶିକ୍ଷକ ରୂପେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ବିଦ୍ୟାଳୟରେ ଶିକ୍ଷାଦାନ କାଳରେ ତାଙ୍କର ସାହିତ୍ୟିକ ଭାଷାର ଶୈଳୀ ଓ ଗଣିତ ପଢ଼ାର ଚାତୁରୀ ଚପଳ ଓ କୋମଳମତି ଛାତ୍ରଛାତୀମାନଙ୍କ ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରୁଥିଲା । ସେ ଯେପରି ପରିଶ୍ରମୀ ଥିଲେ ସେହିପରି ଛାତ୍ର ବତ୍ସଳ ଥିଲେ । ୧୯୧୮ ମସିହାରୁ ୧୯୪୯ ମସିହା ପର୍ଯ୍ୟନ୍ତ ଖଣ୍ଡପଡ଼ା ମି.ଇ. ବିଦ୍ୟାଳୟର ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଥିଲେ । ସେ ବିନା ପଇସାରେ ପ୍ରତ୍ୟହ ସନ୍ଧ୍ୟାବେଳେ ପିଲାମାନଙ୍କୁ ଟିଉସନ କରୁଥିଲେ । ଏଥିରୁ ତାଙ୍କର ନିଃସ୍ୱାର୍ଥପରତା ଓ ନିର୍ଲୋଭତାର ପରିଚୟ ମିଳେ । ସେହି ସମୟରେ ଖଣ୍ଡପଡ଼ା ରାଜା ଏହି ଆଦର୍ଶ ଶିକ୍ଷକଙ୍କର ମହାନ୍ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ବିଶେଷ ପ୍ରଶଂସା କରିଥିଲେ । ବିଦ୍ୟାଳୟରେ ସେ ପିଲାମାନଙ୍କୁ ନେଇ ବଗିଚାକାମ କରିବାର ଦାୟିତ୍ୱ ନେଇଥିଲେ । ବଗିଚାକାମରେ ମୁଗ୍ଧ ହୋଇ କୃଷି ବିଭାଗର ଅଫିସର ତାଙ୍କୁ ଅନେକ କୃଷି ଯନ୍ତ୍ରପାତି ଓ ଉପକରଣ ପୁରସ୍କାର ସ୍ୱରୂପ ଦେଇଥିଲେ । ସେ ତାଙ୍କର ତିନୋଟି ପୁତ୍ର ଏବଂ ଏକମାତ୍ର କନ୍ୟାଙ୍କୁ ନେଇ ନିଜ ପରିବାରର ଦାୟିତ୍ୱ ନେଉଥିଲେ । ବିଦ୍ୟାର୍ଜନ କରିବାରେ ଲଜ୍ଜା ଓ ବୟସର ସୀମା ନଥାଏ । ସେ ଶିକ୍ଷକତା କରୁଥିବା ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ନିତ୍ୟାନନ୍ଦ ମିଶ୍ରଙ୍କ ସହ ଏକ ସଙ୍ଗରେ ମାଟ୍ରିକ ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏଥିରୁ ବିଦ୍ୟାଲାଭ ପ୍ରତି ତାଙ୍କର କିପରି ଅନୁରାଗ ଥିଲା ତାହା ସହଜରେ ଜଣାପଡ଼େ ।

ଏହା ପରେ ସେ ଖଣ୍ଡପଡ଼ା ହାଇସ୍କୁଲକୁ ବଦଳି ହେଲେ । ୧୯୫୦ ମସିହା ଜୁନମାସ ୩୦ ତାରିଖରେ ସେ ଖଣ୍ଡପଡ଼ା ହାଇସ୍କୁଲରୁ ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲକୁ ବଦଳି ହୋଇ ଆସିଲେ । ନରସିଂହପୁର ହାଇସ୍କୁଲରେ ଜଣେ ଛାତ୍ର ବତ୍ସଳ ଓ ଦକ୍ଷ ଶିକ୍ଷକ ଭାବରେ ସେ ଖୁବ୍ ଲୋକପ୍ରିୟ ହୋଇ ପାରିଥିଲେ । ଭୂଗୋଳରେ ତାଙ୍କର ଏପରି ଦକ୍ଷତା ଥିଲା ସେ ମାନଚିତ୍ରକୁ ପଛପଟେ ରଖି ନିର୍ଦ୍ଦିଷ୍ଟ ସ୍ଥାନକୁ ପଏଣ୍ଟର ସାହାଯ୍ୟରେ ନିର୍ଭୁଲ ଭାବରେ ଦେଖାଇ ପାରୁଥିଲେ । ତାଙ୍କରି ପାଠପଢ଼ାରେ ଛାତ୍ରମାନେ ଏପରି ଭାବରେ ମନୋନିବେଶ ହୋଇ ଯାଇଥିଲେ ଯେ ତତ୍କାଳୀନ ୧୯୫୨-୫୩ ବର୍ଷ ପରୀକ୍ଷାରେ ଭୂଗୋଳରେ ୫୦ ନମ୍ବରରୁ ୪୮ ନମ୍ବର ରଖିବା ନଜିର ଅନନ୍ତ ନାରାୟଣ ହାଇସ୍କୁଲର ୭ମ ଶ୍ରେଣୀରେ ଅଛି ।

Digitized by PPRACHIN, SOA

ସେ ମହାଶୟ ୧୯୫୮ ମସିହାରେ ଚାକିରିରୁ ଅବସର ନେଇ ମଧ୍ୟ କାନପୁରର କେତେକ ବଦାନ୍ୟ ବ୍ୟକ୍ତିଙ୍କ ଅନୁରୋଧ କ୍ରମେ କାନପୁର ବାଳିକା ହାଇସ୍କୁଲରେ କିଛିବର୍ଷ ପାଇଁ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ କିନ୍ତୁ ଏଥିଲାଗି ସେ ଦରମା ଗ୍ରହଣ କରୁ ନଥିଲେ । ସେହି ସମୟକୁ କାନପୁର ଆଞ୍ଚଳିକ ମହାବିଦ୍ୟାଳୟ କିପରି ନବୀକରଣ କରାଯିବ ସେଥିରେ ସେ ସକ୍ରିୟ ଭାଗ ନେଇଥିଲେ । ଏହି କଲେଜର ଗୃହ ନିର୍ମାଣ ହେବା ପରେ ସେ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ "ସତ୍ୟବାଦୀ ପାଠାଗାର" ପ୍ରତିଷ୍ଠିତ ହେବା ପାଇଁ ୩୦ ହଜାର ଟଙ୍କା ଦାନ କରିଥିଲେ। ଦୀର୍ଘ ୫୦ ବର୍ଷ କାଳ ଶିକ୍ଷାଦାନ ତଥା କାନପୁର ଆଞ୍ଚଳିକ ମହାବିଦ୍ୟାଳୟକୁ ୩୦ ହଜାର ଅର୍ଥଦାନ କରିବା ସହ ଚର୍ମରୋଗର ଆରୋଗ୍ୟ ପାଇଁ ସେ ଔଷଧ ପ୍ରସ୍ତୁତ କରି ବିଶେଷ ଯଶ ଅର୍ଜନ କରିଥିଲେ । ସମୟାନୁକ୍ରମେ ସେ ୧୯୯୦ ମସିହା ଫେବୃୟାରୀ ୨୫ ତାରିଖ ଦିନ ଏହି ମହାନ୍ କର୍ମଯୋଗୀ ଇହଲୀଳା ସମ୍ବରଣ କଲେ । ସେ ଥିଲେ ଜଣେ ପ୍ରବୀଣ ଶିକ୍ଷକ, କୁଶଳ ଶ୍ରମୀ, ପ୍ରକୃତିକ ସୌନ୍ଦର୍ଯ୍ୟ ପିପାସୁ, ବୈଦ୍ୟ ଓ ନିସ୍ୱାର୍ଥପର ଦରଦୀ ମଣିଷ । ନରସିଂହପୁର ଆଜି ପର୍ଯ୍ୟନ୍ତ ତାଙ୍କର ସକଳ ଗୁଣ ନେଇ କୌଣସି ମାନବଙ୍କୁ ନ ପାଇ ତାଙ୍କୁ ଝୁରୁଛି ।

❑ ❑ ❑

Digitized by PPRACHIN, SOA

ପରୋପକାରୀ ଯୋଗୀନାଥ ମହାପାତ୍ର

ବାୟା ଭାଗୀରଥୀ ଦାଶ

କର୍ପୂର ଉଡ଼ିଯାଇଛି ମାତ୍ର କନାଖଣ୍ଡିକ ପଡ଼ି ରହିଛି । ବଂଶର ବୁନିୟାଦୀ ନେଇ ବଂଶର ଦାୟାଦ ସର୍ବଦା ସତର୍କ ରହିଥାଏ । ଜାନଯାଉ ମାନ ଥାଉ: ମାନ ଗଲେ ନ ଫେରେ ଆଉ'' - ଏହି ସତ୍ୟର ସ୍ରୋତରେ ଭାସି ଭାସି ଯୋଗୀନାଥ ମହାପାତ୍ର ନିଜ ବଂଶର ପୂର୍ବପୁରୁଷ ବାପା, ଜେଜେବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରର ସେବା କରିବା, ପରର ଉପକାର କରିବା, ଆଉ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଗାଁ ଗଣ୍ଡାର ସକଳ ସମସ୍ୟାକୁ ସମାଧାନ କରି ଲୋକପ୍ରିୟତା ହାସଲ କରିଥିଲେ । ଯାହା ସତ୍ୟ ଓ ନ୍ୟାୟ, ସେ ସେହି ପଥର ପଥିକ ଥିଲେ ।

ଆଜି ଗାଁ ଗାଆଁରେ ହାଣ କାଟ ମାରପିଟ, ଭାଇ ଭାଇ ମଧ୍ୟରେ ଶତ୍ରୁତା, ପଇସା ଯା'ର ନ୍ୟାୟ ତା'ର ଆଦି ସମସ୍ୟା ଦେଖାଯାଉଛି; ଏହାକୁ ଆଜି ବିନା ପଇସାରେ ସମାଧାନ କରିବ କିଏ ? ଥିଲେ ସିନା ସେହି ଯୋଗୀନାଥ ମହାପାତ୍ର ।

ଆସନ୍ତୁ ସେହି ପରୋପକାରୀ, ନ୍ୟାୟଦାତା ଯୋଗୀନାଥ ମହାପାତ୍ରଙ୍କ ସମ୍ବନ୍ଧରେ ଅବହିତ ହେବା ବାୟା ଭାଗୀରଥୀ ଦାଶଙ୍କ ପ୍ରବନ୍ଧ ପାଠ କରି-

ଦିନ ଯାଏ, କଥାରହେ । ଜୀବଜଗତର ସୃଷ୍ଟି ହେବା କାଳରୁ ଏହା ରହି ଆସିଛି ଓ ରହିବ । ଇତିହାସ ଏହାର ସତ୍ୟତା ପ୍ରତିପାଦନ କରେ । ନରସିଂହପୁର ଗଡ଼ଜାତ ରାଜ୍ୟ । ତହିଁରେ ହରିପୁର ଏକ କ୍ଷୁଦ୍ର ଗ୍ରାମ । ଯୁଗ ଯୁଗ ଧରି ମହାପାତ୍ର ବଂଶର ବୁନିୟାଦୀ ରହି ଆସିଛି ସେହି ଗାଁରେ । ଯୋଗୀନାଥ ମହାପାତ୍ର, ସେହି ମହାପାତ୍ର ବଂଶର ଏକ ଅସାଧାରଣ ପ୍ରତିଭା । ୧୯୦୭ ମସିହାରେ ତାଙ୍କର ଜନ୍ମ । ପିତା ପରୀକ୍ଷିତ ମହାପାତ୍ର, ମାତା ଗୁଞ୍ଜର ଦେବୀ । ତାଙ୍କ ପିତା ଜଣେ ସିଦ୍ଧ ତାନ୍ତ୍ରିକ ଓ କବିରାଜ । ପୂର୍ବ ଆଦେଶରେ ରାଜାଙ୍କର ପ୍ରତିନିଧିତ୍ୱ ସାଙ୍ଗକୁ ସେ ସର୍ବରାକାର ଦାୟିତ୍ୱ ସମ୍ପନ୍ନ କରିଥାନ୍ତି । ଦଶହରା ସମୟରେ ଋଷିପଡ଼ା ଗ୍ରାମର ବୀର ପାଇକମାନେ ଦଶହରା ଅନୁକୂଳ ଆଦି ପାରମ୍ପରିକ ରୀତି ସାରିବା ପରେ ଭେଟି ହେଉଥିଲେ

Digitized by PPRACHIN, SOA

ମହାପାତ୍ରଙ୍କୁ । ଏହି ମହାପାତ୍ର ବଂଶର ଦାୟଦ ଯୋଗୀନାଥ ମହାପାତ୍ର ।

କଥାରେ ଅଛି-

ଜିସକା ବାପ ଚଢ଼େ ଘୋଡ଼ା

ଉସକା ବେଟା ଥୋଡ଼ା ଥୋଡ଼ା ॥

ଯୋଗୀନାଥ ମହାପାତ୍ର ତନ୍ତ୍ର ସାଧକ ରୂପେ ଗଣ୍ୟ ନ ହୋଇ ତନ୍ତ୍ରର ରହସ୍ୟ ଜ୍ଞାତାରୂପେ ପରିଚିତ ଥିଲେ । ତନ୍ତ୍ରର ରହସ୍ୟକୁ ଜନକଲ୍ୟାଣରେ ବ୍ୟବହାର କରୁଥିଲେ । ଗୁଣିଟୁଣିରେ ଝିଅ ବୋହୂ ଉଚ୍ଚାଟନା ହେବାର ଖବର ପହଞ୍ଚିଲେ ମହାପାତ୍ରେ ତାର ପ୍ରତିକାର କରୁଥିଲେ । କଙ୍କଡ଼ା ବିଛା ଓ ଗୋଟଇଲା ବିଷ ଜ୍ୱାଳାରୁ ଲୋକମାନଙ୍କୁ ଲାଘବ କରୁଥିଲେ ଝଡ଼ା ଫୁଙ୍କାରେ । ଚରକ, ବାଗଭଟ ଆଦିଙ୍କ ବଙ୍ଗଳା ବହି ପଢ଼ି ବିଭିନ୍ନ କବିରାଜ ଔଷଧ ଭାଗମାପ ଅନୁସାରେ ତିଆରି କରି ସେ ବାଣ୍ଟି ଦେଉଥିଲେ ରୋଗୀମାନଙ୍କ ମଧ୍ୟରେ । ଦ୍ରବ୍ୟଗୁଣ ଚିହ୍ନିବାରେ ସେ ଥିଲେ ପ୍ରବୀଣ । ବୃକ୍ଷଲତାଦିଙ୍କୁ ଗର୍ଭଣା ସଂକ୍ରାନ୍ତି ଦିନ ନିମନ୍ତ୍ରଣ କରି କଞ୍ଚାଦୁଧ, ଅରୁଆ ଚାଉଳରେ ପୂଜା କରି ସେ ଯେଉଁ ଚେରମୂଳ ସଂଗ୍ରହ କରୁଥିଲେ ତାକୁ ବିଶେଷତଃ ସର୍ପ ଦଂଶନ, ଜନ୍ତୁ କାମୁଡ଼ା, ଗର୍ଭ ଯନ୍ତ୍ରଣାଦି ଉପଶମ ପାଇଁ ପ୍ରୟୋଗ କରୁଥିଲେ ।

ଯୋଗୀନାଥ ମହାପାତ୍ରଙ୍କ ଶିକ୍ଷା ତତ୍କାଳୀନ ନବମ ପାଶ୍ । କିନ୍ତୁ ତାଙ୍କର ହୃଦୟ ସ୍ପର୍ଶୀ ଭାଷଣ, କଥା କହି ଲୋକମାନଙ୍କୁ ଅଭିଭୂତ କରିବାର ଦକ୍ଷତା ଯଥେଷ୍ଟ ଥିଲା । ସେ ସର୍ବରାକାର ଦାୟିତ୍ୱ ବହନ କରି ଉତ୍ତମ ରୂପେ ତାହା ସମ୍ପାଦନ କରିବା ସହିତ ଅନ୍ୟାୟ, ଅତ୍ୟାଚାର, ପ୍ରଜା ଉତ୍ପୀଡ଼ନ ଆଦି ବିରୁଦ୍ଧରେ ସଂଗ୍ରାମ କରିଥିଲେ । ସର୍ବରାକାର ଜମିରେ ବେଠି ଖଟିବା ଭଳି ଅସାମାଜିକ କାର୍ଯ୍ୟକୁ ସେ ପ୍ରଥମେ ବନ୍ଦ କରିଥିଲେ । ହରିପୁର ପ୍ରାଥମିକ ସ୍କୁଲ ସ୍ଥାପନ ପରେ ଏହାକୁ ଏକ ଆଦର୍ଶ ଓ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ପରିଣତ କରିବା ସହିତ ସ୍କୁଲରେ ବାଳିକା ମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ ଏବଂ ଏକ ବାଳିକା ସ୍କୁଲ ସ୍ଥାପନ ନିମନ୍ତେ ସରକାରଙ୍କୁ ସୁପାରିଶ କରିଥିଲେ । ବିଭିନ୍ନ ଅସାମାଜିକ ଓ ବିଶୃଙ୍ଖଳିତ ବ୍ୟକ୍ତିମାନଙ୍କୁ ସେ ସତଶିକ୍ଷା ଦେଇ ଶୃଙ୍ଖଳିତ କରି ପାରିଥିଲେ । ପୋଷ୍ୟପୁତ୍ର ଗ୍ରହଣ କରି ସଂପତ୍ତି ଭୋଗଦଖଲ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ସେ ନ୍ୟାୟ ଦୃଷ୍ଟିରୁ ରାଜ ଦରବାରରେ ସାହାଯ୍ୟ କରୁଥିଲେ । ଭାତୃବିବାଦ, ଗଣ୍ଡଗୋଳ, ଜମିଜମା ସମସ୍ୟା ଆଦରେ ହସ୍ତକ୍ଷେପ କରି ତା'ର ସମାଧାନ କରି ଅନେକ ପରିବାରକୁ ଅଯଥା ମାଲିମକଦ୍ଦମାରୁ ରକ୍ଷା କରିଥିଲେ । ରାଜ ଦରବାରରେ ଅନେକ ଜଟିଳ ସମସ୍ୟାର ସମାଧାନ ହୋଇ ନ ପାରି ଲୋକମାନେ

Digitized by PPRACHIN, SOA

ଅସୁବିଧା ଭୋଗ କରୁଥିବା ବେଳେ ଆପୋଷ ଆଲୋଚନା ଦ୍ୱାରା ମହାପାତ୍ରେ ତା'ର ମୀମାଂଶା କରି ପାରୁଥିଲେ । ଈଷତ୍ ଲାଲ ସାଙ୍ଗକୁ କଳାଧୂସର ମିଶା ରଙ୍ଗର ପୋଷା ଘୋଡ଼ା ଉପରେ ଗୌରବର୍ଣ୍ଣ ବିଶିଷ୍ଟ ବଳିଷ୍ଠ ଚେହେରା ସମ୍ପନ୍ନ ଖଦଡ଼ ପୋଷାକଧାରୀ ମହାପାତ୍ରେ ସବାର ହୋଇ ଗାଁକୁ ଗାଆଁ ବୁଲି ଲୋକମାନଙ୍କର ଅଭାବ ଅସୁବିଧା, ଦୁଃଖ ଯନ୍ତ୍ରଣା ଆଦି ବୁଝି ଏହାର ପ୍ରତିକାର କରିବା ତାଙ୍କର ସଉକ ଥିଲା । ନିର୍ଭିକ ଚେତା ଏ ବ୍ୟକ୍ତି ଜଣକ ନରସିଂହପୁରର ପ୍ରଜା ଆନ୍ଦୋଳନରେ ଭାଗ ନେଇ ରାଜାସାହେବଙ୍କ ଦ୍ୱାରା ବିତାଡ଼ିତ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ ଓ ସାରାଜୀବନ କଂଗ୍ରେସ ପ୍ରତି ଆନୁଗତ୍ୟ ରଖିଥିଲେ । ବିଭିନ୍ନ ପ୍ରକାର ବୃକ୍ଷଲତା ପ୍ରତି ତାଙ୍କର ଗଭୀର ମମତା ଥିଲା । ବୃକ୍ଷରୋପଣରୁ ସେ ଅପାର ଆନନ୍ଦ ଉପଲବ୍ଧି କରୁଥିଲେ । ବୃକ୍ଷରୋପଣ କରିବା ପାଇଁ ସେ ଲୋକମାନଙ୍କୁ ଅନୁପ୍ରାଣିତ କରୁଥିଲେ ।

ବିଭିନ୍ନ ସରକାରୀ କର୍ମଚାରୀ ତାଙ୍କ ଗ୍ରାମକୁ ଆସିଲେ ସେମାନେ ସ୍ୱର୍ଗତ ମହାପାତ୍ରଙ୍କ ସହିତ ସାକ୍ଷାତ କରି ପରେ କର୍ମ ସମ୍ପାଦନ କରୁଥିଲେ । ତାଙ୍କର ପରାମର୍ଶ ବିନା କୌଣସି ସରକାରୀ କର୍ମଚାରୀ ତାଙ୍କ ଗ୍ରାମର କୌଣସି ବ୍ୟକ୍ତି ସହ ଭେଟିବାକୁ ସାହସ କରୁ ନଥିଲେ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଅସାଧାରଣ ଇଚ୍ଛାଶକ୍ତି, ବାକ୍ ପଟୁତା ମାଧ୍ୟମରେ ସେ ସମସ୍ତ କାର୍ଯ୍ୟକୁ ଅନାୟାସରେ ସମାଧାନ କରୁଥିଲେ ଓ ସମସ୍ତଙ୍କର ପ୍ରିୟ ଥିଲେ । କାନପୁର ବଂଶୀଧର ବିଦ୍ୟାପୀଠରେ ସେ ସମୟରେ ଦେଖା ଦେଇଥିବା ଛାତ୍ର ଆନ୍ଦୋଳନ, ଦୀର୍ଘଦିନ ଧରି ଲାଗି ରହିଥିବା ଅଶାନ୍ତି, ଶିକ୍ଷକମାନଙ୍କର ଅସହଯୋଗ ଆଦିକୁ ଅତି ଚତୁରତା ଓ ଧୈର୍ଯ୍ୟ ତଥା ସାହସର ସହିତ ସମାଧାନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସେ ଥିଲେ ନିଜ ଗାଁ ତଥା ଆଖ ପାଖ କେତେଖଣ୍ଡ ଗାଁଆର ଜାଗ୍ରତ ପ୍ରହରୀ । ବେଳେ ବେଳେ ତାଙ୍କର ଚଉଡ଼ା ପିଣ୍ଡାର ଚାଳତଳେ ନାଲିରଙ୍ଗର ଇଟା ଖୁଣ୍ଟକୁ ଆଉଜି ପଧାନ ଢାଞ୍ଚାରେ ବସି ଯିବା ଆସିବା କରୁଥିବା ଲୋକମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ସୁଖ ଦୁଃଖ ବୁଝୁଥିଲେ । ଦିନେ ସକାଳେ ଛଅଟାରେ ଦାଣ୍ଡପିଣ୍ଡାରେ ବସି ଭାବ ବିହ୍ୱଳ ହୋଇ କହିଲେ- ଆରେ ସବୁ ଶୁଣୁଛ; ସୂର୍ଯ୍ୟ ! ମୋ ପୁଅ ଚିଠି ଦେଇଛି । ସେ ଆସିବ ମତେ ଏଠୁ ନେଇଯିବ କୋରାପୁଟ । ତା' ଚାକିରି ରୋଜଗାରରେ ମତେ ମୁଠାଏ ଖାଇବାକୁ ଦେଇ ତାର ସେଇ ସରକାରୀ ଘର ଭିତରେ ବନ୍ଦୀ କରି ମତେ ରଖିବ । ଆରେ; ମୁଁ ମୋ ଗାଆଁକୁ ଛାଡ଼ି ଯାଇ ପାରିବିନି । ମତେ ଅଟକାଅ, ମତେ ଅଟକାଅ ।

Digitized by PPRACHIN, SOA

ତାଙ୍କ ପୁଅ ଆସିଲେ । ତାଙ୍କୁ ସାଥିରେ ଜିଦ୍ କରି ନେଇଗଲେ । ଶହ ଶହ ଲୋକଙ୍କର ଆଖିରୁ ଅମାନିଆ ଲୁହ ବହି ଯାଇଥିଲା ସେ ଦିନ । କ୍ୟାନସର ରୋଗରେ ଆକ୍ରାନ୍ତ ଯୋଗୀନାଥ ମହାପାତ୍ର ନିଜର ଅନିଚ୍ଛା ସତ୍ୱେ ଗଲେ ସିନା କୋରାପୁଟ । ସେଠାରେ ୨/୪ ମାସ ରହିକରି ଫେରି ଆସିଲେ ନିଜର ସେଇ ପୁରୁଣା ପାଢ଼ୀକୁ । ନିଜର ଲୋକଙ୍କୁ ଦେଖି ସେ ଆନନ୍ଦରେ ଅଧୀର ହୋଇ ଯାଇଥିଲେ । ମାତ୍ର ଦିନ ପନ୍ଦରଟା ପରେ ସେ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ଆରପାରିକୁ । ତାଙ୍କର ଆଦର୍ଶ, ପରୋପକାର ତଥା ଜନସେବା ପାଇଁ ସେ ଆଜି ଅମର ହୋଇଛନ୍ତି । ଏ ପ୍ରସଙ୍ଗରେ ଯଥାର୍ଥରେ ଡ଼ଃ ସ୍ୱପ୍ନେଶ୍ୱର ଦାସ ଲେଖିଛନ୍ତି -

ପର ଉପକାର ଅଟେ   ମହା ଧର୍ମ୍ମ
ଅଧର୍ମ୍ମ ପର ପୀଡ଼ନ,
ପର ସେବା ପାଇଁ   ଢ଼ାଳିଦିଅ ପ୍ରାଣ
ବିଭୁପାଦେ ଦେଇ ମନ ।।

ସେବା ପାଇଁ ପରା   ଜୀବନ ଆମର
ଯତନେ ହୋଇଛି ଗଢ଼ା,
ସେବା ବିନା କାହିଁ   ନାହିଁ ସୁଖ ଶାନ୍ତି
ନାହିଁ କିଛି ସେବା ଛଡ଼ା

ସ୍ୱର୍ଗତ ଯୋଗୀନାଥ ମହାପାତ୍ରଙ୍କର ନିଃସ୍ୱାର୍ଥ ସେବା, ପରୋପକାର, ଆଦର୍ଶ ଚିନ୍ତାଧାରା, ବଳିଷ୍ଠ ବ୍ୟକ୍ତିତ୍ୱ ଫଳରେ ସେ କେବଳ ହରିପୁର ଗାଁ କାହିଁକି ସମଗ୍ର ନରସିଂହପୁରରେ ପରଚିତ ଥିଲେ । ସେ ଜଣେ ସିଦ୍ଧ କବିରାଜ, ଜଣେ ସଫଳ ଝାଡ଼ାଫୁଙ୍କାର ଡାକ୍ତର, ଜଣେ ପରୋପକାରୀ, ଜଣେ ନିଷ୍ଠାପର ବୃକ୍ଷରୋପଣ ପ୍ରେମୀ, ଜଣେ ମେଳାପୀ ଓ ଗାଁ ତଥା ଆଖପାଖରେ ଜଣେ ଜାଗ୍ରତ ପ୍ରହରୀ ଭାବରେ ସମଗ୍ର ନରସିଂହପୁର ତାଙ୍କୁ ଝୁରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

❑❑❑

Digitized by PPRACHIN, SOA

ଶେଷରେ ଶେଷ ଶ୍ରଦ୍ଧାଞ୍ଜଳି

ସମ୍ପାଦକ

ରାଗ -ଚୋଖି

ନରସିଂହପୁର ଝୁରେ ଯେଉଁ ମାନେ ଅତୀତରେ
ରାଜ୍ୟ ଯଶ ଗଉରବେ କରିଲେ କର୍ମ
ସେମାନେ କବି, ସୈନିକ ଅବା ପ୍ରବୀଣ ଶିକ୍ଷକ
ଏଇ ତିନି ପୁରୁଷଙ୍କୁ ସଦା ପ୍ରଣାମ
ସେମାନଙ୍କ ତିରୋଧାନରେ
ଶ୍ରଦ୍ଧାଞ୍ଜଳି ଅରପଣ କରେ ବିଧିରେ ।୧।
ଅରାଟ ଝୁରୁଛି ଆଜି ସୁମରି ସନ୍ତାନ ରାଜି
ଯହିଁରୁ ସେ ସତାଇଶ ନକ୍ଷତ୍ର ମଣି
ରଚିଛନ୍ତି ବନମାଳୀ ସେମାନଙ୍କ କୃତିଗାଳି
ବନମାଳୀ ବିଶ୍ୱାଳଙ୍କ ବୀର କାହାଣୀ,
ରଚିଛନ୍ତି ଜଗଦାନନ୍ଦ[2]
ପୂର୍ବ କାଳ ଇତିହାସ କରିଣ ଭେଦ ।୨।
ଅନ୍ୟାନ୍ୟ କବି ଲେଖକ ଖଟାଇ ତାଙ୍କ ବିବେକ
ଲେଖିଛନ୍ତି ମହାନଙ୍କ ବିଷୟେ ମଜି
ବାକୀ ରହିଲେ ଯେତେକ ପ୍ରଣମୁଛି ସମ୍ପାଦକ
ଅନ୍ୱେଷଣେ ସେମାନଙ୍କ କୀରତି ରାଜି
"ଆମରି ଗାଁ ଆମ ମାଟିରେ"
ପ୍ରକାଶିତ ହେବ ତାହା ଅବିଳମ୍ୱରେ ।୩।

୧- ଡଃ ବନମାଳୀ ପଣ୍ଡା - ଶୋକାକୁଳେ ଝୁରେ ଆଜି ଅରାଟ ଜନନୀ ପୃ. - ୧୦-୨୦
୨- ଜଗଦାନନ୍ଦ ଦାଶ - ନରସିଂହପୁର ଝୁରେ ପୃ. - ୭-୮

Digitized by PPRACHIN, SOA

ପ୍ରାଥମିକ ଗୁରୁଗଣ   ନିଅତି ଛାତ୍ରଯତନ
ହୋଇ ନିଜେ ଆଦରଶ ତାଙ୍କ ଜୀବନେ
ତହିଁରେ ମଧୁସୂଦନ   ବୈଦ୍ୟନାଥ ନାରାୟଣ
ବିଦ୍ୟାଧର ଗୋପୀନାଥ ଉଦୟମଣେ
ମୃତ୍ୟୁଞ୍ଜୟେ କହେ ଜନନୀ,
ନାହାନ୍ତି ତୁମରି ସମ - ଏ ହୃଦବାଣୀ ।୪।
ଶ୍ରଦ୍ଧାପୁର ହାଡ଼ିବନ୍ଧୁ   ବୈଶ୍ୟାନନ୍ଦ କବି ଇନ୍ଦୁ
କବିତାବଳୀ ରଚିଲେ ଦଣ୍ଡ ନିମିର,
ରାମଚନ୍ଦ୍ର[୩] ନବଘନ[୪]   ବିମ୍ୱା[୫] ଦ୍ରୁୟା ବନ୍ଧୁଗଣ
ସଦାଶିବ[୬] ବିଶ୍ୱନାଥ[୭] ପଠାଣି ନାଥ[୮]
ଜୟକୃଷ୍ଣ[୯] କବିରେ ଗଣ୍ୟ,
ତଥ୍ୟାଭାବୁ ରହିଲେ ନୋହି ପ୍ରକଟନ ।୫।
ସ୍ୱାଧୀନତାର ସଂଗ୍ରାମୀ   ନ୍ୟାୟବନ୍ତ ଗୁଣୀମାନୀ
ଯିଏଥିଲେ ଜଣାଉଛି ଭକ୍ତି ପ୍ରଣାମ
ଅଜ୍ଞାତରେ ଯେଉଁମାନେ   ରହିଅଛନ୍ତି ଗୋପନେ
ସେମାନଙ୍କ ଅନ୍ୱେଷଣେ ମୋର ଉଦ୍ୟମ
ଲାଗି ରହିଥିବ ସତତ
'ନରସିଂହପୁର ଝୁରେ' ହୋଇ ବ୍ୟଥିତ ।୬।

୩. ରାମଚନ୍ଦ୍ର ମିଶ୍ର (ହରିଚନ୍ଦନପୁର ଶାସନ)
୪. ନବଘନ ସିଂହ (ନିଜିଗଡ଼ ବାଲିସାହି)
୫. ବିମ୍ୱାଧର ପଟ୍ଟନାୟକ (ପାଇକ ପାଟଣା)
୬. ସଦାଶିବ ମହାପାତ୍ର (ହରିଚନ୍ଦନପୁର ଶାସନ)
୭. ବିଶ୍ୱନାଥ ରଥ (ସୋଲବନ୍ଧ)
୮. ପଠାଣିନାଥ (ପାଇକପଡ଼ା ପାଟଣା)
୯. ଜୟକୃଷ୍ଣ ମିଶ୍ର (ତମରା)

ପ୍ରାଥମିକ ଶିକ୍ଷକ ବୃନ୍ଦ

ମଧୁସୂଦନ ମହାରଣା
ବୈଦ୍ୟନାଥ ମିଶ୍ର
ନାରାୟଣ ସାହୁ
ବିଦ୍ୟାଧର ନନ୍ଦ
ଗୋପୀନାଥ ବଡ଼ପଣ୍ଡା
ଉଦୟନାଥ ବିଶ୍ୱାଳ
ମୃତ୍ୟୁଞ୍ଜୟ ମିଶ୍ର

Digitized by PPRACHIN, SOA